# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଫେବୃୟାରୀ ୨୪/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) Sambalpur, Sunday, February 24 / 2019 ★★

୧୫୫ଶ ଭାଗ ୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-


DADLS - 283

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
## ଢେଙ୍କାନାଳ ଜିଲ୍ଲାରେ ୯୫୩ କୋଟି ଟଙ୍କାର ୧୦୩ଟି ପ୍ରକଳ୍ପ ଏବଂ ଅନୁଗୋଳ ଜିଲ୍ଲାରେ ୧୧୨୯ କୋଟି ଟଙ୍କାର ୩୬ଟି ପ୍ରକଳ୍ପର
# ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**୨୪ ଫେବୃଆରୀ ୨୦୧୯ • ରବିବାର**

**ପଞ୍ଚୁପଡ଼ା, ଢେଙ୍କାନାଳ • ଅପରାହ୍ଣ ୩.୪୫**









## ଢେଙ୍କାନାଳ

### ଶୁଭ ଉଦ୍‌ଘାଟନ

- ଗନ୍ଦିଆ, ହିନ୍ଦୋଳ, କାମାକ୍ଷାନଗର, ପର୍ଜଙ୍ଗ ଏବଂ ଢେଙ୍କାନାଳ ସଦର ବ୍ଲକ୍‌ର ୧୮ଟି ଚେକ୍‌ଡ୍ୟାମ୍
- ଢେଙ୍କାନାଳ ସଦର ବ୍ଲକ୍‌ର ରଣପସି ରେଲୱେ ଓଭରବ୍ରିଜ୍
- ଗନ୍ଦିଆ, ଢେଙ୍କାନାଳ ସଦର, ହିନ୍ଦୋଳ, ଓଡ଼ାପଡ଼ା, କାମାକ୍ଷାନଗର, ଭୁବନ, ପର୍ଜଙ୍ଗ ଏବଂ କଙ୍କଡ଼ାହାଡ଼ ବ୍ଲକ୍‌ର ୧୩ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ଢେଙ୍କାନାଳ, ଭୁବନ, କାମାକ୍ଷାନଗର, କଙ୍କଡାହାଡ ବ୍ଲକ୍‌ର ୪ଟି ସଡକ ନିର୍ମାଣ ପ୍ରକଳ୍ପ
- ହିନ୍ଦୋଳ ବ୍ଲକ୍ ଖଜୁରୀଆକଟା ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- କାମାକ୍ଷାନଗର ବ୍ଲକ୍‌ର ରାମିଆଳ ନଦୀରେ ୨ଟି ସେତୁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

### ଭିତ୍ତିପ୍ରସ୍ତର ସ୍ଥାପନ

- ୨୯୫୪ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦେବା ପାଇଁ ୮୧.୫୦ କୋଟି ଟଙ୍କାର ଚୁଡିଆ ଏବଂ ସରଦେଇପୁର ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ
- ବସୁଧା ଯୋଜନାରେ ଓଡ଼ାପଡ଼ା ବ୍ଲକ୍‌ର ୨୮ଟି ଗ୍ରାମପଞ୍ଚାୟତର ୧୩୨ଟି ଗ୍ରାମ ପାଇଁ ୧୨୯ କୋଟି ୬୯ଲକ୍ଷ ଟଙ୍କାର ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ବସୁଧା ଯୋଜନାରେ ହିନ୍ଦୋଳ ବ୍ଲକ୍‌ର ୩୫ଟି ଗ୍ରାମପଞ୍ଚାୟତର ୧୮୫ଟି ଗ୍ରାମପାଇଁ ୧୫୯ କୋଟି ୭୧ ଲକ୍ଷ ଟଙ୍କାର ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ଗନ୍ଦିଆ ବ୍ଲକ୍‌ର ଅନ୍ନପୁର ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ
- ହିନ୍ଦୋଳ, କଙ୍କଡାହାଡ ଏବଂ ପର୍ଜଙ୍ଗ ବ୍ଲକ୍‌ରେ ୪ଟି ସଡ଼କ ନିର୍ମାଣ ପ୍ରକଳ୍ପ
- ଗନ୍ଦିଆ, ଢେଙ୍କାନାଳ, ଭୁବନ ଏବଂ ପର୍ଜଙ୍ଗ ବ୍ଲକ୍‌ରେ ୧୪ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ୨୫୪ କୋଟି ଟଙ୍କା ବ୍ୟୟରେ ଢେଙ୍କାନାଳ ସଦର - କାମାକ୍ଷାନଗର ବ୍ଲକ୍‌ର ବ୍ରାହ୍ମଣୀ ନଦୀ ଉପରେ ୩ ଲେନ୍ ବିଶିଷ୍ଟ ହାଇଲେଭ୍‌ଲ ସେତୁ
- ଢେଙ୍କାନାଳ ସଦର, ଗନ୍ଦିଆ, ଓଡ଼ାପଡ଼ା, ହିନ୍ଦୋଳ ବ୍ଲକ୍‌ରେ ୨୦ଟି ଚେକ୍‌ଡ୍ୟାମ୍ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

## ଅନୁଗୋଳ

### ଶୁଭ ଉଦ୍‌ଘାଟନ

- ଛେଣ୍ଡିପଦା ଏବଂ ଅନୁଗୋଳ ବ୍ଲକ୍‌ର ଓଗି - ପରା - ଟାଇଁସି - ଜଗନ୍ନାଥପୁର ସଡ଼କ ପ୍ରକଳ୍ପ
- ଅନୁଗୋଳ - ଟିକରପଡା ରାସ୍ତାରେ ପୁରୁଣାକୋଟ ନାଳ ଉପରେ ନିର୍ମିତ ସେତୁ
- ଛେଣ୍ଡିପଦା ବ୍ଲକ୍‌ର ଆଉଁଳିନାଳ ଏବଂ ତାଳଚେର ବ୍ଲକ୍‌ର ସିଙ୍ଗଡ଼ା ନାଳ ହାଇଲେଭ୍‌ଲ ସେତୁ
- ଅନୁଗୋଳ, ଆଠମଲିକ, ଛେଣ୍ଡିପଦା ଏବଂ ପାଲଲହଡ଼ା ବ୍ଲକ୍‌ର ୬ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ

### ଭିତ୍ତିପ୍ରସ୍ତର ସ୍ଥାପନ

- ୫୯୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦେବା ପାଇଁ ୧୬୨.୮୦ କୋଟି ଟଙ୍କାର କାଦପଡ଼ା କୁଟେଶ୍ୱର, କୁମିହାଁ ଏବଂ ଓଲଠ ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ
- ଅନୁଗୋଳ ବ୍ଲକ୍ ଡ଼େରଜାଙ୍ଗ ମେନ୍‌କେନାଲରେ ୨ଟି ହାଇଲେଭ୍‌ଲ ସେତୁ
- ଆଠମଲିକ ବ୍ଲକ୍‌ର ଚ଼ଡକାନାଳ ଏବଂ ଛେଣ୍ଡିପଦା ବ୍ଲକ୍‌ର ଆଉଁଳିନାଳରେ ୨ଟି ହାଇଲେଭ୍‌ଲ ସେତୁ
- ଅନୁଗୋଳ, କିଶୋରନଗର, ଆଠମଲିକ, ଛେଣ୍ଡିପଦା, ପାଲଲହଡା ଏବଂ ତାଳଚେର ବ୍ଲକ୍‌ରେ ୧୧ଟି ସଡକ ନିର୍ମାଣ ପ୍ରକଳ୍ପ
- ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ୱାର୍ଡ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ
- ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ୩୦ ଶଯ୍ୟା ବିଶିଷ୍ଟ ମା ଓ ଶିଶୁ ଚିକିତ୍ସାକେନ୍ଦ୍ର
- ତାଳଚେ଼ର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ
- ମା' ହିଙ୍ଗୁଳା ମନ୍ଦିର ବହୁମୁଖୀ ସାଂସ୍କୃତିକ କମ୍ପ୍ଲେକ୍ସ
- ଛେଣ୍ଡିପଦା, ତାଳଚେର ଓ କଣିହା ବ୍ଲକ୍ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ତାଳଚେ଼ର ବ୍ଲକ୍‌ର ନନ୍ଦିରାଯୋର ଓ ଅନୁଗୋଳ ବ୍ଲକ୍‌ର ରୁକୁଣା ନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

**ଚାଷୀ ମହାସମାବେଶ**

ଢେଙ୍କାନାଳ

**କାଳିଆ ଚାଷୀ ମହାସମାବେଶରେ ଯୋଗଦାନ ଏବଂ ଉଦ୍‌ବୋଧନ**

15001/13/0593/1819

ସୂଚନା ଓ ଲୋକସମ୍ପର୍କ ବିଭାଗ

**ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ**

DSPL-442

ଓଡ଼ିଶା ସରକାର

# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

# ଚାଷୀ ମହାସମାବେଶ

## ଢେଙ୍କାନାଳ

୨୪ ଫେବୃଆରୀ ୨୦୧୯, ରବିବାର

- ୧୦ ଲକ୍ଷରୁ ଅଧିକ ଭୂମିହୀନ ପରିବାରଙ୍କୁ ୧୨୫୦କୋଟି ଟଙ୍କାରୁ ଅଧିକ କାଳିଆ ସହାୟତା
- ପିଲାଙ୍କ ଉନ୍ନତ ଭବିଷ୍ୟତ ପାଇଁ କାଳିଆ ଛାତ୍ରବୃତ୍ତିର ଶୁଭାରମ୍ଭ






୨୫ ଜାନୁଆରୀ ୨୦୧୯




୨୭ ଜାନୁଆରୀ ୨୦୧୯




୩ ଫେବୃଆରୀ ୨୦୧୯




୧୫ ଫେବୃଆରୀ ୨୦୧୯




୨୧ ଫେବୃଆରୀ ୨୦୧୯

39001/13/0027/1819

କାଳିଆ ଛାତ୍ରବୃତ୍ତି

ପିଲାଙ୍କ ଉନ୍ନତ ଭବିଷ୍ୟତ

## କାଳିଆ ଛାତ୍ରବୃତ୍ତି

ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ

kalia.co.in/scholarship

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଫେବୃୟାରୀ ୨୪/୨୦୧୯ Sambalpur, Sunday, February 24 / 2019 | ପୃଷ୍ଠା-୧




**ଦୂତୀଙ୍କୁ ସ୍ୱର୍ଣ୍ଣିମ ସଫଳତା**

ପଟିଆଲାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାର ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

୧୧

୦୭

**ପାକିସ୍ତାନ ବିରୋଧରେ କଠୋର ବିଦ୍ୟା ବାଲାନ୍**

ପାକିସ୍ତାନ ବିରୋଧରେ ଭାରତ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ବୋଲି ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ୍ ପ୍ରକାଶ କରିଛନ୍ତି।








# ସବୁଜ ମିଶନକୁ ଶକ୍ତ ଧକ୍କା

**କେନ୍ଦ୍ର ବାଧକ**

■ ଗ୍ରୀନ ଇଣ୍ଡିଆ ମିଶନ, ଜାତୀୟ ବନୀକରଣରେ ଅଧା ଅର୍ଥ ମିଳୁନି




ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଜଙ୍ଗଲ ହ୍ରାସ ଯୋଗୁ ପ୍ରାକୃତିକ ସନ୍ତୁଳନ କ୍ରମଶଃ ବେଳ ବିଗିଡ଼ିବାରେ ଲାଗିଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ସ୍ୱଳ୍ପ ବୃଷ୍ଟିପାତ ଶସ୍ୟ ଉତ୍ପାଦନ ପାଇଁ ମହାବିପତ୍ତି ହୋଇ ଉଭାହେଲାଣି। ପରିବେଶ ପ୍ରଦୂଷଣ ରୋକିବା ଏବଂ ବନ୍ୟ ଜୀବଜନ୍ତୁଙ୍କୁ ବଞ୍ଚାଇ ରଖିବା ପାଇଁ ସବୁଜ ବଳୟ ସୃଷ୍ଟି କରିବା ଅପରିହାର୍ଯ୍ୟ ହୋଇପଡିଛି। ବର୍ଦ୍ଧିତ ଜନସଂଖ୍ୟା ଯୋଗୁ ବେଳକୁ ବେଳ ଜଙ୍ଗଲ କ୍ଷୟ ହେଉଥିବାରୁ ଏହାକୁ ଭରଣା କରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ବନୀକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ଗତ ୪ ବର୍ଷ ହେବ କେନ୍ଦ୍ର ସରକାରଙ୍କ ଅନୁଦାନ ହ୍ରାସ ରାଜ୍ୟର ସବୁଜ ମିଶନକୁ ଶକ୍ତ ଧକ୍କା ଦେଇଛି।

କେନ୍ଦ୍ର ସରକାର ୮ଟି କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦେଇଥିବା ବେଳେ ୨୯ଟି କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ଦେଉଥିବା ଅନୁଦାନକୁ ପ୍ରାୟ ଅଧା କାଟି ଦେଇଛନ୍ତି। ଏଥିଯୋଗୁ ରାଜ୍ୟ ଉପରେ ଆର୍ଥିକ ବୋଝ ବଢ଼ି ବଢ଼ି ଚାଲିଛି। ତେବେ ଏଥିରୁ କେନ୍ଦ୍ର ସରକାର ଜାତୀୟ ବନୀକରଣ ଯୋଜନା ଓ ଗ୍ରୀନ ଇଣ୍ଡିଆ ମିଶନ ବାଦ ପଡ଼ିନାହିଁ। ଏହି ଯୋଜନାରେ କେନ୍ଦ୍ର ସରକାର ୨୦୧୪ ପୂର୍ବରୁ ରାଜ୍ୟ ସରକାରଙ୍କୁ ଶତପ୍ରତିଶତ ଅର୍ଥ ଯୋଗାଇ ଦେଉଥିଲେ। ତେବେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର କ୍ଷମତାକୁ ଆସିବା ପରଠୁ ସବୁଜ ମିଶନ ଆଶା ମଉଳିବାରେ ଲାଗିଛି। ଅନୁଦାନକୁ ୧୦୦ରୁ ୬୦ ପ୍ରତିଶତକୁ ଖସାଇ ଦେବା ଦ୍ୱାରା ଏହି ଯୋଜନା ଏବେ ବାଟବଣା ହୋଇଛି। ତେବେ ଯେତିକି ଅର୍ଥ ଏହି ଯୋଜନାରେ ଯୋଗାଇ ଦେବାକୁ ଅନୁମୋଦନ କରାଯାଇଛି ତାହା ମଧ୍ୟ ମିଳୁ ନାହିଁ। ଜଙ୍ଗଲ ଓ ପରିବେଶ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ରୀନ ଇଣ୍ଡିଆ ମିଶନ ଯୋଜନାରେ କେନ୍ଦ୍ର ସରକାର ୨୦୧୫-୧୬ ଆର୍ଥିକ ବର୍ଷରେ ୬୦ ପ୍ରତିଶତ ଅଂଶ ହିସାବରେ ୩୦୩.୩୭ ଲକ୍ଷ ଟଙ୍କା ଦେବାକୁ ମଞ୍ଜୁର କରିଥିବାବେଳେ ସେଥିରୁ ମିଳିଛି ମାତ୍ର ୧୮୨.୦୨ କୋଟି। ସେହିପରି ୨୦୧୬-୧୭ରେ ୨୪୩.୭୯ ଲକ୍ଷରୁ ୧୪୬.୨୭, ୨୦୧୭-୧୮ରେ ୨୩୪.୨୬ ଲକ୍ଷରୁ ୧୪୦.୫୬ ଏବଂ ୨୦୧୮-୧୯ରେ ଅନୁମୋଦନ କରାଯାଇଥିବା ୧୫୫୨.୧୮ କୋଟି ଟଙ୍କାରୁ ରାଜ୍ୟକୁ ମିଳିଛି ମାତ୍ର ୩୩୫ କୋଟି ଟଙ୍କା। ସେହିପରି ଜାତୀୟ ବନୀକରଣ ଯୋଜନାରେ ୨୦୧୫-୧୬ରେ ରାଜ୍ୟକୁ ମଞ୍ଜୁର ☞ ପୃଷ୍ଠା-୨

■ ପୁଲଓ୍ୱାମା ଆକ୍ରମଣ ନେଇ ଟ୍ରମ୍ପ୍ କହିଲେ

# ଭାରତ ନେଇପାରେ ବଡ଼ କାର୍ଯ୍ୟାନୁଷ୍ଠାନ

■ ଭାରତ-ପାକ୍ ମଧ୍ୟରେ ବିପଜ୍ଜନକ ସ୍ଥିତି

■ ଆତ୍ମରକ୍ଷା ପାଇଁ ଦୃଢ଼ ବିକଳ୍ପ ଖୋଜୁଛି ଭାରତ



ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ,୨୩।୨(ପି.ଟି.)

ପୁଲଓ୍ୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦର ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଏଥିପାଇଁ ନୂଆଦିଲ୍ଲୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଥିବା ସେ ଅନୁଭବକରିପାରୁଛନ୍ତିବୋଲିଟ୍ରମ୍ପକହିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ବିରୋଧରେ ଭାରତ କେତେଗୁଡିଏ କୂଟନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆତଙ୍କବାଦୀଙ୍କୁ ନିଜ ମାଟିରୁ ଅନ୍ୟ ଦେଶ ବିରୋଧରେ ଆକ୍ରମଣ ପାଇଁ ସୁଯୋଗ ନ ଦେବା ଏବଂ ସହାୟତା ☞ ପୃଷ୍ଠା-୨


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

**ଅବିମୃଶ୍ୟକାରିତା**

**ଆଜିର ମନ୍ତବ୍ୟ**

"ଆମର ଲଢ଼େଇ ଆତଙ୍କବାଦ ବିରୋଧରେ, କଶ୍ମୀରୀଙ୍କ ବିପକ୍ଷରେ ନୁହେଁ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାତ୍ତ୍ୱୀକ
ପରିବାରବର୍ଗ


ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# 'ନିର୍ବାଚନ ଜିତିବା ପାଇଁ କାମ ହିଁ ଯଥେଷ୍ଟ'

■ 'ଜଗରନଟ୍ - ଓଡ଼ିଶା ଅନ୍ ମୁଭ୍' ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୨(ବ୍ୟୁରୋ)



'ଜଗରନଟ୍ – ଓଡ଼ିଶା ଅନ୍ ମୁଭ୍' ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ନିର୍ବାଚନ ଜିତିବା ପାଇଁ ଆମ କାମ ହିଁ ଯଥେଷ୍ଟ। ୨୦ ବର୍ଷ ମଧ୍ୟରେ ରାଜ୍ୟର ୮୦ ଲକ୍ଷ ଲୋକ ଦାରିଦ୍ର୍ୟ ସୀମା ରେଖା(ବିପିଏଲ୍) ଉପରକୁ ଉଠିପାରିଛନ୍ତି। ଓଡ଼ିଶା ଚାଉଳ ରପ୍ତାନିରେ ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟ। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ଓଡ଼ିଶାର ଅବଦାନ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର 'ଜଗରନଟ୍ – ଓଡ଼ିଶା ଅନ୍ ମୁଭ୍' ପୁସ୍ତକ ଉନ୍ମୋଚନ ଅବସରରେ କହିଛନ୍ତି।

ନବୀନ ଆହୁରି କହିଛନ୍ତି ଯେ, ଓଡ଼ିଶାର କୃଷକମାନେ ବିଗତ ଦଶ ବର୍ଷରେ ନିଜ ଆୟକୁ ଦୁଇଗୁଣା କରିପାରିଛନ୍ତି। ସାରା ଦେଶରେ ଭୁବନେଶ୍ୱର କେବଳ ସ୍ମାର୍ଟ ସିଟି ଭାବେ ପରିଚିତ ହୋଇ ରହିନାହିଁ, ନିକଟରେ ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନ କରିବା ସହ ଦେଶର କ୍ରୀଡ଼ା ରାଜଧାନୀ ଭାବେ ପରିଗଣିତ ହୋଇଛି। ଭାରତର ଖାଦ୍ୟ ନିଗମକୁ ଓଡ଼ିଶାର ଦାନ ଅତୁଳନୀୟ। ରାଜ୍ୟରେ ଏକ ଟଙ୍କାରେ ୨୫ କି.ଗ୍ରା ଚାଉଳ ଯୋଗାଇ ଦିଆଯାଉଛି। ଏକଦା ବନ୍ୟା, ବାତ୍ୟା, ମରୁଡ଼ି ଓଡ଼ିଶାର ପରିଚୟ ଥିଲା। ହେଲେ ବର୍ତ୍ତମାନ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଅନ୍ୟମାନଙ୍କ ପାଇଁ ମଡେଲ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଦିବାସୀମାନଙ୍କ ଜଙ୍ଗଲ ଜମି ଅଧିକାର ନେଇ ସୁପ୍ରିମ୍‌କୋର୍ଟ ନିକଟରେ ଏକ ରାୟ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ଦେଶର ଅନେକ ରାଜ୍ୟର ଆଦିବାସୀମାନଙ୍କ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ନେଇ ନବୀନଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ, ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ। ସଦାସର୍ବଦା ସେମାନଙ୍କ ସୁରକ୍ଷା ପାଇଁ ଧ୍ୟାନ ଦେଇଆସିଛି। ସେମାନଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟ କରିଆସିଛି। ଯଦି ରାୟ ଦ୍ୱାରା ରାଜ୍ୟରେ ରହୁଥିବା ଆଦିବାସୀଙ୍କ କିଛି ଅସୁବିଧା ହୁଏ, ତେବେ ଓଡ଼ିଶା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବ। ଜାତୀୟସ୍ତର ଗଣମାଧ୍ୟମ ବ୍ୟକ୍ତିତ୍ୱ ପ୍ରଭୁ ଚାୱଲାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ କିଛି ହାଲକା ପ୍ରଶ୍ନ ପଚରାଯାଇଥିଲା। ଏହା ମଧ୍ୟରେ ରହିଥିଲା ତାଙ୍କର ବ୍ୟକ୍ତିଗତ ଓ ରାଜନୈତିକ ଜୀବନ ସମ୍ପର୍କିତ କିଛି ପ୍ରଶ୍ନ। ଏଥିସହିତ ଲମ୍ବା କ୍ଷମତା ରାଜନୀତିର ପରବର୍ତ୍ତୀ ସମୟକୁ ନେଇ କିଛି ପ୍ରଶ୍ନ। ଏହି ସମସ୍ତ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବ୍ୟକ୍ତିଗତ ଜୀବନ ଏବଂ ରାଜନୈତିକ ଜୀବନ ଅଲଗା ନିଶ୍ଚିତ। ବେଳେ ବେଳେ ବ୍ୟକ୍ତିଗତ ଜୀବନ ଉପରେ ରାଜନୈତିକ ଜୀବନ ଭାରି ପଡ଼େ। ହେଲେ ଏଥିରେ ଲୋକଙ୍କ ଭଲ ହିଁ ନିହିତ ଥାଏ। ତେଣୁ କୌଣସି ଅସୁବିଧା ହୁଏ ନାହିଁ। ସେହିପରି ଏତେ ଲମ୍ବା ରାଜନୈତିକ କ୍ୟାରିୟରରେ କେବେବି ବିଶ୍ରାମ ନେବା କଥା ଭାବିନି। ଯାହା ଚାଲିଛି, ସେମିତି ସବୁ ଚାଲିଥାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବର୍ଣ୍ଣାଢ୍ୟ ପରିବେଶରେ ଉନ୍ମୋଚିତ ହୋଇଥିବା ପୁସ୍ତକଟିକୁ ରଚନା କରିଛନ୍ତି ରବି ଶଙ୍କର। ଏକଦା ଅନାହାର,ମରୁଡ଼ିକୁ ନେଇ ପରିଚିତ ରାଜ୍ୟ ଆଜି ଅନେକ କ୍ଷେତ୍ରରେ ଉଦାହରଣ ହୋଇପାରିଛି। ଏଥିପାଇଁ ରାଜନୈତିକ ସ୍ଥିରତା ଏବଂ ଦୃଢ଼ ନେତୃତ୍ୱ ପ୍ରମୁଖ କାରଣ। ରାଜ୍ୟର ବିକାଶକୁ ନେଇ ଏହି ପୁସ୍ତକରେ ଆଲୋଚନା କରାଯାଇଛି।

## LOST

ପୁରୀ ଜିଲ୍ଲା, ସତ୍ୟବାଦୀ ତହସିଲ, ଶ୍ରୀରାମଚନ୍ଦ୍ରପୁର ମୌଜାର ଖାତା ନଂ- ୩୧, ପ୍ଲଟ ନଂ- ୧୪୫୯, ରକବା-ଏ୦.୭୮ ଡିସିମିଲ ସ୍ଥିତିବାନ ଘରବାରି ଜମିର ପଟ୍ଟା ହଜିଯାଇଛି। ଆମ୍ଭ ମିସିଙ୍ଗ ରିପୋର୍ଟ ଆଧାରରେ ପୁରୀ ସଦର ଥାନାରେ ଏସଡିଇ ନଂ- ୯/ତା ୧୫.୦୨.୨୦୧୯ ପଞ୍ଜୀକରଣ କରାଯାଇଛି। ଯଦି କେହି ଉକ୍ତ ପଟ୍ଟା ପାଇଛନ୍ତି। ତେବେ ଆମ୍ଭ ମୋ: ୮୯୦୮୮୯୪୭୭୭ରେ କିମ୍ବା ଶ୍ରୀ ଦେବାଶିଷ ରଥ, ପିତା- ସ୍ୱର୍ଗତ ମାଧବ ରଥ, ବୀରହେରାକୃଷ୍ଣପୁର, ପୁରୀଙ୍କ ଠିକଣାରେ ଜଣାଇବାକୁ ଅନୁରୋଧ। ଧ-୩୪୮୯୫

## AFFIDAVIT



Before the Executive Magistrate Parlakhemundi, Gajapati on dated 20.02.2019 I have changed my name from Zilla Sabar to Jayden Sabar, S/o- Arjuna Sabar of Village- Manikapatana, PO- Ganga Bada, Dist.- Gajapati so hereby state that I shall be known as Jayden Sabar for all purpose. Jayden Sabar.
D-11326

By virtue of an affidavit sworn before Executive Magistrate, Bonai I have changed my name Soubhagya Laxmi to Soubhagya Laxmi Padhi. Henceforth, I shall be known as Soubhagya Laxmi Padhi for all purposes. D-11344

# ୧୩ ଫୁଟର ଅହିରାଜ ଉଦ୍ଧାର


ଉଦ୍ଧାର ହୋଇଥିବା ଅହିରାଜ।

ଖୁଣ୍ଟା, ୨୩।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଡୁକୁରା ରେଞ୍ଜ ଅଧୀନରେ ଶନିବାର ବନ କର୍ମଚାରୀମାନେ ଏକ ୧୩ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡିଛନ୍ତି। ଡୁକୁରା ରେଞ୍ଜ ଅଧୀନ ଚନ୍ଦନ ଚଟୁରୀ ଫରେଷ୍ଟ ବିଟ୍ କାର୍ଯ୍ୟାଳୟ ନିକଟବର୍ତ୍ତୀ ଏକ ବାଉଁଶ ବୁଦାରେ ଅହିରାଜ ସାପଟି ଚଢି ଥିବାର ସ୍ଥାନୀୟ ଲୋକଙ୍କଠାରୁ ବନ କର୍ମଚାରୀ ଖବର ପାଇଥିଲେ। ପରେ ସ୍ନେକ ହେଲ୍ପ ଲାଇନ ସହାୟତାରେ ଉକ୍ତ ସାପକୁ ଉଦ୍ଧାର କରି ଶିମିଳିପାଳ ଅଭ୍ୟନ୍ତର ଅଞ୍ଚଳ ସିଙ୍ଗୁପାଣି ନାଳ ନିକଟରେ ଛାଡିଛନ୍ତି।

## ଭାରତ ନେଇପାରେ...

ପ୍ରଥମ ପୃଷ୍ଠାରୁ...

ବନ୍ଦକରିବା ଲାଗି ଆମେରିକା ନେତୃତ୍ୱରେ ବିଶ୍ୱ ସମୁଦାୟ ଇସ୍‌ଲାମାବାଦ ଉପରେ ଚାପ ପକାଇଛନ୍ତି। ଏଥିସହିତ ପୁଲୱାମା ଆକ୍ରମଣକାରୀଙ୍କୁ କାଠଗଡ଼ାକୁ ଆଣିବା ଲାଗି ପାକିସ୍ତାନ ଉପରେ ଚାପ ପଡୁଛି। ଟ୍ରମ୍ପ କହିଛନ୍ତି ତାଙ୍କ ପ୍ରଶାସନ ଇସ୍‌ଲାମାବାଦକୁ ୧.୩ ବିଲିୟନ ଡଲାର ସହାୟତା ବନ୍ଦ କରିବା ସତ୍ତ୍ୱେ ଉକ୍ତ ଦେଶ ସହ ତାଙ୍କ ପ୍ରଶାସନର ଭଲ ସମ୍ପର୍କ ରହିଛି। ପୂର୍ବ ସରକାରରେ ଆମେରିକା ପ୍ରତିବର୍ଷ ପାକିସ୍ତାନକୁ ୧.୩ ବିଲିୟନ ଡଲାର ସହାୟତା ଯୋଗାଇ ଦେଉଥିଲା। ପାକିସ୍ତାନ ଜୈଶ-ଇ-ମହମ୍ମଦ ଏବଂ ଅନ୍ୟ ଆତଙ୍କବାଦୀଙ୍କୁ ସହାୟତା ବନ୍ଦକରିବା ଆବଶ୍ୟକ। ଭାରତର ଆତ୍ମସୁରକ୍ଷା ଅଧିକାରକୁ ଆମେରିକା ସମର୍ଥନ କରେ ବୋଲି ଗତ ସପ୍ତାହରେ ଏହାର ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜନ୍ ବୋଲ୍‌ଟନ ତାଙ୍କ ପ୍ରତିପକ୍ଷ ଅଜିତ ଡୋଭାଲଙ୍କୁ କହିଥିଲେ। ପାକିସ୍ତାନ ମାଟିରୁ ଆତଙ୍କବାଦୀ କାର୍ଯ୍ୟ ଚଳାଇଥିବା ସଂଗଠନଗୁଡ଼ିକୁ କାବୁ କରିବା ଏବଂ ଆକ୍ରମଣକାରୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଭାରତ ଇସ୍‌ଲାମାବାଦକୁ କହିଥିଲା। ଉତ୍ତରକୋରିଆ ମଧ୍ୟ ଶନିବାର ପୁଲୱାମା ଆକ୍ରମଣକୁ ନିନ୍ଦା କରିଛି। ସମସ୍ତ ପ୍ରକାର ଆତଙ୍କବାଦକୁ ଉତ୍ତର କୋରିଆ ଦୃଢ଼ ବିରୋଧ କରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ବିଶ୍ୱ ସମୁଦାୟଠାରୁ ଏକପ୍ରକାର ଏକଘରିକିଆ ହୋଇପଡିଛି। ଏହାର ପଡୋଶୀ ଦେଶ ଆଫଗାନିସ୍ତାନ ଜାତିସଂଘକୁ ପତ୍ର ଲେଖି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି। ୨୦୧୨ରୁ ୨୦୧୭ ମଧ୍ୟରେ ପାକିସ୍ତାନ ପଟୁ ଆଫଗାନିସ୍ତାନକୁ ୨୮,୮୪୯ଟି ସେଲ୍ ମାଡ଼ କରାଯାଇଛି, ଯେଉଁଥିରେ ୮୨ ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୮ ଜାନୁୟାରୀରୁ ଇତିମଧ୍ୟରେ ପାକିସ୍ତାନ ୧୬୧ ଥର ସୀମା ଉଲ୍ଲଂଘନ କରି ୬୦୦୦ ସେଲ୍ ମାଡ଼ କରିଥିବା ଆଫଗାନିସ୍ତାନ ଅଭିଯୋଗ କରିଛି।

## କିଛି ତଥ୍ୟ

୨୦୦୫-୦୬ରେ ଭାରତ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୧ ବିଲିୟନ ଡଲାର ଥିବା ବେଳେ ଏହା ୨୦୧୭-୧୮ରେ ୮୧.୩ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି।
–ବାଣିଜ୍ୟ ମନ୍ତ୍ରଣାଳୟ

## ୨ କି.ମି. ଖଟିଆରେ ବୁହାହେଲେ ରୋଗୀ

ଚିତ୍ରକୋଣ୍ଡା,୨୩।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବଡପଦର ପଞ୍ଚାୟତ ମେଟାଗୁଡା ଗ୍ରାମରେ ଆମ୍ବୁଲାନ୍ସ ନ ଆସିବାରୁ ଜଣେ ଗୁରୁତର ରୋଗୀଙ୍କୁ ଖଟିଆରେ ବୁହାହୋଇ ଡାକ୍ତରଖାନା ଯିବାକୁ ପଡିଛି। ସେତୁ ଖରାଙ୍କ ସ୍ତ୍ରୀ ସିଲି ଖରା(୩୬)। ପାରିବାରିକ କଳହକୁ ନେଇ ସିଲି ଶନିବାର ବିଷ ପିଇ ଦେଇଥିଲେ। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସି ନ ଥିଲା। ସେମାନେ ସିଲିଙ୍କୁ ୨ କିଲୋମିଟର ଖଟିଆରେ ବୋହି ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

ପ୍ରଥମ ପୃଷ୍ଠାରୁ...

## ସବୁଜ ମିଶନକୁ...

କରାଯାଇଥିବା ୧୭୯୨.୧୬ ଲକ୍ଷରୁ ୯୫୩.୭୪୨ ଲକ୍ଷ, ୨୦୧୬-୧୭ରେ ୫୮୩.୩୩ ଲକ୍ଷରୁ ୩୫୦ ଲକ୍ଷ, ୨୦୧୭-୧୮ରେ ୭୭୦.୪୮ ଲକ୍ଷରୁ ୪୬୧.୩୮ ଏବଂ ୨୦୧୮-୧୯ରେ ୧୬୫୮.୮୩ ଲକ୍ଷ ଟଙ୍କାରୁ ୮୧୪.୯୪ ଲକ୍ଷ ଟଙ୍କା ମିଳିଛି। ଅର୍ଥାତ୍ କେନ୍ଦ୍ର ସରକାର ମଞ୍ଜୁର କରୁଥିବା ଅନୁଦାନ ରାଶିରୁ ୫୦ ପ୍ରତିଶତରୁ କମ୍ ଅର୍ଥ ମିଳୁଛି। ଏଭଳି ହେବାର କାରଣ ସମ୍ପର୍କରେ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଭାରତ ସରକାରଙ୍କ କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରିବା ସର୍ତ୍ତାବଳୀ ଜଟିଳ କରିଛନ୍ତି। ସମସ୍ତ କାଗଜପତ୍ର ଦାଖଲ କରିବା ପରେ ମଧ୍ୟ ସମ୍ପୂର୍ଣ୍ଣ ଅର୍ଥ ମିଳିବାରେ ବିଳମ୍ବ ହେଉଛି। ଏଥିଯୋଗୁ ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଯୋଜନା କାର୍ଯ୍ୟକାରୀ ହେଉ ନ ଥିବାରୁ ରାଜ୍ୟରେ ସବୁଜ ଅଞ୍ଚଳ ମଧ୍ୟ ବୃଦ୍ଧି ପାଇପାରୁନାହିଁ। କେନ୍ଦ୍ର ସରକାରଙ୍କ ଏଭଳି ମନୋଭାବ ପରିବେଶ ପାଇଁ ଅତ୍ୟନ୍ତ ମାରାତ୍ମକ ବୋଲି ପରିବେଶବିତ୍ ମତଦେଇଛନ୍ତି।

# ୯୩୧ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

■ ମୁଖ୍ୟମନ୍ତ୍ରୀଙ୍କ ନରସିଂହପୁର ଗସ୍ତ

ନରସିଂହପୁର,୨୩।୨(ସ୍ୱ.ପ୍ର./ଡି.ଏନ.ଏ.)

କଟକ ଜିଲାର ବଡ଼ମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀରେ ୯୩୧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଓ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶନିବାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏ ସବୁ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ବଡ଼ମ୍ବା-ନରସିଂହପୁରର ସାମଗ୍ରିକ ବିକାଶ ହେଲେ ମୁଁ ବହୁତ ଖୁସି ହେବି ବୋଲି କହିଥିଲେ। ଏଥିସହିତ ସେ କହିଥିଲେ, ଚାଷୀଙ୍କ ପାଇଁ କରାଯାଇଥିବା କାଳିଆ ଯୋଜନା ଦେଶର ଶ୍ରେଷ୍ଠ ଯୋଜନା। କାଳିଆ ଛାତ୍ରବୃତ୍ତି ଚାଷୀଙ୍କ ପିଲାଙ୍କ ଉଚ୍ଚ ଶିକ୍ଷାରେ ସହାୟକ ହେବ।

ନରସିଂହପୁର ଅନନ୍ତ ନାରାୟଣ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବଡ଼ମ୍ବା-ନରସିଂହପୁରର ୭୩ଗ୍ରାମ ପଞ୍ଚାୟତକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ୨୭୩ କୋଟି ଟଙ୍କାର ପ୍ରକଳ୍ପ ଓ ୨୨୫ କୋଟି ଟଙ୍କାରେ ୧୬୨ ରାଜସ୍ୱ ଗ୍ରାମର ୨୫୦୦୦ଏକର ଚାଷଜମିକୁ ଜଳସେଚନ ପାଇଁ ମେଗା ଜଳସେଚନ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ସେହିପରି ୮୦ କୋଟି ବ୍ୟୟରେ ଉଭୟ ବ୍ଲକର ଜନସାଧାରଣଙ୍କୁ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାପାଇଁ ସ୍ଥାପନ କରାଯାଇଥିବା ନରସିଂହପୁର ମର୍ଦ୍ଦମେଖ ଗୋପପୁର ଓ ଧୋବଣୀନାଳ ବିଦ୍ୟୁତ୍ ଗ୍ରୀଡ୍‌କୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ରଜଳସେଚନ ଆଦି ବିଭାଗର ୨୧ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବଡ଼ମ୍ବା-ନରସିଂହପୁର ବ୍ଲକର ଜନସାଧାରଣଙ୍କ ପାଇଁ ୨୧୭ କୋଟି ଟଙ୍କା ବ୍ୟୟରେ ମେଗା ପାଇପ୍ ଜଳ ଯୋଗାଣ, ୧୫୦୦୦ ଏକର ଚାଷ ଜମିକୁ ୨ୟ ପର୍ଯ୍ୟାୟ ଯୋଜନାରେ ୧୫୩ କୋଟି ଟଙ୍କାର ମେଗା ଉଠାଜଳସେଚନ ପ୍ରକଳ୍ପ, ବଡ଼ମ୍ବା-ନରସିଂହପୁର ବ୍ଲକର ୫୪ଟି ଗ୍ରାମର ୩୩୪୭ ହେକ୍ଟର ଚାଷଜମିକୁ ଜଳସେଚନ ପାଇଁ ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲର ସଂଯୋଗ ବ୍ୟବସ୍ଥା, ୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନରସିଂହପୁରଠାରୁ ବାଲିଫୁଟି ଓ ଚମ୍ପେଶ୍ୱରଠାରୁ କାନପୁର ଏବଂ ୫ଟି ନୂତନ ସଡ଼କ ନିର୍ମାଣ ପ୍ରକଳ୍ପ ଓ ଗୋଟିଏ ହାଇଲେଭଲ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଙ୍ଗନୱାଡି ଯୋଜନାର ଭିତ୍ତିଭୂମି ନିମନ୍ତେ ବଡ଼ମ୍ବା ବ୍ଲକର ୫୬ଟି ଓ ନରସିଂହପୁର ବ୍ଲକର ୭୧ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ସଭାମଞ୍ଚରୁ ରିମୋଟ୍ ଯୋଗେ ଶିଳାନ୍ୟାସ କରିଥିଲେ। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ବୋର୍ଡର କଡା ଆଭିମୁଖ୍ୟ

# ୧୧ ନିଲମ୍ବିତ, ୫ ଗିରଫ

ନୂଆପଡ଼ା ଅଫିସ/କଟକ ଅଫିସ, ୨୩।୨


ଗିରଫ ଅଭିଯୁକ୍ତମାନେ।

■ ପରୀକ୍ଷାରୁ ବଞ୍ଚିତ ହେଲେ ୪ ପରୀକ୍ଷାର୍ଥୀ
■ ପ୍ରଶ୍ନପତ୍ରରେ ଲାଗିଛି ସ୍ୱତନ୍ତ୍ର ସିକ୍ୟୁରିଟି କୋଡ୍
■ ଆବଶ୍ୟକସ୍ଥଳେ ଜାରି ହେବ ୧୪୪ ଧାରା

ମାଟ୍ରିକ ପରୀକ୍ଷା ଆରମ୍ଭରୁ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ଘଟଣାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ଶୁକ୍ରବାର ୪ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୭ଜଣ ନିଲମ୍ବିତ ହୋଇଥିଲାବେଳେ ଶନିବାର ଆଉ ୪ଜଣଙ୍କୁ ନିଲମ୍ବିତ କରାଯାଇଛି। ଏମାନଙ୍କ ମଧ୍ୟରୁ ୮ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ କରଙ୍ଗାମାଳ ହାଇସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ପତି, ପରୀକ୍ଷା ନିରୀକ୍ଷକ ମୁକୁନ୍ଦ ଶବର, ହିନ୍ଦୀ ଶିକ୍ଷକ ବିଘ୍ନରାଜ ସୁପକାର ଏବଂ ଗୋପୀନାଥ ହାଇସ୍କୁଲ ଲିଟିସର୍ଗିର ସୁପରିଣ୍ଟେଣ୍ଡେଣ୍ଟ ସୁଶୀଲ କୁମାର ଜୋଷୀ ଓ ପରୀକ୍ଷା ନିରୀକ୍ଷକ ଅର୍ଜୁନଜୟ ପଣ୍ଡା। ଏମାନଙ୍କ ବିରୋଧରେ ବୋଡେନ ପୋଲିସ ଓଡିଶା ସରକାରଙ୍କ ପରୀକ୍ଷା ପରିଚାଳନା ଆଇନ ୯ ଅନୁଯାୟୀ ଦଫା ୪୧୭, ୪୦୯, ୩୪ରେ ମାମଲା (ନଂ.୨୮/୧୯) ରୁଜୁ କରିଛି। ଅନ୍ୟପକ୍ଷରେ ଯେଉଁ ୪ଜଣ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା ସେମାନଙ୍କୁ ଚିହ୍ନଟ କରାଯିବା ପରେ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ସେହିପରି ୨୫ ତାରିଖରେ ହେବାକୁ ଥିବା ଦ୍ୱିତୀୟ ଭାଷା (ଇଂଲିଶ) ପରୀକ୍ଷାରେ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେଥିପାଇଁ ବୋର୍ଡ ପକ୍ଷରୁ ଚେତାବନୀ ଦିଆଯାଇଛି।

ଶନିବାର ସନ୍ଧ୍ୟାରେ ବୋର୍ଡ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍, ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି, ସମ୍ପାଦକ ରାମାଶିଷ ହାଜରା ଉପସ୍ଥିତ ରହି ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଡ. ବେଗମ୍ କହିଲେ, ପ୍ରତ୍ୟେକ ପ୍ରଶ୍ନପତ୍ରରେ ସ୍ୱତନ୍ତ୍ର ସିକ୍ୟୁରିଟି କୋଡ୍ ରହିଛି। ଏଣୁ ପ୍ରଶ୍ନପତ୍ର ଭାଇରାଲ ହେବାମାତ୍ରେ ଏହା କେଉଁ ପରୀକ୍ଷା କେନ୍ଦ୍ରରୁ ହୋଇଛି ତାହା ବୋର୍ଡ କର୍ତ୍ତୃପକ୍ଷ ସହଜରେ ଜାଣିପାରିବେ। ଏହାଛଡ଼ା ଯେଉଁ ପରୀକ୍ଷା କେନ୍ଦ୍ର ନିକଟରେ ଅଧିକ ଭିଡ଼ ହେଉଛି କିମ୍ବା ତାହା ସମ୍ବେଦନଶୀଳ ସ୍ଥାନ ବୋଲି ଅନୁଭବ ହେଉଛି ସେଠାରେ ଆବଶ୍ୟକ ସ୍ଥଳେ ୧୪୪ ଧାରା ଜାରି କରିବାକୁ ଜିଲା ଶିକ୍ଷା ଅଧିକାରୀ, ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ନୂଆପଡ଼ା ଜିଲାର କରଙ୍ଗାମାଳ ହାଇସ୍କୁଲ, ଲିଟିସର୍ଗିସ୍ଥିତ ଗୋପୀନାଥ ହାଇସ୍କୁଲ, ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ ଓ କୋରାପୁଟ ଜିଲାର ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ବିଭ୍ରାଟ ହୋଇଥିବା ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଏଥିସହ ଜଗତ୍‌ସିଂହପୁର ଜିଲାର ଏକ ବିଦ୍ୟାଳୟରେ ମଧ୍ୟ ଏଭଳି ବିଶୃଙ୍ଖଳିତ କାର୍ଯ୍ୟ ହୋଇଥିବା ସୂଚନା ଦିଆଯାଇଛି।

ତେବେ ନିଲମ୍ବିତ ହୋଇଥିବା ଅନ୍ୟମାନେ ହେଲେ ଢେଙ୍କାନାଳ ଜିଲାର ଚିରୁଲେଇସ୍ଥିତ ସୁଦର୍ଶନ ବିଦ୍ୟାଭବନ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ସାହୁ, ଶିକ୍ଷୟିତ୍ରୀ ବୈଜୟନ୍ତୀ ଶତପଥୀ, କୋରାପୁଟ ଜିଲା ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରା, ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା, ଜଗତ୍‌ସିଂହପୁର ଜିଲା ବାଲିଆ ବାପୁଜୀ ନୋଡାଲ ସ୍କୁଲ ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦ ଓ ଜୁନିୟର କ୍ଲର୍କ ପ୍ରଶାନ୍ତ କୁମାର ପ୍ରଧାନ ନିଲମ୍ବନ ହୋଇଛନ୍ତି। କୋରାପୁଟ ଓ ନୂଆପଡ଼ା ଜିଲାର ଯେଉଁ ଦୁଇଟି ସ୍କୁଲରେ ପ୍ରଶ୍ନପତ୍ର ଲିକ୍ ହୋଇଛି ସେଠାରେ କେତେଜଣ ବ୍ୟକ୍ତିବିଶେଷ ଜୋରଜବରଦସ୍ତ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିଥିଲେ ବୋଲି ଅଭିଯୋଗ ମଧ୍ୟ ଉଠିଛି ବୋଲି ବୋର୍ଡ ସଭାପତି ଡ. ବେଗମ କହିଛନ୍ତି।

ଆମ ନୂଆପଡ଼ା ଜିଲା ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନାନୁସାରେ, ପ୍ରଶ୍ନପତ୍ର ଭାଇରାଲ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ପି ସ୍ମିତ ପରମାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ମିଳିତ ଭାବେ ଲିଟିସର୍ଗି ଓ କରଙ୍ଗାମାଳ ସେଣ୍ଟର ଉପରେ ଚଢାଉ କରିଥିଲେ। ସେଠାରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ସ୍ପଷ୍ଟ ହେବା ପରେ ଶୁକ୍ରବାର ରାତି ପ୍ରାୟ ଗୋଟାଏବେଳେ ଅଭିଯୁକ୍ତମାନଙ୍କୁ ବୋଡେନ ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକ ଗିରଫ କରିଥିଲେ। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ଯେଉଁ ଦୁଇଜଣ ଛାତ୍ରୀଙ୍କ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିଲା ସେମାନେ ମୁହଁ ଖୋଲିଛନ୍ତି। ଡ୍ୟୁଟିରେ ଥିବା ଶିକ୍ଷକମାନେ ପ୍ରଶ୍ନ-ଉତ୍ତର ପତ୍ରର ଫଟୋଚିତ୍ରକୁ ମୋବାଇଲ୍ ଫୋନ୍‌ରେ ଉତ୍ତୋଳନ କରିନେଇଥିଲେ। ଏଥିରେ ସେମାନଙ୍କର ଆଦୌ ସମ୍ପୃକ୍ତି ନାହିଁ। ତେଣୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉ ବୋଲି ଛାତ୍ରୀଦ୍ୱୟ ନିବେଦନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବିଷମ ସପ୍ତମସ୍ଥ ଚନ୍ଦ୍ର ଓ ମଙ୍ଗଳ ହେତୁ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରି ସଫଳତା ହାସଲ କରିବେ। ନିର୍ମାଣାଧୀନ କାମଗୁଡ଼ିକ ବାଧାପ୍ରାପ୍ତ ହୋଇପାରେ। ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ କ୍ଷତିର ପ୍ରଶ୍ନ ରହିବ ନାହିଁ। ଆଜି ଦିନଟିରେ ପରକଥାରେ କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ବନ୍ଧୁଙ୍କ ପାରିବାରିକ କଥାରେ କୌତୂହଳ ହୋଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ଯିବା ରାସ୍ତାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଦୂରଯାତ୍ରା କରିବାକୁ ପଡ଼ିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।

**ମିଥୁନ** ପ୍ରତୀକ୍ଷିତ ଖବରଟି ପାଇବା ପାଇଁ ଚାହିଁ ଚାହିଁ ଆଖିରୁ ପାଣି ମରିଯାଇପାରେ। ସହକର୍ମୀମାନଙ୍କର ଆଶ୍ୱାସନା ସାଙ୍ଗକୁ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ବାକି ପଡ଼ିଥିବା ବହୁତ ଦିନର ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ** କର୍ମକ୍ଷେତ୍ରର ଅପୂରଣୀୟ ଆଶା ଆକସ୍ମିକ ଭାବରେ ଆଜି ପୂରଣ ହୋଇଯିବ। ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନୂତନ କର୍ମସଂସ୍ଥାନ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** ମନ ଅନୁଯାୟୀ କାର୍ଯ୍ୟ ହାସଲ ହେବା ସାଙ୍ଗକୁ ମନୋରଞ୍ଜନରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁମାନଙ୍କର ଛୋଟ ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଦେବଦର୍ଶନର ସୁଯୋଗ ମିଳିବ। ଅର୍ଥାଭାବ ସାମୟିକ ବିଚଳିତ ଭାବ ସୃଷ୍ଟି କରିବ।

**କନ୍ୟା** ଯେତେ ଚେଷ୍ଟାକଲେ ମଧ୍ୟ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହେବେ। ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ଦେଖି ମାନସିକ ସ୍ତରରେ ଖୁସି ହୋଇପାରନ୍ତି।

**ତୁଳା** ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅଫିସ୍‌ରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ବିଛା** ଦୀର୍ଘଦିନର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହେବାର ଆଶା ଉଜ୍ଜ୍ୱଳତର ହେବ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ଗୁରୁଜନମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ଧନୁ** କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ବାରମ୍ବାର ଅନୁଭବରେ ଆସୁଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁମାନେ ଆପଣଙ୍କ ପଛରେ ଛାଇଭଳି ଲାଗି ରହିଲେ ମଧ୍ୟ କୌଣସି ଅନର୍ଥ ସୃଷ୍ଟି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିବା ସହ ବ୍ୟବସାୟକୁ ବହୁମୁଖୀ କରିବା ପାଇଁ ଚିନ୍ତା କରିପାରନ୍ତି।

**ମକର** ପରିବାର କିମ୍ବା ବନ୍ଧୁଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଖୁସି ହେବେ। କିନ୍ତୁ କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ। କଠୋର ପରିଶ୍ରମ କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

**ମୀନ** ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧି ପାଇବା କାରଣରୁ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ। ଆପଣଙ୍କ ପ୍ରଗତିରେ ମିତ୍ରମାନେ ଈର୍ଷାପରାୟଣ ହୋଇ ପରୋକ୍ଷ ସମାଲୋଚନା କିମ୍ବା ଅପପ୍ରଚାର କରିପାରନ୍ତି। ବିବାଦୀୟ ଘଟଣାରେ ବିଜୟୀ ହେବେ ଏବଂ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି। ବ୍ୟବସାୟିକ ସଫଳତା ମିଳିବ ଓ ଅଭିଳଷିତ ଦିଗରୁ ଅର୍ଥ ସାହାଯ୍ୟ ପାଇବେ।

ଆଜି ଫାଲ୍‌ଗୁନ କୃଷ୍ଣ ଷଷ୍ଠୀ ରବିବାର, ଫେବୃୟାରୀ ୨୪ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୭।୩୯ମି. ଗତେ ଘ୯।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୫ମି. ଗତେ ଘ୧୦।୩୧ମି. ମଧ୍ୟେ, ଘ୧।୨୫ମି. ଗତେ ଘ୨।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୯ମି. ଗତେ ଘ୫।୪୬ମି. ମଧ୍ୟେ ରାହୁକାଳ।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ



**ସଂକ୍ଷେପରେ**

## ବିଷ ପିଇ ୨ ମୃତ

**ବ୍ରହ୍ମପୁର ଅଫିସ୍, ୨୩ା୨:** ବ୍ରହ୍ମପୁର ବଡ ମେଡିକାଲରେ ବିଷ ପିଇ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବଡ ମେଡିକାଲ ଫାଣ୍ଡିରେ ନଂ. ୯୮/୧୯ ଓ ୯୯/୧୯ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତକ ଦ୍ୱୟ ହେଲେ ଜରଡା ଥାନା ଅଧୀନ ବରଙ୍ଗ ଗ୍ରାମର ଆଲୁ ପ୍ରସାଦ ରାଓ (୬୨) ଓ ଦିଗପହଣ୍ଡି ଥାନା ଅଧୀନ କାଣ୍ଡେଶର ଗ୍ରାମର ଏସ୍.ରଘୁନାଥ ରେଡ୍ଡୀ(୬୦)।

ପ୍ରକାଶଯେ, ବରଙ୍ଗ ଗ୍ରାମର ଆଲୁ କୌଣସି କାରଣରୁ ବିଷ ପିଇ ଦେବାରୁ ଶୁକ୍ରବାର ପରିବାର ବର୍ଗ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ପାତ୍ରପୁର ମେଡିକାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି କାଣ୍ଡେଶର ଗ୍ରାମର ରଘୁନାଥ ଶନିବାର ସକାଳେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ବର୍ଗ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶନିବାର ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଏଏସ୍ଆଇ ଆର୍‌କେ ଦାସ କହିଛନ୍ତି।

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣିଲେ ସ୍ୱାମୀ

**ପାଲଲହଡ଼ା, ୨୩ା୨(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ବାରକୋଟିଆ ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଦେବଗଡ ଜିଲା ରିଆମାଳ ଅଞ୍ଚଳର ବଳ ବେହେରାଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଭଗବତୀ ବେହେରା(୪୫)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ଅଭିଯୋଗ ପରେ ଖମାର ପୋଲିସ ଅଭିଯୁକ୍ତ ବଳଙ୍କୁ ଗିରଫ କରିବା ସହ ନଂ. ୧୮/୧୯ରେ ଏକ ମାମଲା ରୁଜୁ କରିଛି। ସ୍ତ୍ରୀଙ୍କ ଚରିତ୍ର ସନ୍ଦେହ କରି ବଳ ଏପରି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି।




# ଭୁବନେଶ୍ୱର, ମାଲକାନଗିରି ପାରଦ ୩୯ ଡିଗ୍ରୀ ଟପିଲା

**୨୬, ୨୭ରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୨୩ା୨(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଫେବୃୟାରୀ ଅଧା ବେଳକୁ ସ୍ଥିତି ସଙ୍ଗିନ ହେଲାଣି। ପାରଦ ୪୦ ଡିଗ୍ରୀ ପାଖକୁ ଆସିଲାଣି। ମାର୍ଚ୍ଚ ଓ ଏପ୍ରିଲରେ ତାତି ଆହୁରି ଅସମ୍ଭାଳ ହେବ । ୩/୪ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲସିୟସ ଉପରକୁ ଉଠିଗଲାଣି। ଭୁବନେଶ୍ୱରରେ ଗତ ଦୁଇଦିନ ହେବ ପାରଦ ୩୯ ଡିଗ୍ରୀ ଉପରେ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଠାରେ ସକାଳ ୯ଟାରୁ ସନ୍ଧ୍ୟା ୬ଟା ଯାଏ ତାତି ଅନୁଭୂତ ହେଉଛି। ମଧ୍ୟାହ୍ନରେ ଝାଞ୍ଜି ପରିବେଶକୁ ଆହୁରି ଉତ୍ତପ୍ତ କରି ପକାଉଛି। ରାସ୍ତାଘାଟ ଏକ ପ୍ରକାର ଶୂନଶାନ ହୋଇଯାଉଛି। କେବଳ ଭୁବନେଶ୍ୱର ନୁହେଁ, ବଣ ଜଙ୍ଗଲ ଭରା ମାଲକାନଗିରିରେ ମଧ୍ୟ ପାରଦ ୪୦ ଡିଗ୍ରୀ ନିକଟକୁ ଚାଲିଯାଉଛି। ସୂଚନା ଅନୁଯାୟୀ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୯.୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ କଟକ ୩୭.୨, ଅନୁଗୋଳ ୩୬.୧, ଝାରସୁଗୁଡା ୩୫.୨, ସମ୍ବଲପୁର ୩୫, ଭବାନୀପାଟଣା ୩୭, ବଲାଙ୍ଗୀର ୩୬.୨ ଏବଂ ସୋନପୁରରେ ସର୍ବାଧିକ ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟିଲାଣି। ପୁରୀରେ ସର୍ବନିମ୍ନ ତାପମାତ୍ରା ୨୪.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଚାନ୍ଦବାଲି ୨୩ ଓ ପାରାଦୀପରେ ୨୪.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ୨୫ ତାରିଖରେ ପାରଦ ପୁଣି ତଳମୁହାଁ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୪ ତାରିଖରୁ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ୨୬ ଓ ୨୭ ତାରିଖରେ ଉପକୂଳ ଓଡ଼ିଶାରେ ଘଡ଼ଘଡି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୪ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡା, ନୂଆପଡା, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୬ ଓ ୨୭ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

# ୬୦ରୁ ଊର୍ଦ୍ଧ୍ୱ ୱେବ୍‌ସାଇଟ୍ ହ୍ୟାକ୍

- ବାଂଲାଦେଶୀ ହ୍ୟାକରଙ୍କ ହାତ ସନ୍ଦେହ
- ହୋମ୍ ପେଜ୍‌ରେ 'ମ୍ୟାଡ୍ ଟାଇଗର'ଲେଖା ରହିଛି
- ଦୁର୍ବଳ ପାସୱାର୍ଡ ଯୋଗୁ ହ୍ୟାକ୍ ହୋଇଛି:ଏଡିଜି

ଭୁବନେଶ୍ୱର,୨୩ା୨ (ବ୍ୟୁରୋ)

ରାଜ୍ୟର ୬୦ରୁ ଊର୍ଦ୍ଧ୍ୱ ୱେବ୍‌ସାଇଟ୍ ଶନିବାର ହ୍ୟାକ୍ ହୋଇଛି। ହ୍ୟାକର ସମସ୍ତ ୱେବ୍‌ସାଇଟ୍ ହ୍ୟାକ୍ କରିବା ପରେ ହୋମ୍ ପେଜ୍‌ରେ 'ମ୍ୟାଡ୍ ଟାଇଗର' ଲେଖିଛନ୍ତି। ଏହିସବୁ ୱେବ୍‌ସାଇଟ୍ ଖୋଲିବା ମାତ୍ରେ ସେଥିରେ ମ୍ୟାଡ୍ ଟାଇଗର ଲେଖା ଆସୁଛି। ଓଡ଼ିଶା ପ୍ରଶାସନିକ ସେବା ଆସୋସିଏଶନ, ଶ୍ରୀମନ୍ଦିର ଦଇତାପତି ନିଯୋଗ ସମେତ ଏକାଧିକ ସରକାରୀ କଲେଜର ୱେବ୍‌ସାଇଟ୍ ଏବଂ ଅନେକ ସରକାରୀ ଅଫିସ ୱେବ୍‌ସାଇଟ୍ ହ୍ୟାକ୍ ହୋଇଛି।

ସାଲେପୁର, ହିନ୍ଦୋଳ, ଶରଣକୂଳ କଲେଜ, ରଣପୁର ଡିଗ୍ରୀ କଲେଜ ଭଳି ଅନେକ ସରକାରୀ ଓ ବେସରକାରୀ କଲେଜ ଏହି ହ୍ୟାକ୍‌ର ଶିକାର ହୋଇଛନ୍ତି। ହ୍ୟାକର ୱେବ୍‌ସାଇଟ୍‌ରୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନେବା ସହ ଏହାର ଅପବ୍ୟବହାର କରିଥିବା ଜଣାପଡିଛି। ଓଡ଼ିଶା ବ୍ୟତୀତ ଅନ୍ୟ କେତେକ ରାଜ୍ୟର ସରକାରୀ ଓ ବେସରକାରୀ ୱେବ୍‌ସାଇଟ୍ ହ୍ୟାକ୍ ହୋଇଛି। ଏହା ପଛରେ ବାଂଲାଦେଶୀ ହ୍ୟାକରଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ୱେବ୍‌ସାଇଟ୍ ହ୍ୟାକ୍ ହେବା ଘଟଣା ଜଣାପଡିବା ପରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଦୁଇଦିନ ତଳେ ପାକିସ୍ତାନର ଏକାଧିକ ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିଲା। ଏଥିରେ ଭାରତର ସମ୍ପୃକ୍ତି ଥିବା ପାକିସ୍ତାନ ଅଭିଯୋଗ ଆଣିଥିଲା। ତେଣୁ ଭାରତରେ ଏଭଳି ହ୍ୟାକ୍ ପଛରେ ପାକିସ୍ତାନ ଓ ବାଂଲାଦେଶ ସାମିଲ ଥିବା କୁହାଯାଉଛି। ୱେବ୍‌ସାଇଟ୍‌ହ୍ୟାକ୍‌ହୋଇଥିବାରୁ ନାହିଁନ ଥିବା ସମସ୍ୟା ଦେଖାଯାଉଛି। କେତେକ ସରକାରୀ ୱେବ୍‌ସାଇଟ୍ ହ୍ୟାକ୍ ହେବା ଜଣାପଡିବା ପରେ ସେଗୁଡ଼ିକୁ ବ୍ଲକ୍ କରି ଦିଆଯାଇଛି। ଏହାସହ ସାଇବର ଏକ୍ସପର୍ଟମାନେ ଏହାର ଯାଞ୍ଚ କରୁଛନ୍ତି। କ୍ରାଇମବ୍ରାଞ୍ଚର ସାଇବର ସେଲ୍ ମଧ୍ୟ ଏହାର ଖୋଳତାଡ଼ କରୁଛି। ଏନେଇ ସାଇବର ବିଶେଷଜ୍ଞ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଦୁର୍ବଳ ପାସ୍‌ୱାର୍ଡ ଯୋଗୁ ଏଭଳି ହ୍ୟାକ୍ ହେଉଛି। ନିୟମିତ ଭାବେ ୱେବ୍‌ସାଇଟ୍‌କୁ ଅପଡେଟ୍ କଲେ ଏଭଳି ହେବ ନାହିଁ। କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ୱେବ୍‌ସାଇଟ୍ ହ୍ୟାକ୍‌ରୁ ବର୍ତ୍ତିବା ପାଇଁ କ୍ରାଇମବ୍ରାଞ୍ଚ ନିକଟରେ ଏକ ସର୍କୁଲାର ଜାରି କରିଥିଲା। ନିୟମିତ ଭାବେ କମ୍ପ୍ୟୁଟର ଓ ୱେବସାଇଟ୍‌କୁ ଅପ୍‌ଡେଟ୍ କରିବା ସହ ପ୍ରତି ସପ୍ତାହରେ ପାସୱାର୍ଡ ବଦଳାଇବା କଥା। ୱେବ୍‌ସାଇଟ୍ ଦୁର୍ବଳ ଥିବାରୁ ହ୍ୟାକରମାନେ ଆକ୍ରମଣ କରୁଛନ୍ତି। ଏହି ଘଟଣାର ଅଭିଯୋଗ ହେବା ପରେ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।









# ଆଜି ପିଏମ୍ କିଷାନ ଯୋଜନା ଶୁଭାରମ୍ଭ

**କୋଟିଏ ଚାଷୀଙ୍କୁ ମିଳିବ ପ୍ରଥମ ପର୍ଯ୍ୟାୟ କିସ୍ତି**

ନୂଆଦିଲ୍ଲୀ,୨୩ା୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉତ୍ତର ପ୍ରଦେଶର ଗୋରଖପୁରଠାରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି'(ପିଏମ୍-କିଷାନ) ଯୋଜନାର ଶୁଭାରମ୍ଭ କରିବେ। ୭୫ ହଜାର କୋଟି ଟଙ୍କାର ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ରବିବାର ଉତ୍ତର ପ୍ରଦେଶ ଓ କର୍ଣାଟକ ସମେତ ୧୪ ରାଜ୍ୟର ୧ କୋଟି କୃଷକଙ୍କୁ ପ୍ରଥମ କିସ୍ତି ବାବଦରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆସନ୍ତା ଦିନେ ଦୁଇ ଦିନ ଭିତରେ ଆଉ ଏକ ୧ କୋଟି କୃଷକଙ୍କୁ ପ୍ରଥମ କିସ୍ତି ବାବଦରେ ଉକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କୃଷି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ପୀୟୂଷ ଗୋୟଲ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବାବେଳେ ୨୦୧୯-୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ କରିବା ସମୟରେ ଉକ୍ତ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ସାରା ଦେଶର ପ୍ରାୟ ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହି ଯୋଜନାର ସୁଫଳ ପାଇପାରିବେ ବୋଲି ସେ କହିଥିଲେ। ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ବଜେଟରେ ୭୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏ ମୋଟ ୬ ହଜାର ଟଙ୍କା ଚାଷୀଙ୍କୁ ସହାୟତା ଦିଆଯିବ। ୨ହେକ୍ଟର ଲେଖାଏ କୃଷି ଯୋଗ୍ୟ ଜମି ଥିବା ଚାଷୀ ଏହି ସହାୟତା ପାଇବାକୁ ହକ୍‌ଦାର ହେବେ। ତେବେ ଏଥିପାଇଁ କେନ୍ଦ୍ର ସରକାର ସର୍ତ୍ତାରୋପ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା ଘୋଷଣା କରାଯାଇଥିବାରୁ ଅନ୍ତତଃପକ୍ଷେ ପ୍ରଥମ କିସ୍ତି ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।






## ଟଙ୍କାପାଇଁ ଜେଜେଙ୍କୁ ହତ୍ୟାକଲେ ନାତି

**ଆନନ୍ଦପୁର/କୋଳିମାଟି,୨୩ା ୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା କୋଳିମାଟି ଗାଁର ବିଶ୍ୱକର୍ମା ସାହିଠାରେ ଶନିବାର ମଦ ପିଇବାକୁ ଟଙ୍କା ନ ଦେବାରୁ ନାତି ନିଜ ଜେଜେଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତ ବୃଦ୍ଧ ଜଣଙ୍କ ହେଲେ କ୍ଷେତ୍ରବାସୀ ରଣା(୭୫)। ୨୦ ନଂ ଜାତୀୟ ରାଜପଥ କଡ଼ରେ ଏକାକୀ ଚାଳଘରେ ରହୁଥିବା କ୍ଷେତ୍ରବାସୀଙ୍କୁ ତାଙ୍କ ନାତି ଚିନ୍ତାମଣି ରଣାଙ୍କ ପୁଅ ଦୁଷ୍ମନ୍ତ(୩୫) ମଦ ପିଇବାକୁ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଦୁଷ୍ମନ୍ତ ଏକ ଧାରୁଆ ଛୁରିରେ କ୍ଷେତ୍ରବାସୀଙ୍କୁ ଆକ୍ରମଣ କରି ଦୌଡି ପଳାଇଥିଲେ। ଏ ନେଇ ସ୍ଥାନୀୟ ଲୋକେ ଗ୍ରାମ ଭିତରେ ରହୁଥିବା କ୍ଷେତ୍ରବାସୀଙ୍କ ପୁଅ ଚିନ୍ତାମଣିଙ୍କୁ ସୂଚନା ଦେଇଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଆସିବା ପୂର୍ବରୁ କ୍ଷେତ୍ରବାସୀଙ୍କ ମୃତ୍ୟୁ ଘଟିସାରିଥିଲା ବୋଲି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଦୁଷ୍ମନ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ କହିଛି।







ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। —ଶ୍ରୀମା

# ଅବିମୃଶ୍ୟକାରିତା



ଆକାର ପଟେଲ

ଓଲ୍ଡ ଟ୍ରାଫୋର୍ଡ, ମଞ୍ଚେଷ୍ଟରଠାରେ ଜୁନ୍ ୧୬ ତାରିଖରେ ପାକିସ୍ତାନ ସହ ଭାରତ ବିଶ୍ୱକପ୍ ଖେଳିବା ପାଇଁ ପୂର୍ବରୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ହେବ ଆମର ବିଶ୍ୱକପ୍‌ର ଚତୁର୍ଥ ମ୍ୟାଚ୍। ପ୍ରଥମ ରାଉଣ୍ଡରେ ୧୦ଟି ଦଳ ମଧ୍ୟରୁ ପ୍ରତ୍ୟେକ ଦଳ ଅନ୍ୟ ୯ଟି ଦଳ ସହ ଥରେ ଲେଖାଏ ଖେଳିବେ। ଏହାପରେ ସବୁଠୁ ବେଶି ପଏଣ୍ଟ ହାସଲ କରିଥିବା ଚାରିଗୋଟି ଦଳ ସେମିଫାଇନାଲକୁ ଯିବେ। ପାକିସ୍ତାନ ବିପକ୍ଷରେ ଖେଳିବା ପୂର୍ବରୁ ଆମକୁ ଦକ୍ଷିଣ ଆଫ୍ରିକା (ଜୁନ୍ ୫), ଅଷ୍ଟ୍ରେଲିଆ (ଜୁନ୍ ୯) ଓ ନ୍ୟୁଜିଲାଣ୍ଡ (ଜୁନ୍ ୧୩) ସହ ଖେଳିବାକୁ ପଡ଼ିବ। ପାକିସ୍ତାନ ବିପକ୍ଷରେ ଖେଳିସାରିବା ପରେ ଆମକୁ ଆଫଗାନିସ୍ତାନ, ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କା ସହ ଖେଳିବାକୁ ହେବ। ତେଣୁ ଆମେ ପାକିସ୍ତାନ ସହ ଖେଳିବା ସମୟରେ ଏହା ଜାଣି ନ ଥିବୁ ଯେ, ଆମେ ସେମିଫାଇନାଲକୁ ଉନ୍ନୀତ ହେବୁ କି ନାହିଁ। କିନ୍ତୁ ଏବେ ସେ ମ୍ୟାଚ୍ ନ ଖେଳିବା ପାଇଁ ଭାରତୀୟ ଦଳ ଉପରେ ଚାପ ପଡୁଛି।

ଏହା ପୂର୍ବରୁ ଭାରତ ଥରେ ୧୯୯୯ ବିଶ୍ୱକପ୍‌ରେ ଜୁନ୍ ୬ରେ ଓଲ୍ଡ ଟ୍ରାଫୋର୍ଡଠାରେ ପାକିସ୍ତାନ ବିପକ୍ଷରେ ଖେଳିଥିଲା। ଆଝାରୁଦ୍ଦିନ ଓ ଦ୍ରାବିଡ଼ ଅର୍ଦ୍ଧଶତକ କରିବା ସହ ଭେଙ୍କଟେଶ ପ୍ରସାଦ ପାଞ୍ଚଟି ଉଇକେଟ ନେଇ ସେଥର ଭାରତକୁ ଜିତାଇଥିଲେ। ଅତୀତରେ ପାକିସ୍ତାନ ସହ ଆମେ ଛଅଥର ବିଶ୍ୱକପ୍ ଖେଳିଛୁ ଓ ସବୁଥର ଭାରତ ପାକିସ୍ତାନକୁ ହରାଇଆସିଛି। ତେବେ ଏହା ଅସାଧାରଣ କାରଣ ୱାନ୍ ଡେ ଇଣ୍ଟରନ୍ୟାଶ୍‌ନାଲ ବ୍ୟତୀତ ଆମର ସେମାନଙ୍କ ବିପକ୍ଷରେ ଜିତିବାର ଭଲ ରେକର୍ଡ ନାହିଁ। ପାକିସ୍ତାନ ବିପକ୍ଷରେ ଆମେ ୧୩୧ ଥର ଖେଳିଛୁ, ସେଥିରୁ ୫୪ଟି ମ୍ୟାଚ୍‌ରେ ଜିତିଛୁ ଓ ୭୩ଟି ମ୍ୟାଚ୍‌ରେ ହାରିଛୁ। ୪ଟି ମ୍ୟାଚ୍‌ରେ କୌଣସି ଫଳାଫଳ ମିଳି ନ ଥିଲା। କିନ୍ତୁ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତର ପ୍ରଦର୍ଶନ ସ୍ୱତନ୍ତ୍ର। ଯଦି ଏଥର ଆମେ ପୁଲ୍‌ୱାମା ଘଟଣା ପରିପ୍ରେକ୍ଷୀରେ ନ ଖେଳୁ, ତେବେ ପ୍ରଥମ ଥର ପାଇଁ ସେମାନେ ବିଶ୍ୱକପ୍‌ରେ ଆମ ବିପକ୍ଷରେ ପଏଣ୍ଟ ସ୍କୋର କରିବାର ସୁଯୋଗ ପାଇବେ। ବିନା ପ୍ରତିଯୋଗିତାରେ ଆମେ ସେମାନଙ୍କୁ ମାଗଣାରେ ୨ ପଏଣ୍ଟ ଦେଇ ସାହାଯ୍ୟ କରିବା ଉଚିତ ନୁହେଁ ବୋଲି ସଚିନ ତେନ୍ଦୁଲକର ଅନୁଭବ କରନ୍ତି। ସୁନୀଲ ଗାଭାସ୍କର ମଧ୍ୟ ସମାନ ମତପୋଷଣ କରନ୍ତି। ତେବେ ହରଭଜନ ସିଂ ପାକିସ୍ତାନ ସହ ଖେଳିବା ସପକ୍ଷରେ ନାହାନ୍ତି। କିନ୍ତୁ ନ ଖେଳିଲେ ସେଥିରୁ ଆମକୁ କି ଲାଭ ମିଳିବ, ତାହା ମୁଁ ବୁଝିପାରୁ ନାହିଁ।

୧୯୮୦ ଓ ୧୯୭୦ ଦଶକରେ ଅନେକ ଦେଶ ଦକ୍ଷିଣ ଆଫ୍ରିକା ସହ ଖେଳ ବର୍ଜନ କରିଥିଲେ କାରଣ ସେତେବେଳେ ଦକ୍ଷିଣ ଆଫ୍ରିକାରେ କଳା ଲୋକମାନଙ୍କୁ କୌଣସି ରାଜନୈତିକ ବା ସାମାଜିକ ଅଧିକାର ମିଳୁ ନ ଥିଲା। କିନ୍ତୁ ଭାରତ ବର୍ତ୍ତମାନ ଏକମାତ୍ର ଦେଶ ଯିଏ ପାକିସ୍ତାନ ସହ ଖେଳ ବର୍ଜନ କରିବା ପାଇଁ ଚାହୁଁଛି। ଶୁକ୍ରବାର ଇଣ୍ଟରନ୍ୟାଶ୍‌ନାଲ ଅଲିମ୍ପିକ୍ କମିଟି ଭାରତରେ ଶୁଟିଂ ପ୍ରତିଯୋଗିତାର ଅଲିମ୍ପିକ୍ ଯୋଗ୍ୟତାର ଦୁଇଟି କୋଟାକୁ ରଦ୍ଦ କରିଦେଇଛି, କାରଣ ଆମେ ପାକିସ୍ତାନୀ ଖେଳାଳିଙ୍କୁ ଭିଜା ଦେବାକୁ ମନା କରିଦେଲୁ। ଶୁଟିଂ ପ୍ରତିଯୋଗିତାର ଅଲିମ୍ପିକ୍ କୋଟା ରଦ୍ଦ କରିବା ଅର୍ଥ ୨୦୨୦ରେ ଟୋକିଓଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଉକ୍ତ ପ୍ରତିଯୋଗିତାର ବିଜେତାମାନେ ଭାଗ ନେଇପାରିବେ ନାହିଁ। ଅଲିମ୍ପିକ୍ କମିଟିର ବିବୃତି ଟିକିଏ ଜଟିଳ ହୋଇଥିବାରୁ ତାକୁ ନ୍ୟୁଜ୍ ଚାନେଲଗୁଡ଼ିକ ଠିକ୍‌ଭାବେ ଉପସ୍ଥାପନ କରିପାରି ନାହାନ୍ତି। ବିବୃତି ଅନୁସାରେ– ଏହି ପରିସ୍ଥିତି ଅଲିମ୍ପିକ ଚାର୍ଟରର ମୌଳିକ ନୀତିବିରୋଧୀ। ନିୟମ ଅନୁସାରେ ଖେଳାଳିମାନଙ୍କ ଭିତରେ କୌଣସି ପାତରଅନ୍ତର କରାଯାଇପାରିବ ନାହିଁ। ସମସ୍ତ ଅନ୍ତର୍ଜାତୀୟ କ୍ରୀଡ଼ାରେ ସବୁ ଖେଳାଳିଙ୍କୁ ଓ କ୍ରୀଡ଼ା ପ୍ରତିନିଧିମାନଙ୍କୁ ସମାନ ମର୍ଯ୍ୟାଦା ଦିଆଯିବ ଓ ସମାନ ବ୍ୟବହାର ପ୍ରଦର୍ଶନ କରାଯିବ। କ୍ରୀଡ଼ା ଆୟୋଜନକାରୀ ଦେଶ ସମସ୍ତ ପ୍ରକାର ପାତରଅନ୍ତର ଓ ରାଜନୈତିକ ହସ୍ତକ୍ଷେପରୁ ଊର୍ଦ୍ଧ୍ୱରେ ରହିବ।

ଉକ୍ତ ନିୟମକୁ ଭିତ୍ତିକରି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ଏକ୍‌ଜିକ୍ୟୁଟିଭ୍ ବୋର୍ଡ ନିଷ୍ପତ୍ତି ନେଇଛି ଯେ, ଯେପର୍ଯ୍ୟନ୍ତ ଭାରତ ଅଲିମ୍ପିକ୍ ଚାର୍ଟରର ସମସ୍ତ ନୀତିନିୟମ ପାଳନ କରିବା ପାଇଁ ପ୍ରତିଶ୍ରୁତି ନ ଦେଇଛି, ସେପର୍ଯ୍ୟନ୍ତ ଭାରତରେ ଖେଳ ଆୟୋଜନ ସମ୍ପର୍କରେ ଏହା ଭାରତୀୟ ଜାତୀୟ ଅଲିମ୍ପିକ୍ କମିଟି ଓ ଭାରତ ସରକାରଙ୍କ ସହ ସବୁ ପ୍ରକାର ଆଲୋଚନାରୁ ନିବୃତ୍ତ ରହିବ। ତେଣୁ ଭବିଷ୍ୟତରେ ଭାରତରେ କୌଣସି ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ହେବ ନାହିଁ, ଯାହା ଆମ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଆମ କ୍ରୀଡ଼ାବିତ୍‌ମାନଙ୍କ ପାଇଁ କ୍ଷତିକାରକ ହେବ। ଭାରତର ପିଲାଳିଆମିକୁ ସାରା ବିଶ୍ୱ ଉପହାସ କରିବ। କିନ୍ତୁ ଆମର ନେତୃବର୍ଗ ଓ କ୍ରୀଡ଼ା ପ୍ରଶାସନ ଏହା ଚିନ୍ତା କରିପାରୁ ନାହିଁ। ପୁଲ୍‌ୱାମା ଘଟଣା ପରିପ୍ରେକ୍ଷୀରେ ଆମେ ଏପରି ସବୁ ନିଷ୍ପତ୍ତି ନେବା ଦରକାର ଯାହା ପାକିସ୍ତାନର କ୍ଷତି କରିବ, ଆମ ନିଜର ନୁହେଁ। କିନ୍ତୁ ଗଣମାଧ୍ୟମର ଚାପରେ ଆମେ ଯେଉଁ କଠୋର ନିଷ୍ପତ୍ତି ନେଉଛୁ, ତାହା ପାକିସ୍ତାନ ବଦଳରେ ଆମର ହିଁ କ୍ଷତି କରିବାର ସମ୍ଭାବନା ରହିଛି।

ଯଦି ଆମେ ପାକିସ୍ତାନକୁ ଖେଳରୁ ବାସନ୍ଦ କରିବାକୁ ନିଷ୍ପତ୍ତି ନେଉ, ତେବେ ତାହା ଏକ ବୃହତ୍ତର ରଣନୀତିର ଅଂଶବିଶେଷ ହେବା ଉଚିତ, ଯାହାଦ୍ୱାରା ଆମର ଲକ୍ଷ୍ୟ ସାଧନ ହୋଇପାରିବ। ଅର୍ଥାତ୍ ସୀମାପାର ଆତଙ୍କବାଦ ବନ୍ଦ ହୋଇପାରିବ। କ୍ରୋଧର ବଶବର୍ତ୍ତୀ ହୋଇ ହଠାତ୍ କିଛି ନିଷ୍ପତ୍ତି ନେବା ଦ୍ୱାରା ଆମର ସେ ଲକ୍ଷ୍ୟ ସାଧନ ହୋଇପାରିବ ନାହିଁ, ବରଂ ବିଶ୍ୱକପ୍‌ରେ ଆମେ ପଏଣ୍ଟ ହରାଇବା। ମୋ ମତରେ ବିଶ୍ୱକପ୍‌ରୁ ପାକିସ୍ତାନକୁ ଆମେ ଏକାକୀ ବାସନ୍ଦ କଲେ ଆମକୁ କିଛି ଲାଭ ମିଳିବ ନାହିଁ, ଏହା ହେବ ଆମର ଅବିମୃଶ୍ୟକାରିତା।

Email: aakar.patel@gmail.com

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | | 1 | C | 2 | | | | | 8 | | E |
| 2 | | | | 4 | | | | | | D | | | | 7 |
| B | | | E | | C | | | | 5 | 1 | 3 | | | |
| | | 4 | 3 | | 5 | D | 9 | 0 | | 8 | | | | |
| E | | | | 7 | | | | 4 | 6 | | A | | | |
| 6 | | 2 | | | | | A | 7 | | | 1 | | | |
| 1 | | 9 | 7 | | | | | D | | | E | | | 5 |
| 4 | B | E | 9 | | | | 3 | | | 0 | | 2 | A | 6 |
| | | | | 6 | | | | | | | | B | | 4 |
| | | | | | | | | 9 | 3 | 6 | | | | |
| | | | | 0 | 2 | 1 | | C | | | 7 | 5 | | |
| 5 | | 6 | | C | | | | | 9 | | 2 | | | 1 |
| | | 3 | 1 | | 6 | | 7 | | | | | 4 | | 8 |
| 9 | | | 5 | | | | 4 | | 1 | | | | | |
| 0 | | 7 | 4 | | D | 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | 4 | C | 5 | A | 1 | E | 2 | 8 | 7 | D | 0 | 9 | B |
| 9 | 5 | 2 | E | 0 | B | D | 7 | 6 | C | 3 | 1 | A | 4 | 8 |
| B | 7 | 0 | 4 | 8 | D | C | 3 | 9 | A | 6 | E | 2 | 1 | 5 |
| 8 | A | D | 6 | 7 | 1 | B | 5 | 4 | 9 | 0 | 2 | 3 | C | E |
| E | C | 1 | 9 | 2 | 3 | A | 8 | 0 | B | 4 | 5 | D | 6 | 7 |
| 4 | 1 | A | 3 | 6 | E | 5 | D | 7 | 2 | B | 9 | C | 8 | 0 |
| 6 | 2 | 7 | 5 | 9 | 8 | 0 | C | E | D | 1 | A | B | 3 | 4 |
| 5 | 8 | 3 | B | A | 4 | 9 | 2 | 1 | 0 | E | C | 7 | D | 6 |
| 0 | B | 9 | 2 | D | C | 3 | 6 | 8 | 7 | 5 | 4 | 1 | E | A |
| C | D | E | 7 | 1 | 0 | 4 | A | B | 3 | 8 | 6 | 5 | 2 | 9 |
| 1 | E | B | D | 4 | 2 | 6 | 9 | C | 5 | A | 7 | 8 | 0 | 3 |
| 2 | 0 | C | A | B | 7 | E | 1 | 3 | 4 | 9 | 8 | 6 | 5 | D |
| A | 3 | 8 | 1 | C | 9 | 7 | 4 | 5 | 6 | D | 0 | E | B | 2 |
| 7 | 9 | 5 | 8 | 3 | 6 | 2 | 0 | D | E | C | B | 4 | A | 1 |
| D | 4 | 6 | 0 | E | 5 | 8 | B | A | 1 | 2 | 3 | 9 | 7 | C |

ଗତକାଲିର ଉତ୍ତର

# ଗୃହିଣୀଙ୍କ ରୋଜଗାର



ପ୍ରକାଶ ତ୍ରିପାଠୀ

ନିକଟରେ ଜଣେ ବନ୍ଧୁଙ୍କ ଝିଅ ବାହାଘର ଭୋଜିରେ ମୋର ଜଣେ ପୁରୁଣା ବନ୍ଧୁ ଦେଖାହେଲେ। ସେ ଥିଲେ ମୋ କଲେଜପଢ଼ା ବେଳର ସହପାଠୀ। ପ୍ରାୟ ୩୪ ବର୍ଷ ପରେ ଭେଟ ହୋଇଥିବାରୁ ଆମ ଉଭୟଙ୍କ ଖୁସି ଥିଲା ଅବର୍ଣ୍ଣନୀୟ। ଅନେକ ପୁରୁଣା କଥା ଓ ସ୍ମୃତି ମନେପକାଇ ଦୁଇବନ୍ଧୁ ହସୁଥିଲା ବେଳେ ବନ୍ଧୁପତ୍ନୀ ସେଠାରେ ପହଞ୍ଚିଲେ। ବନ୍ଧୁ ତାଙ୍କ ସ୍ତ୍ରୀଙ୍କୁ ମୋ ସହ ପରିଚୟ କରାଇଦେଲେ। ଉଭୟେ ଉଭୟଙ୍କ ପରିବାର ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ବି ଭୁଲି ନ ଥିଲୁ। ନିଜ ସ୍ତ୍ରୀଙ୍କ ସମ୍ପର୍କରେ କହିବାକୁ ଯାଇ ବନ୍ଧୁ ମୋତେ କହିଥିଲେ ଯେ, ତାଙ୍କ ସ୍ତ୍ରୀ କିଛି କରନ୍ତିନି। ସେ ଜଣେ ହାଉସ୍ ୱାଇଫ୍ (ଗୃହିଣୀ)। ସେ ଚାକିରି କରୁ ନ ଥିବାରୁ ତାଙ୍କର କିଛି ରୋଜଗାର ନାହିଁ। ବନ୍ଧୁଙ୍କ ଘର ଭୁବନେଶ୍ୱର। ବନ୍ଧୁ ସରକାରୀ ଚାକିରି କରୁଥିବା ହେତୁ ସେ ରାଜ୍ୟର ବିଭିନ୍ନ ସ୍ଥାନକୁ ବଦଳି ହୁଅନ୍ତି, ହେଲେ ପରିବାର ରୁହନ୍ତି ଭୁବନେଶ୍ୱରରେ। ପରିବାର କହିଲେ ସ୍ତ୍ରୀ, ଦୁଇ ପୁଅ ଓ ତାଙ୍କ ମା'ବାପା। ବନ୍ଧୁ ବାହାରେ ରହୁଥିବାରୁ ଓ କେବଳ ଛୁଟିଦିନରେ ଘରକୁ ଆସୁଥିବାରୁ ଘରର ପ୍ରାୟ ସମସ୍ତ କାର୍ଯ୍ୟ ତାଙ୍କ ସ୍ତ୍ରୀ ହିଁ ତୁଲାଇଥାନ୍ତି। ରୋଷେଇବାସ କରିବା, ପିଲାଙ୍କୁ ସ୍କୁଲ ନେବାଆଣିବା, ସନ୍ଧ୍ୟାରେ ସେମାନଙ୍କୁ ପଢ଼ାଇବା, ମାର୍କେଟ୍‌ରୁ ଘର ପାଇଁ ପରିବା, ସଉଦାପତ୍ର ଆଣିବା, ଶାଶୁଶ୍ୱଶୁରଙ୍କ ସେବା କରିବା ଓ ସର୍ବୋପରି କେହି ଅସୁସ୍ଥ ହେଲେ ତାଙ୍କର ଚିକିତ୍ସା ବ୍ୟବସ୍ଥା କରିବା ଆଦି ପ୍ରତ୍ୟେକଟି କାର୍ଯ୍ୟ ତାଙ୍କ ସ୍ତ୍ରୀ କରିଥାନ୍ତି ବୋଲି ବନ୍ଧୁ ସ୍ୱୀକାର କରିଥିଲେ ମଧ୍ୟ ସ୍ତ୍ରୀ କିଛି କରନ୍ତି ନାହିଁ କି ତାଙ୍କର କିଛି ରୋଜଗାର ନାହିଁ ବୋଲି ସେ କାହିଁକି କହୁଥିଲେ, ତାହା ମୁଁ ବୁଝିପାରି ନ ଥିଲି।

ଘରକୁ ଫେରିବା ପରେ ବନ୍ଧୁଙ୍କ ସେହି ଗୋଟିଏ ବାକ୍ୟ 'ସ୍ତ୍ରୀ କିଛି କରନ୍ତିନି, ସେ ଜଣେ ହାଉସ୍ ୱାଇଫ୍' ମନକୁ ଖୁବ୍ ଆନ୍ଦୋଳିତ କରୁଥିଲା। କୌଣସି କର୍ମସଂସ୍ଥାରେ ସବୈତନିକ ସେବା ପ୍ରଦାନ କରୁ ନ ଥିବା ମହିଳାଙ୍କୁ ଗୃହିଣୀ ବା ହାଉସ୍ ୱାଇଫ୍ କହିଥାଉ। ଏହି ଗୃହିଣୀ ବା ହାଉସ୍ ୱାଇଫ୍‌ମାନେ ଘରର ସମସ୍ତ କାର୍ଯ୍ୟ କରୁଥିଲେ ବି କୌଣସି ପାରିଶ୍ରମିକ ପାଇ ନ ଥାନ୍ତି ଓ ସମସ୍ତେ ସେଥିପାଇଁ କହିଥାନ୍ତି ଯେ, ହାଉସ୍ ୱାଇଫ୍‌ଙ୍କର ରୋଜଗାର ନାହିଁ। ଗତ ଜାନୁୟାରୀରେ ଅକ୍ସଫାମ୍ ଇଣ୍ଟରନ୍ୟାଶ୍‌ନାଲ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ସମଗ୍ର ବିଶ୍ୱରେ ପ୍ରତିବର୍ଷ ମହିଳାମାନେ ଏକଲକ୍ଷ କୋଟି ଡଲାର ମୂଲ୍ୟର ଘରୋଇ କାର୍ଯ୍ୟ କରିଥାନ୍ତି, ଯାହା ପାଇଁ ସେମାନଙ୍କୁ କୌଣସି ପାରିଶ୍ରମିକ ମିଳି ନ ଥାଏ। ଏହି ପାରିଶ୍ରମିକର ପରିମାଣ ବିଶ୍ୱର ଅନ୍ୟତମ ବୃହତ୍ ଆଇଟି କମ୍ପାନୀ 'ଆପଲ'ର ବାର୍ଷିକ ବ୍ୟବସାୟର ପ୍ରାୟ ୪୩ ଗୁଣ ହେବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଭାରତରେ ଗୃହିଣୀମାନଙ୍କ ଦ୍ୱାରା କରାଯାଉଥିବା ଏହି ଅବୈତନିକ କାର୍ଯ୍ୟର ମୂଲ୍ୟ ଦେଶର ଜିଡିପିର ଶତକଡା ୩.୧ ଭାଗ। ପୁରୁଷମାନଙ୍କ ଅପେକ୍ଷା ଦଶଗୁଣା ଅଧିକ ଅବୈତନିକ କାର୍ଯ୍ୟ ମହିଳାମାନେ ଆମ ଦେଶରେ କରିଥାନ୍ତି। ମହିଳାମାନେ ଦୈନିକ ହାରାହାରି ୩୦୧.୫ ମିନିଟ ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିଲାବେଳେ ପୁରୁଷମାନେ ଦୈନିକ ହାରାହାରି ମାତ୍ର ୩୦.୫ ମିନିଟ ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିବାରୁ ମହିଳାମାନଙ୍କ ଗୁରୁତ୍ୱ ସହଜରେ ଉପଲବ୍ଧି କରିହୁଏ।

ଆମ ପୁରୁଷପ୍ରଧାନ ସମାଜରେ ସାଧାରଣତଃ ମହିଳାଙ୍କ ଜନ୍ମ ସେବା ପାଇଁ ବୋଲି ଏକ ଦୃଢ଼ ଧାରଣା କାହିଁ କେଉଁ ଯୁଗରୁ ଲୋକଙ୍କ ମନରେ ବସାବାନ୍ଧି ରହିଆସିଛି। ସେଥିପାଇଁ ଯେ କୌଣସି ସଂସ୍ଥାରେ ମହିଳାଟିଏ ସବୈତନିକ କାର୍ଯ୍ୟ କରୁଥିଲେ ବି ନିଜ ଘରେ ପ୍ରାୟ ସମସ୍ତ କାମ ତା' ପାଇଁ ଅପେକ୍ଷା କରି ରହିଥାଏ ଓ ଯାବତୀୟ ଘର କାମକୁ 'କିଛି କାମ ନୁହେଁ' ବୋଲି ଧରିନିଆଯାଏ। ସକାଳୁ ରାତି ଯାଏ ଘରର ସବୁ କାମ କରୁଥିଲେ ବି ସେ କାମକୁ ବିଚାରକୁ ନ ନେଇ ମହିଳା କିଛି କରୁନାହାନ୍ତି ବୋଲି ଲଘୁ ଟିପ୍ପଣୀ ଦିଆଯାଏ ଓ ସେ କାମ ପାଇଁ କୌଣସି ପାରିଶ୍ରମିକ ମିଳି ନ ଥାଏ। ସପ୍ତାହ, ମାସ, ବର୍ଷ ଆଦି ଲଗାତର କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ କୌଣସି ଅବସର ମିଳି ନ ଥାଏ। ଘରର ରୋଷେଇଠାରୁ ଆରମ୍ଭ କରି ଘର ପରିଷ୍କାର ପରିଚ୍ଛନ୍ନ ରଖିବା, ଲୁଗାପଟା ସଫା କରିବା, ପିଲାଛୁଆଙ୍କ ସମସ୍ତ ଯତ୍ନ ନେବା, ପରିବାରର ବୟସ୍କ ଲୋକଙ୍କ ସେବାଯତ୍ନ କରିବା ଓ ସର୍ବୋପରି ପରିବାରର କେହି ଅସୁସ୍ଥ ହେଲେ ସେମାନଙ୍କ ସେବା କରିବା ଆଦି ଘରର ପ୍ରତିଟି କାର୍ଯ୍ୟ ଗୃହିଣୀଟିଏ ବିନା ସଙ୍କୋଚ ଓ ବିନା ପ୍ରତିବାଦରେ କରିଚାଲିଥାଏ, ଯାହାର କେବେ ବି ମୂଲ୍ୟାୟନ ହୋଇ ନ ଥାଏ ଅବା ଏଥିପାଇଁ ସେ କେବେ ବି ପାରିଶ୍ରମିକ ପାଇ ନ ଥାଏ। ଏପରି କି ଗ୍ରାମାଞ୍ଚଳର ଗୃହିଣୀମାନଙ୍କୁ ଜାଳେଣି କାଠ ଓ ପିଇବା ପାଣି ଆଣିବା ପାଇଁ ମାଇଲ ମାଇଲ ଦୂର ଯିବାକୁ ପଡିଥାଏ। କୃଷିକ୍ଷେତ୍ରରେ ବି ଏମାନଙ୍କ ଅବୈତନିକ ସହଯୋଗକୁ ଅଣଦେଖା କରାଯାଇଥାଏ।

ଗୃହିଣୀମାନଙ୍କର କିଛି ରୋଜଗାର ନ ଥାଏ ବୋଲି ମାନୁଥିବା ଲୋକଙ୍କୁ ଭୁଲ୍ ବୋଲି ୨୦୧୭ରେ ଏକ ମାମଲାର ବିଚାରକରି ମାଡ୍ରାସ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ସ୍ୱାଧୀନ ଭାରତର ଇତିହାସରେ ଏହା ବୋଧହୁଏ ସର୍ବପ୍ରଥମ ଘଟଣା, ଯେଉଁଥିରେ କି ଜଣେ ଗୃହିଣୀଙ୍କ ଘରୋଇ କାର୍ଯ୍ୟକୁ ଉଚିତ ସମ୍ମାନ ସହ ଠିକ୍ ମୂଲ୍ୟାୟନ କୌଣସି ଏକ ବିଚାରାଳୟ ଦ୍ୱାରା କରାଯାଇଛି। ମାମଲାଟି ଥିଲା ପୁଦୁଚେରୀ ଇଲେକ୍ଟ୍ରିସିଟି ବୋର୍ଡ ଉପରେ ଜଣେ ବ୍ୟକ୍ତିଙ୍କର କ୍ଷତିପୂରଣ ଦାବି। ଘଟଣାଟି ଘଟିଥିଲା ୨୦୦୯ ମସିହାରେ। ଇଲେକ୍ଟ୍ରିସିଟି ବୋର୍ଡର ତ୍ରୁଟି ପାଇଁ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କର ମୃତ୍ୟୁ ହେବା ପରେ ତାଙ୍କ ସ୍ୱାମୀ ଉକ୍ତ ବୋର୍ଡ ବିରୋଧରେ ଏକ ତଳକୋର୍ଟର ଆଶ୍ରୟ ନେଇଥିଲେ ଓ ମାମଲାର ବିଚାର କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ଶୁଣାଇଥିଲେ। ପରେ ବୋର୍ଡ ପକ୍ଷରୁ ମାମଲାର ପୁନର୍ବିଚାର ପାଇଁ ମାଡ୍ରାସ ହାଇକୋର୍ଟରେ ଅପିଲ କରାଯାଇଥିଲା। ମୃତ ମହିଳାଙ୍କ କାମକୁ ମୂଲ୍ୟାୟନ କରି ତଳକୋର୍ଟ ତାଙ୍କର ମାସିକ ଦରମା ୩୦୦୦ ଟଙ୍କା ସ୍ଥିର କରିଥିଲେ। ମୃତ୍ୟୁବରଣ କରିଥିବା ମହିଳା ଥିଲେ ଜଣେ ଗୃହିଣୀ। ପୁଦୁଚେରୀ ଇଲେକ୍ଟ୍ରିସିଟି ବୋର୍ଡ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଦର୍ଶାଯାଇଥିଲା ଯେ, ଯେହେତୁ ମୃତ ମହିଳା ଜଣେ ଗୃହିଣୀ ଓ ତାଙ୍କର କିଛି ରୋଜଗାର ନାହିଁ, ତେଣୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଅଧିକ ହୋଇଯାଉଛି। ଏଭଳି ଯୁକ୍ତିକୁ ଗ୍ରହଣ କରି ନ ଥିଲେ ମାଡ୍ରାସ ହାଇକୋର୍ଟ। ବିଚାରପତି କେ.କେ. ଶଶିଧରନ୍ ଓ ଏମ୍. ମୁରଲିଧରନ୍‌ଙ୍କୁ ନେଇ ଗଠିତ ଡିଭିଜନ ବେଞ୍ଚ୍ ରାୟ ଶୁଣାଇଥିଲେ ଯେ, ଜଣେ ଗୃହିଣୀଙ୍କ ରୋଜଗାର ନାହିଁ ବୋଲି କହିବା ଭୁଲ୍। ଗୃହିଣୀ ହେଉଛନ୍ତି ପରିବାରର ଅର୍ଥମନ୍ତ୍ରୀ। ମୃତ ମହିଳା ଜଣେ କର୍ତ୍ତବ୍ୟପରାୟଣା ସ୍ତ୍ରୀ, ସ୍ନେହଶୀଳା ମା' ତଥା ପରିବାରର ଜଣେ ଦାୟିତ୍ୱସମ୍ପନ୍ନା ସଦସ୍ୟ। ପରିବାରର ଆୟକୁ ଦେଖି ବ୍ୟୟ ତଥା ଏହାର ସମସ୍ତ ହିସାବ ରଖୁଥିବା ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଏହା ବ୍ୟତୀତ ମୃତ ମହିଳା ଥିଲେ ଘରର ମୁଖ୍ୟ ରୋଷେଇଆ ଓ ସମସ୍ତ ସେବା ପ୍ରଦାନକାରୀ ସଦସ୍ୟା। ଏସବୁ କାର୍ଯ୍ୟକରି ସେ ବେତନ ପାଉ ନ ଥିବାରୁ ତାଙ୍କର ରୋଜଗାର ନାହିଁ ବୋଲି କହିବା ଭୁଲ୍। ଇଲେକ୍ଟ୍ରିସିଟି ବୋର୍ଡର ଆବେଦନକୁ ଖାରଜ କରି ହାଇକୋର୍ଟ କହିଥିଲେ ଯେ, ଘରେ ରୋଷେଇକରିବା, ଘରକୁ ସଫାସୁତୁରା ରଖିବା, ଲୁଗାପଟା ସଫା କରିବା, ସମସ୍ତଙ୍କ ସେବାଯତ୍ନ ଆଦି କାର୍ଯ୍ୟ ନିର୍ବିଘ୍ନରେ କରୁଥିବା ଜଣେ ଗୃହିଣୀଙ୍କ ପ୍ରତି ସାଧାରଣରେ ଥିବା ଭାବନାରେ ପରିବର୍ତ୍ତନ ଆବଶ୍ୟକ ଓ ସେମାନଙ୍କୁ କେବଳ ଗୃହିଣୀ ଓ ସେମାନଙ୍କର କିଛି ରୋଜଗାର ନାହିଁ ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍। ତଳ କୋର୍ଟରେ ମୃତ ମହିଳାଙ୍କର ମାସିକ ରୋଜଗାର ତିନିହଜାର ଟଙ୍କା ଧାର୍ଯ୍ୟ ହେବା ନିଷ୍ପତ୍ତିକୁ ମାନ୍ୟବର ହାଇକୋର୍ଟ କାଏମ ରଖିଥିଲେ।

ଇତିମଧ୍ୟରେ ଅନେକ ସଂସ୍ଥା ପକ୍ଷରୁ ଗୃହିଣୀମାନଙ୍କ ଦ୍ୱାରା ଘରେ କରାଯାଉଥିବା କାର୍ଯ୍ୟର ମୂଲ୍ୟାୟନକୁ ଗୁରୁତ୍ୱ ଦିଆଗଲାଣି। ଅର୍ଥାତ୍ ଗୃହିଣୀଟିଏ ଯେଉଁସବୁ କାର୍ଯ୍ୟ ବିନା ପାରିଶ୍ରମିକରେ କରିଥାଏ, ସେହି ସବୁ କାମକୁ ଯଦି କୌଣସି ଏକ କର୍ମଚାରୀ ଦ୍ୱାରା କରାଯାଏ, ତେବେ ସେ କର୍ମଚାରୀ କେତେ ପାରିଶ୍ରମିକ ନେବ ତାହା ବିଚାର କରିବାର କଥା। ନିକଟରେ ମାଉଣ୍ଟେନ ରିସର୍ଚ୍ଚ ଜର୍ନାଲ ପକ୍ଷରୁ ଏ ସମ୍ପର୍କରେ ଉତ୍ତରାଖଣ୍ଡରେ କରାଯାଇଥିବା ଏକ ସର୍ବେକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏହି ସର୍ବେକ୍ଷଣରୁ ଜଣାପଡିଥିଲା ଯେ ଜଣେ ପୁରୁଷ ଦୈନିକ ୯ ଘଣ୍ଟା ଶ୍ରମଦାନ କରୁଥିଲା ବେଳେ ମହିଳାଟିଏ ଦୈନିକ ୧୬ ଘଣ୍ଟା ଶ୍ରମଦାନ କରୁଛି। କାମ ହିସାବରେ ଏହାର ମୂଲ୍ୟାୟନ କରାଗଲେ ମହିଳାଟିଏର ପାରିଶ୍ରମିକ ପୁରୁଷଠାରୁ ଢେର୍ ଅଧିକ ହେଉଛି। ଗୋଟିଏ ସୁସ୍ଥ ସମାଜ ଗଠନରେ ସୁସ୍ଥ ପରିବାରର ଭୂମିକା ଅପରିହାର୍ଯ୍ୟ ଓ ଏକ ସୁସ୍ଥ ପରିବାର ଗଠନରେ ମହିଳାମାନଙ୍କ ଭୂମିକା ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ସେମାନଙ୍କ ଭୂମିକା ଓ ଅବଦାନକୁ ଉଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ।

ମୋ–୯୪୩୭୨୩୨୪୬୩, ଇମେଲ–
prakas.tripathy09@gmail.com

# ଆଧୁନିକ ବିଶ୍ୱକର୍ମା

କେନ୍ଦ୍ର ସରକାର ୨୦୧୨ ମସିହାରେ ସାଂସ୍କୃତିକ ଐକ୍ୟ ବଜାୟ ରଖିବା ଲକ୍ଷ୍ୟରେ ଟାଗୋର ସମ୍ମାନ ପ୍ରତିଷ୍ଠା କରିଥିଲେ। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ କାର୍ଯ୍ୟ, ଦର୍ଶନ ଓ ଚିନ୍ତାଧାରାକୁ ସର୍ବଜନବିଦିତ କରିବା ଦିଗରେ ତାଙ୍କ ୧୫୦ତମ ଜୟନ୍ତୀ ପୂର୍ତ୍ତି ଅବସରରେ ଏଭଳି ପଦକ୍ଷେପ ନିଆଯାଇଥିଲା। ସାଂସ୍କୃତିକ ମୂଲ୍ୟବୋଧ ପ୍ରଚାର ଓ ପ୍ରସାର କରୁଥିବା ବ୍ୟକ୍ତିବିଶେଷ, ସଂଘ, ସଙ୍ଗଠନ, ଅନୁଷ୍ଠାନ ଆଦିକୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ବିଚାରକମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷ ଥିବା ବେଳେ ପ୍ରଧାନ ବିଚାରପତି, ବିରୋଧୀ ଦଳ ନେତା ଓ ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସଦସ୍ୟ ରଖାଯାଇଛି। ବାର୍ଷିକ ଦିଆଯାଉଥିବା ଏହି ସମ୍ମାନ ଲାଗି ଏକ କୋଟି ଟଙ୍କାର ଅର୍ଥରାଶି, ସ୍ମୃତିଫଳକ ସହ ପାରମ୍ପରିକ ବୟନ ଓ ହସ୍ତକଳା ଦିଆଯାଇଥାଏ। ୨୦୧୪, ୨୦୧୫ ଏବଂ ୨୦୧୬ ଲାଗି ଯଥାକ୍ରମେ ମଣିପୁରୀ ଶାସ୍ତ୍ରୀୟ ନୃତ୍ୟଗୁରୁ ରାଜକୁମାର ସିଂଘାଜିତ୍ ସିଂ, ବାଂଲାଦେଶ କଲ୍‌ଚରାଲ ଆସୋସିଏଶନ ଏବଂ ବିଶିଷ୍ଟ ସ୍ଥପତି ରାମ ସୁତର ଭାନ୍‌ଜିଙ୍କୁ ୨୦୧୯ ଫେବୃୟାରୀ ୧୮ରେ ନୂଆଦିଲ୍ଲୀଠାରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ ପ୍ରଥମେ ଭାରତୀୟ ସୀତାର ସଙ୍ଗୀତାଚାର୍ଯ୍ୟ ପଣ୍ଡିତ ରବିଶଙ୍କରଙ୍କ ଏବଂ ୨୦୧୩ରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଙ୍ଗୀତର ସମନ୍ୱୟକାରୀ ଜୁବିନ୍ ମେହେଟ୍ଟାଙ୍କୁ ଟାଗୋର ସମ୍ମାନ ପ୍ରଦାନ କରାଯାଇଥିଲା। ତେବେ ବିଗତ ୪୦ ବର୍ଷ ମଧ୍ୟରେ ୫୦ ଚିରସ୍ମରଣୀୟ ମୂର୍ତ୍ତିକଳା ନିର୍ମାଣ କରି ଭାନ୍‌ଜି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରି ଏହି ସମ୍ମାନ ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଭାନ୍‌ଜି ୧୯୨୫ ଫେବୃୟାରୀ ୧୯ରେ ମହାରାଷ୍ଟ୍ର ଧୁଲେସ୍ଥିତ ଗୋଣ୍ଡୁରଠାରେ ଏକ ବିଶ୍ୱକର୍ମା ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ବେଳୁ ସେ ଥିଲେ କଳାମନସ୍କ। କଳା ପ୍ରତି ଅନୁରାଗ ଦେଖି ତାଙ୍କ ମେଣ୍ଟର ଶ୍ରୀରାମ କ୍ରିଷ୍ଣ ଯୋଷୀ ତାଙ୍କୁ ବମ୍ବେର ଜେ.ଜେ. ସ୍କୁଲ ଅଫ୍ ଆର୍ଟରେ ନାମ ଲେଖାଇବାକୁ ଉତ୍ସାହିତ କରିଥିଲେ। ୧୯୫୩ରେ ସେଠାରୁ ସେ ପାଠ୍ୟକ୍ରମ ଶେଷ କରି ଶ୍ରେଷ୍ଠ ଛାତ୍ର ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହିତ ମଡେଲିଂରେ ମାୟୋ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପରେ ୧୯୫୪ରୁ ୧୯୫୮ ମଧ୍ୟରେ ଔରଙ୍ଗାବାଦ ସାଉଥ୍ ୱେଷ୍ଟର୍ନ ସର୍କଲରେ ପ୍ରତ୍ନତତ୍ତ୍ୱ ବିଭାଗରେ ମଡେଲ୍‌ର ଭାବେ କାର୍ଯ୍ୟ କରି ଏଲୋରା ଓ ଅଜନ୍ତା ଗୁମ୍ଫାରେ ପ୍ରାଚୀନ ସ୍ଥାପତ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ଏହା ପରେ ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଅକ୍‌ଜିବିଶନ ଡିଭିଜନ୍ ଅଫ୍ ଅଡିଓଭିଜୁଆଲ୍ ପବ୍ଲିସିଟିରେ ଟେକ୍‌ନିକାଲ ଆସିଷ୍ଟାଣ୍ଟ (ମଡେଲ) ଭାବେ ସରକାରୀ ଚାକିରି ପାଇଥିଲେ। ଏଥିରେ ତାଙ୍କ ମନ ମାନିଲା ନାହିଁ। ସେ ବୃତ୍ତିଗତ ଜୀବନ ଜିଇ ଜଣେ ପ୍ରତିଷ୍ଠିତ ସ୍ଥପତି ହେବା ଲକ୍ଷ୍ୟରେ ୧୯୫୯ରେ ସରକାରୀ ଚାକିରି ଛାଡ଼ି ଦେଇଥିଲେ। ଜଣେ ବ୍ୟକ୍ତିଙ୍କ ନିଜ ଉପରେ ପ୍ରଗାଢ଼ ଆତ୍ମବିଶ୍ୱାସ ଥିଲେ ହିଁ ସେ ଏପରି ନିଷ୍ପତ୍ତି ନେଇଥାଆନ୍ତି।

ବ୍ୟକ୍ତିତ୍ୱ



ରାମ ସୁତର ଭାନ୍‌ଜି

ଭାନ୍‌ଜିଙ୍କ ପ୍ରଥମ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ଥିଲା ମଧ୍ୟପ୍ରଦେଶ ଗାନ୍ଧୀ ସାଗର ଡ୍ୟାମ୍‌ରେ ୪୫ ଫୁଟର ଚମ୍ବଲ କୀର୍ତ୍ତିରାଜି। ବୃହତ୍ ପଥର ଉପରେ ନିର୍ମିତ ଏହି କଳାରେ ମଦର ଚମ୍ବଲ ତା'ର ଦୁଇ ପିଲାଙ୍କୁ କୋଳରେ ଧରିଥିବା ଦେଖିବାକୁ ମିଳିଛି। ସେହି ଦୁଇ ସନ୍ତାନ ହେଉଛନ୍ତି ମଧ୍ୟପ୍ରଦେଶ ଓ ରାଜସ୍ଥାନ। ଏହା ଥିଲା ଭ୍ରାତୃତ୍ୱଭାବର ଏକ ସାଙ୍କେତିକ ଅଭିବ୍ୟକ୍ତି। ଏଭଳି ସ୍ଥାପତ୍ୟ ଦେଖି ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ଏଥିସହିତ ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ପ୍ରାଣବନ୍ତ କରିବାରେ ଭାନ୍‌ଜିଙ୍କ ଅବଦାନ ଅତୁଳନୀୟ। ଏହି କଳାକୃତିକୁ ଭାରତ ସରକାର ବିଭିନ୍ନ ସମୟରେ ଫ୍ରାନ୍ସ, ଇଟାଲି, ଆର୍ଜେଣ୍ଟିନା, ରୁଷିଆ, ଇଂଲଣ୍ଡ ଆଦି ବିଭିନ୍ନ ଦେଶକୁ ଉପହାର ଭାବେ ଦେବା ଭାନ୍‌ଜିଙ୍କ ପ୍ରତି ସର୍ବୋଚ୍ଚ ସମ୍ମାନ ବୋଲି କୁହାଯାଉଛି। ନିକଟ ଅତୀତରେ ଅନାବରଣ ହୋଇଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ଡିଜାଇନିଂ କରି ସେ ତାଙ୍କ କଳାକୃତିରେ ଆଉ ଏକ ଫର୍ଦ୍ଦ ଯୋଡ଼ି ଦେଇଛନ୍ତି। ଚମ୍ବଲ ମନୁମେଣ୍ଟଠାରୁ ଷ୍ଟାଚ୍ୟୁ ଅଫ୍ ୟୁନିଟି ମଧ୍ୟରେ ସେ ଯେତେ ସ୍ଥାପତ୍ୟର କୋଣାର୍କ ଗଢ଼ିଛନ୍ତି, ପ୍ରତ୍ୟେକଟିରେ କଳାର ଜୀବନ୍ତ ଛାପ ଛାଡ଼ିଯାଇଛନ୍ତି। ସେଥିପାଇଁ ତାଙ୍କୁ ୧୯୯୯ରେ ପଦ୍ମଶ୍ରୀ, ୨୦୧୬ରେ ପଦ୍ମଭୂଷଣ ସହ ଅନେକ ସମ୍ମାନ ଓ ପୁରସ୍କାର ମିଳିପାରିଛି।

ବ୍ୟକ୍ତିଗତ ଜୀବନ କହିଲେ ପତ୍ନୀ ପ୍ରମିଳା ଓ ପୁତ୍ର ଅନିଲଙ୍କୁ ନେଇ ତାଙ୍କ ସଂସାର। ପିତାଙ୍କ ପଦାଙ୍କ ଅନୁସରଣ କରି ଅନିଲ ମଧ୍ୟ ଜଣେ ସ୍ଥପତି ହୋଇପାରିଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବୁଲା କୁକୁରଙ୍କ ଆକ୍ରମଣରେ ଜଣେ ଶିଶୁ ମୃତ୍ୟୁବରଣ କରିବା ବିରଳ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏପରି ଏକ ଘଟଣା ଘଟିଛି ମହାରାଷ୍ଟ୍ରର ଅହମଦନଗର ଅଞ୍ଚଳରେ। ଶୁକ୍ରବାର ସକାଳେ ଏକ ତିନିବର୍ଷର ଶିଶୁପୁତ୍ରକୁ ପଞ୍ଚାଏ ବୁଲା କୁକୁର ଝୁଣିଦେବାରୁ ଶିଶୁଟିର ମୃତ୍ୟୁ ଘଟିଥିଲା। ଆୟୁଷ ପ୍ରଜାପତି ନାମକ ଏହି ବାଳକ ଉକ୍ତ ନଗରୀର ମଙ୍ଗଳାଗେଟ୍ ଏରିଆସ୍ଥିତ ନିଜ ଘର ନିକଟରେ ଖେଳୁଥିବା ବେଳେ ପ୍ରାୟ ପାଞ୍ଚଟି କୁକୁର ତାକୁ ଆକ୍ରମଣ କରିଥିଲେ। ତା'ର ମାତାପିତା ଓ ପଡୋଶୀ ଅତି ସଂକଟଜନକ ଅବସ୍ଥାରେ ତାକୁ ସ୍ଥାନୀୟ ହସ୍ପିଟାଲ୍‌କୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ବାଳକକୁ ପୁଣେସ୍ଥିତ ସାସୁନ ସରକାରୀ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଳକର ମୃତ୍ୟୁ ଘଟିଥିଲା। ପୁତ୍ରକୁ ହରାଇ ଉକ୍ତ ଦମ୍ପତି ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ଅହମଦନଗର ପୌରସଂସ୍ଥା ଉକ୍ତ ପରିବାରକୁ ଅନୁକମ୍ପାମୂଳକ ୧ଲକ୍ଷ ଟଙ୍କା ପ୍ରଦାନ କରିଛି। ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧିପାଇଥିବା ବେଳେ ଏଭଳି ଘଟଣା ଭବିଷ୍ୟତରେ ଯେପରି ନ ଘଟେ ସେଥିପ୍ରତି ପ୍ରତିକାର ବ୍ୟବସ୍ଥା କରିବାକୁ ପୌର କର୍ତ୍ତୃପକ୍ଷ ଯତ୍ନବାନ୍ ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଚିରନ୍ତନୀ

କେତେ ଉଲ୍‌କା ପଡ଼େ ଖସି ଗଗନର ପଥେ
ସକରୁଣ ହାସ ଏ ଜଗତେ–
ନିମିଷରେ ଦେଖାଦେଇ ନିମିଷରେ ଯାଏ ନାହିଁ ଦ୍ରବି,
ଏ ଆକାଶେ ଚିହ୍ନ ତା'ର ରହେ କାହିଁ, ରହେ କାହିଁ ଛବି!
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୪ ଫେବୃୟାରୀ ୧୯୯୪

- ନାଟୋ ପକ୍ଷରୁ ସାରାୟେଭୋକୁ ଦିଆଯାଇଥିବା ଚରମବାଣୀକୁ ବଢାଇବା ପାଇଁ ଜାତିସଂଘ ବୋସ୍‌ନିଆକୁ ଅଧିକ ୨୫୦୦ ସୈନ୍ୟ ପଠାଇବାକୁ ନିଷ୍ପତ୍ତି।
- ଶ୍ରୀଲଙ୍କାର ଉତ୍ତର ପୂର୍ବାଞ୍ଚଳ ସୀମାରେ ନିରାପତ୍ତା ରକ୍ଷୀମାନଙ୍କ ସହ ସଂଘର୍ଷରେ ୧୫ ତାମିଲ ଉଗ୍ରପନ୍ଥୀ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ପରୀକ୍ଷାର୍ଥୀ ଓ ଅଭିଭାବକ

ମହାଶୟ,

ବର୍ତ୍ତମାନ ପରୀକ୍ଷା ଋତୁ ଆରମ୍ଭ ହୋଇସାରିଛି। ବହୁ ଜାଗାରେ ଦେଖାଯାଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଅନେକ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରିବାକୁ ପଛାଇ ନ ଥାନ୍ତି। ତା'ଠୁ ବେଶୀ ଦୁଃଖ ଓ ପରିତାପର ବିଷୟ ହେଲା– କିଛି ଅଭିଭାବକ ମଧ୍ୟ ପିଲାଙ୍କୁ ସେଥିରେ ସହଯୋଗ କରନ୍ତି। ତେବେ ଆପଣମାନେ ସିନା ଅସାଧୁ ଉପାୟ ଅବଲମ୍ବନ କରେଇ ଏଠି ନିଜ ପିଲାଙ୍କୁ ଉତ୍ତୀର୍ଣ୍ଣ କରେଇଦେବେ, ହେଲେ ଆଜିର ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ଆପଣଙ୍କ ପିଲାର ସ୍ଥାନ କେଉଁଠି ଓ ଆଗକୁ ଯାଇ ଜୀବନରେ ସେ କେତେ ସଫଳ ହୋଇପାରିବ, ତାହା ନିଜ ବିବେକକୁ ପଚାରନ୍ତୁ। ଏହାଠୁ ଭଲ ହେବ ପିଲାକୁ ନିଜ ପରିଶ୍ରମ, ଅଧ୍ୟବସାୟ ଓ ଜ୍ଞାନ ବଳରେ ପରୀକ୍ଷା ବୈତରଣୀ ପାରି ହେବାକୁ ପ୍ରୋତ୍ସାହିତ କରନ୍ତୁ।

ସଂଗ୍ରାମ କେଶରୀ ସ୍ୱାଇଁ, ଖନ୍ଦୋଳ, ଇର୍‌ସିଂ, ଜଗତ୍‌ସିଂହପୁର

### ଦୁର୍ନୀତି ବିରୋଧରେ ଦୃଢ ପଦକ୍ଷେପ ନିଆଯାଉ

ଭୁବନେଶ୍ୱର ଉପକଣ୍ଠ ଘଙ୍ଗପାଟଣାରେ ୧୦୦ ଏକର ଜଙ୍ଗଲ ଜମିକୁ ବେଆଇନ ଦଖଲ ପ୍ରସଙ୍ଗ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଥିଲା। ଏହି ଘଟଣାରେ ବହୁ ନିରୀହ ଆଦିବାସୀ ଓ ସରକାରୀ ଅଧିକାରୀ ଗିରଫ ହେଲେ। ଜଣେ ଅଧିକାରୀ ତ ଏହି ଚାପରେ ମୃତ୍ୟୁବରଣ କଲେ। ଜଣେ ବିଧାୟକ ଏହି ଜଙ୍ଗଲ ଜମିର ମାଲିକ ବୋଲି ଭୂଲେଖରେ ସ୍ଥାନ ପାଇଥିବା ବେଳେ ସେ ନିଜର ସତ୍ୟପାଠରେ ଏହା ଦର୍ଶାଇ ନ ଥିଲେ। ତେଣୁ ସେ ମିଥ୍ୟା ସତ୍ୟପାଠ ଦେଇଥିଲେ। ପରେ ଏହି ଜମି ସରକାରୀ ଖାତାକୁ ଯାଇଥିଲା। ହେଲେ ଯାହାଙ୍କ ପାଇଁ ଜଙ୍ଗଲ ଜମିକୁ ସରକାରୀ ଅର୍ଥରେ ରାସ୍ତା ହେଲା, ପାଚେରି ହେଲା, ସରକାରୀ ଖାତାରେ ଯିଏ ଏହି ଜମିର ମାଲିକ ସାଜିଲେ, ସେ କେମିତି ନିର୍ଦ୍ଦୋଷ ହେଲେ ? ତାଙ୍କ ବିରୋଧରେ କେମିତି କିଛି କାର୍ଯ୍ୟାନୁଷ୍ଠାନ ଆଜି ପର୍ଯ୍ୟନ୍ତ ହେଲାନାହିଁ ? ତେଣୁ ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ଚାରଗୋଠ, ସରଗଡ଼ା, ମକୁନ୍ଦପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଫେବୃୟାରୀ ୨୪/୨୦୧୯



"ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

ଶ୍ରୀମନ୍ଦିର ସଂସ୍କାର ମାମଲା

### ବଂଶାନୁକ୍ରମିକ ସେବାକୁ ମିଳିପାରେ ସୁରକ୍ଷା

ପୁରୀ ଅଫିସ,୨୩।୨: ଶ୍ରୀମନ୍ଦିରରେ ବଂଶାନୁକ୍ରମିକ ସେବାକୁ ମିଳିପାରେ ସୁରକ୍ଷା। ହେଲେ ଏଥିରେ କିଛିଟା ସଂସ୍କାର ଅଣାଯିବ। ଏପରି କି ସଂଖ୍ୟା ମଧ ସୀମିତ କରାଯାଇପାରେ। ଶ୍ରୀମନ୍ଦିର ସଂସ୍କାର ମାମଲାର ଆମିକସ୍ କ୍ୟୁରି ରଞ୍ଜିତ କୁମାର ବିଭିନ୍ନ ପକ୍ଷଙ୍କ ସହ ବୈଠକ ପରେ ଏଭଳି ସୂଚନା ମିଳିଛି। ସେବାୟତମାନେ ମଧ ଏ ନେଇ ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କୁ ଦର୍ଶନ ସୁବିଧା, ଆନନ୍ଦବଜାର ଏବଂ ରୋଷଶାଳାରେ ସ୍ୱଚ୍ଛତା ଉପରେ ଆମିକସ୍ କ୍ୟୁରି ଗୁରୁତ୍ୱ ଦେବା ସହ ଭକ୍ତମାନେ ଯେପରି ଶୋଷଣମୁକ୍ତ ରହିବେ ସେହିଭଳି ବ୍ୟବସ୍ଥା କରିବା ଲାଗି ପରାମର୍ଶ ଦେଇଛନ୍ତି।ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଆମିକସ୍ କ୍ୟୁରି ବିଭିନ୍ନ ପକ୍ଷଙ୍କ ସହ ମାରାଥନ ଆଲୋଚନା ଆରମ୍ଭ କରିଥିଲେ। ପୂର୍ବାହ୍ନରେ ଶ୍ରୀନଅରରେ ଗଜପତି ମହାରାଜାଙ୍କ ସହ ବୈଠକ କରିଥିଲେ। ମଧ୍ୟାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପରିଚାଳନା କମିଟି ଏବଂ ଅପରାହ୍ନରେ ଛତିଶା ନିଯୋଗ ସହ ଆଲୋଚନା କରିଥିଲେ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ମୁଖ୍ୟତଃ ୧୨ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିମଧରୁ ବଂଶାନୁକ୍ରମିକ ସେବା ଉପରେ ଫୋକସ ରହିଥିଲା। ସୁପ୍ରିମ୍‌କୋର୍ଟ ତାଙ୍କ ଅନ୍ତରୀଣ ଆଦେଶରେ ବଂଶାନୁକ୍ରମିକ ସେବା ଉଚ୍ଛେଦ ନେଇ ପ୍ରସ୍ତାବ ରଖିଥିଲେ। ତେଣୁ ଏ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ଆମିକସ୍ କ୍ୟୁରି। ଉପସ୍ଥିତ ସେବକ ପ୍ରତିନିଧି ବଂଶାନୁକ୍ରମିକ ସେବା ବିଷୟରେ ମତ ରଖିଥିଲେ। ଶହ ଶହ ବର୍ଷ ହେବ ଶ୍ରୀମନ୍ଦିରରେ ବଂଶାନୁକ୍ରମିକ ସେବା ଚାଲିଆସୁଛି। ଏହା ଉଚ୍ଛେଦ ହେଲେ ମହାପ୍ରଭୁଙ୍କ ନୀତିକାନ୍ତି ବ୍ୟାଘାତ ହେବ ବୋଲି କହି ବିଭିନ୍ନ କାରଣ ଦର୍ଶାଇଥିଲେ।




# ସବୁ ଦଳରୁ ଏକାଧିକ ଆଶାୟୀ

**ନିର୍ମଳ ପଣ୍ଡା**
କଟକ ଅଫିସ, ୨୩।୨

୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ପରେ ରାଜ୍ୟ ରାଜନୈତିକ ମାନଚିତ୍ରରୁ ଟାଙ୍ଗୀ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ଲିଭି ଯାଇଥିଲା। ସେହି ସ୍ଥାନରେ ସୃଷ୍ଟି ହୋଇଥିଲା ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀ। କଟକ ମହାନଗର ନିଗମର ୨୨ଟି ୱାର୍ଡ, ଚୌଦ୍ୱାର ପୌର ପରିଷଦର ୧୯ଟି ୱାର୍ଡ ସହିତ ଟାଙ୍ଗୀ ବ୍ଲକର କୟଲପଡ଼ା, ଇନ୍ଦ୍ରାଣୀପାଟଣା, ବାଣୀପଦା, ଆଗ୍ରାହାଟ ଓ ନଖରା ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଯାଉଥିବା ଏହି ବିଧାନସଭା କ୍ଷେତ୍ରରେ ମୋଟ ୨ ଲକ୍ଷ ୫ହଜାର ୭୬୭ ଜଣ ମତଦାତା ଅଛନ୍ତି। ଆସନ୍ତା ଏପ୍ରିଲ ଓ ମେ ମାସରେ ଲୋକ ସଭା ସହ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଏବେ ଚୌଦ୍ୱାର-କଟକ ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହୋଇଉଠିଛି। ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପାରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀମାନଙ୍କ ତତ୍ପରତା ଦେଖିବାକୁ ମିଳିଛି।

ଗତ ୨ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜୟୀ ହୋଇଛନ୍ତି। ହେଲେ ସେ ସି-ଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ସିବିଆଇ ହାତରେ ଗିରଫ ହେବା ପରେ ଏହି ନିର୍ବାଚନମଣ୍ଡଳୀର ରାଜନୈତିକ ଦୃଶ୍ୟପଟ ଗୋଳମାଳିଆ ଧରିଛି। ବିଧାୟକ ବିଶ୍ୱାଳ ଜେଲ ଯିବା ସତ୍ତ୍ୱେ ବିଜେଡି ତାଙ୍କୁ ଦଳରୁ ନିଲମ୍ବିତ କରି ନ ଥିଲା। ଏପରି କି ପ୍ରଭାତଙ୍କ ଅନୁପସ୍ଥିତିରେ ବିଜେଡି ତାଙ୍କ ସାନଭାଇ ଆର୍ତ୍ତରଞ୍ଜନ ବିଶ୍ୱାଳଙ୍କ ଉପରେ ସଂଗଠନ ଦାୟିତ୍ୱ ନ୍ୟସ୍ତ କରିଥିଲା। ହେଲେ ଏଥର ପ୍ରଭାତଙ୍କୁ ବିଜେଡି ଟିକେଟ ଦେବ କି ନାହିଁ ତାହାକୁ ନେଇ ଆଶଙ୍କା ଲାଗି ରହିଛି। ଏଭଳି ସ୍ଥିତିରେ ବିଜେଡିରୁ ଟିକେଟ ପାଇବା ପାଇଁ ଆଶାବାନ୍ଧି ବସିଥିବା ପ୍ରାର୍ଥୀମାନଙ୍କ ମଧରେ ସିଏମ୍‌ସିର ପୂର୍ବତନ ଡେପୁଟି ମେୟର ଅଜୟ ବାରିକ, ପୂର୍ବତନ କର୍ପୋରେଟର ଶ୍ରୀରାମ ପାଣ୍ଡେଙ୍କ ନାମ ଚର୍ଚ୍ଚାରେ ରହିଛି। ଏହାବାଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ଜିଲା ପରିଷଦ ସଭାପତି ପ୍ରଶାନ୍ତ ବେହେରାଙ୍କ ନାମ ମଧ ଚର୍ଚ୍ଚା ହେଉଛି। କାରଣ ପୂର୍ବରୁ ଟାଙ୍ଗୀ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ଥିବା ସମୟରେ ପ୍ରଶାନ୍ତଙ୍କ ବାପା ଧର୍ମାନନ୍ଦ ବେହେରା ୨୦୦୪ରେ ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ପ୍ରଶାନ୍ତଙ୍କୁ ବିଜେଡି ସାଲେପୁର ଆସନରୁ ପ୍ରାର୍ଥୀ କରିଥିବାବେଳେ ସେ ପରାସ୍ତ ହୋଇଥିଲେ। ଏବେ ସାଲେପୁରର କଂଗ୍ରେସ ବିଧାୟକ ପ୍ରକାଶ ବେହେରା ବିଜେଡିରେ ମିଶୁଥିବା ନେଇ ଆଲୋଚନା ହେଉଥିବାରୁ ପ୍ରଶାନ୍ତଙ୍କୁ ଚୌଦ୍ୱାର-କଟକରେ ବିଜେଡି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ପ୍ରଶାନ୍ତ ଏହି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ଅପରପକ୍ଷରେ ମାହାଙ୍ଗା ଛାଡ଼ି ଯିବାର ମୋର ପ୍ରଶ୍ନ ଉଠୁନି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଏ ସବୁ ଭିତରେ ନବୀନଙ୍କ ୩୩% ମହିଳା ଥିଓରି ଭିତରେ ଚୌଦ୍ୱାର-କଟକ ପଡ଼ିପାରେ ବୋଲି ମଧ ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ପ୍ରଭାତ ରଞ୍ଜନ ବିଶ୍ୱାଳ | ୭୦,୮୨୬ |
| କଂଗ୍ରେସ | ସୁରେଶ ମହାପାତ୍ର | ୨୯,୪୯୫ |
| ଭାଜପା | ନୟନ କିଶୋର ମହାନ୍ତି | ୨୪,୬୫୧ |
| ବିଏସ୍‌ପି | ବିଜୟ କୁମାର ସାମଲ | ୫୦୯ |
| ଏସ୍‌ୟୁସିଆଇ(ସି) | ଗଣେଶ କୁମାର ତ୍ରିପାଠୀ | ୫୦୩ |
| ଏଏପି | ବିଚିତ୍ରାନନ୍ଦ ରାଉତରାୟ | ୮୬୦ |
| ଏଓପି | ଶ୍ରୀରାମ ପାଣ୍ଡେ | ୧୧୬୮ |
| ସ୍ୱାଧୀନ | ଜିନେଶ ଦାସ | ୭୪୫ |
| ନୋଟା | | ୧୩୬୫ |

**୨୦୦୯ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ପ୍ରଭାତ ରଞ୍ଜନ ବିଶ୍ୱାଳ | ୫୮,୪୯୫ |
| କଂଗ୍ରେସ | ସାବିତ୍ରୀ ଚୌଧୁରୀ | ୮୪୯୮ |
| ଭାଜପା | ନୟନ କିଶୋର ମହାନ୍ତି | ୮୯୮୮ |
| ସ୍ୱାଧୀନ | ଦୀପକ କୁମାର ବାରିକ | ୨୫,୭୧୮ |
| ବିଏସ୍‌ପି | ଡା. ନିରଞ୍ଜନ ତ୍ରିପାଠୀ | ୪୦୭ |
| ଆର୍‌ପିଡି | ସଞ୍ଜୟ କୁମାର ସାମଲ | ୨୯୪ |
| ବୀର ଓଡ଼ିଆ ପାର୍ଟି | ପଦ୍ମିନୀ ଜେନା | ୨୬୬ |
| ଜେଡିୟୁ | ସତ୍ୟନାରାୟଣ ମହାନ୍ତି | ୨୦୦ |
| କଳିଙ୍ଗସେନା | ଲକ୍ଷ୍ମୀକାନ୍ତ ବେହେରା | ୧୬୬ |

ଅନ୍ୟପକ୍ଷରେ ବିଜେଡି ଟିକେଟ ମିଳିବ କି ବୋଲି ପଚରାଯିବାରୁ ବିଧାୟକ ବିଶ୍ୱାଳ କହିଛନ୍ତି, ସେ ନିଷ୍ପତ୍ତି ଦଳର ସଭାପତି ନେବେ। ଚୌଦ୍ୱାର-କଟକବାସୀଙ୍କ ଉପରେ ଭରସା ରଖିଛି। ଦଳର ସଭାପତିଙ୍କ ନିଷ୍ପତ୍ତି ସର୍ବମାନ୍ୟ। ଚୌଦ୍ୱାର-କଟକରେ ବିଗତ ୧୦ ବର୍ଷ ମଧରେ ଅନେକ କାର୍ଯ୍ୟ ହୋଇଛି। ପିଇବା ପାଣି ବ୍ୟବସ୍ଥାଠାରୁ ଆରମ୍ଭ କରି ଏସ୍‌ସିବି ମେଡିକାଲ, ରେଭେନ୍‌ଶା କଲେଜ, ଚୌଦ୍ୱାର ଓ ସିଏମ୍‌ସି ଅଞ୍ଚଳରେ ଥିବା ବିଦ୍ୟାଳୟର ଉନ୍ନତୀକରଣ ସହିତ ଓଭରବ୍ରିଜ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଛି। ଆଗାମୀ ଦିନରେ ଓଟିଏମ୍‌କୁ ପୁନଃକ୍ଷମ କରିବା ସହିତ ଟେକ୍ସଟାଇଲ ହବ୍ ପ୍ରତିଷ୍ଠା କରିବା ଲକ୍ଷ୍ୟ ଥିବା ସେ କହିଥିଲେ। ଏଠାରେ ବିଜେଡି କାହା ସହିତ ପ୍ରତଦ୍ୱନ୍ଦ୍ୱିତା କରିବ ବୋଲି ପ୍ରଶ୍ନରେ ପ୍ରଭାତ କହିଥିଲେ, ଦୁଇ ନମ୍ବର ସ୍ଥାନ ପାଇଁ କଂଗ୍ରେସ ଓ ଭାଜପା ମଧରେ ଲଢେଇ ହେବ। ସେହିପରି ଅଜୟ ବାରିକ ମଧ ସମାନ ଢଙ୍ଗରେ ଉତ୍ତର ଦେଇଛନ୍ତି। ମୁଁ ବିଜୁବାବୁଙ୍କ ଜଣେ ଅନୁଗାମୀ। ବିଜେଡିରୁ ଏଥର ଟିକେଟ ପାଇବା ପାଇଁ ଆଶା ରଖିଛି। ଯଦି ନ ମିଳେ ତେବେ ସମୟ ଓ ପରିସ୍ଥିତି ଦେଖି ନିଷ୍ପତ୍ତି ନେବି।

ଭାଜପାର ଆଶାୟୀ ପ୍ରାର୍ଥୀଙ୍କ ତାଲିକା ମଧ କିଛି କମ୍ ନାହିଁ। ଦଳର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି ୨୦୦୯ ଓ ୨୦୧୪ରେ ଏଠାରେ ପରାଜିତ ହୋଇଥିଲେ। ଏବେ ନୟନଙ୍କ ସମେତ ଦଳର ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲି, ଡା. ମୃଣ୍ମୟ ମହାନ୍ତି ପ୍ରମୁଖ ଟିକେଟ ପାଇଁ ଲବି କରୁଛନ୍ତି। ନିଜ ପ୍ରତିକ୍ରିୟାରେ ନୟନ କହିଛନ୍ତି, ଟିକେଟ ନ ପାଇବି ବୋଲି ସେମିତି କିଛି କାରଣ ନାହିଁ। ନିଶ୍ଚିତ ଭାବେ ଦଳ ମୋ ଉପରେ ଆସ୍ଥା ପ୍ରକଟ କରିବ ଏବଂ ଭାଜପା ଏଠାରେ ବିଜୟୀ ହେବ ବୋଲି ନୟନ କହିଛନ୍ତି। ସିକନ୍ଦର କହିଛନ୍ତି, ଯେଝାବାଟରେ ଯେଝା ଟିକେଟ ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ଟିକେଟ ନ ମିଳିଲେ ଯେ ଦଳ ବିରୋଧରେ ଯିବେ ସେଭଳି ଚିନ୍ତା କରିବା ଠିକ୍ ନୁହେଁ। ଡା. ମହାନ୍ତି ମଧ ସମାନ ଢଙ୍ଗରେ ଉତ୍ତର ଦେଇ କହିଛନ୍ତି ମୁଁ ଲବି କରିନି। କିନ୍ତୁ ଦଳ ଯଦି ଟିକେଟ ଦିଏ ତେବେ ନିଶ୍ଚିତ ଲଢ଼ିବି। ଭାଜପାର ପ୍ରତିଦ୍ୱନ୍ଦ୍ୱିତା ଏଠାରେ କାହା ସହିତ ହେବ ଉତ୍ତରରେ ନେତାମାନେ ବିଜେଡି ସହିତ ହେବ ବୋଲି କହିଛନ୍ତି।

କଂଗ୍ରେସରେ ମଧ ଆଶାୟୀଙ୍କ ସଂଖ୍ୟା ଏକାଧିକ। ୨୦୧୪ରେ ଏହି ଆସନରୁ ପରାଜିତ ହୋଇଥିବା ସୁରେଶ ମହାପାତ୍ର ଏବେ ବି ଟିକେଟ ଦାବିଦାର ଥିବାବେଳେ ନିକଟରେ ଶେଷ ହୋଇଥିବା କଂଗ୍ରେସ ସ୍କ୍ରିନିଂ କମିଟି ବୈଠକରେ ଯୁବ ନେତା ମାନସ ଚୌଧୁରୀଙ୍କ ନାମ ରହିଛି। ଚୌଧୁରୀ ୨୦୦୪ରେ କଟକ ସଦର ଆସନରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ମାନସଙ୍କ ମତରେ ଦଳ ଯଦି ମୋତେ ପ୍ରାର୍ଥୀ କରେ ତେବେ ଏଠାରେ କଂଗ୍ରେସର ବିଜୟ ସୁନିଶ୍ଚିତ। ପ୍ରାର୍ଥୀ ନ କଲେ ମଧ ମୁଁ ଦଳରେ ରହିବି। ସୁରେଶଙ୍କ ମତରେ ଦୀର୍ଘଦିନ ଧରି ଦଳ ସହିତ ରହିଛି। ତେଣୁ ଦଳ ମୋତେ ହିଁ ପ୍ରାର୍ଥୀ କରିବ ବୋଲି ମୋର ଦୃଢ଼ ଆଶା। ତେବେ ଏଠାରେ କଂଗ୍ରେସ କାହା ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ ଉତ୍ତରରେ ଉଭୟ ନେତା ବିଜେଡି ନାଁ ନେଇଛନ୍ତି। ଏମାନଙ୍କ ବାଦ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଶୁଭେନ୍ଦୁ ମହାନ୍ତି ମଧ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ମାରି ନିଜର ଉପସ୍ଥିତ ଜାହିର କରିଛନ୍ତି। ନିର୍ବାଚନମଣ୍ଡଳୀର ସଚେତନ ନାଗରିକ ତଥା ହାଇକୋର୍ଟ ଆଡଭୋକେଟ ପରେଶ ଦାସ କୁହନ୍ତି, ଭଲ ପ୍ରାର୍ଥୀଙ୍କୁ ଲୋକେ ଏଥର ଗୁରୁତ୍ୱ ଦେବେ।

## ଧର୍ମେନ୍ଦ୍ରଙ୍କୁ ବିଜେଡିର ୨୦ ପ୍ରଶ୍ନ

ଭୁବନେଶ୍ୱର,୨୩।୨(ବ୍ୟୁରୋ)


ଅମର ପଟ୍ଟନାୟକ

ରାଜ୍ୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏହାର ଜବାବରେ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ କେନ୍ଦ୍ରମନ୍ତ୍ରୀଙ୍କୁ ୨୦ଟି ପ୍ରଶ୍ନ ପଚରାଯାଇଛି। ଦଳର ଆଇଟି ସେଲ୍ ମୁଖ୍ୟ ତଥା ମୁଖପାତ୍ର ଅମର ପଟ୍ଟନାୟକ ପ୍ରଶ୍ନ ଆଡୁଆଳରେ ଧର୍ମେନ୍ଦ୍ରଙ୍କ ଉପରେ ବର୍ଷିଛନ୍ତି।

ଅମର କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ତାଲିକା ସର୍ବସାଧାରଣରେ କେବେ ପ୍ରକାଶ କରାଯିବ। କେନ୍ଦ୍ରାପଡ଼ା ଜିଲା ରାଜନଗରରେ ଗ୍ୟାସ ବଣ୍ଟନରେ ଦୁର୍ନୀତିକୁ କେବେ ମନ୍ତ୍ରୀ ମାନିବେ। ଅଧିକ ମୂଲ୍ୟ କାରଣରୁ ରାଜ୍ୟର ୮୦ ପ୍ରତିଶତ ହିତାଧିକାରୀ ଦ୍ୱିତୀୟ ଥର ଉଜ୍ଜ୍ୱଳା ଗ୍ୟାସ ରିଫିଲ୍ କରୁନାହାନ୍ତି ବୋଲି କେବେ ସ୍ୱୀକାର କରିବେ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଥିବା ବେଳେ ସାଧାରଣ ଖାଉଟିଙ୍କୁ ଏହାର ସୁବିଧା ଉପଭୋଗ କରିବାକୁ ଦିଆଗଲା ନାହିଁ। ରେଳବାଇ ବାର୍ଷିକ ୨୦,୦୦୦ କୋଟି ଟଙ୍କାର ରାଜସ୍ୱ ରାଜ୍ୟରୁ ନେଉଥିବା ବେଳେ ସେହି ପରିମାଣରେ ଅନୁଦାନ କାହିଁକି ଆସୁନାହିଁ। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ରାଜପଥ ନିର୍ମାଣ ସମୟରେ ବର୍ଷାଦିନେ ଜଳ ପରିଚାଳନାକୁ କାହିଁକି ଗୁରୁତ୍ୱ ଦିଆଯାଉନାହିଁ। ଆହାର ଭଳି ଜନହିତକର ଯୋଜନାକୁ ମହାନଦୀ କୋଲ ଫିଲ୍ଡସ୍‌ଲିଃ(ଏମ୍‌ସିଏଲ୍) ସିଏସ୍‌ଆର ଅର୍ଥ ଦେବାକୁ ଚୁକ୍ତି କରି କାହିଁକି ଓହରିଗଲା ବୋଲି ଅମର ପ୍ରଶ୍ନ କରିଛନ୍ତି। ସେହିପରି କେନ୍ଦ୍ର ଦ୍ୱାରା କୋଇଲା ରୟାଲଟି ସଂଶୋଧନ ନ ହେବା କାରଣରୁ ରାଜ୍ୟ ୮୦୦୦ କୋଟି ହରାଇଛି। ସ୍ୱଚ୍ଛ ସେସ୍ ବାବଦକୁ ରାଜ୍ୟରୁ ସଂଗୃହୀତ ୨୧,୦୦୦ କୋଟି ଟଙ୍କାରୁ ଟଙ୍କାଟିଏ କାହିଁକି ଫେରିନାହିଁ। ସଂଘୀୟ ବ୍ୟବସ୍ଥାରେ ଆଇଓସିଏଲ୍ ପୂର୍ବ ୟୁପିଏ ସରକାରଙ୍କ କାର୍ଯ୍ୟ। ଏହାକୁ କରିଥିବା ନେଇ ଭାଜପା ଓ କେନ୍ଦ୍ରମନ୍ତ୍ରୀ ସଂଘୀୟ ବ୍ୟବସ୍ଥାରେ ଅଯଥା ଶ୍ରେୟ ନେଉନାହିଁ କି ବୋଲି ଆଇଟି ସେଲ୍ ମୁଖ୍ୟ ଅମର କହିଛନ୍ତି।

ଧାନର ଏମ୍‌ଏସ୍‌ପି ବୃଦ୍ଧି, ମହାନଦୀ ଜଳ ବିବାଦ ସମାଧାନ, ପୋଲାଭରମ୍ ପ୍ରକଳ୍ପ, ବ୍ରାହ୍ମଣୀ ସେତୁ, ରାଉରକେଲା ଆଇଜିଏଚ୍ ସୁପରସ୍ପେଶିଆଲିଟି ନ ହେବା ପାଇଁ କେନ୍ଦ୍ର ସରକାର ଦାୟୀ ନୁହେଁ କି ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। କେନ୍ଦ୍ର ଦ୍ୱାରା ୩୩ଟି ଯୋଜନାରୁ ଅନୁଦାନ ହ୍ରାସ କରାଯିବା ସହ ୮ଟି ଯୋଜନାରେ ଅନୁଦାନ ବନ୍ଦ କରାଯାଇଛି କି ନାହିଁ। ରାଜ୍ୟରେ ଟେଲିଫୋନ୍ ଟାୱାର ପର୍ଯ୍ୟାପ୍ତ ପରିମାଣରେ ବସିନାହିଁ। ଡିବିଟି ସିଷ୍ଟମ କଥା କହୁଥିବା କେନ୍ଦ୍ର ସରକାର ରାଜ୍ୟରେ ଆବଶ୍ୟକ ପରିମାଣରେ ବ୍ୟାଙ୍କ୍ ବ୍ୟବସ୍ଥା କରିଛି କି। ୫ ବର୍ଷରେ ଦେଶକୁ ୧୦ କୋଟି ଏବଂ ସେହି ହାରରେ ଓଡ଼ିଶାରେ ୩୬ ଲକ୍ଷ ରୋଜଗାର ସୃଷ୍ଟି କରାଯାଇଛି କି। ବିଭିନ୍ନ କମ୍ପାନୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରାଜ୍ୟର ପାଣି, ପବନ ଏବଂ ସମ୍ବଳକୁ ବ୍ୟବହାର କରି ଲାଭ କରୁଛି। ସେହି ପରିମାଣରେ ଓଡ଼ିଆଙ୍କୁ କେତେ ନିଯୁକ୍ତି ମିଳୁଛି। ସର୍ବୋପରି ସମସ୍ତଙ୍କ ଆକାଉଣ୍ଟରେ କେବେ ୧୫ ଲକ୍ଷ ଟଙ୍କା ପହଞ୍ଚିବ ବୋଲି ଅମର କହି ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଛନ୍ତି।

# 'ବିକାଶରେ ରାଜ୍ୟ ସରକାର ବାଧକ'

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ବହୁ ପ୍ରକଳ୍ପ ଆରମ୍ଭ ହୋଇପାରୁ ନାହିଁ ଅଥବା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ପରିବେଶ ଅନୁମତି ଓ ମାନସିକତା ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଶନିବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ଓଡ଼ିଶା ବିକାଶରେ ରାଜ୍ୟ ସରକାର ବାଧକ ଜବାବ ମାଗୁଛି ଓଡ଼ିଶା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅସହଯୋଗ ଏବଂ ଅପାରଗତା ଯୋଗୁ ୧ ଲକ୍ଷ ୩୬ ହଜାର ୪୧୭ କୋଟି ଟଙ୍କାର ପ୍ରକଳ୍ପ ବାଧାପ୍ରାପ୍ତ ହୋଇଛି। ସେ ବିଭିନ୍ନ ପ୍ରକଳ୍ପ ବିଷୟରେ ଗୋଟିଏ ପରେ ଗୋଟିଏ ସୂଚନା ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ସେ କହିଥିଲେ ଯେ ରାଜନୀତି ପାଇଁ ରାଜ୍ୟର ବିକାଶକୁ ଅଟକା ନ ଯାଉ। ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ମଧ କୌଣସି ଉତ୍ତର ମିଳୁନାହିଁ। ନିଜର ଅପାରଗତାକୁ ଘୋଡ଼ାଇବା ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଉପରେ ଦୋଷ ଲଦୁଛନ୍ତି ରାଜ୍ୟ ସରକାର। ପାରାଦୀପ ବିଶୋଧନାଗାରର ସମ୍ପ୍ରସାରଣ କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ବାର୍ଷିକ ଉତ୍ପାଦନ ୧୫ରୁ ୨୫ ନିୟୁତ ଟନ ବୃଦ୍ଧି କରାଯିବ। ଏଥିପାଇଁ ୨୨ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ଆବଶ୍ୟକ ହେଉଥିବା ୨୨୯୦ ଏକର ଜମି ରାଜ୍ୟ ସରକାର ଯୋଗାଇ ଦେଉନାହାନ୍ତି। ଆବଶ୍ୟକ ହେଉଥିବା ପାଣି, ବିଜୁଳି ଓ ପରିବହନ ସୁବିଧା ମଧ ଯୋଗାଇ ଦିଆଯାଉନାହିଁ। ୨୦୧୮ ଅଗଷ୍ଟ ୧ ତାରିଖରେ ସିପିସି କର୍ପୋରେଶନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ପଠାଯାଇଥିଲା। ଏହାଦ୍ୱାରା ପ୍ଲାଷ୍ଟିକ ଓ ଟେକ୍ସଟାଇଲ କ୍ଷେତ୍ରର ଅଭିବୃଦ୍ଧି ହେବ, ଓଡ଼ିଆ ଯୁବତୀଯୁବକ ନିଯୁକ୍ତି ପାଇବେ। ମାତ୍ର ଏଥିରେ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ଭଦ୍ରକରେ ୧,୯୭୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ ପାଇଁ ଆବଶ୍ୟକ ୭୫ ଏକର ଜମି ଯୋଗାଇ ଦିଆଯାଉ ନାହିଁ। ସେହିପରି ପାରାଦୀପରେ ପ୍ଲାଷ୍ଟିକ ପାର୍କ ପାଇଁ ରାଜ୍ୟ ସରକାର ଏମଓୟୁ କରିବାରେ ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି। ଏଥିରେ ୮୦ଟି ୟୁନିଟରେ ୧୫ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳି ପାରିବ। ଓଡ଼ିଶା ସରକାର ଜମି ଯୋଗାଇ ଦେଉ ନ ଥିବାରୁ ପାରାଦୀପଠାରେ ୧୧ ହଜାର କୋଟିର ପେଟ୍ କୋକ ଗ୍ୟାସିଫିକେଶନ, ୯,୧୩୭ କୋଟିର ପିଏକ୍ସ-ପିଟିଏ ପ୍ରକଳ୍ପ, ଚଣ୍ଡିଖୋଲଠାରେ ୬୫୦୦ କୋଟିର ଅଶୋଧିତ ତୈଳ ଷ୍ଟ୍ରାଟେଜିକ୍ ରିଜର୍ଭ, ୨୫୦ କୋଟିର ଧୁତ୍ରା ତୈଳ ଡିପୋ, ୧୬୨ କୋଟିର ଏଲପିଜି ବଟଲିଂ ପ୍ଲାଣ୍ଟ ଅଟକି ରହିଛି। ପୁରୀ-ସାତପଡ଼ା ଏବଂ କୋଣାର୍କ-ଅସ୍ତରଙ୍ଗ ନିକଟରେ ରାଜନୈତିକ ନେତାଙ୍କ ଜମି ଦେଇ ଜାତୀୟ ରାଜପଥ ଯାଉଥିବାରୁ ଏହାକୁ ଘୁଞ୍ଚାଇବାକୁ ପ୍ରସ୍ତାବ ଦିଆଯାଇଛି। ମାତ୍ର ଧାମରା ଓ ଚାନ୍ଦବାଲିଠାରେ ୧୫ କିଲୋମିଟର ଭିତରକୁ ଉପକୂଳ ଜାତୀୟ ରାଜପଥ ଥିଲେ ମଧ କିଛି ଫରକ ପଡୁନାହିଁ। ଉପକୂଳ ରାଜପଥ ପାଇଁ ରାଜ୍ୟ ସରକାର ଜମି, ପରିବେଶ ଏବଂ ସିଆରଜେଡ୍ ମଞ୍ଜୁରୀ ମିଳିବାରେ ବିଳମ୍ବ ହେବା ଯୋଗୁ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଜନାରେ ରାଜ୍ୟର ପ୍ରାୟ ୫ ହଜାର କିଲୋମିଟର ରାସ୍ତା ଜମି ଅଧିଗ୍ରହଣ ହୋଇ ନ ଥିବା ଯୋଗୁ ତାହା ସମ୍ଭବ ହୋଇପାରୁନାହିଁ। ସେହିପରି ଖୋର୍ଦ୍ଧା- ବଲାଙ୍ଗୀର ରେଳ ପ୍ରକଳ୍ପ ସମେତ ରାଜ୍ୟରେ ୧୨,୨୮୬ କୋଟି ଟଙ୍କାର ୧୦୬୦ କି.ମି. ରେଳବାଇ ପ୍ରକଳ୍ପ ଜମି ଓ ଜଙ୍ଗଲ ମଞ୍ଜୁରୀ ଦେଇ ନ ଥିବାରୁ ଆରମ୍ଭ ହୋଇ ପାରୁ ନାହିଁ। ଏହାକୁ ରାଜ୍ୟ ସରକାରଙ୍କ ଅପାରଗତା କହିବନି ତ କ'ଣ କହିବ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଓଡ଼ିଶା ସରକାରଙ୍କଠାରୁ ମଞ୍ଜୁରୀ ମିଳି ନ ଥିବାରୁ ଏନଟିପିସିର ୧୩୨୦ ମେଗାୱାଟ୍ ସମ୍ପ୍ରସାରଣ ପ୍ରକଳ୍ପ ହୋଇପାରୁ ନାହିଁ। ରାଜ୍ୟ ସରକାର ଆମେରିକା କମ୍ପାନୀଠାରୁ ବିଦ୍ୟୁତ୍ କିଣିବେ ମାତ୍ର ଏନଟିପିସିଠାରୁ ବିଦ୍ୟୁତ୍ ନେଉନାହାନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ଦାମନଯୋଡ଼ିରେ ୫,୫୦୦ କୋଟି ଟଙ୍କାର ଆଲୁମିନିୟମ ରିଫାଇନାରୀ ପାଇଁ ଜବରଦଖଲ ଉଚ୍ଛେଦ ନ କରି ଆଇନଶୃଙ୍ଖଳା ବାହାନାରେ ଅଟକାଇ ରଖିଛନ୍ତି। ଡେରାସଠାରେ ୧୨୮ କୋଟି ଟଙ୍କାର ଖାଦ୍ୟ ପ୍ରକ୍ରିୟାକରଣ ପାର୍କକୁ ପାଣି ଓ ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ଏ ଯାଏ କୌଣସି ବ୍ୟବସ୍ଥା ହୋଇନାହିଁ। ପାଇକ ବିଦ୍ରୋହ ସ୍ମାରକୀ ପାଇଁ ବରୁଣେଇ ପାହାଡ଼ ପାଦଦେଶରେ ୨୦୦ କୋଟି ଟଙ୍କାର ପ୍ରକଳ୍ପ ଜମି ଯୋଗାଇ ନ ଦେବା କାରଣରୁ ଆରମ୍ଭ ହୋଇପାରିନାହିଁ। ସେହିପରି ୪୯୦ କୋଟି ଟଙ୍କାର ଏମ୍‌ସିଏଲ ହସ୍ପିଟାଲ ପାଇଁ ସରକାର ଆବଶ୍ୟକ ମଞ୍ଜୁରୀ ଦେଇ ନ ଥିବାରୁ ପ୍ରକଳ୍ପ ସ୍ଥଗିତ ହୋଇରହିଛି। ସେହିପରି ଜୋରନ୍ଦାରେ ୧୮ କୋଟି ଟଙ୍କାର ପିଇବା ପାଣି ପ୍ରକଳ୍ପ, ବୌଦ୍ଧ ଜିଲାରେ ମହାନଦୀ ପାର ହେବାକୁ ୫୦ ଲକ୍ଷ ଟଙ୍କା ନେବା ପାଇଁ ରାଜ୍ୟ ସରକାର ଆବଶ୍ୟକ ମଞ୍ଜୁରୀ ଦେଇ ନ ଥିବାରୁ ଏପର୍ଯ୍ୟନ୍ତ ଟଙ୍କା ପଡିରହିଛି। ରାଜ୍ୟ ସରକାରଙ୍କ ଅପରାଗତା ଯୋଗୁ ରାଜ୍ୟର ବିକାଶ ହୋଇ ପାରୁ ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଅସହଯୋଗରୁ ଅଟକିଛି ୧.୩୬ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ: ଧର୍ମେନ୍ଦ୍ର


ଧର୍ମେନ୍ଦ୍ର ପ୍ରଧାନ

## ପୂର୍ବତନ କୁଳପତିଙ୍କ ପରଲୋକ


ସତ୍ୟାନନ୍ଦ ଆଚାର୍ଯ୍ୟ

ଭୁବନେଶ୍ୱର, ୨୩।୨(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସତ୍ୟାନନ୍ଦ ଆଚାର୍ଯ୍ୟ (୮୪)ଙ୍କ ଶୁକ୍ରବାର ପରଲୋକ ହୋଇଛି। ରାତି ୯ଟା ୪୫ରେ ନୟାପଲ୍ଲୀସ୍ଥିତ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଶାନ୍ତିଲତା, ପୁଅ ଶୁଭେନ୍ଦୁ ଓ ଝିଅ ସୁନିତା ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପହଞ୍ଚିବାପରେ ବାଣୀବିହାରରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ପ୍ରଫେସର ଆଚାର୍ଯ୍ୟ ପାଟଣା ବିଶ୍ୱବିଦ୍ୟାଳରୁ ଭୂତତ୍ତ୍ୱ ବିଜ୍ଞାନରେ ଏମ୍‌ଏସ୍‌ସି ଡିଗ୍ରୀ ଏବଂ ଆଇଆଇଟି ଖଡ଼ଗପୁରରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ୧୯୫୬ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ଜଣେ ଅଧାପକ ଭାବେ ଯୋଗଦେଇଥିବା ଆଚାର୍ଯ୍ୟ ୧୯୬୮ରେ ପ୍ରଫେସର ଭାବେ ପଦୋନ୍ନତି ପାଇଥିଲେ। ୧୯୯୧ ନଭେମ୍ବର ୨୯ରୁ ୧୯୯୫ ଫେବୃୟାରୀ ୨୬ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ପ୍ରଫେସର ଆଚାର୍ଯ୍ୟଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଆଇଆଇଟି ଖଡ଼ଗପୁରରୁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିଥିଲା। ହମ୍‌ବୋଲ୍ଟ ଫେଲୋଶିପ ପାଇ ସେ ଜର୍ମାନୀ ଗସ୍ତରେ ଯାଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜଣେ ଶ୍ରେଷ୍ଠ ଭୂତତ୍ତ୍ୱବିତ୍ ଭାବେ ଜଣାଶୁଣା ପ୍ରଫେସର ଆଚାର୍ଯ୍ୟଙ୍କ ବହୁ ପୁସ୍ତକ ଓ ଗବେଷଣାତ୍ମକ ନିବନ୍ଧ ପାଠକୀୟ ଆଦୃତି ଲାଭ କରିଛି। ପୁଅ ଶୁଭେନ୍ଦୁ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ।

## ସ୍ୱିଡେନର ଝିଅ ହେଲେ ଫୁଲବାଣୀର ବୋହୂ

ଫୁଲବାଣୀ ଅଫିସ, ୨୩।୨

ପ୍ରେମ ମାନେ ନାହିଁ ସୀମା ସରହଦ, ବାଧା ବନ୍ଧନ। ସୁଦୂର ସ୍ୱିଡେନର ଝିଅ କନ୍ଧମାଳ ଜିଲା ଫୁଲବାଣୀର ବୋହୂ ସାଜିବା ଏହି କଥାକୁ ଯେପରି ବାସ୍ତବ ରୂପ ଦେଇଛି। ଶନିବାର ସମ୍ପୂର୍ଣ୍ଣ ମୁସଲିମ୍ ରୀତିନୀତି ଅନୁସାରେ ସ୍ୱିଡେନର ଝିଅ ଇମା ଲୋର ଭୋଇଟଙ୍କ ସହ ଫୁଲବାଣୀ ହନୁମାନ ମନ୍ଦିରସାହିର ମହମ୍ମଦ ଆଜାରୁଦ୍ଦିନଙ୍କ ବିବାହ ସମ୍ପନ୍ନ ହୋଇଛି । ଆଜାରୁଦ୍ଦିନ ପ୍ରଥମେ ଗୋଆରେ କାମ କରୁଥିଲେ। ସ୍ୱିଡେନର ଝିଅ ଇମା ଗୋଆ ବୁଲି ଆସିଥିବାବେଳେ ଉଭୟଙ୍କର ସେଠାରେ ଭେଟ ହୋଇଥିଲା। ଏହାପରେ କଥାବର୍ତ୍ତା ଆରମ୍ଭ ହୋଇ ପରେ ପ୍ରେମର ରୂପ ନେଇଥିଲା। ଇମା ଇତିମଧରେ ଆଜାରୁଦ୍ଦିନଙ୍କୁ ସ୍ୱିଡେନ ଡକାଇଥିଲେ। ସେ କାମ କରୁଥିବା କମ୍ପାନୀରେ ଆଜାରୁଦ୍ଦିନଙ୍କର ମଧ ଚାକିରି କରାଇ ଦେଲେ। କଥା ଉଭୟଙ୍କ ଘରେ ପହଞ୍ଚିଲା ଏବଂ ସମସ୍ତେ ଏଥିରେ ସହମତି ପ୍ରକାଶ କଲେ। ୨୦୧୨ ମସିହାରୁ ଇମା ଓ ଆଜାରୁଦ୍ଦିନ ଫୁଲବାଣୀ ଯିବାଆସିବା କରୁଥିଲେ। ଶେଷରେ ୨୦୧୯ ଫେବୃୟାରୀ ୨୩ରେ ବିବାହ ସମ୍ପନ୍ନ ହୋଇଛି। ସ୍ୱିଡେନରୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଝିଅଘର ସମ୍ପର୍କୀୟ ଏହି ବିବାହରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଲୋକେ ମଧ ସେମାନଙ୍କ ସହ ସେଲ୍‌ଫିର ମଜା ଉଠାଉଥିବା ଦେଖିବାକୁ ମିଳିଛି।


ଆଜାରୁଦ୍ଦିନ ଓ ଇମା

**OFFICE OF THE PRINCIPAL**
**DADHIBAMAN DEGREE COLLEGE, BHATLI**
**TENDER / QUOTATION CALL NOTICE**

Sealed Quotation / Tenders are invited from the eligible manufacturers / authorised dealers/ registered farms having valid GST and PAN number for supply of following items within 10 days from the publication of this advertisement.
Details of items : Water Purifier -01 No. (100 to 200 Littres), DELL Computers -02 nos., Xerox machine Canon-01no., Projector Sony with Screen-01no, Students Desk & Bench-100 pairs, Almira-02 nos., Moving Chair-01 No., Office Chair-15 Nos, Office Table for staff common room -01 no., Podium-01 No, Dustbin -07 nos. & CBCS Library books.

**Sd./- Principal, Dadhibaman Degree College, Bhatli**
**At/Po- Bhatli, Dist- Bargarh, Mob : 9938508580**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP/ELECT/2019/T-89 ତା.20.02.2019ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ଠାରେ ଥିବା ମଣ୍ଡଳ ରେଳ ପ୍ରବନ୍ଧକ ବିଲ୍ଡିଙ୍ଗ୍ କମ୍ପ୍ଲେକ୍ସ ଏବଂ ମଣ୍ଡଳ ରେଳବାଇ ଚିକିତ୍ସାଳୟର ଏୟାର କଣ୍ଡିସନିଙ୍ଗ୍ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ) : 16,60,671.40,** EMD (ଟଙ୍କାରେ): 33,200/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ) : 2,000/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.03.2019 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ସମ୍ବଲପୁର

PR-495/J/18-19

**ସମ୍ବଲପୁର୍ ରେଳମଣ୍ଡଳର୍ ଡୁଙ୍ଗୁରିପାଲି ଏବଂ ଖଲିଆପାଲି ଷ୍ଟେସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ସେବା ବାତିଲ୍/ଆଂଶିକ ବାତିଲ୍ କରାଯିବ**

**ଟ୍ରେନ୍ ଚଳାଚଳ ସେବା ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 58214 | ବିଳାସପୁର - ଟିଟିଲାଗଡ଼ ପାସେଞ୍ଜର | ବିଳାସପୁର | 24.02.2019 ଠାରୁ 28.02.2019 ପର୍ଯ୍ୟନ୍ତ |
| 58213 | ଟିଟିଲାଗଡ଼ - ବିଳାସପୁର ପାସେଞ୍ଜର | ଟିଟିଲାଗଡ଼ | 25.02.2019 ଠାରୁ 01.03.2019 ପର୍ଯ୍ୟନ୍ତ |

**ତା.25.02.2019 ରୁ 28.02.2019 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧରେ ବାତିଲ୍ |
|---|---|---|---|
| 12893 | ଭୁବନେଶ୍ୱର - ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ | ଭୁବନେଶ୍ୱର | ବରଗଡ଼-ବଲାଙ୍ଗୀର ମଧରେ ଉଭୟ ଦିଗରୁ ବାତିଲ୍ ହେବ |
| 12894 | ବଲାଙ୍ଗୀର - ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ | ବଲାଙ୍ଗୀର | |
| 18005 | ହାଓଡ଼ା - ଜଗଦଲପୁର ଏକ୍ସପ୍ରେସ୍ | ହାଓଡ଼ା | ସମ୍ବଲପୁର-ଟିଟିଲାଗଡ଼ ମଧରେ ଉଭୟ ଦିଗରୁ ବାତିଲ୍ ହେବ |
| 18006 | ଜଗଦଲପୁର - ହାଓଡ଼ା ଏକ୍ସପ୍ରେସ୍ | ଜଗଦଲପୁର | |



**ପୂର୍ବ ତଟ ରେଳପଥ**

PR-497/J/18-19

**INSTITUTE OF RAIL TRANSPORT**
Room No.104, North Central Railway Project Unit, Shivaji Bridge, Behind Shankar Market, Near I.R.W.O. Office, New Delhi - 110001.
Ph. Nos.: 01123416832/23416833; E- mail: irtindia3@gmail.com,
Website: www.irt-india.com, www.irt.indianrailways.gov.in
Apply Online Also

The Institute of Rail Transport (IRT) invites fresh application for the **TRANSPORT ECONOMICS & MANAGEMENT** one year diploma courses by correspondence.

**TRANSPORT ECONOMICS & MANAGEMENT**

**Course Fee: ₹ 7,000/- (Including Study Material & Contact Classes).**

**ELIGIBILITY :** Graduate or Three Years Diploma in any Discipline from any recognized University/Institute/State Govt. with relaxation to Central/State Govt. employees/Armed Service Personnel (Serving & Retired), these candidates should have completed Sr. Sec. School with three year working experience.

**EXAMINATION CENTRES:** Delhi, Mumbai, Kolkata, Chennai, Secunderabad, Lucknow, Guwahati and Bhubaneswar. (Subject to sufficient number of students appearing in any centre).

Refer prospectus for details, on **payment of ₹ 200/-** including postal charges by Demand Draft in favour of **Institute of Rail Transport,** payable at **New Delhi**. Write full name and address in capital on the reverse of the draft and the name of the course.

Prospectus also available by cash payment of ₹150/- at the following counters & apart from above counter also:

1. **IRT Library and Study Centre, Dy. C. Engg./Bridge Line Office, Near Tilak Bridge Railway Station and Railway Police Post, Mahawat Khan Road, New Delhi-110002, Ph. : 011-23214362**
2. **IRT office C/o General Manager Office, Rail Sadan, South Block, Chandrashekharpur, Bhubaneswar, Odisha-17**

Prospectus and admission is also available on online at **www.irt.indianrailways.gov.in**. The course fee for online Admission is **₹ 6500/-**.

The last date for receipt of Application is **30th April, 2019**

**The Institute will remain closed on Saturdays, Sundays & Gazetted Holidays.**

**The Institute has applied for Affiliation with National Rail & Transportation Institute (NRTI), Deemed to be University.**

## ସଂକ୍ଷେପରେ

### କାଠ ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଗିରଫ

**ନୀଳଗିରି, ୨୩।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବନାଞ୍ଚଳ ଅଧୀନ ମିତ୍ରପୁର ସଂରକ୍ଷଣ ଜଙ୍ଗଲ କଲ୍ୟାଣୀ ଗାଁ ନିକଟରେ ଶୁକ୍ରବାର ବନ ବିଭାଗ ଚଢ଼ାଉ କରି ଏକ କାଠ ବୋଝେଇ ଗାଡି (ନଂ.ଓଡି ୦୧ ଏ୧୪୮୬) ଜବତ କରିଛି। ଏହାର ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଏନେଇ ବିଭାଗରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେ ହେଲେ ରେମୁଣା ଥାନା ନାଲାପାଟଣା ଗାଁର ଗୌରାଙ୍ଗ ରଣା। ମଧ୍ୟରାତିରେ ଗୌରାଙ୍ଗ ମିତ୍ରପୁର ସଂରକ୍ଷଣ ଜଙ୍ଗଲରୁ ଆକାଶିଆ ଗଛ କାଟି ଗାଡିରେ ବୋଝେଇ କରି ନେଉଥିଲେ। ମିତ୍ରପୁର ବନପାଳ ଗଣେଶ ପ୍ରସାଦ ଲେଙ୍କା ଖବରପାଇ ବନରକ୍ଷୀ ଦୁଷ୍ମନ୍ତ ଜେନାଙ୍କ ସହାୟତାରେ ଚଢ଼ାଉ କରି ଧରିବାକୁ ସକ୍ଷମ ହୋଇଥିଲେ।

# ୩ ଶହରୁ ଉର୍ଦ୍ଧ୍ୱ ଗୋରୁ ବୋଝେଇ ୩ କଣ୍ଟେନର ଜବତ

**ଜଳେଶ୍ୱର, ୨୩।୨(ଡି.ଏନ.ଏ.)**



ଜବତ ଗୋରୁ ବୋଝେଇ କଣ୍ଟେନର

- ବେଆଇନ ଭାବେ ପଶ୍ଚିମବଙ୍ଗକୁ ହେଉଥିଲା ଚାଲାଣ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ବଜରଙ୍ଗ ଦଳ

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଚାଲନ୍ତି ଗ୍ରାମ ମଧ୍ୟଦେଇ ପଶ୍ଚିମବଙ୍ଗକୁ ବେଆଇନ ଭାବେ ଚାଲାଣ ହେଉଥିବା ୩ଶହରୁ ଉର୍ଦ୍ଧ୍ୱ ଗୋରୁ ବୋଝେଇ ୩ଟି କଣ୍ଟେନର ଶନିବାର ଭୋର ସମୟରେ ଭଦ୍ରକ ଅଞ୍ଚଳର ବଜରଙ୍ଗ ଦଳର କର୍ମକର୍ତ୍ତା ଅଟକାଇଥିଲେ। କର୍ମକର୍ତ୍ତାମାନେ କଣ୍ଟେନରଗୁଡ଼ିକର ଆଗ ଚକର ପମ୍ପ ଖୋଲିଦେଇ ଗାଡ଼ିକୁ ଆଗକୁ ବଢ଼ିବା ପାଇଁ ଦେଇ ନ ଥିଲେ। ଫଳରେ ଡ୍ରାଇଭରମାନଙ୍କ ସହିତ ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ପାଟିତୁଣ୍ଡ ଶୁଣି ଚାଲନ୍ତି ଗ୍ରାମର ଶତାଧିକ ଗ୍ରାମବାସୀ କଣ୍ଟେନର ନିକଟକୁ ଆସିବା ଦେଖି ଡ୍ରାଇଭର ଓ ଚାଲାଣକାରୀମାନେ ଘଟଣାସ୍ଥଳରୁ ଛୁ ମାରିଥିଲେ। କଣ୍ଟେନରଗୁଡ଼ିକ ଭିତରୁ ଗୋରୁମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ କଣ୍ଟେନର କବାଟ ଖୋଲି ୩ ଶହରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ଜଳେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗୋରୁ ଓ କଣ୍ଟେନରଗୁଡ଼ିକୁ ଜବତ କରିଥିଲେ। ଏନେଇ ଜଳେଶ୍ୱର ଥାନାରେ ପୋଲିସ ବେଆଇନ ଗୋଚାଲାଣ ମାମଲା (ନଂ.୪୯/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଓଡ଼ିଶାର ଶେଷସୀମାରୁ ଦୈନିକ ଶହ ଶହ ଗୋରୁ ଯାନବାହନ ଯୋଗେ ପଶ୍ଚିମବଙ୍ଗ ଓ ବାଂଲାଦେଶ କଂସେଇଖାନାକୁ ବେଧଡ଼କ ଭାବେ ଚାଲାଣ କରାଯାଉଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋରୁ ଲାଙ୍ଗୁଡ଼**
**ଗୋରୀ ଆସିଲାଣି କାଳୀକି ତଡ଼।**

ସାଧାରଣତଃ ନୂଆ ନୂଆ ଜିନିଷ ବା ଦରବ ପ୍ରତି ସମସ୍ତଙ୍କର ଆଗ୍ରହ ତଥା ଆଦର ଭାବ ରହିଥାଏ। ନୂଆ ଓ ଭଲ ଜିନିଷ ମିଳିଲେ ପୁରୁଣା ଓ ଖରାପ ଜିନିଷକୁ କେହି ପଚାରି ନ ଥାନ୍ତି। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି। ନୂଆକୁ ଆଦର କରି ପୁରୁଣାକୁ ହତାଦର କରାଯିବା ଭଳି ଗୌରବର୍ଣ୍ଣା ଯୁବତୀକୁ ପାଇ ଶ୍ୟାମଳ ବର୍ଣ୍ଣା ଯୁବତୀ ପାଖରୁ ମୁହଁ ବୁଲାଇ ନେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁଣ ଥିଲେ କାନ୍ଧ୍**
**ବାଳ ଥିଲେ ବାନ୍ଧ୍।**

ସମାଜରେ ଗୁଣୀ ବ୍ୟକ୍ତିଙ୍କୁ ଉଚ୍ଚାସନ ମିଳିଥାଏ। ଆଦର ସମ୍ମାନ ମିଳିବା ସହ ଯଶକୀର୍ତ୍ତି ପ୍ରାପ୍ତ ହୋଇଥାଏ। ମୃତ୍ୟୁ ପରେ ଗୁଣଗାନ କରାଯାଇଥାଏ। ସେହିପରି କେଶ ଅଲରା ନ ହେବା ଲାଗି ତାକୁ ବାନ୍ଧି ବା ଖୋସା ପକେଇ ରଖାଯାଇଥାଏ। କିନ୍ତୁ ମୂଳରୁ ଗୁଣ ନ ଥିଲେ କାହାକୁ ମୁଣ୍ଡରେ ବସାଇବ ତଥା ସୁମରିବ ଓ ମୁଣ୍ଡରେ କେଶ ନ ଥିଲେ କାହାକୁ ବାନ୍ଧିବ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟି.ଏସ୍. ସିଂଦେଓ ଅସ୍ଥାୟୀ ପିସିସି ପ୍ରଭାରୀ ନିଯୁକ୍ତ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ଛତିଶଗଡ଼ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଟି.ଏସ୍ ସିଂଦେଓ ଅସ୍ଥାୟୀ ଭାବେ ପ୍ରଦେଶ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏଆଇସିସିର ଅନୁମୋଦନ କ୍ରମେ ଶନିବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ସହ ଟି. ଏସ୍ ମଧ୍ୟ ପିସିସି ପାଇଁ କାର୍ଯ୍ୟ କରିବେ। ରାଜସ୍ଥାନ, ଛତିଶଗଡ଼ ଏବଂ ମଧ୍ୟ ପ୍ରଦେଶ ନିର୍ବାଚନ ଫଳାଫଳ ପରେ ଜିତେନ୍ଦ୍ର ପିସିସିକୁ ଏତେଟା ସମୟ ଦେଇ ପାରୁ ନାହାନ୍ତି। ତେଣୁ ତାଙ୍କ ଅନୁପସ୍ଥିତିକୁ ଭରଣା କରିବା ପାଇଁ ଟି.ଏସ୍ ସିଂଦେଓଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଏକଦା ରାଜସ୍ଥାନର ଅଲୱରପୁର ଏମ୍‌ପି ହୋଇଥିବା ଜିତେନ୍ଦ୍ରଙ୍କ ଲୋକ ସଭା ଅଧୀନରେ ଆସୁଥିବା ବିଧାନସଭା ଆସନଗୁଡ଼ିକ କଂଗ୍ରେସ ଏତେଟା ଭଲ ପ୍ରଦର୍ଶନ କରି ନ ଥିଲା। ଆଗକୁ ନିର୍ବାଚନ ଥିବାରୁ ଜିତେନ୍ଦ୍ର ନିଜ ନିର୍ବାଚନ ପାଇଁ ମନ ବଳାଇଥିବା କଂଗ୍ରେସ ମହଲରେ ଆଲୋଚନା ହେଉଛି। ଟି.ଏସ୍‌ଙ୍କ ନିଯୁକ୍ତିକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝୀ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ପ୍ରମୁଖ ସ୍ୱାଗତ କରିଛନ୍ତି।

# ଚିଲିକା ବ୍ଲକ ଉପାଧ୍ୟକ୍ଷ,ସରପଞ୍ଚ ଓ ବହୁ ଭାଜପା କର୍ମୀ ବିଜେଡିରେ ସାମିଲ

**ଭୁବନେଶ୍ୱର,୨୩।୨ (ବ୍ୟୁରୋ)**

ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭାଜପା ସମର୍ଥିତ ଚିଲିକା ବ୍ଲକ ଉପାଧ୍ୟକ୍ଷ, ବିଭିନ୍ନ ପଞ୍ଚାୟତର ଭାଜପା ସରପଞ୍ଚ, ପୂର୍ବତନ ସରପଞ୍ଚ ଏବଂ ୫୦୦ରୁ ଅଧିକ ଭାଜପା କର୍ମୀ ଶନିବାର ବିଜେଡିରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି-ଚିଲିକା ବ୍ଲକ ଉପାଧ୍ୟକ୍ଷ ଉତ୍ପଳ କୁମାର ପାଇକରାୟ, ଅଙ୍କୁଲା ସରପଞ୍ଚ ଶ୍ରୀମତୀ ମମତା ପାଇକରାୟ, ବଉଳାବନ୍ଧ ସରପଞ୍ଚ ଦେବାଶିଷ ରଥ, ହରିପୁର ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ଆୟତପୁର ସରପଞ୍ଚ ହରିଶ ସେଠୀ, ହାଟବରଡିହିର ପୂର୍ବତନ ସରପଞ୍ଚ ରୀନା ବେହେରା, ନିମିଖେତାର ପୂର୍ବତନ ସରପଞ୍ଚ ବାଉରୀବନ୍ଧୁ କେଇ ଏବଂ ବାଲୁଗାଁ କୋ-ଅପରେଟିଭ୍ ସୋସାଇଟି ସଭାପତି ଲଳିତ ମିଶ୍ର ପ୍ରମୁଖ। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ। ପୂର୍ବତନ ବିଧାୟକ ରଘୁନାଥଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ମିଶ୍ରଣ ପର୍ବରେ ଚିଲିକା ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ବାଲୁଗାଁ ଏନ୍‌ଏସି ସଭାପତି ଭଗବାନ ପ୍ରଧାନ, ବାଣପୁର ଏନ୍‌ଏସି ସଭାପତି ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଏମ୍‌ପିଙ୍କ ପ୍ରତିନିଧି ରମେଶ ମହାପାତ୍ର, ବାଣପୁର ଏନ୍‌ଏସି ପୂର୍ବତନ ଉପାଧ୍ୟକ୍ଷ ଦାସରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରର ଜଳସେଚନ ପ୍ରକଳ୍ପ ଜଳସମ୍ପଦ ବିଭାଗକୁ ହସ୍ତାନ୍ତର

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ସୁବର୍ଣ୍ଣପୁର ଜିଲାର ଆୟାକଟ ଏରିଆ କ୍ଷୁଦ୍ର ଜଳସେଚନ ପରିସରଭୁକ୍ତ ୪୦ ହେକ୍ଟରରୁ ୨୦୦୦ ହେକ୍ଟର ପର୍ଯ୍ୟନ୍ତ ଜଳସେଚନ ପ୍ରକଳ୍ପ ପଞ୍ଚାୟତିରାଜ ବିଭାଗରୁ ଜଳସମ୍ପଦ ବିଭାଗକୁ ହସ୍ତାନ୍ତର ହେବ। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଶନିବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ସୁବର୍ଣ୍ଣପୁର ଜିଲାର ୧୫ଟି ଗ୍ରାମ ପଞ୍ଚାୟତ ପ୍ରକଳ୍ପ ହସ୍ତାନ୍ତର ହେବ ବୋଲି ଜଣାପଡ଼ିଛି। ଏହା ମଧ୍ୟରେ ରହିଛି- ସୋନପୁର ତରଭା ଓ ଡୁଙ୍ଗୁରୀପଲ୍ଲୀ ବ୍ଲକ୍‌ର ଚକ୍ରମାଳ, ଖରି, ନାରାୟଣପୁର, ବାଲିଖାମର, ଦେଉଳପଦର, ରାଣୀସାରଦା, ସୁନାପଲ୍ଲୀ, ଚେରୁପାଲ୍ଲୀ, ସୁଖା, ଦିଗସିରା, ରାମପୁର, କାପାସିରା ଭଳି ପ୍ରମୁଖ ପଞ୍ଚାୟତ। ଜଳସମ୍ପଦ ବିଭାଗ ପକ୍ଷରୁ ଏଣିକି ଏ ଅଞ୍ଚଳରେ ଜଳସେଚନ ନିମନ୍ତେ ଏହି ପ୍ରକଳ୍ପର ଉନ୍ନତୀକରଣ ଓ ମରାମତି କାର୍ଯ୍ୟ କରାଯିବ। ଏହା ଦ୍ୱାରା ଏହି ଅଞ୍ଚଳର ସମସ୍ତ ଚାଷୀ ଉପକୃତ ହେବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ କହିଛନ୍ତି।


## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

ନଂ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫, ଫୋନ ନଂ: ୦୬୭୪-୨୩୦୧୩୨୪, oavsbbsr.od@gov.in

### ବିଜ୍ଞାପନ

No.80-n:- ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ୨୧୪ ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/ CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବାଧାୟୀ (Day Scholar) ଭାବରେ ଛାତ୍ରୀଛାତ୍ରମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ। କେଉଁ କେଉଁ ବିଦ୍ୟାଳୟରେ ହଷ୍ଟେଲ ଖୋଲାଯିବ ଓ କେତେ ସଂଖ୍ୟାର ଛାତ୍ରଛାତ୍ରୀ ଗ୍ରହଣ କରାଯିବ ତାହା ପରବର୍ତ୍ତୀ ସମୟରେ ଆଦର୍ଶ ବିଦ୍ୟାଳୟଗୁଡ଼ିକୁ ସୂଚାଇ ଦିଆଯିବ। ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି। ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ। ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୧୫।୦୩।୨୦୧୮। ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ ସାଇଟରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ। ଉକ୍ତ ପ୍ରବେଶିକା ପରୀକ୍ଷା, ତା୨୪।୦୩।୨୦୧୯ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ। ଏତଦ୍‌ବ୍ୟତୀତ କେବଳ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry) ର ମଧ୍ୟ ବ୍ୟବସ୍ଥା ରହିଛି। ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ସେହି ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରି ଦରଖାସ୍ତର ନମୁନା ପାଇପାରିବେ।

ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ www.oavs.in ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ। ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ପ୍ରମାଣ ପତ୍ର ସହ ଆବେଦନ କରିପାରିବେ। ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ବିଦ୍ୟାଳୟର ତାଲିକ ୱେବସାଇଟରେ ଉପଲବ୍ଧ ଅଟେ। ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ଅଳ୍ପ କେତୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ବିଦ୍ୟାଳୟରେ ଆବାସିକ ବ୍ୟବସ୍ଥା କରାଯାଇଅଛି। କିନ୍ତୁ କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବାଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ। ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

27029/11/0007/1819


# 'ପ୍ରତି ଆଇଟିଆଇରେ ପହଞ୍ଚିବ ନାନୋ ୟୁନିକର୍ଣ୍ଣଙ୍କ କାହାଣୀ'

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ଗଜପତି ନଗରସ୍ଥିତ ପୋଲିସ୍ ଭବନଠାରେ ପ୍ରଥମ ନାନୋ ୟୁନିକର୍ଣ୍ଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ବାଗ୍‌ଚୀ କହିଥିଲେ ଯେ, ଆଗାମୀ ଦିନରେ ନାନୋ ୟୁନିକର୍ଣ୍ଣଙ୍କ ସଂକଳ୍ପ, ସାହସ ଓ ସଂଘର୍ଷର କାହାଣୀକୁ ପ୍ରତିଟି ଆଇଟିଆଇରେ ପହଞ୍ଚାଇବାକୁ ପଡ଼ିବ। ଯାହାଫଳରେ ଆଗାମୀ ବର୍ଷରେ ୧୦୦୦ ଜଣ ନାନୋ ୟୁନିକର୍ଣ୍ଣ ସୃଷ୍ଟି କରିବାର ସ୍ୱପ୍ନ ପୂରା ହୋଇପାରିବ। ବର୍ତ୍ତମାନ ୧୪୨ ଜଣ ଯୁବକଯୁବତୀ ନାନୋ ୟୁନିକର୍ଣ୍ଣ ଯୋଜନା ଦ୍ୱାରା ଉପକୃତ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣ ଯୁବତୀ ଅଛନ୍ତି। ଅଧିକରୁ ଅଧିକ ଯୁବତୀମାନଙ୍କୁ ଏହି ଯୋଜନା ଦ୍ୱାରା ଉପକୃତ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି।

ସେହିପରି ଓଏସ୍‌ଡିଏ ସିଇଓ ତଥା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ କହିଥିଲେ ଯେ, ଏହି ଯୋଜନାର କାର୍ଯ୍ୟଶୈଳୀ ଯୋଗୁ ଏହା ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ଉଦାହରଣ ସୃଷ୍ଟି କରିପାରିଛି। ଏହି ପ୍ରଥମ ନାନୋ ୟୁନିକର୍ଣ୍ଣ ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦୦ ଜଣ ଯୁବକଯୁବତୀ ଭାଗ ନେଇଥିଲେ। ଯୁବ ଉଦ୍ୟୋଗୀମାନଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିବା ପାଇଁ ରୁଚି ମସଲାର ଅଧ୍ୟକ୍ଷ ଶରତ ସାହୁ ଏବଂ ଗ୍ରୀନ୍ ଚିଲିଜ୍‌ର ପ୍ରତିଷ୍ଠାତା କେଶବ ରାଓ ବ୍ୟବସାୟର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଯୁଗ୍ମ ସଚିବ ପିନାକୀ ପଟ୍ଟନାୟକ, କନ୍‌ସଲଟାଣ୍ଟ ଗୀତାଞ୍ଜଳି ମିଶ୍ର, ସୁସ୍ମିତା ବାଗ୍‌ଚୀ, ବିରଞ୍ଚି ନାରାୟଣ ଦାସ, ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ ଏବଂ ଶିଶିର ସାହୁ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସିୱାଇଏସ୍‌ଡିର କର୍ମକର୍ତ୍ତାମାନେ ସହାୟତା କରିଥିଲେ।

# ବେଆଇନ ଅବରୋଧ ହଟାଇଲା ପ୍ରଶାସନ

**ରେମୁଣା, ୨୩।୨ (ଡି.ଏନ.ଏ.)**

କ୍ଷୀରଚୋରା ଆର୍‌ଆଇ ଅଧୀନ ଅଠାନ୍ତର ଗାଁର ୩୭୧ ନମ୍ବର ପ୍ଲଟ ଉପରେ ଦୟାନିଧି ଦାସ ଏବଂ ଅନନ୍ତ ଦାସଙ୍କ ପରିବାର ରାସ୍ତା ପାର୍ଶ୍ୱ ଜମିରେ ଘର କରି ବସବାସ କରିଆସୁଥିଲେ। ମାତ୍ର ଉକ୍ତ ଜମି ରାସ୍ତା କିସମରେ ଆସୁଥିବାରୁ ସେମାନଙ୍କୁ ସେଠାରୁ ଉଚ୍ଛେଦ ପାଇଁ ଶ୍ରୀଧର ସିଂ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ବେଆଇନ ଅବରୋଧ ଦର୍ଶାଇ ସେହି ଦୁଇ ପରିବାରକୁ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ। ଉକ୍ତ ସ୍ଥାନରୁ ଶନିବାର ଅବରୋଧ ହଟାଇବା ପାଇଁ ତହସିଲଦାର ସଞ୍ଜୟ କୁମାର ରାଉତ, ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ବିନୋଦ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଆନନ୍ଦିତା ଆଚାର୍ଯ୍ୟ, ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ଆରଆଇ ଶୁଭେନ୍ଦୁ କୁମାର ସାହୁ, ବିଦ୍ୟୁତ୍ ବିଭାଗ ଏବଂ ଦମକଳ ବାହିନୀ ପୋଲିସ ଫୋର୍ସ ସହିତ ସେଠାରେ ପହଞ୍ଚିଥିଲେ। ଡ୍ରୋଜରରେ ଉକ୍ତ ଅବରୋଧକୁ ହଟାଇ ଦିଆଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ମୁଦ୍ରିକା ଫାଇନାନ୍ସ ଲୋନ**
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

**!!ଋଣ ଋଣ ଋଣ!!**
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ଋଣ ଧମାକା - ଋଣ ଧମାକା**
**ଧନଲକ୍ଷ୍ମୀ ଫାଇନାନ୍ସ**
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

ଭାରତର ନଂ.1
**SATYAM FINANCE**
ପଞ୍ଜୀକୃତ କମ୍ପାନୀରୁ ଘରେ ବସି ପାଆନ୍ତୁ
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ଗାଡ଼ି, ଗୃହ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର ଆସିବା ପରେ
1% ସୁଧ - 40% ଛାଡ଼
ସରକାରୀ କର୍ମଚାରୀ/ମହିଳାଙ୍କ ପାଇଁ ବିଶେଷ ରିହାତି
07701890960, 09991536957
168, sector 30, jagatpura, jaipur (Rajasthan)

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**LOAN**
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
**ଧନଲକ୍ଷ୍ମୀ ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ-
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ରବିବାର, ୨୪ ଫେବୃୟାରୀ, ୨୦୧୯



“ହୁରିୟାତ ଓ ଜମାତ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏକତରଫା ଓ ସ୍ୱେଚ୍ଛାଚାରୀ। କେନ୍ଦ୍ର ସରକାର ଜଣେ ବ୍ୟକ୍ତିଙ୍କୁ ଜେଲ୍‌ରେ ପୂରାଇପାରନ୍ତି, କିନ୍ତୁ ତାଙ୍କ ବିଚାରଧାରାକୁ କଏଦ କରିପାରିବେ ନାହିଁ।

-ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଫୋନ୍‌ରେ ବିମାନ ଅପହରଣ ଧମକ

**ସୁରକ୍ଷା ବଢ଼ାଗଲା**

**ନୂଆଦିଲ୍ଲୀ,୨୩।୨(ପି.ଟି.):** ବିମାନ ଅପହରଣ ଧମକପୂର୍ଣ୍ଣ ଫୋନ୍ କଲ୍‌କୁ ନେଇ ଦେଶର ସମସ୍ତ ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯିବା ସହ ସିଆଇଏସ୍‌ଏଫ୍‌କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏୟାର ଇଣ୍ଡିଆର ମୁମ୍ବାଇ କଣ୍ଟ୍ରୋଲ ରୁମ୍‌କୁ ଶନିବାର ଏକ ଫୋନ୍‌କଲ୍ ଆସିଥିଲା। ଏହାର ଏକ ବିମାନକୁ ପାକିସ୍ତାନକୁ ଅପହରଣ କରିନିଆଯିବ ବୋଲି କେହିଜଣେ ଧମକ ଦେଇଥିଲେ। ଏହା ଜଣାପଡିବା ପରେ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ (ବିସିଏଏସ୍) ସମସ୍ତ ବିମାନ ବନ୍ଦରକୁ ସତର୍କ କରିଦେଇଥିଲା। ବିମାନବନ୍ଦର ସୁରକ୍ଷା ବିଭାଗ (ଏପିଏସ୍‌ୟୁ ଏବଂ ଆଭିଏଶନ୍ ସିକ୍ୟୁରିଟି ଗ୍ରୁପ୍(ଏଏସ୍‌ଜି) ସମେତ ସମସ୍ତ ବିମାନ ଅପରେଟରମାନଙ୍କୁ ତୁରନ୍ତ ୮ଟି ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଥିଲା। ବିମାନବନ୍ଦରଗୁଡିକୁ ଯାଇଥିବା ରାସ୍ତାରେ ଯାଞ୍ଚ ବ୍ୟବସ୍ଥା କଡାକଡି କରାଯାଇଥିଲା। ଟର୍ମିନାଲ ବିଲ୍ଡିଂ, ସମସ୍ତ ଅପରେଶନାଲ ଏରିଆ ଏବଂ ଅନ୍ୟାନ୍ୟ ସ୍ଥାନରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଥିଲା। ସିସିଟିଭି ମାଧମରେ ଚତୁଃପାର୍ଶ୍ୱ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା।

### ‘କଂଗ୍ରେସ କ୍ଷମତାକୁ ଆସିଲେ ଅର୍ଦ୍ଧସାମରିକ ଯବାନଙ୍କୁ ଶହୀଦ ମାନ୍ୟତା’



**ନୂଆଦିଲ୍ଲୀ,୨୩।୨(ପି.ଟି.):** କଂଗ୍ରେସ କ୍ଷମତାକୁ ଆସିଲେ କର୍ତ୍ତବ୍ୟରେ ଥାଇ ପ୍ରାଣ ହରାଉଥିବା ଅର୍ଦ୍ଧସାମରିକ ବାହିନୀ ଯବାନମାନଙ୍କୁ ଶହୀଦ ମାନ୍ୟତା ପ୍ରଦାନ କରାଯିବ ବୋଲି ଦଳ ଅଧକ୍ଷ ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। ଜେଏଲ୍‌ଏନ୍ ଷ୍ଟାଡିୟମରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଆଲୋଚନାବେଳେ ଶହୀଦ ମାନ୍ୟତା ସମ୍ପର୍କିତ ପ୍ରଶ୍ନରେ ରାହୁଲ ଉପରୋକ୍ତ ମତ ଦେଇଛନ୍ତି।

### ସୁଦାନରେ ଜରୁରୀ ପରିସ୍ଥିତି



**ଖାର୍ତୁମ୍,୨୩।୨:** ସୁଦାନ ରାଷ୍ଟ୍ରପତି ଓମାର ଅଲ-ବଶିର କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକୁ ଭଙ୍ଗକରିବା ସହ ବର୍ଷକ ପାଇଁ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ଏଥିସହିତ ସେ ଜଣେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଥିବାବେଳେ ବର୍ତ୍ତମାନର ପ୍ରତିରକ୍ଷା, ବହିର୍ବ୍ୟାପାର ଏବଂ ଆଇନ ମନ୍ତ୍ରୀଙ୍କ ପଦବୀ ବଜାୟ ରହିଛି। ସାମରିକ ଅଧିକାରୀଙ୍କୁ ସମସ୍ତ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତି ଦିଆଯାଇଛି। ୧୯୮୯ ବିଦ୍ରୋହ ବଳରେ ବଶିର କ୍ଷମତା ଦଖଲ କରିଥିଲେ। ତାଙ୍କ ବିରୋଧରେ ନରହତ୍ୟା ଅଭିଯୋଗ ପରେ ଦେଶରେ ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଡିସେମ୍ବର ମାସରୁ ଚାଲିଥିବା ବିକ୍ଷୋଭ ସଂଘର୍ଷରେ ୫୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି।

# ଉପତ୍ୟକାରେ ଉତ୍ତେଜନା

**ଶ୍ରୀନଗର,୨୩।୨(ପି.ଟି.)**



ଶ୍ରୀନଗରରେ ଅର୍ଦ୍ଧସାମରିକ ବାହିନୀ ମୁତୟନ

ସରକାର ବିଚ୍ଛିନ୍ନତାବାଦୀ ନେତାଙ୍କ ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସମ୍ବିଧାନର ଧାରା ୩୫-କ ଉପରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ଥିବାବେଳେ ଏହା ପୂର୍ବରୁ ଜମାତ୍-ଇ-ଇସ୍‌ଲାମୀ ନେତା ଅବ୍‌ଦୁଲ ହମିଦ ଫୟାଜଙ୍କ ସମେତ ୧୫୦ ଜଣଙ୍କୁ ଗିରଫ କରାଯାଇଛି। ଫଳରେ କଶ୍ମୀର ଉପତ୍ୟକାରେ ଉତ୍ତେଜନା ବୃଦ୍ଧିପାଇଛି। ପୋଲିସ ଏହାକୁ ନିୟମିତ କାର୍ଯ୍ୟାନୁଷ୍ଠାନ କହିଥିବାବେଳେ ଜମାତ ସଂଗଠନ ବିରୋଧରେ ଏହା ପ୍ରଥମ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ଧାରା ୩୫-କ ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ସ୍ୱତନ୍ତ୍ର ଅଧିକାର ଓ ସୁବିଧା ଯୋଗାଇ ଦେଉଛି। ଜମାତ-ଇ-ଇସ୍‌ଲାମୀ ନିଜକୁ ସାମାଜିକ-ଧର୍ମୀୟ ସଂଗଠନ କହୁଥିବାବେଳେ ଏହା ହିଜ୍‌ବୁଲ ମୁଜାହିଦ୍ଦିନର ମୂଳ ରାଜନୈତିକ ଦଳ ବୋଲି ପୂର୍ବରୁ ବିବେଚନା କରାଯାଉଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଲୋକମାନେ ରାସ୍ତାକୁ ଓହ୍ଲାଇବା ଫଳରେ ଉତ୍ତେଜନା ବୃଦ୍ଧି ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ସରକାର କଶ୍ମୀରକୁ ଅଧିକ ୧୦୦ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ (ପାଖାପାଖି ୧୦ ହଜାର ଯବାନ) ପଠାଇଛନ୍ତି। ୧୪ ବର୍ଷ ପରେ ଶ୍ରୀନଗରରେ ବିଏସ୍‌ଏଫ୍ ଯବାନ ମୁତୟନ ହୋଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଶ୍ରୀନଗର ସରକାରୀ ମେଡିକାଲ କଲେଜର ଶୀତ ଛୁଟିକୁ ବାତିଲ କରାଯାଇ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ସେହିପରି ଖାଦ୍ୟ, ସାଧାରଣ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗର କର୍ମଚାରୀମାନଙ୍କୁ ମଧ ଆଉଟ୍‌ଲେଟ୍ ମାଧମରେ ଦକ୍ଷିଣ ଶ୍ରୀନଗର ଅଞ୍ଚଳରେ ରାଶନ ବିକ୍ରି ଜାରି ରଖିବାକୁ କୁହାଯାଇଛି। ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣାରେ ବ୍ୟସ୍ତ ଥିବାବେଳେ ପେଟ୍ରୋଲ ପମ୍ପଗୁଡିକରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି।

ସୁପ୍ରିମକୋର୍ଟ ଶୁଣାଣି ପୂର୍ବରୁ ପୋଲିସ୍‌ର ରାତି ଅଧିଆ ଗିରଫଦାରିକୁ ନେଇ ଜମାତ ସନ୍ଦେହ ବ୍ୟକ୍ତ କରିଛି। ଶୁକ୍ରବାର ରାତିରେ ପୋଲିସ ଜେକେଏଲଏଫ୍ ମୁଖ୍ୟ ୟାସିନ୍ ମଲିକଙ୍କୁ ଗିରଫ କରି ଜେଲ୍ ପଠାଇଦେଇଛି। ବିଚ୍ଛିନ୍ନତାବାଦୀ ସଂଗଠନଗୁଡିକ ପକ୍ଷରୁ ରବିବାର ବନ୍ଦ ଡାକରା ଦିଆଯାଇଛି। ଉପତ୍ୟକାରେ ଗଣଗିରଫଦାରିର ବୈଧାନିକତାକୁ ନେଇ ପିଡିପି ଅଧକ୍ଷା ମେହବୁବା ମୁଫ୍‌ତି ପ୍ରଶ୍ନ ଉଠାଇଛନ୍ତି। ହୁରିୟାତ୍ ଓ ଜମାତ ସଂଗଠନ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଏକତରଫା ଓ ସ୍ୱେଚ୍ଛାଚାରୀ ବୋଲି ସେ କହିଛନ୍ତି। ଅତୀତରେ ଅନେକ ଥର ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିଲେ ମଧ ଫଳ କିଛି ହୋଇନାହିଁ ବୋଲି ପିପୁଲ୍ସ କନ୍‌ଫରେନ୍ସ ନେତା ସଜାଦ୍ ଲୋନେ କହିଛନ୍ତି। ୟାସିନ ମଲିକଙ୍କ ଗିରଫଦାରି ଏବଂ ଜମାତ-ଇ-ଇସ୍‌ଲାମୀ ସଂଗଠନ ଉପରେ କାର୍ଯ୍ୟାନୁଷ୍ଠାନକୁ ହୁରିୟାତ କନ୍‌ଫରେନ୍ସ ଅଧ୍ୟକ୍ଷ ମିର୍‌ୱେଜ ଉମାର ଫାରୁକ ନିନ୍ଦା କରିଛନ୍ତି। ଏହା ପରିସ୍ଥିତିକୁ ଆହୁରି ଖରାପ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

- ୧୦୦ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ମୁତୟନ
- ଜମାତ୍ ନେତାଙ୍କ ସମେତ ୧୫୦ ଗିରଫ
- ଶ୍ରୀନଗରରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଛୁଟି ବାତିଲ୍

## କାର୍ପେଟ୍ ଫ୍ୟାକ୍ଟ୍ରିରେ ବିସ୍ଫୋରଣ : ୧୩ ମୃତ

**ଭାଦୋହି,୨୩।୨(ପି.ଟି.)**

ଉତ୍ତରପ୍ରଦେଶର ଭାଦୋହି ଜିଲାସ୍ଥିତ ଏକ କାର୍ପେଟ୍ ଫ୍ୟାକ୍ଟ୍ରିରେ ଶନିବାର ଅପରାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ୧୩ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ଫ୍ୟାକ୍ଟ୍ରିରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ବେଳେ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ଏକ କୋଠାଘରେ ଏହି ଫ୍ୟାକ୍ଟ୍ରି ଚାଲିଥିଲା। ବିସ୍ଫୋରଣରେ ଏହି କୋଠା ସମେତ ଏହାକୁ ଲାଗିଥିବା ୩ଟି ଘର ଭୁଶୁଡ଼ି ପଡ଼ିଛି। କାନ୍ଥ ଓ ଛାତ ତଳେ ଏକାଧିକ ଲୋକ ଚାପି ହୋଇ ରହିଥିବା ଜଣାଯାଇଛି। ଏ ନେଇ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆହତମାନଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ମଧ୍ୟରେ ୯ଜଣ ପଶ୍ଚିମବଙ୍ଗ ମାଲ୍‌ଦା ଅଞ୍ଚଳର ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟ୍ୱିଟ୍ କରି ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଫୋରେନ୍‌ସିକ୍ ଏକ୍ସପର୍ଟ ଓ ଏନ୍‌ଡିଆର୍‌ଏଫ୍‌ର ଟିମ୍ ମଧ ବିସ୍ଫୋରଣସ୍ଥଳରେ ଉପସ୍ଥିତ ରହିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।



ୟୁପିର ଭାଦୋଇ ଜିଲାରେ କାର୍ପେଟ ଫ୍ୟାକ୍ଟ୍ରି ବିସ୍ଫୋରଣ ସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

## ଆମେରିକାସ୍ଥିତ ପାକ୍, ଚାଇନା ଦୂତାବାସ ଆଗରେ ବିକ୍ଷୋଭ




**ନ୍ୟୁୟର୍କ,୨୩।୨(ଆଇଏଏନ୍‌ଏସ)**

ଗତ ୧୪ ତାରିଖ ପୁଲଓ୍ୱାମା ଆକ୍ରମଣ ବିରୋଧରେ ଆମେରିକାରେ ରହୁଥିବା ଭାରତୀୟମାନେ ପାକିସ୍ତାନ ଓ ଚାଇନା ଦୂତାବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନ୍ୟୁୟର୍କସ୍ଥିତ ପାକିସ୍ତାନ ବାଣିଜ୍ୟିକ ଦୂତାବାସ ଅଭିମୁଖେ ଯାଉଥିବା ୪୦୦ରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକାଇଥିଲା। ଆତଙ୍କବାଦୀଙ୍କୁ ପାକିସ୍ତାନର ସମର୍ଥନକୁ ସେମାନେ ବିରୋଧ କରିବା ସହ ବନ୍ଦେ ମାତରମ୍ ସ୍ଲୋଗାନ ଦେଇଥିଲେ। ଭାରତୀୟ ପ୍ରତିନିଧି ଦଳ ବାଣିଜ୍ୟିକ ଦୂତାବାସକୁ ଯାଇ ସ୍ମାରକପତ୍ର ଦେବା ସହ ପୁଲଓ୍ୱାମା ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେହିପରି ଶିକାଗୋରେ ଥିବା ଚାଇନା ବାଣିଜ୍ୟିକ ଦୂତାବାସ ଆଗରେ ଭାରତୀୟମାନେ ବିକ୍ଷୋଭ କରି ଜାତିସଂଘରେ ମାସୁଦ୍ ଆଜ୍ହାରକୁ ସୁରକ୍ଷା ଯୋଗାଉଥିବା ବେଜିଂର ନୀତିକୁ ବିରୋଧ କରିଥିଲେ।

## ଦିଲ୍ଲୀକୁ ରାଜ୍ୟ ମାନ୍ୟତା ଦାବି ଅନଶନରେ ବସିବେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୨୩।୨(ପି.ଟି.)**

ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମାର୍ଚ୍ଚ ୧ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିବେ ବୋଲି ଶନିବାର ଘୋଷଣା କରିଛନ୍ତି। ବିଧାନସଭାରେ ବଜେଟ ଅଧିବେଶନକୁ ସମ୍ବୋଧିତ କରି କେଜ୍‌ରିୱାଲ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। କ୍ଷମତା ଅଭାବରୁ ଦିଲ୍ଲୀ ସରକାର ଲୋକଙ୍କ ପାଇଁ କାର୍ଯ୍ୟ କରିବାରେ ଅସମର୍ଥ ହୋଇଥିବା ସେ କହିଛନ୍ତି। ଦିଲ୍ଲୀରେ ନିର୍ବାଚିତ ସରକାର ଥାଇ ମଧ ଲୋକଙ୍କୁ ନ୍ୟାୟ ଦେଇପାରୁନି କିମ୍ବା ସେମାନଙ୍କ ପାଇଁ କିଛି କରିପାରୁନାହିଁ। ସରକାରଙ୍କ କାର୍ଯ୍ୟରେ କେନ୍ଦ୍ର ବାଧକ ସାଜିଛି। ଅନ୍ୟ ରାଜ୍ୟ ତୁଳନାରେ ଦିଲ୍ଲୀ ଭୋଟରଙ୍କ ମୂଲ୍ୟ କମ୍ କି ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।



## ଏରୋ ଇଣ୍ଡିଆ ଶୋ’ ପାର୍କିଂରେ ଅଗ୍ନିକାଣ୍ଡ

# ଜଳିଗଲା ୩ଶହ କାର୍

**ବେଙ୍ଗାଲୁରୁ,୨୩।୨(ପି.ଟି.)**



ବେଙ୍ଗାଲୁରୁର ୟେଲାହାଙ୍କା ବିମାନ ଘାଟିରେ ଶନିବାର ଏରୋ ଇଣ୍ଡିଆ ଶୋ’ ଇଭେଣ୍ଟ ଚାଲିଥିବା ବେଳେ ପାର୍କିଂସ୍ଥଳରେ ନିଆଁଲାଗି ୩ଶହରୁ ଉର୍ଦ୍ଧ୍ୱ କାର୍ ଜଳିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। ସକାଳେ ଶୋ’ କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟାହ୍ନରେ ହଠାତ୍ ପାର୍କିଂସ୍ଥଳ ଧୂଆଁମୟ ହୋଇପଡ଼ିଥିଲା। ଇଭେଣ୍ଟସ୍ଥଳରେ ଉପସ୍ଥିତ ଥିବା ଲୋକେ ଆତଙ୍କିତ ହୋଇପଡ଼ିଥିଲେ।

ଶୁଖିଲା ଘାସରେ ସିଗାରେଟ୍ ନିଆଁ ଲାଗି ପବନ ଯୋଗୁ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଓ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ସହଯୋଗରେ ୧୦ ଅଗ୍ନିଶମ ଗାଡ଼ି ସହାୟତାରେ ନିଆଁକୁ ଆୟତ୍ତ କରାଯାଇଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଜନସାଧାରଣଙ୍କୁ ଏଥିରେ ଆତଙ୍କିତ ନ ହେବାକୁ କହିଛନ୍ତି। ବିମାନ ଘାଟିରୁ ବହୁ ଦୂରରେ ଏହି ଘଟଣା ଘଟିଥିବାରୁ ଏରୋବେଟିକ୍ ଶୋ’ ଉପରେ ଏହାର ପ୍ରଭାବ ପଡ଼ି ନାହିଁ। ତେଣୁ ରବିବାର ଅନ୍ତିମ ଦିବସରେ ଏୟାର ଶୋ’ ଜାରି ରହିବ ବୋଲି ପ୍ରତିରକ୍ଷା ପିଆର୍‌ଓ ଏଚ୍.ଏଲ୍.ଗୁରୁପ୍ରସାଦ ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ୟେଲାହାଙ୍କା ବିମାନ ଘାଟିରେ ଗତ ମଙ୍ଗଳବାର ଦୁର୍ଘଟଣା ଘଟିଥିଲା। ବାୟୁସେନା ଏରୋବେଟିକ୍ ଟିମ୍ ସୂର୍ଯ୍ୟକିରଣର ୨ ଜେଟ୍ ବିମାନ ଅଭ୍ୟାସ କରୁଥିବା ସମୟରେ ପରସ୍ପର ସହ ଧକ୍କା ହୋଇ ତଳକୁ ଖସି ପଡ଼ିଥିଲା। ଏଥିରେ ଜଣେ ପାଇଲଟଙ୍କ ଜୀବନ ଯାଇଥିଲା। ଅନ୍ୟ ୨ ପାଇଲଟ ରକ୍ଷା ପାଇଥିଲେ।

## ଫୁର୍‌ସତ

### ଶ୍ରୀଦେବୀଙ୍କ ଶାଢ଼ି ନିଲାମ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ୨୪ ତାରିଖରେ ପାଳିତ ହେଉଥିବା ବେଳେ ତାଙ୍କ ମନପସନ୍ଦର ଏକ ଶାଢ଼ିର ଅନଲାଇନ୍ ନିଲାମ ଆରମ୍ଭ ହୋଇଛି। ଏଥିରୁ ଲବ୍ଧ ଅର୍ଥ ଦେଶର ଏକ ଦାତବ୍ୟ ସଂସ୍ଥାକୁ ପ୍ରଦାନ କରାଯିବ। ଚେନ୍ନାଇସ୍ଥିତ ଅନଲାଇନ୍ ପ୍ଲାଟଫର୍ମ ‘ପରିସେରା’ ପକ୍ଷରୁ ଶ୍ରୀଦେବୀଙ୍କ ଶାଢ଼ି ନିଲାମ କରାଯାଉଛି। ଉକ୍ତ ଶାଢ଼ିର ନିଲାମ ୪୦,୦୦୦ଟଙ୍କାରୁ ଆରମ୍ଭ ହୋଇ ୧,୩୦,୦୦୦ଟଙ୍କାରେ ପହଞ୍ଚିଲାଣି। ଅନଲାଇନ୍‌ରେ ପ୍ରଦର୍ଶିତ କୋଟା ଶାଢ଼ି ପାର୍ଶ୍ୱରେ ଉଲ୍ଲେଖ ରହିଛି: ‘ଏହା ହାଲୁକା, ଉଜ୍ଜ୍ୱଳ ଏବଂ ଏଥିରୁ ଶ୍ରୀଦେବୀଙ୍କ ସୁଗନ୍ଧ ବାରିହେଉଛି।

### ଦକ୍ଷିଣ ସୁଦାନରେ ଭୋକିଲା ହେବେ ୭ ନିୟୁତ

**ରୋମ୍:** ଦକ୍ଷିଣ ସୁଦାନରେ ପାଖାପାଖି ୭ ନିୟୁତ ଲୋକ ମେ-ଜୁଲାଇ ମଧ୍ୟରେ ଗୁରୁତର ଖାଦ୍ୟସଂକଟର ସମ୍ମୁଖୀନ ହେବେ ବୋଲି ଜାତିସଂଘର ୩ଟି ସଂସ୍ଥା ପକ୍ଷରୁ ସତର୍କ କରିଦିଆଯାଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଧନିକ ରାଷ୍ଟ୍ରଗୁଡିକ ମାନବିକ ସହାୟତା ଯୋଗାଇଦେବା ଜରୁରୀ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। କୌଣସି ପ୍ରତିକାରମୂଳକ ବ୍ୟବସ୍ଥା କରା ନ ଗଲେ ବହୁ ଲୋକ ଖାଦ୍ୟ ବିନା ପ୍ରାଣ ହରାଇବା ଆଶଙ୍କା ଅଛି। ବିଶେଷକରି ଅପପୁଷ୍ଟିର ଶିକାର ହୋଇଥିବା ମହିଳା ଓ ଶିଶୁମାନଙ୍କୁ ଖୁବ୍‌ଶୀଘ୍ର ଖାଦ୍ୟଦ୍ରବ୍ୟ ଯୋଗାଇଦେବା ଆବଶ୍ୟକ। ଏତେ ସଂଖ୍ୟକ ଲୋକଙ୍କୁ ଜରୁରିକାଳୀନ ଭିତ୍ତିରେ ଖାଦ୍ୟ ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଥିଲେ।



### ଇତିହାସର ଆଇନାରେ

**ଫେବୃୟାରୀ ୨୪ର ପ୍ରମୁଖ ଘଟଣା**

୨୦୦୭ ଫେବୃୟାରୀ ୨୪ରେ ଜାପାନ୍ ଏହାର ଚତୁର୍ଥ ସ୍ପାଏ ସାଟେଲାଇଟ୍ ଲଞ୍ଚ୍ କରିଥିଲା। ଉତ୍ତରକୋରିଆ ପଟୁ ଆକ୍ରମଣ ଧମକ ଥିବାରୁ ଏହା ଉପରେ ଦୃଷ୍ଟି ରଖିବା ପାଇଁ ଜାପାନ୍ ଏହାର ଦକ୍ଷତାକୁ ବୃଦ୍ଧି କରିଥିଲା। ଏହାକୁ ରିକନାଇସାନ୍ସ ସାଟେଲାଇଟ୍ ବା ଇଣ୍ଟେଲିଜେନ୍ସ ସାଟେଲାଇଟ୍ କୁହାଯାଏ।

୨୦୦୮ ଫେବୃୟାରୀ ୨୪ରେ କ୍ୟୁବା ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋ ଅବସର ନେଇଥିଲେ। ସେ କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ ଭାବେ ଆଉ ୩ ବର୍ଷ ପଦବୀରେ ରହିଲେ। ଫିଡେଲ କାଷ୍ଟ୍ରୋଙ୍କ ଜନ୍ମ ୧୯୨୬ ଅଗଷ୍ଟ ୧୩ ଏବଂ ମୃତ୍ୟୁ ୨୦୧୬ ନଭେମ୍ବର ୨୫ରେ ହୋଇଥିଲା। ୧୯୭୬ରୁ ୨୦୦୮ ପର୍ଯ୍ୟନ୍ତ ସେ କ୍ୟୁବାର ରାଷ୍ଟ୍ରପତି ଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୪ | ୧୯.୬ |
| ଚାନ୍ଦବାଲି | ୩୫.୪ | ୨୩.୦ |
| କଟକ | ୩୭.୨ | ୨୦.୬ |
| ପାରାଦ୍ୱୀପ | ୩୦.୨ | ୨୪.୨ |
| ଭୁବନେଶ୍ୱର | ୩୯.୪ | ୨୧.୬ |
| ଗୋପାଳପୁର | ୩୧.୭ | ୨୨.୨ |
| ପୁରୀ | ୩୧.୪ | ୨୪.୪ |
| ଅନୁଗୋଳ | ୩୬.୧ | ୧୮.୦ |
| ବାରିପଦା | ୩୪.୦ | ୨୦.୫ |
| ଝାରସୁଗୁଡ଼ା | ୩୫.୨ | ୨୦.୫ |
| କେନ୍ଦୁଝର | ୩୩.୯ | ୨୧.୩ |
| ସମ୍ବଲପୁର | ୩୫.୦ | ୨୦.୫ |
| ସୁନ୍ଦରଗଡ଼ | --- | ୧୬.୦ |
| ହୀରାକୁଦ | ୩୪.୪ | ୨୧.୬ |
| ତାଳଚେର | ୩୪.୪ | ୧୮.୪ |
| ଭବାନୀପାଟଣା | ୩୭.୦ | ୨୦.୦ |
| ବଲାଙ୍ଗୀର | ୩୬.୨ | ୧୯.୦ |
| କୋରାପୁଟ | ୩୪.୪ | ୧୫.୦ |
| ଫୁଲବାଣୀ | --- | ୧୧.୮ |
| ଟିଟିଲାଗଡ଼ | --- | ୧୭.୦ |
| ମାଲକାନଗିରି | ୩୯.୨ | ୧୭.୮ |
| ସୋନପୁର | ୩୫.୦ | ୧୯.୦ |
| ଦାରିଙ୍ଗିବାଡ଼ି | --- | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

### ପାକିସ୍ତାନ ବିରୋଧରେ କଠୋର




**ମୁମ୍ବାଇ:** ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଆବଶ୍ୟକ ବୋଲି ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତ୍ରୀ ବିଦ୍ୟା ବାଲାନ୍ ପ୍ରକାଶ କରିଛନ୍ତି। ସବୁ ପ୍ରକାର ସୀମା ସରହଦ ଏବଂ ରାଜନୀତିରୁ କଳାକୁ ସବୁବେଳେ ଦୂରେଇ ରଖାଯିବା ଉଚିତ ବୋଲି ବିଦ୍ୟା ବିଶ୍ୱାସ କରନ୍ତି। କିନ୍ତୁ ପାକିସ୍ତାନର ଅନ୍ତର୍ଘାତୀ କାର୍ଯ୍ୟକଳାପ ଖୁବ୍ ବେଶି ହୋଇଗଲା। ଏଥିପାଇଁ ଭାରତ କଠୋର ପଦକ୍ଷେପ ନେବା ଆବଶ୍ୟକ। ତାଙ୍କର ପ୍ରଥମ ରେଡିଓ ଶୋ’ ‘ଧୁନ୍ ବଦଲ୍ କୀ ତୋ ଦେଖୋ’ ଲଞ୍ଚ୍ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ବିଦ୍ୟା ଏହା ପ୍ରକାଶ କରିଛନ୍ତି। ୧୯୮୯ରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟ କଳାପ ଆରମ୍ଭ ହେବା ପରଠାରୁ ପୁଲଓ୍ୱାମାଠାରେ ଫେବୃୟାରୀ ୧୪ର ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣ ଥିଲା ସବୁଠୁ ଭୟଙ୍କର। ଏଥିରେ ୪୯ ସିଆର୍‌ପିଏଫ୍ ଯବାନ୍ ପ୍ରାଣ ହରାଇଥିଲେ। କଳାକୁ ରାଜନୀତିଠାରୁ ଦୂରେଇ ରଖିବା ଉଚିତ କି ପ୍ରଶ୍ନରେ ବିଦ୍ୟା କହିଲେ, ସଂଗୀତ, କବିତା, ନୃତ୍ୟ, ମଞ୍ଚ ନାଟକ, ସିନେମା ଭଳି କଳା ଲୋକଙ୍କୁ ଏକତ୍ର କରିବା ପାଇଁ ଅପେକ୍ଷାକୃତ ଏକ ପ୍ରକୃଷ୍ଟ ମାଧ୍ୟମ। କିନ୍ତୁ ଭାରତ ପ୍ରତି ପାକିସ୍ତାନର ମନୋଭାବ ଯେପରି ପ୍ରତିଫଳିତ ହେଉଛି ସେ କ୍ଷେତ୍ରରେ କଳା ସଂସ୍କୃତିର ବିନିମୟ କ୍ଷେତ୍ରରେ ବିରତି ରଖାଯାଇ ଭବିଷ୍ୟତରେ କ’ଣ କରାଯାଇ ପାରିବ ସେଥିନେଇ ବିଚାର କରାଯିବା ଉଚିତ। ପାକିସ୍ତାନ ବିରୋଧରେ ଭାରତ କେତେକାଂଶରେ କଠୋର ହେବା ଆବଶ୍ୟକ ବୋଲି ବିଦ୍ୟା ମତ ଦେଇଥିଲେ।



ଯେଉଁ ଲୋକ ପ୍ରକୃତ ବୁଦ୍ଧିମାନ,
ସେମାନେ ଶତ୍ରୁଠାରୁ ମଧ୍ୟ ଶିଖନ୍ତି।
- ସୂର୍ଯ୍ୟଦେବ



## ସଂକ୍ଷେପରେ

### ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ଜମନକିରା, ୨୩।୨(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କୁଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ କଦଳୀପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ନାୟକ ତାଙ୍କ ବକ୍ତବ୍ୟରେ ଅଭିଭାବକମାନେ ଶିକ୍ଷାଦାତାଙ୍କ ସହ ସମନ୍ୱୟ ରଖି ପିଲାମାନଙ୍କ ସମସ୍ୟା ସୁଧାରିବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ନାୟକ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ କର୍ତ୍ତବ୍ୟନିଷ୍ଠା ହେଲେ ଶିକ୍ଷାର ବିକାଶ ତଥା ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ସମୀନା ନାୟକ ପରିଚାଳନା କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଜୁନାସ ବିପିନ କିଶୋର ଖାକା, ସମିତିସଭ୍ୟ ରମେଶଚନ୍ଦ୍ର ଭୋଇ, ସରପଞ୍ଚ ସୁବ୍ରତ କିସାନ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଅତିଥିଙ୍କ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁସ୍ମିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବଂଶାନୁକ୍ରମିକ ସେବାକୁ ମିଳିପାରେ ସୁରକ୍ଷା

ପୁରୀ ଅଫିସ,୨୩।୨

ଶ୍ରୀମନ୍ଦିରରେ ବଂଶାନୁକ୍ରମିକ ସେବାକୁ ମିଳିପାରେ ସୁରକ୍ଷା। ହେଲେ ଏଥିରେ କିଛିଟା ସଂସ୍କାର ଅଣାଯିବ। ଏପରି କି ସଂଖ୍ୟା ମଧ୍ୟ ସୀମିତ କରାଯାଇପାରେ। ଶ୍ରୀମନ୍ଦିର ସଂସ୍କାର ମାମଲାର ଆମିକସ୍ କ୍ୟୁରି ରଞ୍ଜିତ କୁମାର ବିଭିନ୍ନ ପକ୍ଷଙ୍କ ସହ ବୈଠକ ପରେ ଏଭଳି ସୂଚନା ମିଳିଛି। ସେବାୟତମାନେ ମଧ୍ୟ ଏ ନେଇ ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କୁ ଦର୍ଶନ ସୁବିଧା, ଆନନ୍ଦବଜାର ଏବଂ ରୋଷଶାଳାରେ ସ୍ୱଚ୍ଛତା ଉପରେ ଆମିକସ୍ କ୍ୟୁରି ଗୁରୁତ୍ୱ ଦେବା ସହ ଭକ୍ତମାନେ ଯେପରି ଶୋଷଣମୁକ୍ତ ରହିବେ ସେହିଭଳି ବ୍ୟବସ୍ଥା କରିବା ଲାଗି ପରାମର୍ଶ ଦେଇଛନ୍ତି।

ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଆମିକସ୍ କ୍ୟୁରି ବିଭିନ୍ନ ପକ୍ଷଙ୍କ ସହ ମାରାଥନ ଆଲୋଚନା ଆରମ୍ଭ କରିଥିଲେ। ପୂର୍ବାହ୍ନରେ ଶ୍ରୀନଅରରେ ଗଜପତି ମହାରାଜାଙ୍କ ସହ ବୈଠକ କରିଥିଲେ। ମଧ୍ୟାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପରିଚାଳନା କମିଟି ଏବଂ ଅପରାହ୍ନରେ ଛତିଶା ନିଯୋଗ ସହ ଆଲୋଚନା କରିଥିଲେ।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ମୁଖ୍ୟତଃ ୧୨ଟି ପ୍ରସ୍ତାବ ଉପରେ



ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଆମିକସ୍‌କ୍ୟୁରି ରଞ୍ଜିତ କୁମାର ଓ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଅନ୍ୟମାନେ।

ଆଲୋଚନା କରାଯାଇଥିଲା। ଏଥିମଧ୍ୟରୁ ବଂଶାନୁକ୍ରମିକ ସେବା ଉପରେ ଫୋକସ ରହିଥିଲା। ସୁପ୍ରିମ୍‌କୋର୍ଟ ତାଙ୍କ ଅନ୍ତରୀଣ ଆଦେଶରେ ବଂଶାନୁକ୍ରମିକ ସେବା ଉଚ୍ଛେଦ ନେଇ ପ୍ରସ୍ତାବ ରଖିଥିଲେ। ତେଣୁ ଏ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ଆମିକସ୍ କ୍ୟୁରି। ଉପସ୍ଥିତ ସେବକ ପ୍ରତିନିଧି ବଂଶାନୁକ୍ରମିକ ସେବା ବିଷୟରେ ମତ ରଖିଥିଲେ। ଶହ ଶହ ବର୍ଷ ହେବ ଶ୍ରୀମନ୍ଦିରରେ ବଂଶାନୁକ୍ରମିକ ସେବା ଚାଲିଆସୁଛି। ଏହା ଉଚ୍ଛେଦ ହେଲେ ମହାପ୍ରଭୁଙ୍କ ନୀତିକାନ୍ତି ବ୍ୟାଘାତ ହେବ ବୋଲି କହି ବିଭିନ୍ନ କାରଣ ଦର୍ଶାଇଥିଲେ। ତେଣୁ ଏହାକୁ କିପରି ସୁରକ୍ଷା ଦିଆଯାଇପାରିବ ତାହାର ବ୍ୟବସ୍ଥା କରାଯିବ। କିନ୍ତୁ ଏଥିରେ କିଛିଟା ସଂସ୍କାର ଅଣାଯିବ ବୋଲି ଆମିକସ୍ କ୍ୟୁରି କହିଥିଲେ।

**ଶ୍ରୀମନ୍ଦିର ସଂସ୍କାର**

- ଆମିକସ୍ କ୍ୟୁରିଙ୍କ ସହ ଆଲୋଚନା ପରେ ସେବାୟତ ଆଶ୍ୱସ୍ତ
- ଭକ୍ତଙ୍କୁ ଶୋଷଣମୁକ୍ତ ଉପରେ ଗୁରୁତ୍ୱ
- ଶ୍ରୀମନ୍ଦିରରେ ସବୁ କିଛି ଠିକ୍ ଚାଲିଛି

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଦାନ, ଦକ୍ଷିଣା ଆଦାୟ ବ୍ୟବସ୍ଥାକୁ ବନ୍ଦ କରାଯାଇ ଦାନବାକ୍ସ ବସାଯିବା ନିମନ୍ତେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ସେବକମାନେ କହିଥିଲେ, ଏହାଦ୍ୱାରା ସେମାନଙ୍କ ପରିବାର ପ୍ରତିପୋଷଣ ହେଉଛି। ଏହା ବନ୍ଦ ହୋଇଗଲେ ସେମାନେ ପ୍ରଭାବିତ ହେବେ ବୋଲି ଆମିକସ୍ କ୍ୟୁରିଙ୍କୁ ଜଣାଇଥିଲେ। ମୁଖ୍ୟ ପ୍ରଶାସକ ବିଭିନ୍ନ ପ୍ରସ୍ତାବର ସ୍ଥିତି କ'ଣ ରହିଛି ତାହା ଅବଗତ କରାଇଥିଲେ। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଇଛି ଏବଂ ଆଗକୁ କ'ଣ କରାଯାଉଛି ସେ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଥିଲେ।

ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ, ଜିଲାପାଳ କିମ୍ବା ଶ୍ରୀମନ୍ଦିର କାର୍ଯ୍ୟାଳୟର କୌଣସି ଅଧିକାରୀ ରହି ନ ଥିଲେ। କେବଳ ଛତିଶା ନିଯୋଗ କର୍ମକର୍ତ୍ତାଙ୍କ କଥା ଶୁଣିଥିଲେ ଆମିକସ୍ କ୍ୟୁରି। ଏଥିରେ ମଧ୍ୟ ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା, ଦାନ, ଦକ୍ଷିଣା ଆଦାୟ ଉପରେ ରୋକ୍ ନ ଲଗାଇବାକୁ ଆମିକସ୍ କ୍ୟୁରିଙ୍କୁ ଜଣାଇଥିଲେ ସେବାୟତ। ସମସ୍ତଙ୍କ ମତ ଶୁଣି ଆମିକସ୍ କ୍ୟୁରି ବଂଶାନୁକ୍ରମିକ ସେବାକୁ ନେଇ ଆଶ୍ୱାସନା ଦେଇଥିବା ସେବାୟତ କହିଛନ୍ତି।

# ଗଛରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ବାମରା, ୨୩।୨ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ସ୍ଥିତ ବିଲରୁ ଏକ ଗଛରେ ମହିଳାଙ୍କ ରକ୍ତାକ୍ତ ଝୁଲନ୍ତା ମୃତଦେହ ଗୋବିନ୍ଦପୁର ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି। ଏନେଇ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଶନିବାର

### ହତ୍ୟା ମାମଲା ରୁଜୁ

ସକାଳେ ଗଡପୋଷ ଫାଣ୍ଡି ଅନ୍ତର୍ଗତ ପିଣ୍ଡାପଥର ଗାଁ ମୁଣ୍ଡ ବିଲର ଏକ କରଞ୍ଜ ଗଛରେ ଜନୈକ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ଜନୈକ ଯୁବକ ଗଡପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନଙ୍କୁ ଖବର ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଥିବା ବେଳେ ଶବର ବିଭିନ୍ନ ସ୍ଥାନରେ କ୍ଷତିଚିହ୍ନ ଓ ରକ୍ତାକ୍ତ ଅବସ୍ଥା ଦେଖି ଗୋବିନ୍ଦପୁର ଥାନାକୁ ଖବର ଦେଇଥିଲେ । ଗୋବିନ୍ଦପୁର ପୋଲିସ ଆଇଆଇସି ପ୍ରତାପ ରଣାଙ୍କ ନେତୃତ୍ୱରେ ପୋଲିସ ଦଳ ତଦନ୍ତ ଆରମ୍ଭ କରିଥିଲେ । ପ୍ରାଥମିକ ତଦନ୍ତରୁ ଉକ୍ତ ମୃତଦେହ ପିଣ୍ଡାପଥର ନିବାସୀ ସଂଯୁକ୍ତା ବାଘ (୩୫)ଙ୍କ ବୋଲି ଜଣାପଡିଛି। ଗତ ୩ବର୍ଷ ତଳେ ତାଙ୍କ ସ୍ୱାମୀ ଚୈତନ୍ୟ ବାଘଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ତାଙ୍କ ୨ଟି ସନ୍ତାନ ଥିବା ଜଣାପଡିଛି । ମୃତକ ଜଣକ ଗତ ମଙ୍ଗଳବାର ଦିନଠାରୁ ନିଖୋଜ ଥିଲେ । ଶ୍ୱଶୁର ଘର ଲୋକ ଏନେଇ ତାଙ୍କ ଘୋଘର ସ୍ଥିତ ମାଆ ଘରେ ମଧ୍ୟ ଜଣାଇଥିଲେ। ଶନିବାର ଘର ନିକଟସ୍ଥ ବିଲରେ ତାଙ୍କ ଗଳିତ ଝୁଲନ୍ତା ମୃତଦେହ ମିଳିଥିବା ଖବର ପାଇ ମାଆ ଘର ଲୋକେ ଶ୍ୱଶୁର ଘର ଲୋକଙ୍କ ଉପରେ ହତ୍ୟା ଅଭିଯୋଗ ଆଣିଥିବା ଜଣାପଡିଛି । ମୃତଦେହ ଗଳିତ ଅବସ୍ଥାରେ ଥିବା ବେଳେ ପ୍ରାୟ ୨ରୁ ୩ ଦିନ ତଳେ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ତଦନ୍ତ ପାଇଁ ସମ୍ବଲପୁରର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମର ସାହାର୍ଯ୍ୟ ନିଆଯାଇଛି । ଗୋବିନ୍ଦପୁର ଥାନାରେ ଦଫା ୩୦୨ ଓ ୨୦୧ରେ ଏକ ମାମଲା (ନଂ. ୨୬/୧୯) ରୁଜୁ କରାଯାଇଛି । ଏସଆଇ ଥୋମାସ କେର୍କେଟା, ଜିତେନ୍ଦ୍ର ବଢ଼େଇଙ୍କ ସହିତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଓ ସାଇଣ୍ଟିଫିକ୍ ଟିମ ତଦନ୍ତରେ ସହାୟତା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ଓ ମୋବାଇଲ କଲ ଡିଟେଲ୍ସ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ପୋଲିସ କହୁଛି।

# ଶହୀଦ ସ୍ତମ୍ଭରେ ଚିତ୍ରକଳା କର୍ମଶାଳା

ସମ୍ବଲପୁର, ୨୩।୨ (ବ୍ୟୁରୋ)

ରୋଟାରୀ ଆର୍ଟ ଏକାଡେମୀ ପକ୍ଷରୁ ଶନିବାର ଅପରାହ୍ନରେ ଚିତ୍ରକଳା କର୍ମଶାଳା ଶହୀଦ ସ୍ତମ୍ଭ ନିକଟରେ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ ଅଞ୍ଚଳରୁ ବରିଷ୍ଠ ଓ କନିଷ୍ଠ ଚିତ୍ରଶିଳ୍ପୀମାନେ ସାମିଲ ହୋଇଥିଲେ । କାନଭାସରେ ବିଭିନ୍ନ ପ୍ରକାର ରଙ୍ଗର ମିଶ୍ରଣରେ ପୁଲୱାମା ଶହୀଦଙ୍କ ଚିତ୍ର, ଶହୀଦଙ୍କ ପରିବାର ସ୍ଥିତି ଜୀବନ୍ତ ହୋଇ ଉଠିଥିଲା । ରୋଟାରୀ କ୍ଲବ ଅଫ୍ ବୀରଭୂମି ସଭାପତି ମନୋଜ ଚୌଧୁରୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ପୂର୍ବତନ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଡ. ଅଶୋକ କୁମାର ସିଂ ଓ ହରଜିତ୍ ସିଂ ହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ରାଧାରମଣ ମୁଦୁଲି, ନୃସିଂହଚରଣ ସାହୁ, ସଞ୍ଜୟ ସାହୁ, ଜତିନ ପାଢ଼ୀ, ପ୍ରଶାନ୍ତ ମାଝୀ,



ଶନିବାର ସମ୍ବଲପୁର ଶହୀଦ ସ୍ତମ୍ଭଠାରେ ଚିତ୍ରକଳା କର୍ମଶାଳା ।

ଦେବେନ୍ଦ୍ର ସାହୁ, କୁଳଦୀପ ବର୍ମା, ସୁମନ ବେରା, ମୋନାଲିସା ଭଗତ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ । କ୍ଲବର ଡ. କୋଦଣ୍ଡ ରାଓ, ମହମ୍ମଦ ଆସରର୍, ଅରୁଣ ସାହୁ, ନନ୍ଦକିଶୋର ଅଗ୍ରୱାଲ ସହଯୋଗ କରିଥିଲେ ।

# ବାସ୍କେଟ ବଲ କୋଟ ଉଦ୍‌ଘାଟିତ

ସମ୍ବଲପୁର, ୨୩।୨ (ବ୍ୟୁରୋ)

ବାସ୍କେଟ ବଲ କୋଟ ଶନିବାର ଅପରାହ୍ନରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସେଣ୍ଟଜୋନ୍ ସ୍କୁଲ ପରିସରରେ ଉଦଘାଟିତ ହୋଇଯାଇଛି । ଧନକଉଡା ବିଡିଓ ଲିନା କୁମାର ଖେସ ମୁଖ୍ୟଅତିଥି, ବିସଫ୍ ଲୁକାଶ କେର୍କେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ କୋଟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେଣ୍ଟଜୋନ ସ୍କୁଲ ବନାମ ଶାସନ ବିକାଶ କନସେପ୍ଟ ସ୍କୁଲ ମଧ୍ୟରେ ବାସ୍କେଟ ବଲ ମ୍ୟାଚ ହୋଇଥିଲା । ଏଥିରେ ବିକାଶ ସ୍କୁଲ ୫୩-୪୮ ପଏଣ୍ଟରେ ବିଜୟୀ ହୋଇଥିଲା । ସୁରଜ ତିର୍କୀ ଅମ୍ପାୟାର ଥିଲେ । ରାଉରକେଲା ସେଲ ଏକାଡେମୀର ରୋସନ ଟପ୍ପୋ ଟେକନିକାଲ ଟେବୁଲ ଦାୟୀତ୍ୱ ନିର୍ବାହ କରିଥିଲେ । ସେଣ୍ଟଜୋନ୍ ସ୍କୁଲର ଫାଦର ଅନୀଲ କୁଜୁରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।

### ସମିତିସଭ୍ୟା ସ୍ୱାମୀଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

ରେଢାଖୋଲ, ୨୩।୨(ଡି.ଏନ.ଏ)

ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତର ସମିତିସଭ୍ୟାଙ୍କ ସ୍ୱାମୀ ତଥା ସମବାୟ ସମିତିର ସଭାପତି କୈବର୍ତ୍ତ ସାହୁଙ୍କୁ ଶନିବାର ସାଢେ ୧୧ଟା ବେଳେ ୫ ଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଅଭିଯୋଗ ଅନୁଯାୟୀ ବ୍ଲକର କନିଷ୍ଠଯନ୍ତ୍ରୀ ସୁବ୍ରତ ଶର୍ମାଙ୍କ ସହିତ ଆମ ଗାଁ ଆମ ବିକାଶ ଯୋଗନାରୁ ଲୁହାପଙ୍କ ହାଇସ୍କୁଲ ନିକଟରେ ତିଆରି ହୋଇଥିବା ଏକ ମଣ୍ଡପ କାର୍ଯ୍ୟର ତଦାରଖ କରୁଥିବା ବେଳେ ହଠାତ ୨ ଜଣ ଯୁବକ ଆସି ତୁମେ କୈବର୍ତ୍ତ କି ବୋଲି ପଚାରିଥିଲେ, ସେ ହଁ ବୋଲି କହିବାରୁ ଆଉ ୩ ଜଣ ଯୁବକ ଆସି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ୫ଜଣ ଯାକ ମିଶି କ୍ରିକେଟ ଷ୍ଟମ୍ପ ଦ୍ୱାରା ନିର୍ଘାତ ପିଟିଥିଲେ। ଆକ୍ରମଣରେ କୈବର୍ତ୍ତଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଶରୀରରେ ମଧ୍ୟ ଆଘାତ ଲାଗିଛି। ଜୀବନ ଭୟରେ ସେ ହାଇସ୍କୁଲ ଭିତରକୁ ଦୌଡି ପଳାଇଯାଇଥିଲେ। ଘଟଣା ଦେଖି ଶିକ୍ଷକମାନେ ଆସିବାରୁ ଦୁର୍ବୃତ୍ତମାନେ ଦୌଡି ପଳାଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଚିକିତ୍ସା ପରେ ତାଙ୍କୁ ଛାଡିଦିଆଯାଇଛି।

ରେଳ ଧାରଣାରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା

# ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

ସମ୍ବଲପୁର, ୨୩।୨(ବ୍ୟୁରୋ)

ସମ୍ବଲପୁର-ତାଳଚେର ରେଳପଥର ଝୁଝୁମୁରା ଥାନା ଗଡଗଡବାହାଲ ନିକଟ ରେଳ ଧାରଣାରୁ ଗତ ମଙ୍ଗଳବାର ଦିଲୀପ ସାହୁ ନାମକ ଜଣେ ବ୍ୟକ୍ତିଙ୍କର ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଶବଟି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଥିବା ବେଳେ ଶରୀରରେ କ୍ଷତଚିହ୍ନ ରହିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଯୁବକଙ୍କୁ ହତ୍ୟା କରି ଦୁର୍ବୃତ୍ତମାନେ ରେଳ ଧାରଣାରେ ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରି ଏମ ମାମଲା(ନଂ. ୨୨/୧୯)ରୁଜୁ କରି ତଦନ୍ତ ଚଳାଇଛି। ଘଟଣାକୁ ୫ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି। ଅନ୍ଧାରରେ ବାଡି ବୁଲାଉଛି ବୋଲି ଅଭିଯୋଗ ହେଉଛି । ହେଲେ ଟଙ୍କା ପାଇଁ ଯୋଜନାବଦ୍ଧ ଭାବେ ଦିଲୀପଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଇ ତଦନ୍ତ ଆଗକୁ ବଢାଉଛି। ହତ୍ୟା ପଛରେ ପୂର୍ବଶତ୍ରୁତା କିମ୍ବା ପ୍ରେମ ସମ୍ପର୍କ ପରି କାରଣ ଥାଇପାରେ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉଛି ବୋଲି ପୋଲିସ କହିଛି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ନେଇ ମୃତକଙ୍କ ଜଣେ ସାଙ୍ଗ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଅଇଁଲାପାଲି ଗ୍ରାମ ନିକଟରେ ଦିଲୀପଙ୍କୁ ହତ୍ୟା କରାଯାଉଛି। କାଳେ ଜଣା ପଡିଯିବ ତେଣୁ ରେଳ ଧାରଣାରେ ମୃତଦେହକୁ ଫିଙ୍ଗି ଦିଆଯାଇଛି । ପରେ ପରିଚୟ ନଷ୍ଟ କରିବା ଉଦ୍ଦେଶ୍ୟରେ ପୋଡି ଦେବାକୁ ଚେଷ୍ଟା କରାଯାଇଛି। ହେଲେ ରେଳ ବିଭାଗର କର୍ମଚାରୀଙ୍କ ପାଟ୍ରୋଲିଂ ଟିମ୍ ରେଳ ଧାରଣରେ ନିଆଁ ଜଳୁଥିବା ଦେଖି ଘଟଣାସ୍ଥଳରେ ପହଞ୍ଚି ଯିବାରେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ମୃତକଙ୍କ ପରିବାର ଅଭିଯୋଗକ୍ରମେ ସୋମବାର ରାତି ପ୍ରାୟ ୮ଟାରେ ଦିଲୀପ ଅଇଁଲାପାଲି ଗ୍ରାମର ଜଣେ ଯୁବକଙ୍କ ପାଖକୁ ଧାର ଟଙ୍କା ମାଗିବାକୁ ଯାଇଥିବା କହିଥିଲେ । ପରେ ରାତି ୧୦ଟା ପର୍ଯ୍ୟନ୍ତ ନ ଆସି ନ ଥିଲେ। ତାଙ୍କ ମୋବାଇଲ ଫୋନ ସୁଇଚ ଅଫ ବତାଇଥିଲା । ରାତି ସାରା ପରିବାର ଓ ସାଙ୍ଗମାନେ ଖୋଜା ଖୋଜି କରିଥିଲେ ମଧ୍ୟ ଦିଲୀପଙ୍କ ପତ୍ତା ମିଳି ନ ଥିଲା। ପରଦିନ ଗଡଗଡବାହାଲ ନିକଟସ୍ଥ ରେଳଧାରଣାରୁ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା ।

## ଆଜି କ'ଣ କେଉଁଠି

ସମ୍ବଲପୁର

ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ
ସ୍ଥାନ- ହାୱା ମଇଦାନ
ସମୟ- ସକାଳ ୮ଟା

ଜିଲା ବ୍ରାହ୍ମଣ ସମାଜର ତିଳତର୍ପଣ କାର୍ଯ୍ୟକ୍ରମ
ସ୍ଥାନ- ଅଯୋଧ୍ୟା ସରୋବର
ସମୟ- ପୂର୍ବାହ୍ନ ୯ଟା

ହିନ୍ଦୀ ଭାଷା ଶୀର୍ଷକ ଦ୍ୱିଦିବସୀୟ କର୍ମଶାଳା
ସ୍ଥାନ- ଜିଏମୟୁ ଅମୃତ ବିହାର
ସମୟ- ପୂର୍ବାହ୍ନ ୧୦ଟା

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ
ସ୍ଥାନ- ଭୀମଭୋଇ ନଗର
ସମୟ- ଅପରାହ୍ନ ୨ଟା

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ: ୯୭ ଦିନରେ ରିଲେ ଅନଶନ

ସମ୍ବଲପୁର, ୨୩।୨ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଆନ୍ଦୋଳନ ଶନିବାର ରିଲେ ଆମରଣ ଅନଶନ ୯୭ ଦିନ ହୋଇଛି । ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ କଚେରୀ ଛକଠାରେ ଚାଲିଥିବା ରିଲେ ଆମରଣ ଅନଶନରେ ପ୍ରଶାନ୍ତ କୁମାର ଦିକ୍ଷୀତ, ସରୋଜ ପ୍ରଧାନ, ସଞ୍ଜୟ କୁମାର ହୋତା, ଘନଶ୍ୟାମ ଦୋରା, ଦୀପକ ପାଣିଗ୍ରାହୀ, ଲକ୍ଷ୍ମୀଧର ମହାନ୍ତି, ଜୟନାରାୟଣ ବାରିକ ସାମିଲ ହୋଇଛନ୍ତି।

### ଅବସରପ୍ରାପ୍ତ ପ୍ରଫେସର ହରିଶ ନାୟକଙ୍କ ବିଜେଡିରେ ଯୋଗଦାନ

ସମ୍ବଲପୁର, ୨୩।୨ (ବ୍ୟୁରୋ)-

ସମ୍ବଲପୁର ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ପ୍ରଫେସର ହରିଶ ନାୟକ ବିଜେଡିରେ ଯୋଗଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତିରେ ଯୋଗଦାନ କରିଥିଲେ । ଯୁବାବସ୍ଥାରୁ ସେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ କାମ କରୁଥିଲେ । ୨୦୦୫ ଅବସର ଗ୍ରହଣ କରିବା ପରେ ସେ ପରୋକ୍ଷ ଭାବେ ବିଜେଡି ଦଳ ପାଇଁ କାମ କରିଥିଲେ । ଦଳ ସଭାପତି ଯେଉଁ ପଦବୀ ଓ କାମ ପାଇଁ ଦାୟୀତ୍ୱ ଦେବେ ତାହା ନିଭାଇବି ବୋଲି କହିଥିଲେ ।

# ଦୁଇଦିନିଆ ଆଲୋଚନାଚକ୍ର ଉଦ୍‌ଯାପିତ

ସମ୍ବଲପୁର, ୨୩।୨ (ବ୍ୟୁରୋ)

ପବ୍ଲିକ ଲାଇବ୍ରେରୀ ଓ ଡିଜିଟାଲ ଡ଼ିଭାଇଡ଼ ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନା ଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି । ସମ୍ବଲପୁର ପବ୍ଲିକ ଲଇବ୍ରେରୀ ଆୟୋଜିତ ଆଲୋଚନା ଚକ୍ରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅତନୁ କୁମାର ପତି ଅଧ୍ୟକ୍ଷତା କରିଥିଲେ । ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିବେକ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଲେ ଯେ, ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ନୂଆ ଉପଲବ୍ଧି ଜନିତ ପରିବର୍ତ୍ତନଶୀଳ ସମାଜରେ ଡିଜିଟାଲ ଲାଇବ୍ରେରୀ ଏକ ପର୍ଯ୍ୟାୟ ଅଟେ। ଯୋଗାଯୋଗ ବ୍ୟବସ୍ଥା ଡାକ ଦୌଡ଼ାଳି ଓ ଚିଠି ନେଇ ଯାଉଥିବା ପାରା ଯୁଗରୁ ଆରମ୍ଭ କରି ବର୍ତ୍ତମାନ ଇଣ୍ଟରନେଟ ଯୁଗରେ ଆସି ପହଞ୍ଚିଛି। ବହିପତ୍ରର ମୁଦ୍ରଣ ବହୁଳ ସଂଖ୍ୟାରେ ହେବା ସତ୍ତ୍ୱେ, ତାଳପତ୍ରରେ ଲେଖିବା ସମାନ୍ତରାଳ ଭାବେ ଦୀର୍ଘ ସମୟ ଧରି ଚାଲିଥିଲା । ତେଣୁ ଇ-ଲାଇବ୍ରେରୀ ସହିତ ମୁଦ୍ରିତ ପୁସ୍ତକର ଲାଇବ୍ରେରୀ ମଧ୍ୟ ରହିବ । ଏଥିରେ ଅସ୍ୱାଭାବିକତା କିଛି ନାହିଁ। ଲାଇବ୍ରେରୀ ଦ୍ୱାରା ସମାଜକୁ କେତେ ଅଧିକ ଲାଭବାନ କରିହେବ, କିପରି କରିହେବ ତାହା ସମସ୍ତଙ୍କର ଧ୍ୟେୟ ହେବା ଆବଶ୍ୟକ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରଫେସର ପିତାମ୍ବର ପାଢ଼ୀ ସମ୍ମାନିତ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଏସକେ ସ୍ୱାଇଁ ସେମିନାର ରିପୋର୍ଟ ଉପସ୍ଥାପନ କରିଥିଲେ । ଲଜପତ ରାୟ ଆଇନ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗିରିଜାଶଙ୍କର ଶର୍ମା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପବ୍ଲିକ ଲାଇବ୍ରେରୀର ଚେୟାରମେନ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଉଦ୍‌ବୋଧନ ଦେଇଥିଲେ । ଯୁଗ୍ମ ପରିଚାଳନା ସମ୍ପାଦକ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ଆଲୋଚନା ଚକ୍ରରେ ମୋଟ ୫ଟି ପର୍ଯ୍ୟାୟ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ସମେତ ତାମିଲନାଡୁ, ମିଜୋରାମ, ଆସାମ, ଦିଲ୍ଲୀ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ପ୍ରଭୃତି ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଲାଇବ୍ରେରିଆନମାନେ ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

ବଜରଙ୍ଗ କ୍ରିକେଟ କପ୍

# ତାରିଣୀ କ୍ଲବ-ବଡବିଲ ଫାଇନାଲ

ଦେବଗଡ,୨୩।୨(ସ୍ୱ.ପ୍ର.)

ଦେବଗଡ ପୌରାଞ୍ଚଳ ମହୁଲଡିପାସାହି ସ୍ଥିତ ନାଳପଡିଆରେ ମହାବୀର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ନବମ ସର୍ବ ଭାରତୀୟ ବଜରଙ୍ଗ କ୍ରିକେଟ କପ୍ ଶନିବାର ସୁନ୍ଦରଗଡ ଏବଂ ବଡବିଲ କ୍ରିକେଟ କ୍ଲବ ମଧ୍ୟରେ ପୁଲ ବି ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସୁନ୍ଦରଗଡକୁ ହରାଇ ବଡବିଲ ଫାଇନାଲରେ ପ୍ରବେଶ କରିଛି। ବଡବିଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୪ ଉଇକେଟ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା । ଦଳର ମୋହନ ଦଣ୍ଡସେନା ୪୭ ବଲରେ ୭୩ ରନ ଓ ସୟମ ବିଭୁ ୩୪ ବଲରେ ୨୭ ରନ କରିଥିଲେ । ଯବାବରେ ସୁନ୍ଦରଗଡ ଦଳ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ କରି ପରାଜୟ ବରଣ କରିଥିଲା । ଦଳ ପକ୍ଷରୁ ବାବୁଲୁ ବେହୁରା ୨୧ ବଲରେ ୨୮ ରନ ଏବଂ ଅମର ସାମନ୍ତରାୟ ୧୩ ବଲରେ ୨୬ ରନ କରିଥିଲେ । ଖେଳକୁ ବିକାଶ ମେହେର ଏବଂ ଏମ.ଡି.ଇସାକ ଖେଳ ପରିଚାଳନା କରିଥିଲେ। ଆଲୋକ ମହାପାତ୍ର ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ । ସେହିପରି ପ୍ରିତମ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ସମ୍ପାଦକ ସେମ ହେମରମ, ସମ୍ମାନୀତ ଅତିଥି ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, ରମଣି ରଞ୍ଜନ ଆଚାର୍ଯ୍ୟ, କ୍ଲବର ସଭାପତି ସୁଶାନ୍ତନନ୍ଦ, ସମ୍ପାଦକ ଟିକେଶ୍ୱର ଗୁରୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବଡବିଲର କମଳକାନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଭେଟେରାନ କ୍ରିକେଟ ଖେଳାଳି ଅନୀଲ କୁମାର ମିଶ୍ରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ରବିବାର ମା ତାରିଣୀ କ୍ଲବ ଆଇଆରବିଏନ ଓ ବଡବିଲ କ୍ରିକେଟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ମିଡିଆ ସେଲର ସମ୍ପାଦକ ମୋତିଲାଲ ଶର୍ମା ସୂଚନା ଦେଇଛନ୍ତି।




ବଡବିଲ ଦଳର କମଳକାନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।



ପଢ଼ି ପଢ଼ି କଳଙ୍କ ଲାଗି କ୍ଷୟ ହେବା ଅପେକ୍ଷା କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ



## ସଂକ୍ଷେପରେ

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶ୍ରୀମାଙ୍କ ଜୟନ୍ତୀ

**ସମ୍ବଲପୁର, ୨୩।୨ (ବ୍ୟୁରୋ):** ଶ୍ରୀମାଙ୍କ ଜୟନ୍ତୀ ଉତ୍ସବ ମଠପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି । ସ୍କୁଲ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ କାହ୍ନୁକେଶବ ବହିଦାରଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ମହନ୍ତ ବାସୁଦେବ ଦାଶ, ଶରତ ବେହେରା, ରବୀନ୍ଦ୍ରନାଥ ଠାକୁର ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପାଠଚକ୍ର, ଶ୍ରୀମାଙ୍କ ବନ୍ଦନା ଓ ଭଜନ ପରିବେଷଣ କରାଯାଇଥିଲା । ଉତ୍ସବ ପ୍ରାରମ୍ଭରେ ଫୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ବଳରାମ ଖୋଲାମୁହଁ ଖଣିରେ ଅଚଳାବସ୍ଥା :ଜିଲାପାଳଙ୍କ ସହ କର୍ମଚାରୀ ପ୍ରତିନିଧି ଆଲୋଚନା

**ସମ୍ବଲପୁର, ୨୩।୨ (ବ୍ୟୁରୋ):** ତାଳଚେର ସ୍ଥିତ ଓଆଁରା ଓ ସୋରଡା ଗ୍ରାମ ମଧ୍ୟରେ ବିବାଦ ଉପୁଜୁଛି । ତେଣୁ ବଳରାମ ଖୋଲାମୁହଁ ଖଣିରେ ଅଚଳାବସ୍ଥା ଲାଗି ରହିଛି । ଉଭୟ ଗ୍ରାମର ଅର୍ନ୍ତବିବାଦ ଯୋଗୁଁ ସମସ୍ତ ଖଣି କାର୍ଯ୍ୟ, କୋଇଲା ପରିବହନ ଓ ଅଫିସ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଛି। ଏଥିସହ ଖଣି ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ବଳରାମ ଖୋଲାମୁହଁ ଖଣିର ପ୍ରାୟ ୧୨ଶହ କର୍ମଚାରୀ କୌଣସି କାର୍ଯ୍ୟ ନକରି ବସି ରହିଛନ୍ତି । ଏଥିଯୋଗୁ ଏମସିଏଲ ବିପୁଳ କ୍ଷତି ହେବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜସ୍ୱ ହାନୀ ହେଉଛି। କୋଇଲା ଉପଭୋକ୍ତା ଓ ସେମାନଙ୍କ କର୍ମଚାରୀମାନେ ମଧ ପ୍ରଭାବିତ ହେଉଛନ୍ତି। ଏପରି ଅଚଳାବସ୍ଥାର କୌଣସି ପରିବର୍ତ୍ତନ ନ ଆସେ ତେବେ ସ୍ଥାୟୀ କର୍ମଚାରୀମାନଙ୍କର ବଦଳି ହେବା ସମ୍ଭାବନାକୁ ମଧ ଏଡେଇ ଦିଆଯାଇନପାରେ । ହିଙ୍ଗୁଳା ଏରିଆର ବିଭିନ୍ନ ସଙ୍ଗଠନ, ଓସିଏମଏସ, ଏଚଏମଏସ, ବିଏମଏସ, ଏଆଇଟିୟୁସି, ସିଆଇଏସଟିଇଏ, ସିଏମଓଏଆଇର ପ୍ରତିନିଧିମାନେ ଶୁକ୍ରବାର ଅନୁଗୁଳ ଜିଲାପାଳ, ଏସପିଙ୍କ ସହ ଆଲୋଚନା କରିଛନ୍ତି । ଯେକୌଣସି ପରିସ୍ଥିତିରେ ଖଣିରେ ଲାଗି ରହିଥିବା ଅଚଳାବସ୍ଥା ଦୂର କରିବା ପାଇଁ ଶ୍ରମିକ ପ୍ରତିନିଧିମାନେ ଆଲୋଚନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଯୁବକଙ୍କୁ ହତ୍ୟା ଘଟଣା

# ଗୁମର ଖୋଲିବ ଫୋନ କଲ, ଡାଏରୀ

**ସମ୍ବଲପୁର, ୨୩।୨(ବ୍ୟୁରୋ)**

- ନାବାଳିକାଙ୍କ ବୟାନରେ ତାଳମେଳ ନାହିଁ
- ପଚରାଉଚରା ପରେ ଚାଡ଼ିଲା ପୋଲିସ

ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ଗ୍ରାମ ନିକଟରେ ଗୋବିନ୍ଦତୋଲାର ରୁସ୍ତମ ଖାନ୍ (ଜାନୁ) (୨୧)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପାରିପାଶ୍ୱିକ ସ୍ଥିତିରୁ ପୋଲିସ ହତ୍ୟା ମାମଲା ( ନଂ. ୭୫/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ଏହି ଘଟଣାରେ ମୃତ ରୁସ୍ତମଙ୍କ ୨ ସାଙ୍ଗ ଓ ନାବାଳିକାଙ୍କ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖିଛି। ଶନିବାର ମଧ ଏହି ମାମଲାରେ ପୋଲିସ ଖୋଲାସା କରିପାରିନାହିଁ। ଅଟକଙ୍କୁ ପଚରାଉଚୁରା କରିବା ପରେ ମଧ କୌଣସି ଲାଭ ପାଇନାହିଁ। ତେଣୁ ଏବେ ଫୋନ କଲ ଓ ନାବାଳିକା ଲେଖିଥିବା ଡାଇରି ଗୁମର ଖୋଲିବ ବୋଲି ପୋଲିସ କହିଛି। ଘଟଣାସ୍ଥଳରେ ବ୍ୟବହୃତ ଫୋନର ସ୍ଥିତି ଉପରେ ଗୁରୁତ୍ୱ ଦିଆଯାଉଛି। ରୁସ୍ତମଙ୍କ ଅଟକ ଥିବା ସାଙ୍ଗ ଓ ନାବାଳିକାଙ୍କ ସମ୍ପର୍କୀୟଙ୍କ ଫୋନ ସ୍ଥିତିକୁ ନେଇ କମ୍ପାନୀକୁ ରିପୋର୍ଟ ମଗାଯାଇଛି। ଆସିଲା ପରେ ଜଣାପଡିବ । ଏହା ସହ ନାବାଳିକା ଲେଖିଥିବା ଡାଇରିକୁ ପୋଲିସ ଜବତ କରିଛି। ସେ ମୃତ ରୁସ୍ତମ ସହ ପ୍ରେମ ଥିବା ଲେଖିଛନ୍ତି। ଏହା ସହ ରାତିରେ ଯାହା କିଛି ଘଟିଥିଲା ତାହା ମଧ ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କ ପରୀକ୍ଷା ଚାଲିଥିବା ଯୋଗୁ ପଚରା ଉଚୁରା କରି ଛାଡି ଦିଆଯାଇଛି। ହେଲେ ନାବାଳିକା ଦେଉଥିବା ବୟାନରେ ତାଳମେଳ ଖାଉନାହିଁ। ପରିବର୍ତ୍ତନ ହେଉଛି ହେଲେ ପୋଲିସ ଏବେ ମଧ ୩ ଜଣଙ୍କୁ ଅଟକ ରଖିଛି। କମ୍ପାନୀର ରିପୋର୍ଟ ଆସିଲା ପରେ ସତ୍ୟା ସତ୍ୟ ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ନକ୍ସାପାଲି ଗ୍ରାମ ନିକଟରେ ପୋଲିସ ରୁସ୍ତମଙ୍କ ମୃତଦେହ ଉଦ୍ଧାର କରିଥିଲା। ରୁସ୍ତମ ଟେଣ୍ଟ ହାଉସ କାମରେ ଲାଇଟ ଡେକୋରେଟର ଭାବେ କାମ କରୁଥିଲେ। ଦୀର୍ଘ ଦିନରୁ ରୁସ୍ତମଙ୍କ ସେହି ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଗୁରୁବାର ବିଳମ୍ବିତ ରାତିରେ ସେ ୨ଜଣ ସାଙ୍ଗଙ୍କ ସହିତ ନାବାଳିକାଙ୍କ ଘରକୁ ଯାଇଥିଲେ। ନାବାଳିକାଙ୍କ ଫୋନ ଫେରେଇବାକୁ ଯାଇଥିଲେ। ଘର ନିକଟରେ ଫୋନ ଫେରାଉଥିବା ସମୟରେ ନାବାଳିକାଙ୍କ ଦୁଇ ମାମୁଁ ରୁସ୍ତମଙ୍କୁ ନାବାଳିକାଙ୍କ ସହ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ନାବାଳିକାଙ୍କୁ ଘରକୁ ଡାକି ଆଣିଥିଲେ ଓ ରୁସ୍ତମକୁ ଚାଲିଯିବାକୁ କହିଥିଲେ। ପର ଦିନ ସକାଳେ ରୁସ୍ତମଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା।

ଜଗନ୍ନାଥପ୍ରସାଦ ଶିଶୁମନ୍ଦିରରେ ଅଭିଭାବକ ସମ୍ମିଳନୀ

## ଶିଶୁଙ୍କ ବୌଦ୍ଧିକ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱ

**ନାକଟିଦେଉଳ, ୨୩।୨ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ପରିଚାଳନା କମିଟି ପକ୍ଷରୁ ଶନିବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟିର ସଭାପତି ବିରଞ୍ଚିଶଙ୍କର ସାହୁ ଅଧକ୍ଷତା କରିଥିଲେ । ଶିଶୁମନ୍ଦିରରେ କିପରି ଭଲପାଠ ପଢାଯାଇପାରିବ, ଭିତ୍ତିଭୂମିର ବିକାଶ, ପାନୀୟ ଜଳ ପାଇଁ ଏକ ନଳକୂପର ଆବଶ୍ୟକତା, ଅତିରିକ୍ତ ଶ୍ରେଣୀ କୋଠରୀ, ସାଇକେଲ ଷ୍ଟାଣ୍ଡର ସମସ୍ୟା ଉପରେ ଆଲୋଚନା କରି ଏ ଦିଗରେ ଅଭିଭାବକ ମାନଙ୍କ ସହଯୋଗ ଲୋଡ଼ିଥିଲେ। କେବଳ ଗୁରୁଜୀଗୁରୁମାଙ୍କ ଉପରେ ଦାୟିତ୍ୱ ନ ଦେଇ ଶିଶୁଙ୍କ ବୌଦ୍ଧିକ ଶିକ୍ଷାର ବିକାଶ ଦିଗରେ ମାଆବାପା ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହିତ ଶିଶୁମନ୍ଦିରର ସାମଗ୍ରୀକ ବିକାଶ ଦିଗରେ ଅଭିଭାବକଙ୍କ ବିଭିନ୍ନ ପ୍ରସ୍ତାବ ଓ ଆପତ୍ତି ଅଭିଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଏହି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଚାର୍ଯ୍ୟ ବରୁଣ କୁମାର ପୋଢ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଦାୟିନୀ ମା' ସରସ୍ୱତୀ ଓ ପ୍ରେରଣାଦାୟୀ ଭାରତ ମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ଗୁରୁଜୀ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଚୋରି ଭୟ: ଶିଳାନ୍ୟାସ ପରେ ଶିଳା ଗାଏବ

**ବାମରା, ୨୩।୨ (ସ୍ୱ.ପ୍ର.)**



ନାମଫଳକରୁ ଲେଖା ହୋଇଥିବା ଶିଳା କାଢିନିଆଯାଇଛି।

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ମହୁଲଛାପଲଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏକ ରାସ୍ତାର ଶିଳାନ୍ୟାସ ପରେ ଫଳକରୁ ଶିଳାକୁ କାଢ଼ି ନେବା ଘଟଣା ଅଞ୍ଚଳରେ କୌତୁହଳର ବିଷୟ ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ ଗତ ଜାନୁୟାରୀ ମାସ ୫ ତାରିଖ ଭାଜପା ବ୍ୟାନର ତଳେ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକଙ୍କ ଦ୍ୱାରା ବାମରା ବ୍ଲକ ଅଞ୍ଚଳରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ୨ଟି ରାସ୍ତାର ଶିଳାନ୍ୟାସ କରିଥିଲେ। ଏଥିରେ ମହୁଲଛପଲଠାରେ ମହୁଲଛପଲଠାରୁ ହନୁମାନ ଛକ ପର୍ଯ୍ୟନ୍ତ ୭୭୮.୧୭ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନିର୍ମାଣ ହେବାକୁ ଥିବା ୧୯ କିଲୋମିଟର ରାସ୍ତାର ମଧ ଶିଳାନ୍ୟାସ କରାଯାଇଥିଲା। ଏଥିରେ ସମ୍ବଲପୁର ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଉପାଧକ୍ଷା ପୁଷ୍ପାଞ୍ଜଳି ଧୁରୁଆ, ଜିଲାପରିଷଦ ସଭ୍ୟା ମମତା ପଟେଲ ଓ ଲିଲିମା କାଲୋଙ୍କ ସହ ଅନ୍ୟ ଅତିଥି ଯୋଗଦାନ କରିଥିଲେ। ମାତ୍ର ଶିଳାନ୍ୟାସ ପରେ ପରେ ନାମଫଳକକୁ କାଢ଼ି ନିଆଯାଇଥିବା ଦେଖିବାକୁ ମିଳିଛି। ଏପର୍ଯ୍ୟନ୍ତ ନାମ ଫଳକ ଲଗାଯାଇ ନାହିଁ। ଏ ବିଷୟରେ ବାମରା ବ୍ଲକ ଭାଜପା ସଭାପତି ଚକ୍ରଧର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କମ ସମୟରେ ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇଥିବା ବେଳେ କେତେକ କଣ୍ଟା ସାହାର୍ଯ୍ୟରେ ନାମ ଫଳକ ଲଗା ଯାଇଥିଲା। କେହି ଦୁର୍ବୃତ୍ତ ତାକୁ ଚୋରି କରି ନେବା ଆଶଙ୍କାରେ କାଢ଼ି ଦିଆଯାଇଛି। ପୁନଃ ଶିଳାଲେଖକୁ ସିମେଣ୍ଟ ସାହାଯ୍ୟରେ ଲଗାଇବା ପାଇଁ ବ୍ୟବସ୍ଥା କରାଯିବ। ହେଲେ ଶିଳାନ୍ୟାସ ପରେ ଶିଳା ଲେଖା ଚୋରି ହେବା ଭୟରେ ତାକୁ କାଢ଼ି ନେବା ଘଟଣା ଅଞ୍ଚଳରେ କୌତୁହଳ ସୃଷ୍ଟି କରିବା ସହ ଚର୍ଚ୍ଚାର ବିଷୟ ହୋଇଛି।

### ଶ୍ରୀବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାର ତିଳତର୍ପଣ

**ସମ୍ବଲପୁର, ୨୩।୨ (ବ୍ୟୁରୋ)**

ଶ୍ରୀବହ୍ମ ମଣ୍ଡପ ପଣ୍ଡିତ ମହାସଭା ଓ ସମଲେଶ୍ୱରୀ ପଞ୍ଜିକା ପରିବାର ପକ୍ଷରୁ ଶନିବାର ସମ୍ବଲପୁର ମହାନଦୀ ଅଯୋଧା ସରୋବର ଘାଟରେ ତିଳତର୍ପଣ ଅନୁଷ୍ଠିତ ହୋଇଯାଇଛି । ମହାସଭା ସଭାପତି ପଣ୍ଡିତ ଲକ୍ଷ୍ମଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର, ପଣ୍ଡିତ ଅମରନାଥ ମିଶ୍ର, ପଣ୍ଡିତ ଡମ୍ବରୁଧର ତ୍ରିପାଠୀ, ପଣ୍ଡିତ ଅମରେନ୍ଦ୍ର ପୂଜାରୀ, ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଜୟକୃଷ୍ଣ ମିଶ୍ର ଓ ପଣ୍ଡିତ ନିରଞ୍ଜନ ପୂଜାରୀ ପ୍ରମୁଖ ଫୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତିଳତର୍ପଣ କରିଥିଲେ। ଏଥିରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ସାମିଲ ଥିଲେ ।



ଶାଳପତ୍ରରେ ଖଲିଦନା ତିଆରି ପାଇଁ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ଉନ୍ନତମାନର ମେଶିନ ଦ୍ୱାରା ମହିଳାଙ୍କୁ ଖଲିଦନା ତିଆରି ପ୍ରଶିକ୍ଷଣ

**ରେଙ୍ଗାଲି, ୨୩।୨ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବନ ବିଭାଗ ପକ୍ଷରୁ ଗୁମଲୋଇ ଫରେଷ୍ଟ ଅଫିସ ପ୍ରାଙ୍ଗଣରେ ଉନ୍ନତମାନର ମେଶିନ ଦ୍ୱାରା ଶାଳପତ୍ରରେ ଖଲିଦନା ତିଆରି ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଗତ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ୫ଦିନ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଡିଏଫଓ ଡ. ସଞ୍ଜିତ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଖାଙ୍କରପାଲି, ଗୁମଲୋଇ ଗ୍ରାମର ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୩୦ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୦ଟି ଖଲିଦନା ଷ୍ଟିଚିଙ୍ଗ ମେଶିନ ଯୋଗାଇ ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ ହେଉଥିବା ଗ୍ରାମବାସୀଙ୍କ ଆର୍ଥିକ ଉନ୍ନତି ପାଇଁ ବନବିଭାଗ ପକ୍ଷରୁ ଏପରି ଯୋଜନା କରାଯାଇଛି । ରାଉରକେଲା ଇକୋ ଗ୍ରୁପର ଟ୍ରେନରମାନେ ଏହି ପ୍ରଶିକ୍ଷଣ ଦେଇଥିଲେ। ଆଇଏଫଏସ ପ୍ରବେଶନର ବିବେକ କୁମାର, ଏସିଏଫ ପଙ୍କଜ ପଣ୍ଡା, ରେଞ୍ଜର ହରିହର ପାତ୍ର ପ୍ରମୁଖଙ୍କ ସହ ବନ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ଶନିବାର ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁ ନିକଟରେ ସୂର୍ଯ୍ୟାସ୍ତର ଦୃଶ୍ୟ।

ସମ୍ବଲପୁରୀ ସହ ଯୁଗ୍ମ ଶବ୍ଦ ପ୍ରୟୋଗକୁ ବିରୋଧ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ସମ୍ବଲପୁର, ୨୩।୨ (ବ୍ୟୁରୋ)**

ସମ୍ବଲପୁରୀ ଭାଷାର ପ୍ରାଚୀନ ନାମକୁ ବଳବତ୍ତର ରଖାଯାଇ ଅନ୍ୟ ଶବ୍ଦକୁ ଯୋଡ଼ି ଯୌଥ ଶବ୍ଦର କୁହେଳିକା ସୃଷ୍ଟି ଉଦ୍ୟମ କରାଯାଉଛି। ଏହାକୁ ସମ୍ବଲପୁର ସହରରୁ ପୁନର୍ବାର ବିରୋଧ କରାଯାଇଛି । ଏ ନେଇ ସମ୍ପର୍କରେ ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭମ ସକସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରଗଡ଼ ଜିଲାର ଘେଁସଠାରେ ପଦ୍ମଶ୍ରୀ ହଳଧର ନାଗ ଭାଷା ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇଛି। ଏହାକୁ ସ୍ୱାଗତ କରାଯାଇଛି। କିନ୍ତୁ ବହୁ କାଳରୁ ଏ ଅଞ୍ଚଳର ଭାଷା ସମ୍ବଲପୁରୀ ଭାବେ ପରିଚିତ ଓ ଗୃହୀତ ହୋଇ ଆସୁଛି। ଏଥିରେ କୌଣସି ପରିବର୍ତ୍ତନ ଘଟାଇ ଭାଷାର ନାମକୁ କଦର୍ଥ କରା ନ ଯିବାକୁ ଦାବି କରାଯାଇଛି। ଶୁଭ ଦିଆଯାଇଥିବା ଗବେଷଣା କେନ୍ଦ୍ରକୁ ପଦ୍ମଶ୍ରୀ ହଳଧର ନାଗ ସମ୍ବଲପୁରୀ ଭାଷା ଗବେଷଣା କେନ୍ଦ୍ର ଭାବେ ମାନ୍ୟତା ଦିଆଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସମ୍ବଲପୁରୀ ଶବ୍ଦର ପୂର୍ବରୁ ଅଥବା ପରେ କୌଣସି ଅନ୍ୟ ଶବ୍ଦକୁ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସମ୍ବଲପୁରୀ ଏକ ବିସ୍ତୃତ ଅଞ୍ଚଳବାସୀଙ୍କ ପରିଚୟ। ଏହା କେବଳ ଏକ ଭାଷାର ନାମ ନୁହେଁ, ଅଧିକନ୍ତୁ ଏ ଅଞ୍ଚଳର ନୃତ୍ୟଗୀତ, ବସ୍ତ୍ର ପରିଧାନ ମଧ ସମ୍ବଲପୁରୀ ନାମ ବହନ କରୁଛି। ସମ୍ବଲପୂରୀ ନାମ ଏକ ଜାତିର ପରିଚୟ। ପଶ୍ଚିମ ଓଡ଼ିଶା ଓ ଦୁଇଟି ପଡ଼ୋଶୀ ରାଜ୍ୟର ଅନେକ ଲୋକ କହୁଥିବା ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ଭାଷାର ମର୍ଯ୍ୟାଦା ଦିଆଯିବାକୁ ମଧ ଦାବି କରାଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀ ଶଙ୍କର ଭୋଇ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ସଭାପତି ନରେନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ମିଡ଼ିଆ ଫୋରମ ସଭାପତି ଶିବ ପ୍ରସାଦ ମେହେର, ହୀରାଖଣ୍ଡ ସାମୁଖ୍ୟ ଉପସଭାପତି ଦୀପକ କୁମାର ପଣ୍ଡା, ଭାରତୀ ସମାଜର ରାଜେଶ କୁମାର ମେହେରା, କହର ଅନୁଷ୍ଠାନର କୃଷ୍ଣଚନ୍ଦ୍ର ବାଗ, ରେଡ଼ିଓ ହୀରାଖଣ୍ଡର ଲଳିତ ମୋହନ ବେବର୍ତ୍ତା, ଖବରଦାତା ରାଜେଶ ବିଭାର ପ୍ରତିନିଧି ଦଳରେ ସାମିଲ ଥିଲେ।

### ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ସମ୍ବଲପୁର, ୨୩।୨ (ବ୍ୟୁରୋ)**

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭରତ ଚନ୍ଦ୍ର ମିଶ୍ରଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କ ୮୫ ବର୍ଷ ହୋଇଥିଲା। ସେ ଅବିବାହିତ ଥିଲେ। ତେଣୁ ପିସିସି ପୂର୍ବତନ ସମ୍ପାଦକ ତଥା ତାଙ୍କ ପୁତୁରା ଜୟଶଙ୍କର ମିଶ୍ର ମୁଖାଗ୍ନି ଦେଇଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ, କଂଗ୍ରେସ ନେତା ଓ କର୍ମୀମାନେ ଭରତଙ୍କ ଶେଷ ଦର୍ଶନ କରିଥିଲେ । ସୂଚନାଯୋଗ୍ୟ ଯେ, ସେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସରୁ ଏଷ୍ଟାବ୍ଲିସମେଣ୍ଟ ଅଧିକାରୀମାନେ ଅବସର ଗ୍ରହଣ କରିଥିଲେ । ଏଥିସହ ସୋନପୁର ଜିଲା ବିନିକା ଓ ବଲାଙ୍ଗିର ଅଞ୍ଚଳରେ କାର୍ଯ୍ୟକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଅବସର ପରେ ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ ରଖିଥିଲେ ।

## ଭିସୁଟ କର୍ମଚାରୀଙ୍କ ବାର୍ଷିକ ସାଧାରଣ ସଭା

**ଚିପିଲିମା, ୨୩।୨ (ଡି.ଏନ.ଏ)**

ବୁର୍ଲା ସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) କର୍ମଚାରୀ ସଂଘର ବାର୍ଷିକ ସଭା ବିଶେଶ୍ୱରାୟ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ସଭାପତି ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭିସୁଟ କୁଳପତି ପ୍ରଫେସର ଅଟଳ ଚୌଧୁରୀ, କୁଳସଚିବ ଉପମା କାଲୋ, ବିତ୍ତ ନିୟନ୍ତ୍ରକ ନିଳମ ପ୍ରକାଶ କାଲୋ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। ଆନୁଷ୍ଠାନିକ ଭାବରେ ଭିସୁଟ ପରିସରରେ ଥିବା ବିଘ୍ନରାଜ ଗଣେଶଙ୍କ ମୂର୍ତ୍ତି ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଂଘ ଉପସଭାପତି ପିତବାସ ମାଝୀ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ସଂଘ ଉପଦେଷ୍ଟା ବିଜୟ କୁମାର ବିଶ୍ୱାଳ ଓ ଯୁଗ୍ମ ସମ୍ପାଦକ ବ୍ରଜ ବିଭାର କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାମାନ ଅତିଥିଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହାସହ କର୍ମଚାରୀଙ୍କୁ ବାସଗୃହ ପ୍ରଦାନ, ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ, ଅବସର ପରେ ପେନସନ ପ୍ରଦାନ, ଅବସର ବୟସ ସୀମା ୬୦ ବର୍ଷକୁ କରାଯିବା ଭଳି ଦାବି ଉପସ୍ଥାପନ କରାଯାଇଥିଲା। ଶେଷରେ ଅସିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସୋହେଲା, ଦେବୀ କାନୁନଗୋ, ସରୋଜ କୁମାର ମିଶ୍ର ପ୍ରମୁଖଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ଖୃଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଗା ସ୍ୱାସ୍ଥ୍ୟସେବା ଶିବିର

## ୪୬୪ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ରେଙ୍ଗାଲି, ୨୩।୨ (ଡି.ଏନ.ଏ)**



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଉଛି।

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖୃଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତଲାବିରା ଓଡିଶା ମାଇନିଂ ପ୍ରା.ଲିଃ. (ଆଦାନି ଗ୍ରୁପ) ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା । ଶନିବାର ଅନୁଷ୍ଠିତ ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ଖୃଣ୍ଡା ଗ୍ରାମ ପଞ୍ଚାୟତର ଆଖପାଖ ଅଞ୍ଚଳର ୪୬୪ ଜଣ ରୋଗୀ ନାମ ପଞ୍ଜିକୃତ କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପାଇଥିଲେ। ଏହି ଶିବିରରେ ୮ଜଣ ବିଶିଷ୍ଟ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀମାନଙ୍କର ଚିକିତ୍ସା କରିଥିଲେ । ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶ୍ୟାମସୁନ୍ଦର ମହାନ୍ତି, ଚର୍ମ ରୋଗ ବିଶେଷଜ୍ଞ ଡା. ସୁଶାନ୍ତ କୁମାର ମେହେର, ଚକ୍ଷୁରୋଗ ବିଶେଷଜ୍ଞ ଡା. ଆଦିତ୍ୟ ନେପାକ, ମେଡିସିନ ବିଶେଷଜ୍ଞ ଡା. ଶିବ କୁମାର କଶ୍ୟପ, ଡା. ବିଜୟ କୁମାର ରାଉତ ଓ ଡା, ଜ୍ୟୋତିକୃଷ୍ଣ ମାଝୀ ଉପସ୍ଥିତ ଥିଲେ । ଆଦାନୀ କମ୍ପାନୀର ଉପସଭାପତି ତଥା ତଲାବିରା ପ୍ରକଳ୍ପ ମୁଖ୍ୟ ପ୍ରସନ୍ନ ପଣ୍ଡା, ମାନବସମ୍ବଳ ଅଧିକାରୀ ଅମର ସିଂ, ଖୃଣ୍ଡା ସରପଞ୍ଚ ନିଳାବତୀ ଓରାମ, ସମିତି ସଭ୍ୟା କମଳିନୀ ରାୟଙ୍କ ସହ ଏନଏଲସି ଇଣ୍ଡିଆ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୦୧୮ରୁ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ପାଇଁ ଏକ ମାଗଣା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଯେଉଁଥିରେ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସ ରହି ରୋଗୀମାନଙ୍କୁ ମାଗଣା ଔଷଧ ସହ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ଫେବୃୟାରୀ, ୨୦୧୯



❝ ଇଭିଏମ୍ ଭାରତୀୟ ଗଣତନ୍ତ୍ରର 'ବିସ୍ମୟ ଯନ୍ତ୍ର' । ଏହା ଉପରେ ପ୍ରଶ୍ନ ଉଠାଉଥିବା ଲୋକେ ସନ୍ଦେହର ବୀଜ ବୁଣି ଗଣତନ୍ତ୍ରକୁ ନ୍ୟୂନ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି ।
- ଏସ୍.ୱାଇ. କୁରେଶୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର



## ସଂକ୍ଷେପରେ

### ୫୨ କେଜି ଗଞ୍ଜେଇ ଜବତ କଲା ଏନ୍‌ସିବି

ଝାରସୁଗୁଡା ଅଫିସ,୨୩।୨

ଚୋରା ଗଞ୍ଜେଇ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ କାରବାର ରୋକିବାରେ ଝାରସୁଗୁଡା ଜିଲା ପୋଲିସ ଓ ଅବକାରୀ ବିଭାଗ ଫେଲ ମାରିଛି। ଏପରି କି ଚୋରା କାରବାର କରୁଥିବା ର୍ୟାକେଟ୍ ସମ୍ପର୍କରେ ସୁରାକ ମଧ୍ୟ ପାଉନାହିଁ। ହେଲେ ନାର୍କୋଟିକ୍ସ କେଣ୍ଟ୍ରୋଲ ବ୍ୟୁରୋ ଅଫ ଇଣ୍ଡିଆ(ଏନ୍‌ସିବି)ର ଭୁବନେଶ୍ୱର ଶାଖା ପକ୍ଷରୁ ଝାରସୁଗୁଡାରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଏନ୍‌ସିବି ଅଧିକାରୀମାନେ ଏକାତାଲିର ମନୋଜ କୁମାର ସିଂ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୫୨ କେ.ଜି ଗଞ୍ଜେଇ ଜବତ କରିଥିଲେ। ଏନେଇ ମନୋଜଙ୍କୁ ଗିରଫ କରାଯାଇଥିବା ଏନ୍‌ସିବି ତରଫରୁ ସୂଚନା ଦିଆଯାଇଛି।

ସୂଚନା ମୁତାବକ, ମନୋଜ ସୋନପୁର ଅଞ୍ଚଳରୁ ଗଞ୍ଜେଇ ଆଣି ଚୋରାରେ ବାହାର ରାଜ୍ୟକୁ ଚାଲାଣ କରୁଥିଲେ। ଦୀର୍ଘ ଦିନ ହେଲା ସେ ଏହି କାରବାର କରି ଆସୁଥିଲେ। ହେଲେ ପୋଲିସ ପାଖରେ ଏନେଇ କୌଣସି ଖବର ନ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଏନ୍‌ସିବି ଭୁବନେଶ୍ୱର ଶାଖାର ଅଧିକାରୀମାନେ ମିଳିତ ଭାବେ ମନୋଜଙ୍କ ଘରେ ଚଢାଉ କରିଥିଲେ। ଚଢଉ ବେଳେ ମନୋଜଙ୍କ ଘରୁ ୫୨ କେ.ଜି ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇ ଛତିଶଗଡ଼ ଓ ଝାଡଖଣ୍ଡ ଚାଲାଣ ହେବାର ଥିଲା ବୋଲି ଜେରା ବେଳେ ଏନ୍‌ସିବି ଜାଣିବାକୁ ପାଇଛି।

ଇବ୍ ସେତୁ ରାଜନୀତି: ଦୁଇ କୂଳରେ ଦୁଇନେତା

# ନବଙ୍କ ପରେ ରାଧା କଲେ ଶିଳାନ୍ୟାସ




ଇବ ସେତୁ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟିକା ରାଧାରାଣୀ ପଣ୍ଡା।




ଅକ୍ଟୋବର ମାସରେ ନବ ଦାସ କରିଥିବା ଶିଳାନ୍ୟାସ।

ଝାରସୁଗୁଡା ଅଫିସ,୨୩।୨

**ଝାରସୁଗୁଡ଼ା-** ବ୍ରଜରାଜନଗରକୁ ସଂଯୋଗ କରିବାକୁ ଇବ୍‌ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ହେବାକୁ ଯାଉଛି। ଏହାର ଶ୍ରେୟ ନେବାକୁ ପୂର୍ବରୁ ବିଜେଡି ଓ କଂଗ୍ରେସ ଭିତରେ ଭିଡାଓଟରା ଚାଲିଥିଲା। ଏବେ ଶ୍ରେୟ ତାଲିକାରେ ସାମିଲ ହେଲା ଭାଜପା। ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ଶୁକ୍ରବାର ଦ୍ୱିତୀୟ ଇବ୍ ସେତୁର ଶିଳାନ୍ୟାସ କରିଛନ୍ତି। ଏନେଇ ନିଜ ଟ୍ୱିଟର ପୃଷ୍ଠାରେ ଉଲ୍ଲେଖ ମଧ୍ୟ କରିଛନ୍ତି। ରାଧାରାଣୀଙ୍କ ଦ୍ୱାରା ସେତୁ ନିର୍ମାଣର ଶିଳାନ୍ୟାସ ପରେ ବ୍ରଜରାଜନଗର ଏବଂ ଝାରସୁଗୁଡ଼ାରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ବିଜେଡି ଓ କଂଗ୍ରେସ ଏହାର ଶିଳାନ୍ୟାସ କରିଥିବା ବେଳେ ବିଧାୟିକା ପଣ୍ଡା କେଉଁ ଆଧାରରେ ପୁଣିଥରେ ଶିଳାନ୍ୟାସ କଲେ ବୋଲି ଟୁପୁରୁଟାପୁରୁ ହେଉଛନ୍ତି। ଲୋକଙ୍କ ନିକଟତର ହେବାକୁ, ଆଗାମୀ ନିର୍ବାଚନରେ ଭୋଟ ହାତେଇବାକୁ ନେତାଙ୍କ ଏହା ଚାଲ ବୋଲି ଲୋକ କହୁଛନ୍ତି। ବାସ୍ତବ ରାଜନୀତି ନୁହେଁ ନେତାମାନେ ଶ୍ରେୟ ରାଜନୀତିରେ ବିଶ୍ୱାସ ରଖୁଛନ୍ତି ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକ ଟିପ୍ପଣୀ ଦେଉଛନ୍ତି। କେବଳ ଏହି ସେତୁ ନୁହେଁ, ସେହିଭଳି ଅନେକ କାର୍ଯ୍ୟକ୍ରମ ଏବଂ ଯୋଜନାର ଶ୍ରେୟ ନେବାକୁ ନେତାଙ୍କ ମଧ୍ୟରେ ପ୍ରତିଯୋଗିତା, ମାଡପିଟ୍, ମାମଲା ପର୍ଯ୍ୟନ୍ତ କଥା ଯାଉଥିବାର ପ୍ରମାଣ ରହିଛି।

ଇବ୍‌ନଦୀ ଉପରେ ଝାରସୁଗୁଡାରୁ ବ୍ରଜରାଜନଗର ପୌରାଞ୍ଚଳକୁ ସଂଯୋଗ କରୁଥିବା ଏକ ସେତୁ ନିର୍ମାଣ ହେବ। ଏନେଇ ମୋଟ ୪୨ କୋଟି ୫୫ ଲକ୍ଷ ଟଙ୍କାର ବ୍ୟୟବରାଦ ହେବ। ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବାଲାଜୀ ଇଞ୍ଜିକନ୍ ନାମକ ଠିକା ସଂସ୍ଥା ଏହାର ନିର୍ମାଣ କାମ ହାତେଇଛି। ମାର୍ଚ୍ଚ ୨୦୨୧ ସୁଦ୍ଧା ନିର୍ମାଣ କାମ ଶେଷ ହେବ। ୫ ଶହ ମିଟର ସେତୁ ସାଙ୍ଗକୁ ଝାରସୁଗୁଡା ପଟୁ ୧ କି.ମି. ଏବଂ ବ୍ରଜରାଜନଗର ପଟୁ ୭୦୦ ମି. ଆପ୍ରୋଚ୍ ରୋଡ ନିର୍ମାଣ ହେବ ବୋଲି ପୂର୍ତ୍ତବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଶିଳାନ୍ୟାସ ପାଇଁ ମୂଳରୁ ପ୍ରତିଯୋଗିତା ଚାଲିଛି। ପ୍ରଥମେ ଜିଲା ବିଜେଡି ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ, ଦ୍ୱିତୀୟରେ ପୂର୍ବତନ କଂଗ୍ରେସ ନେତା ତଥା ବର୍ତ୍ତମାନର ବିଜେଡି ନେତା ନବ କିଶୋର ଦାସ ଏବଂ ତୃତୀୟରେ ଭାଜପା ବିଧାୟିକା ରାଧାରାଣୀ ପଣ୍ଡା ଏହି ସେତୁର ଶିଳାନ୍ୟାସ କରିଛନ୍ତି। ବିଜେଡି ଓ କଂଗ୍ରେସ ଉଭୟ ଅକ୍ଟୋବର ୨୦ ଏବଂ ୨୧ ତାରିଖରେ ଶିଳାନ୍ୟାସ କରିଥିବା ବେଳେ ଭାଜପା ନିର୍ବାଚନ ନିକଟତର ଦେଖି ଫେବୃୟାରୀ ୨୨ ତାରିଖରେ ଏହାର ଶିଳାନ୍ୟାସ କରିଛି। ସେତୁର ଶିଳାନ୍ୟାସ ନେଇ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ନବ କିଶୋର ଦାସଙ୍କୁ ପଚାରିବାରୁ ସେ କହିଲେ, ନିଜସ୍ୱ ଉଦ୍ୟମରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ସହ ଯୋଗାଯୋଗ କରି ସେତୁ ପାଇଁ ସମସ୍ତ କାମ କରାଇଥିଲିକକକକକକକ। ଏହି ସେତୁ ନିର୍ମାଣ ପାଇଁ ୪ ମାସ ପୂର୍ବରୁ ଶିଳାନ୍ୟାସ ସରିଛି। ଏହି ସେତୁ ନିର୍ମାଣ ହେବା ପାଇଁ ବିଧାୟିକା ରାଧାରାଣୀ ପଣ୍ଡାଙ୍କ କୌଣସି ହାତ ନାହିଁ। ତେବେ କେଉଁ ଉଦ୍ଦେଶ୍ୟରେ ସେତୁର ଶିଳାନ୍ୟଶସ କରୁଛନ୍ତି ବିଧାୟିକା ନିଜେ କହିପାରିବେ। ରାଧାରାଣୀ ପଣ୍ଡାଙ୍କ ମତାମତ ପାଇଁ ତାଙ୍କର ୨ଟି ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲା। ହେଲେ କୌଣସିଥିରେ ଯୋଗାଯୋଗ ହୋଇପାରି ନାହିଁ।

ଗୌତମ ସ୍ମାରକୀ ଫୁଟବଲ

### ଫାଇନାଲରେ ସୁନ୍ଦରଗଡ଼, ସମ୍ବଲପୁର

ଝାରସୁଗୁଡା ଅଫିସ,୨୩।୨

ଝାରସୁଗୁଡା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ଫୁଟବଲ ପଡ଼ିଆରେ ଚାଲିଥିବା ୧୧ତମ ଗୌତମ ସ୍ମାରକୀ ଫୁଟବଲ୍‌ର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶନିବାର ହୋଇଯାଇଛି। ଦ୍ୱିତୀୟ ସେମିରେ ଝାରସୁଗୁଡା ଗୋଲଡେନ୍ କ୍ଲବ୍ ଓ ସୁନ୍ଦରଗଡ଼ ଜଗନ୍ନାଥ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ସୁନ୍ଦରଗଡ଼ ଜଗନ୍ନାଥ ଫୁଟବଲ କ୍ଲବ ୪-୦ଗୋଲରେ ବିଜୟୀ ହୋଇଛି। ଏନେଇ ସୁନ୍ଦରଗଡ଼ ଜଗନ୍ନାଥ ଫୁଟବଲ କ୍ଲବ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ରବିବାର ସମ୍ବଲପୁର ଫୁଟବଲ ଏକାଡେମୀ ଓ ସୁନ୍ଦରଗଡ଼ ଜଗନ୍ନାଥ କ୍ଲବ ମଧ୍ୟରେ ଫାଇନାଲ ମୁକାବିଲା ହେବ। ଶନିବାର ପୂର୍ବତନ ପୌରାଧ୍ୟକ୍ଷ ହରିଷ ଗଣତ୍ରା, ଅଭିଷେକ ଲାଠ୍, ଉପଦୁର୍ଗପତି ଲକ୍ଷ୍ମଣ ସିଂ, କ୍ରୀଡ଼ାସଂଘର ତାପସରାୟ ଚୌଧୁରୀ, ବିଜୟ ବେହେରା, ଜୀବନ ମହାନ୍ତି, ଗଣେଶ ନାୟକ, ଶଙ୍କର ପଟେଲ, ମୁନା ମହାନ୍ତି, ମନୋଜ ଦାସ, ଅଶ୍ୱିକକନୀ ପାଣ୍ଡେ, ପ୍ରଶାନ୍ତ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୟ ଦାସ, ଅଶୋକ ପାଣ୍ଡବ, କ୍ଷମାଶୀଳ ସାହୁ ଓ ଅମିରା ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ।

### ବାଇକ୍ ଦୁର୍ଘଟଣା, ୪ ଆହତ

କୋଲାବିରା,୨୩।୨(ଡି.ଏନ୍.ଏ.)

କୋଲାବିରା ଥାନା ଅଧୀନ ସମାସିଂହା ବେଲମୁଣ୍ଡା ଛକ ଶନିବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାରେ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରଣ କରାଯାଇଛି। ଅନ୍ୟ ୨ଜଣଙ୍କୁ କୋଲାବିରା ଡାକ୍ତରଖାନାରେ ଚିକିତ୍ସା ପରେ ଛାଡି ଦିଆଯାଇଛି।

ସୂଚନା ଯୋଗ୍ୟ, ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳେ ବାଉରିଗୁଡା ଗ୍ରାମର ରବୀନ୍ଦ୍ର ଦରକା(୩୦) ଏକ ବାଇକ୍‌ରେ ମା' ବସନ୍ତ ଦରକା(୫୫)ଙ୍କୁ ଧରି ଗ୍ରାମକୁ ଯାଉଥିଲେ। ସେତିକିବେଳେ ବେଲମୁଣ୍ଡା ଛକ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରବୀନ୍ଦ୍ରଙ୍କ ଗୋଡ ଭାଙ୍ଗିଯାଇଥିବା ବେଳେ ମା' ବସନ୍ତଙ୍କ ଅଣ୍ଟାରେ ଆଘାତ ଲାଗିଛି। ସେହିପରି ଝାରସୁଗୁଡ଼ା ସରବାହାଲର ଅଶୋକ ନାଏକ ଏବଂ ମିଥୁନ ରୋହିଦାସ ଆହତ ହୋଇଛନ୍ତି।

### ମଦ ଜବତ, ଜଣେ ଗିରଫ

କୋଲାବିରା,୨୩।୨(ଡି.ଏନ୍.ଏ.)

ଦେଶୀ ମଦ ବିକ୍ରି ଅଭିଯୋଗରେ କୋଲାବିରା ଥାନା ପୋଲିସ କେଲଡାମାଲ ଗ୍ରାମର ମିନକେତନ ରଉତ(୫୬)ଙ୍କୁ ଶନିବାର ଗିରଫ କରିଛି। ପୋଲିସ ମିନକେତନଙ୍କ ଘରୁ ୪୦ ପାଉଚ୍ ଦେଶୀ ମଦ ଜବତ କରିଛି। ଏସଂକ୍ରାନ୍ତରେ କୋଲାବିରା ଥାନାରେ ଏକ ମାମଲା ରୁଜୁ ହୋଇଛି। ରବିବାର ମିନକେତନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କୋଲାବିରା ଥାନା ପୋଲିସ ପକ୍ଷରୁ କୁହାଯାଇଛି।

## ଗ୍ରାମାଞ୍ଚଳ ମହିଳାଙ୍କୁ ସଚେତନ କଲା ମିଶନ ଶକ୍ତି ରଥ



ଉଦେପୁରଠାରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ମହିଳା ଓ ଅଙ୍ଗନୱାଡି କର୍ମୀ ।

ଅତାବିରା, ୨୩।୨ (ଡି.ଏନ.ଏ)

ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନ କରିବା ପାଇଁ ମିଶନ ଶକ୍ତି ରଥ ଗାଁ ଗାଁ ବୁଲୁଛି । ଏହି କ୍ରମରେ ଭୁବନେଶ୍ୱରରୁ ଏକ ମିଶନ ଶକ୍ତି ରଥ ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳକୁ ଆସି ସଚେତନତା କାର୍ଯ୍ୟକ୍ରମ କରୁଛି । ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର, ଦେଶଭଟିଲି, ସାଲନାଠାରେ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ, ପୁଚି ଖେଳ, ଲୁଡୁ ଖେଳ ଆଦି ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ। ଭେଡେନ ଆଇସିଡିଏସ ଅଧୀନ ଡାଲବ ସେକ୍ଟର ପରିଦର୍ଶିକା ସୁରିୟା ରାଜହଂସ, ମିଶନ ଶକ୍ତି କ୍ଷେତ୍ର ପରିଦର୍ଶକ ବିଦ୍ୟାଧର ବେହେରା, ଅଙ୍ଗନୱାଡି କର୍ମୀ ରୀନା ଦନ୍ତା, ଯାଜ୍ଞସେନୀ ନାୟକ, ଜ୍ୟୋତ୍ସ୍ନା ଛୁରିଆ, ଯଶୋବନ୍ତୀ ସାହୁ, ନୀଳିମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗତାରେ ଚନ୍ଦନ ନାୟକ, ଚନ୍ଦନା ସେଠ, ମାନସୀ ବେହେରା, ବାସନ୍ତୀ ବଡ଼େଇ, ଶୁଭାଶିନୀ ଦାଶ, ଦେବକୀ ଭୋଇ, ମଞ୍ଜୁ ସେଣ ପ୍ରମୁଖ ମହିଳା ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ। ଉଦେପୁର ପ୍ରତିଯୋଗିତାରେ ଅଙ୍ଗନୱାଡି କେନ୍ଦ୍ର-୧ର ମହିଳାମାନେ ସବୁ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ ।

ଆଇସିଏଆଇର ଜାତୀୟ ସମ୍ମିଳନୀ

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିକାଶର ପଥ ପ୍ରଦର୍ଶକ

ଝାରସୁଗୁଡା ଅଫିସ,୨୩।୨

ଇନ୍‌ଷ୍ଟିଚ୍ୟୁଟ୍ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ (ଆଇସିଏଆଇ) ଝାରସୁଗୁଡା ଶାଖା ପକ୍ଷରୁ ୨ ଦିନିଆ ଜାତୀୟ ସମ୍ମିଳନୀ 'ଜ୍ଞାନକୁମ୍ଭ' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବେଦାନ୍ତ ଅଡିଟୋରିୟମରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବରଗଡ ଏମ୍‌ପି ଡା. ପ୍ରଭାସ ସିଂ ଯୋଗଦେଇ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ବିକାଶର ପଥ ପ୍ରଦର୍ଶକ ବୋଲି କହିଥିଲେ। ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି)ର ସଫଳ କାର୍ଯ୍ୟକାରିତା, ଟିକସ ଆୟ, ଆର୍ଥିକ ସଂସ୍କାର କ୍ଷେତ୍ରରେ ଏହି ବର୍ଗର ଅବଦାନ ସର୍ବାଧିକ ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇସିଏଆଇର ପୂର୍ବତନ ଅଧ୍ୟକ୍ଷ ଏମ୍. ଦେବରାଜ ରେଡ୍ଡୀ ଯୋଗଦେଇ ବାଣିଜ୍ୟକ ସଫଳତା ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଉପରେ ନିର୍ଭର କରେ ବୋଲି କହିଥିଲେ। ସେ କହିଲେ, ଆୟକର ସଂଗ୍ରହ ବୃଦ୍ଧି ପାଇବାକୁ ନେଇ ଆୟକର ବିଭାଗ ଉତ୍ସାହିତ ହୁଏ। ଏହାକୁ ସରକାର ନିଜ ସଫଳତା ବୋଲି ପ୍ରତିପାଦିତ କରନ୍ତି। କିନ୍ତୁ ବାସ୍ତବରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ନିରବଚ୍ଛିନ୍ନ ପ୍ରୟାସ ଏବଂ କରଦାତାଙ୍କୁ ଠିକ୍ ପରାମର୍ଶ ଦ୍ୱାରା ଆୟକର ସଂଗ୍ରହ ବୃଦ୍ଧି ହୋଇଥାଏ ବୋଲି କହିଥିଲେ। ପ୍ରମୁଖ ଅତିଥି ଭାବେ ବେଦାନ୍ତ ଆଲୁମିନିୟମର ସିଇଓ ଅଭିଜିତ ପତି ଆକାଉଣ୍ଟେନ୍‌ସି ନେଇ ଚିତ୍ରଗୁପ୍ତ, ଚାଣକ୍ୟର ପୌରାଣିକ ଉଦାହରଣ ଦେଇଥିଲେ। ସଫଳ ବ୍ୟବସାୟ ପାଇଁ ଆକାଉଣ୍ଟିଂର ଆବଶ୍ୟକତା କେତେ ଏବଂ ସେଥିରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା କେତେ ଜରୁରୀ ତାହା ବର୍ଣ୍ଣନା କରିଥିଲେ। ଆଇସିଏଆଇର ସଦସ୍ୟ ସିଏ ସୁଶୀଲ ଗୋଏଲ, ସିଏ ରଞ୍ଜିତ ଅଗ୍ରୱାଲ, ସିଏ ରଞ୍ଜିତ ଅଗ୍ରୱାଲ, ସିଏ ପ୍ରଦୀପ ଲାଠ୍, ସିଏ ହିମାଂଶୁ ଶେଖର ବଡପଣ୍ଡା, ସିଏ ମନିଷ ଡିଡୱାନିଆ, ସିଏ ରାଜେଶ ଅଗ୍ରୱାଲ, ସିଏ ସନ୍ଦୀପ ଶାହା, ସିଏ ମହେନ୍ଦ୍ର କେଡିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ।



ମଞ୍ଚାସୀନ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଝିଲ୍ଲାପାଲି ପଞ୍ଚାୟତ

## ପିଠା କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ

କୋଲାବିରା,୨୩।୨(ଡି.ଏନ୍.ଏ.)

କୋଲାବିରା ବ୍ଲକ ଅଧୀନ ଝିଲ୍ଲାପାଲି ପଞ୍ଚାୟତରେ ଗତ ୧୬ ତାରିଖରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ୧୬ ତାରିଖରେ ଝିଲ୍ଲାପାଲି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପଞ୍ଚାୟତ ଅଧିନ ସମସ୍ତ ଏସ୍‌ଏଚ୍‌ଜି ସମେତ ବହୁ ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା କରାଯାଇଥିଲା। ହେଲେ ରନ୍ଧା ହୋଇଥିବା ଭାତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳ ବୋଲି ଗ୍ରାମବାସୀ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏ ନେଇ ଗ୍ରାମର ଶକ୍ତିଭୂଷଣ ସେଠୀ, ଜଗବନ୍ଧୁ କିଷାନ, ଜଗନ୍ନାଥ କିଷାନ, ଆଦିତ୍ୟ ପଟେଲ, ନରେଶ ରାଓ, ପରମେଶ୍ୱର ନାଏକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଶନିବାର କୋଲାବିରା ବିଡିଓଙ୍କୁ ଲିଖିତ ଭାବେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ପିଠା କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ ୨୫ ହଜାର ଟଙ୍କା ଲେଖାଏଁ ମିଳୁଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନଇଚ୍ଛା ଭାଉଚର କରି ଅର୍ଥ ଆତ୍ମସାତ କରିଥିବା ଦର୍ଶାଯାଇଛି। ଏପରି କି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କ ଚାଉଳକୁ ବ୍ୟବହାର କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସେହିପରି କାର୍ଯ୍ୟକ୍ରମରେ ଟେଣ୍ଟ ଲଗାଯାଇ ନ ଥିବା ବେଳେ ଟେଣ୍ଟ ବାବଦକୁ ମଧ୍ୟ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ନାଏକଙ୍କୁ ପଚାରିବାରୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ବଡବାହାଲ ଛକସ୍ଥିତ କେଦାରଙ୍କ ଦୋକାନରୁ ଚାଉଳ ସମେତ ଅନ୍ୟାନ୍ୟ ସଉଦା କିଣାଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲୋକଙ୍କ ପାଇଁ ଆସିଥିବା ଚାଉଳ ବ୍ୟବହାର କରାଯାଇନାହିଁ। ସେହିପରି ଟେଣ୍ଟ ବାବଦ ଅର୍ଥ ପୈଠ କରାଯାଇନାହିଁ। କାରଣ ଉକ୍ତ ଦିନ ବର୍ଷା ହେବାରୁ ଟେଣ୍ଟ ଲଗାଯାଇ ନ ଥିଲା। ପିଠା କାର୍ଯ୍ୟକ୍ରମରେ କୌଣସି ପ୍ରକାର ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି। ଏ ନେଇ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ସେଠ୍‌ଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଥିଲେ।

କନକାଷ୍ଟ କ୍ଷତିଗ୍ରସ୍ତ କର୍ମଚାରୀଙ୍କ ନିଷ୍ପତ୍ତି

## ହାଇକୋର୍ଟରେ କରିବେ ଜନସ୍ୱାର୍ଥ ମାମଲା

ଝାରସୁଗୁଡା ଅଫିସ,୨୩।୨

ରାତି ଅଧିଆ କମ୍ପାନୀରେ ତାଲାଦେଇ ଫେରାର ହୋଇଯାଇଥିବା କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିଃ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ। ଏକ ସପ୍ତାହ ମଧ୍ୟରେ ଏହି ମାମଲା ରୁଜୁ କରିବେ ବୋଲି ଚାକିରି ହରାଇଥିବା ଏବଂ ପ୍ରତାରଣାର ଶୀକାର ହୋଇଥିବା କର୍ମଚାରୀ ମିଳିତ ମଞ୍ଚ ଶନିବାର ନିଷ୍ପତ୍ତି ନେଇଛି। ଏହି ଅବସରରେ ବଡମାଲସ୍ଥିତ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ପ୍ରଭାବିତ କର୍ମଚାରୀଙ୍କ ଏକ ଜରୁରୀ ବୈଠକ ହୋଇଥିଲା। କମ୍ପାନୀ ବନ୍ଦ ହେବା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କର୍ମଚାରୀମାନେ ସମସ୍ତ ଉଦ୍ୟମ କରି ନିଜର ବକେୟା ଅର୍ଥ ପାଇ ନ ଥିବାରୁ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ନିଷ୍ପତ୍ତି ନେଇଥିଲେ।

ସୂଚନାଯୋଗ୍ୟ, ବଡମାଲ ସ୍ଥିତ କନକାଷ୍ଟ ଷ୍ଟିଲ୍ ଏବଂ ପାୱାର ଲିମିଟେଡ୍ ବେଆଇନ୍ ଭାବେ ୨୦୧୭ ଜାନୁୟାରୀ ୧ତାରିଖରେ କମ୍ପାନୀ ବନ୍ଦ କରି ଚାଲିଯାଇଥିଲା। ଏନେଇ କର୍ମଚାରୀଙ୍କୁ ବିଦ୍ଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଯାଇ କାରଖାନାକୁ ବନ୍ଦ କରାଯାଇଥିଲା। କମ୍ପାନୀ ବନ୍ଦ ହୋଇଯିବା ପରେ କର୍ମଚାରୀମାନେ ବକେୟା ଦରମା, ଭବିଷ୍ୟନିଧି ଅର୍ଥ ପାଇବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ପ୍ରଶାସନିକସ୍ତରରେ ଏହାର ସମାଧାନ ହୋଇପାରି ନ ଥିଲା। ଏନେଇ କର୍ମଚାରୀମାନେ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କର୍ମଚାରୀ କମଳ ନାରାୟଣ ପାଣ୍ଡେ, କରୁଣାକର ସେଠ୍, ଲଖପତି ସିଂ, ସନ୍ତୋଷ ଦାସ ପ୍ରମୁଖ କହିଛନ୍ତି।



କମ୍ପାନୀ ସାମ୍ନାରେ କର୍ମଚାରୀ ଉପସ୍ଥିତ।

“ ବେଙ୍ଗାଲୁରୁରେ ଆୟୋଜିତ ଜାତୀୟ ମହିଳା ହକି କ୍ୟାମ୍ପରେ ଫିଟ୍‌ନେସ, ବଲ୍ ହ୍ୟାଣ୍ଡଲିଂ ସ୍କିଲ୍‌କୁ ଗୁରୁତ୍ୱ ଦିଆଯିବ।
–ଜୋର୍ଡ ମାରିଜନେ, ଭାରତୀୟ ହକି ଦଳର ମୁଖ୍ୟ କୋଚ୍



“ ଶୁଟର ଜିତୁ ରାୟଙ୍କୁ ହୀରା ସହ ତୁଳନା କରାଯାଉଥିଲା। ସେହି ଅନୁପାତରେ ସେ ସଫଳ ନ ହେବା ଆଶ୍ଚର୍ଯ୍ୟର ବିଷୟ ।
–ପାଭେଲ ସ୍ମିର୍‌ନୋଭ୍,ଭାରତର ପିସ୍ତଲ କୋଚ୍



## ସଂକ୍ଷେପରେ

### ମନ୍‌ପ୍ରୀତ୍ ଏସିଆର ଶ୍ରେଷ୍ଠ ପୁରୁଷ ହକି ଖେଳାଳି

**ନୂଆଦିଲ୍ଲୀ, ୨୩।୨:** ଏସିଆନ ହକି ଫେଡେରେଶନ ପକ୍ଷରୁ ଭାରତୀୟ ହକି ଦଳର ଅଧିନାୟକ ମନ୍‌ପ୍ରୀତ୍ ସିଂଙ୍କୁ ୨୦୧୮ ଲାଗି ଏସିଆ ମହାଦେଶର ଶ୍ରେଷ୍ଠ ପୁରୁଷ ହକି ଖେଳାଳି ବିବେଚିତ କରାଯାଇଛି। ସେହିଭଳି ମହିଳା ଦଳର ଷ୍ଟ୍ରାଇକର ଲାଲରେମସିଆମି ମଧ୍ୟ ବର୍ଷର ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ପୂର୍ବରୁ ୨୦୧୭ରେ ଏସ୍.ଭି. ସୁନୀଲ ଏସିଆର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ହାସଲ କରିଥିଲେ। ୨୦୧୮ରେ ମନ୍‌ପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଓମାନରେ ଅନୁଷ୍ଠିତ ହିରୋ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଅପରାଜେୟ ରହିଥିଲା। ପ୍ରତିଯୋଗିତାରେ ପାକିସ୍ତାନ ସହ ଭାରତ ଯୁଗ୍ମ ଭାବେ ଚାମ୍ପିୟନ ହୋଇଥିଲା। ସେହିଭଳି ବ୍ରେଡ୍‌ଠାରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଟ୍ରଫିରେ ଦେଶକୁ ରୌପ୍ୟ ପଦକ ଜିତାଇବାରେ ମନ୍‌ପ୍ରୀତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଅପରପକ୍ଷରେ ଗତବର୍ଷ ଭାରତୀୟ ସିନିୟର ମହିଳା ଦଳ ସହ ବିଶ୍ୱକପରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ ୧୮ ବର୍ଷୀୟା ଷ୍ଟ୍ରାଇକର ଲାଲରେମସିଆମି। ଏସିଆ କପ ଓ ୧୮ ବର୍ଷରୁ କମ୍ ୟୁଥ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟା ରହିଥିଲେ। ସେହିଭଳି ୨୦୧୮ ବର୍ଷ ଲାଗି ଭାରତୀୟ ପୁରୁଷ ହକି ଦଳକୁ ‘ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍’ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍‌ରେ ଏସିଆର ଏକମାତ୍ର ଦେଶ ଭାବେ ଭାରତ ଟପ୍-୮ରେ ପ୍ରବେଶ କରିଥିବାବେଳେ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିଲା। ଏହି ଅବସରରେ ହକି ଇଣ୍ଡିଆ ସମ୍ପାଦକ ରାଜିନ୍ଦର ସିଂ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଜାତୀୟ କାନୋଇଂ ସ୍ପ୍ରିଣ୍ଟ: ଓଡ଼ିଶାକୁ ୫ ପଦକ

**କଟକ ଅଫିସ,୨୩।୨:** ନୂଆଦିଲ୍ଲୀଠାରେ ଚାଲିଥିବା ୨୯ତମ ଜାତୀୟ କାନୋଇ ସ୍ପ୍ରିଣ୍ଟରେ ଓଡ଼ିଶା ଶନିବାର ସୁଦ୍ଧା ୪ଟି ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛି। ପ୍ରତିଯୋଗିତାର ୧ହଜାର ମିଟର ମହିଳା କାନୋଇଂ-୪ରେ ଓଡ଼ିଶା ରୌପ୍ୟ ପଦକ ଜିତିଥିଲା । ଏତଦବ୍ୟତୀତ ୧ହଜାର ମିଟର ମହିଳା କାୟାକିଂ-୪, ୫୦୦ମିଟର ମହିଳା କାନୋଇଂ-୪, ୫୦୦ମିଟର ପୁରୁଷ କାନୋଇଂ-୨, ୫ହଜାର ମିଟର ପୁରୁଷ କାନୋଇଂ-୨ ଇଭେଣ୍ଟରେ ଓଡ଼ିଶା ବ୍ରୋଞ୍ଜ ବିଜୟୀ ହୋଇଛି ।

### ଓଡ଼ିଶା-ଗାଙ୍ଗପୁର କ୍ୱାର୍ଟର ଫାଇନାଲ

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଚାଲିଥିବା ଜାତୀୟ ଜୁନିୟର ହକି(ଡିଭିଜନ-ଏ)ର କ୍ୱାର୍ଟର ଫାଇନାଲରେ ଓଡ଼ିଶାର ଦୁଇ ଦଳ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆଗାମୀ ୨୫ରେ ହେବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ହକି ଗାଙ୍ଗପୁର ମଧ୍ୟରେ ଏହି ମୁକାବିଲା ହେବ। ଅନ୍ୟ କ୍ୱାର୍ଟର ଫାଇନାଲଗୁଡ଼ିକରେ ଚଣ୍ଡିଗଡ଼-ମଧ୍ୟପ୍ରଦେଶ, ହରିୟାଣା-ପଞ୍ଜାବ, ଉତ୍ତର ପ୍ରଦେଶ-ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ପୁଲ୍ ‘ଡି’ର ଏକ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ବିହାରକୁ ପରାସ୍ତ କରିଥିଲା। ସୁଶୀଲ ଧନୱାର ୩୧ ଓ ସୁଶାନ୍ତ ଟପ୍ପୋ ୪୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିଯୋଗିତାରେ ୪ ମ୍ୟାଚରୁ ଏହା ଥିଲା ଓଡ଼ିଶାର ତୃତୀୟ ବିଜୟ।

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି୨୦ ଆଜି

## ବିଶ୍ୱକପ୍ ପୂର୍ବରୁ ରିହରସାଲ

**ବିଶାଖାପାଟଣା,୨୩।୨(ପି.ଟି.)**

ସ୍ଥାନୀୟ ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ରବିବାର ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲିଆ ଏହି ଟି୨୦ ସିରିଜ ପରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ମଧ୍ୟ ଖେଳିବ। ଆସନ୍ତା ମେ’ ୩୦ ତାରିଖରୁ ଇଂଲଣ୍ଡରେ ବିଶ୍ୱକପ୍ ଆରମ୍ଭ ହେବାକୁ ଥିବା ବେଳେ ଏହି ସିରିଜ୍ ବେଶ୍ ଗୁରୁତ୍ୱ ବହନ କରୁଛି। ବିଶେଷ କରି ଦଳ ଚୟନ ଦୃଷ୍ଟି କୋଣରୁ ଭାରତ ପାଇଁ ଏହି ଦୁଇଟି ସିରିଜ ତଥା ୭ଟି ମ୍ୟାଚ୍ ବେଶ୍ ମହତ୍ତ୍ୱ ରଖୁଛି। ବିଶ୍ୱକପ୍ ପୂର୍ବରୁ ଭାରତର ଏହା ଶେଷ ସିରିଜ ସାବ୍ୟସ୍ତ ହୋଇଛି। ଫଳରେ ଏହି ମେଗା ଇଭେଣ୍ଟ ପୂର୍ବରୁ ଭାରତ ପାଇଁ ଅଭ୍ୟାସ କରିବାକୁ ଅନ୍ତିମ ସୁଯୋଗ ମିଳିଛି। ଦୁଇଟି ଟି୨୦ ମ୍ୟାଚ୍‌ରେ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଏପରି କି ଚୟନକର୍ତ୍ତାଙ୍କ ତୀକ୍ଷ୍ଣ ନଜର ରହିଛି। ବିଶ୍ୱକପ୍ ଖେଳିବାକୁ ଆଶା ରଖିଥିବା ଖେଳାଳିମାନଙ୍କ ପାଇଁ ଏହି ସିରିଜ ଶେଷ ସୁଯୋଗ ସୃଷ୍ଟି କରିଛି। ୩ ସପ୍ତାହର ବିଶ୍ରାମ ପରେ କୋହଲି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ପ୍ରଦର୍ଶନ ଉପରେ କୋହଲିଙ୍କ ନଜର ରହିବ। କାରଣ ଏହି ଦୁଇ ଖେଳାଳି ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି।

ଦିନିକିଆ ଦଳରେ ଦୀନେଶ କାର୍ତ୍ତିକଙ୍କୁ ପଛରେ ପକାଇ ପନ୍ତ ବିଶ୍ୱକପ୍ ଦୌଡରେ ସାମିଲ ହୋଇଛନ୍ତି। ତେଣୁ ଏହି ସିରିଜରେ ପନ୍ତଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡିବ ବୋଲି ସେ ଭଲଭାବେ ହୃଦୟଙ୍ଗମ କରିଥିବେ। ବ୍ୟାକ୍ ଇଞ୍ଜୁରି କାରଣରୁ ହାର୍ଦ୍ଦିକ ପାଣ୍ଡ୍ୟା ଦଳରୁ ବାଦ୍ ପଡିଥିବା ବେଳେ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ସୁଯୋଗ ମିଳିଛି ଓ ସେ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ଦିନିକିଆ ଦଳରୁ ବାଦ ପଡିଥିବା ଦୀନେଶ କାର୍ତ୍ତିକଙ୍କ ପାଇଁ ମଧ୍ୟ ଏହି ଦୁଇଟି ଟି୨୦ ମ୍ୟାଚ୍ ଶେଷ ସୁଯୋଗ ସୃଷ୍ଟି କରିଛି।

ଭାରତର ୧ ନମ୍ବର ବୋଲର ଯଶପ୍ରୀତ ବୁମରା ମଧ୍ୟ ଏହି ସିରିଜରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଫଳରେ ଭାରତର ବୋଲିଂ ବିଭାଗ ଶକ୍ତିଶାଳୀ ହେବ। ଆଉ ୨ ଉଇକେଟ ହାସଲ କଲେ ବୁମ୍‌ରା ଟି୨୦ରେ ୫୦ ଉଇକେଟ ପୂରଣ କରିବେ। ଯୁବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ଦଳରେ ସ୍ଥାନ ପାଇଛନ୍ତି। ସେ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ଓ କ୍ରୁନାଲ ପାଣ୍ଡ୍ୟାଙ୍କ ସହ ବୋଲିଂ କରିବେ।

ଗତ ଟି୨୦ ସିରିଜରେ ଭାରତ ନ୍ୟୁଜିଲାଣ୍ଡଠାରୁ ୧-୨ରେ ପରାସ୍ତ ହୋଇଥିଲା। ଟି୨୦ରେ ଭାରତର ପ୍ରଦର୍ଶନ ସବୁବେଳେ ଅସ୍ଥିର ରହିଆସିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୧୧ଟି ଟି୨୦ରେ ବିଜୟୀ ହୋଇଥିବା ବେଳେ ୬ଟି ପରାଜୟ ବରଣ କରିଛି। ଫଳରେ ରେକର୍ଡ ଦୃଷ୍ଟିକୋଣରୁ ଭାରତ ଆଗରେ ରହିଛି। ତେବେ ଭାରତ ଘରୋଇ ପରିବେଶରେ (୨୦୧୭) ଓ ଅଷ୍ଟ୍ରେଲିଆରେ ଦୁଇଟି ସିରିଜ ଖେଳିଥିଲେ ମଧ୍ୟ ବର୍ଷା କାରଣରୁ ଏହି ସିରିଜଗୁଡ଼ିକ ୧-୧ରେ ଅମୀମାଂସିତ ରହିଛି। ପୂର୍ବରୁ ୨୦୧୬ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଘରୋଇ ଅଷ୍ଟ୍ରେଲିଆକୁ ୩-୦ରେ ପରାସ୍ତ କରି କ୍ଲିନ୍ ସୁଇପ୍ କରିଥିଲା। ଏଥର କୋହଲିଙ୍କ ନେତୃତ୍ୱାଧୀନ ଦଳ ଏହି ସିରିଜ୍‌ରେ ୨-୦ରେ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍ ପୂର୍ବରୁ ଏହି ସିରିଜର ଡ୍ରେସ୍ ରିହରସାଲ ବୋଲି କୁହାଯାଉଛି। ଅଷ୍ଟ୍ରେଲିଆ ବିପକ୍ଷ ଗତ ୧୩ଟି ଟି୨୦ ମ୍ୟାଚ୍‌ରେ କୋହଲି ୫ଟି ଅର୍ଦ୍ଧଶତକ ସହ ୬୧ ରନ ହାରରେ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ରହିଛନ୍ତି।

ଅପରପକ୍ଷରେ ଆରୋନ୍ ଫିଞ୍ଚଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୂରା ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ। ବିଗ୍ ବାସ ଲିଗ୍‌ର ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଡି’ଆର୍କି ଶର୍ଟ ଜବରଦସ୍ତ ଫର୍ମରେ ରହିଛନ୍ତି। କେନ୍ ରିଚାର୍ଡଶନଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଅଷ୍ଟ୍ରେଲିଆ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଫଳରେ ଏହି ମ୍ୟାଚ୍ ତଥା ସିରିଜ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଭାରତୀୟ ଖେଳାଳି।

**ଭାରତୀୟ ଦଳ**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ, କ୍ରୁନାଲ ପାଣ୍ଡ୍ୟା, ବିଜୟ ଶଙ୍କର, ୟୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ, ସିଦ୍ଧାର୍ଥ କୌଲ ଓ ମୟଙ୍କ ମାର୍କଣ୍ଡେ

**ଅଷ୍ଟ୍ରେଲିଆ ଦଳ**
ଆରୋନ ଫିଞ୍ଚ୍ (ଅଧିନାୟକ), ଡି’ଆର୍କି ଶର୍ଟ, ପ୍ୟାଟ କୁମିନ୍ସ, ଆଲେକ୍ସ କେରୀ, ଜାସନ ବେହରେନଡୋର୍ଫ, ନାଥନ କୁଲ୍ଟର ନିଲ୍, ପିଟର ହ୍ୟାଣ୍ଡ୍ସକମ୍ବ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ଗ୍ଲେନ ମ୍ୟାକ୍ସୱେଲ, ଜେ ରିଚାର୍ଡଶନ, କେନ୍ ରିଚାର୍ଡଶନ, ମାର୍କସ ଷ୍ଟୋଇନିସ୍, ଆଷ୍ଟନ ଟର୍ନର ଓ ଆଡାମ ଜାମ୍ପା

**ସମୟ: ସନ୍ଧ୍ୟା ୭ଟା**
**ସ୍ଥାନ: ବିଶାଖାପାଟଣା, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

## ବିଶ୍ୱ ରେକର୍ଡ ସହ ଅପୂର୍ବୀଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୨୩।୨:** ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ରେକର୍ଡରୁ ସ୍ଥାନୀୟ ଡ. କାର୍ନି ସିଂ ଶୁଟିଂ ରେଞ୍ଜଠାରେ ଭାରତ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ଆରମ୍ଭ କରିଛି। ଅପୂର୍ବୀ ଚଣ୍ଡେଲା ଦୁଇ ଚାଇନିଜ୍ ଶୁଟରଙ୍କୁ ପଛରେ ପକାଇ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଫାଇନାଲ ପାଇଁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ଅତ୍ୟଧିକ ଚାପ ଆଗରେ ଚଣ୍ଡେଲା ସ୍ଥିର ପ୍ରଦର୍ଶନ କରିଥିଲେ। ସମସ୍ତ ୧୦ଟି ଶଟ୍‌ରେ ୧୦.୫ ଓ ତା’ଠାରୁ ଅଧିକ ସ୍କୋର କରିଥିଲେ। ଫଳରେ ସେ ସର୍ବାଧିକ ୨୫୨.୯ ସ୍କୋର କରିଥିଲେ, ଯାହାକି ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ବିଶ୍ୱ ରେକର୍ଡ। ଚାଇନା ଶୁଟର ରୋଝୁ ଝାଓ ଏବଂ ହଙ୍ଗ୍ ଜୁଙ୍କୁ ଯଥାକ୍ରମେ ୨୫୧.୮ ଓ ୨୩୦.୪ ପଏଣ୍ଟ ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଭାରତୀୟ ଶୁଟର ଚଣ୍ଡେଲା ପୂର୍ବରୁ ଅଲିମ୍ପିକ୍ ଲାଗି ଯୋଗ୍ୟତା ଅର୍ଜନ କରିସାରିଥିବାରୁ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ଦୁଇ ଚାଇନିଜ ଶୁଟରଙ୍କୁ ୨୦୨୦ ଇଭେଣ୍ଟ ଯୋଗ୍ୟତା ମିଳିଛି। ସ୍ୱର୍ଣ୍ଣ ଜିତିବା ପରେ ଚଣ୍ଡେଲା କହିଛନ୍ତି, ପ୍ରତିଯୋଗିତାରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ମିଳିଥିଲା। କିନ୍ତୁ ଅଭ୍ୟାସ ଓ କଦାପି ହାର ନ ମାନିବା ଗୁଣ ଯୋଗୁ ମୁଁ ଶୀର୍ଷ ସଫଳତା ପାଇଛି। ଆଗକୁ ଟୁର୍ନାମେଣ୍ଟ ଥିବାରୁ ମୋତେ ପ୍ରଦର୍ଶନରେ ଆହୁରି ସୁଧାର ଆଣିବାକୁ ପଡ଼ିବ।

## ଶ୍ରୀଲଙ୍କାର ସ୍ମରଣୀୟ ସିରିଜ ବିଜୟ

**ପୋର୍ଟ ଏଲିଜାବର୍ଥ, ୨୩।୨ (ଏଏଫ୍‌ପି)**

ଘରୋଇ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୧୯୭ ରନର ଛୋଟିଆ ଲକ୍ଷ୍ୟକୁ ଭ୍ରମଣକାରୀ ଶ୍ରୀଲଙ୍କା ଦଳ ୩ୟ ଦିବସରେ ୨ ଉଇକେଟ୍ ହରାଇ ହାସଲ କରିନେଇଛି। ଏହି ବିଜୟ ସହ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନ୍‌ସୁଇପ୍ କରିଛି। ଏଥିସହ ଶ୍ରୀଲଙ୍କା ପ୍ରଥମ ଏସିଆ ଦଳ ଭାବେ ଦକ୍ଷିଣ ଆଫ୍ରିକା ମାଟିରେ ଟେଷ୍ଟ ସିରିଜ ଜିତି ଇତିହାସ ରଚିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ଶ୍ରୀଲଙ୍କା ରୋମାଞ୍ଚକ ଭାବେ ୧ ଉଇକେଟ୍‌ରେ ଜିତିଥିଲା।

ବିଜୟୀ ଶ୍ରୀଲଙ୍କା ପକ୍ଷରୁ ଦୁଇ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଓଶାଡ ଫର୍ନାଣ୍ଡୋ (୭୫ ରନ) ଓ କୁଶଲ ମେଣ୍ଡିସ (୮୪ ରନ) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁଇ ଓପନର୍ ଦିମୁଥ କରୁଣାରତ୍ନେ (୧୯) ଓ ଲାହିରୁ ଥିରିମାନେ (୧୦)ଙ୍କ ଉଇକେଟ୍ ହରାଇ ଶ୍ରୀଲଙ୍କା ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଫର୍ନାଣ୍ଡୋ ଓ ମେଣ୍ଡିସ ଅସମାପ୍ତ ୩ୟ ଉଇକେଟ୍ ଯୋଡ଼ିରେ ୧୬୩ ରନର ପାର୍ଟନରଶିପ୍ କରି ଘରୋଇ ଦଳର ବୋଲରଙ୍କୁ ଆଉ ଉଇକେଟ୍ ସୁଯୋଗ ଦେଇ ନ ଥିଲେ। ପୂର୍ବରୁ ଏହି ମ୍ୟାଚ୍‌ର ପ୍ରଥମ ଦୁଇ ଦିବସରେ ମୋଟ୍ ୩୧ଟି ଉଇକେଟ୍ ପତନ ହୋଇଥିଲା। ମେଣ୍ଡିସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ କୁଶଲ ପେରେରା ମ୍ୟାଚ୍ ଅଫ୍ ଦି ସିରିଜ ହୋଇଥିଲେ।

ଏହି ସିରିଜ ପୂର୍ବରୁ ଦକ୍ଷିଣ ଆଫ୍ରିକା ଘରୋଇ ମାଟିରେ ଶେଷ ୭ଟି ଟେଷ୍ଟ ସିରିଜରେ ବିଜୟ ଲାଭ କରିଥିଲା। ସେହିଭଳି ୧୯ ଟେଷ୍ଟରୁ ୧୬ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିଥିଲା।

**ସଂକ୍ଷିପ୍ତ ସ୍କୋର**

**ଦ.ଆଫ୍ରିକା ପ୍ରଥମ ଇନିଂସ:** ୨୨୨/୧୦ (ଡି କକ୍ ୮୬, ଫର୍ନାଣ୍ଡୋ ୩/୬୨)।
**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୧୫୪/୧୦ (ଡିକୱେଲା ୪୨, ରାବାଡା ୪/୩୮)।
**ଦ.ଆଫ୍ରିକା ୨ୟ ଇନିଂସ:** ୧୨୮/୧୦ (ଡୁ ପ୍ଲେସିସ ୫୦, ସୂରଙ୍ଗ ଲାକମଲ ୪/୩୯)।
**ଶ୍ରୀଲଙ୍କା ୨ୟ ଇନିଂସ-** ୧୯୭/୨ (କୁଶଲ ୮୪*, ଷ୍ଟେଇନ ୧/୪୬)।

## ତେଜସରେ ଉଡ଼ିଲେ ସିନ୍ଧୁ

**ନୂଆଦିଲ୍ଲୀ,୨୩।୨:** ଭାରତୀୟ ଷ୍ଟାର ଶଟଲର ପି. ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନ କୋର୍ଟ ଉପରରେ ଯୁଦ୍ଧ ବିମାନରେ ଉଡ଼ିଛନ୍ତି। ଶନିବାର ଦେଶର ହାଲୁକା ଯୁଦ୍ଧ ବିମାନ (ଏଲସିଏ), ଦି ତେଜସକୁ ବେଙ୍ଗାଲୁରୁଠାରେ ଏରୋ ଇଣ୍ଡିଆ ୨୦୧୯ ବେଳେ ତାଙ୍କୁ କୋ ପାଇଲଟ ଭାବେ ଉଡ଼ିବାର ସୁଯୋଗ ମିଳିଛି। ସିନ୍ଧୁ ବାଇଗଣୀ ରଙ୍ଗର ପୋଷାକ ପରିଧାନ ସହ ସିଡି ସହାୟତାରେ ବିମାନର କକ୍‌ପିଟକୁ ପ୍ରବେଶ କରିଥିବା ଦୃଶ୍ୟ ଟୁଇଟରରେ ଶେୟାର କରିଛନ୍ତି। ସିଟ୍‌ରେ ବସିବା ପରେ ସେ ହାତ ହଲାଇଥିଲେ। ଏୟାର ଶୋର ଅନ୍ତିମ ଦିବସରେ ମହିଳା ଦିବସ ପାଳନ କରିବା ଅବସରରେ ସିନ୍ଧୁଙ୍କୁ ତେଜସ ଉଡ଼ିବାର ସୁଯୋଗ ମିଳିଥିଲା। ଏବେ ଠାରୁ ଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ସିନ୍ଧୁଙ୍କ ବାୟୋଡାଟାରେ ତେଜସର ସହାୟକ ଚାଳକ ଭାବେ ଉଲ୍ଲେଖ କରିପାରିବେ। ସିନ୍ଧୁ ଏବେ ଅଲ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଲାଗି ପ୍ରସ୍ତୁତ ହେଉଛନ୍ତି। ଏହି ସମ୍ମାନଜନକ ଇଭେଣ୍ଟ ବର୍ମିଂହାମଠାରେ ମାର୍ଚ୍ଚ ୬ ତାରିଖଠାରୁ ଆରମ୍ଭ ହେବ।

## ଦୂତୀଙ୍କୁ ସ୍ୱର୍ଣ୍ଣ, ଅମିୟ ବ୍ରୋଞ୍ଜ

### ଇଣ୍ଡିଆନ ଗ୍ରାଁ ପ୍ରି-୧

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)**

ପଟିଆଲାରେ ଶନିବାର ଇଣ୍ଡିଆନ ଗ୍ରାଁ ପ୍ରି-୧ ଅନୁଷ୍ଠିତ ହୋଇଯାଇଛି। ବର୍ଷର ଏହି ପ୍ରଥମ ଜାତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ସମ୍ପୂର୍ଣ୍ଣ ଷ୍ଟାଇଲରେ ନିଜର ଅଭିଯାନ ଆରମ୍ଭ କରିଛନ୍ତି। ଭାରତର ଦ୍ରୁତତମ ଧାବିକା ବିବେଚିତ ହେଉଥିବା ଏହି ଓଡ଼ିଆ ସ୍ପ୍ରିଣ୍ଟର ପଟିଆଲାରେ ମହିଳା ୧୦୦ ମିଟର ଦୂରତାକୁ ୧୧.୫୧ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ତାମିଲନାଡୁର ଧନଲକ୍ଷ୍ମୀ ଏସ୍ ୧୧.୯୮ ଓ ପଞ୍ଜାବର ଅମ୍ରିତ କୌର ୧୨.୪୭ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ୧୦୦ ମିଟରରେ ଓଡ଼ିଶାର ଅମିୟ ମଲିକ ୧୧.୦୯ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ତାମିଲନାଡୁର ଦୁଇ ସ୍ପ୍ରିଣ୍ଟର ରାଜୀବ ଆରୋକିଆ(୧୦.୬୫) ଓ ଭି.କେ. ଇଲାକ୍କିୟା ଦଶନ(୧୦.୭୨) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଅଭିଜିତ ସାହୁ ୧୧.୮୦ ସେକେଣ୍ଡ ସହ ୮ମ ସ୍ଥାନରେ ରହି ରେସ୍ ଶେଷ କରିଛନ୍ତି। ଗ୍ରାଁ ପ୍ରି-୧ରେ ମୋଟ ୧୯ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା।



ସ୍ୱର୍ଣ୍ଣ ପଦକ ସହ ଦୂତୀ ଚାନ୍ଦ।

### ‘ରେସ୍ ଚ୍ୟାଲେଞ୍ଜପୂର୍ଣ୍ଣ ନ ଥିଲା’

୨୦୧୮ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତିବା ପରେ ଦୂତୀଙ୍କ ପାଇଁ ଏହା ଥିଲା ପ୍ରଥମ ଜାତୀୟ ପ୍ରତିଯୋଗିତା। “ରେସ୍ ସେତେଟା ଚ୍ୟାଲେଞ୍ଜପୂର୍ଣ୍ଣ ନ ଥିଲା। ମାତ୍ର ୩ ଜଣ ପ୍ରତିଯୋଗୀ ଏହି ଇଭେଣ୍ଟରେ ଭାଗ ନେଇଥିଲେ। ତେବେ ସିଜନର ପ୍ରଥମ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ମାନସିକ ଦୃଢ଼ତା ମିଳିଛି। ଗତବର୍ଷ ପ୍ରଥମ ଗ୍ରାଁ ପ୍ରିରେ ୧୧.୭୦ ସେକେଣ୍ଡ ସମୟ ନେଇଥିଲି। ଏଥର ୧୧.୫୧ରୁ ଆରମ୍ଭ କରିଥିବାରୁ ଆଗକୁ ଏଥିରେ ଉନ୍ନତି ହେବାନେଇ ମୁଁ ଦୃଢ଼ନିଶ୍ଚିତ। ଫେବୃୟାରୀ ୨୭ରେ ଦିଲ୍ଲୀରେ ହେବାକୁଥିବା ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ମୁଁ ୨୦୦ ମିଟରରେ ଭାଗନେବି। ଏହାପରେ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରିବି” ବୋଲି ପଟିଆଲାରେ ଥିବା ଦୂତୀ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲରେ ଦୋହାଠାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ହେବାକୁ ଯାଉଥିବାରୁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ତା ପୂର୍ବରୁ ୪ଟି ଇଣ୍ଡିଆନ ଗ୍ରାଁ ପ୍ରି ଆୟୋଜନ ପାଇଁ ନିଷ୍ପତ୍ତି ନେଇଛି।

## ଅନ୍ତିମ ଘରୋଇ ମ୍ୟାଚ୍‌ରେ କଶ୍ମୀରକୁ ଭେଟିବ ଆରୋଜ୍

### ଆଇ- ଲିଗ୍ ଫୁଟ୍‌ବଲ

**ଭୁବନେଶ୍ୱର, ୨୩।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଘରୋଇ ଇଣ୍ଡିଆନ୍ ଆରୋଜ୍ ରବିବାର ରିୟଲ କଶ୍ମୀରକୁ ଭେଟିବ। ଘରୋଇ ପରିବେଶରେ ଆରୋଜ୍ ତା’ର ଏହି ଶେଷ ମ୍ୟାଚ୍‌ରେ ବିଜୟୀ ହୋଇ ପଏଣ୍ଟ ତାଲିକାରେ ଉନ୍ନତି କରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଏହି ମ୍ୟାଚ୍ ଜିତି ପଦାର୍ପଣରେ ରିୟଲ କଶ୍ମୀର ତା’ର ଟାଇଟଲ ଆଶାକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି। କଶ୍ମୀର ୧୬ଟି ମ୍ୟାଚ୍ ଖେଳି ୯ଟି ବିଜୟ, ୫ଟି ଡ୍ର ଓ ୨ଟି ପରାଜୟ ସହ ମୋଟ ୩୨ ପଏଣ୍ଟ ପାଇଁ ପଏଣ୍ଟ ତାଲିକାର ତୃତୀୟ ସ୍ଥାନରେ ରହିଛି। ୫ ପଏଣ୍ଟ ଅଧିକ ପାଇ ଚେନ୍ନାଇ ଶୀର୍ଷରେ ରହିଥିବା ବେଳେ ଗୋଲ ବ୍ୟବଧାନ ବଳରେ ଇଷ୍ଟବେଙ୍ଗଲ ୩୨ ପଏଣ୍ଟ ପାଇ କଶ୍ମୀରକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଘରୋଇ ଆରୋଜ୍ ୧୮ଟି ମ୍ୟାଚ୍ ଖେଳି ୫ ବିଜୟ, ୨ ଡ୍ର ଓ ୧୧ଟି ପରାଜୟ ସହ ୧୭ ପଏଣ୍ଟ ଅର୍ଜନ କରି ଅଷ୍ଟମ ସ୍ଥାନରେ ରହିଛି। ଏହି ମ୍ୟାଚ୍ ନେଇ ଆରୋଜ କୋଚ୍ ଫ୍ଲଏଡ ପିଣ୍ଟୋ ବେଶ୍ ଆଶାବାଦୀ ଅଛନ୍ତି। ଏହି ମ୍ୟାଚ୍ ଆମ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଅବଶ୍ୟ କାଶ୍ମୀରକୁ ହରାଇବା ସେତେଟା ସହଜ ନୁହଁ। କଶ୍ମୀର ଏଥର ଟାଇଟଲ ଦୌଡରେ ସାମିଲ ହୋଇଛି। ତେଣୁ ଆମକୁ ସୁବ୍ୟବସ୍ଥିତ ଢଙ୍ଗରେ ଖେଳିବାକୁ ହେବ ଓ ୩ ପଏଣ୍ଟ ହାସଲ କରିବାକୁ ପଡିବ ବୋଲି ପିଣ୍ଟୋ କହିଛନ୍ତି।

ଅପରପକ୍ଷରେ କଶ୍ମୀର ଲିଗ୍‌ରେ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି ଓ ଏହି ମ୍ୟାଚ୍ ଜିତି ୩୫ ପଏଣ୍ଟ ହାସଲ କରିବା ସହ ଦ୍ୱିତୀୟ ସ୍ଥାନକୁ ଉଠିବା ଲକ୍ଷ୍ୟରେ ରହିଛି। ଆମ ପ୍ରସ୍ତୁତି ଭଲ ଅଛି। ଆମେ ଗତ ଗତ ତିନି ସପ୍ତାହ ଧରି ଖେଳିନାହୁଁ। ତେବେ ଆଉ ଏକ କଷ୍ଟସାଧ୍ୟ ମ୍ୟାଚକୁ ହାତେଇବୁ ବୋଲି କଶ୍ମୀର କୋଚ୍ ଡେଭିଡ ରବର୍ଟଶନ ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ କହିଛନ୍ତି। କ୍ରମାଗତ ୧୨ଟି ମ୍ୟାଚ୍ ଆମେ ଜିତିଛୁ ଓ ଏହି ଧାରା ବଜାୟ ରଖିବୁ ବୋଲି ସେ କହିଛନ୍ତି। କଶ୍ମୀରର କ୍ରିଜୋ, ଲଭଡେ, କାଟେବେ ଓ ମାସନ ରବର୍ଟଶନ କମାଲ କରି ଆରୋଜ୍‌କୁ ସମସ୍ୟାରେ ପକାଇବେ ବୋଲି ଆଶା କରାଯାଉଛି।





କୋଚ୍ ଫ୍ଲଏଡ ପିଣ୍ଟୋ (ଡାହାଣ)ଙ୍କ ସହ ଦୀପକ ଟାଙ୍ଗ୍ରୀ।

## ଜାତୀୟ ମହିଳା ହକି କ୍ୟାମ୍ପରେ ଓଡ଼ିଶାରୁ ୬

**ନୂଆଦିଲ୍ଲୀ, ୨୩।୨ (ପି.ଟି.)**

ବେଙ୍ଗାଲୁରୁରେ ଫେବୃୟାରୀ ୨୫ରୁ ଜାତୀୟ ମହିଳା ହକି କ୍ୟାମ୍ପ ଆରମ୍ଭ ହେବ। ଏଥିପାଇଁ ୩୩ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏଥିରେ ଓଡ଼ିଶାର ୬ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ୍, ନମିତା ଟପ୍ପୋ, ଅନୁପା ବାର୍ଲା ଓ ରଶ୍ମିତା ମିଞ୍ଜ୍। ମୁଖ୍ୟ କୋଚ୍ ଜୋର୍ଡ ମାରିଜ୍‌ନେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୫ ସପ୍ତାହ ଦରି ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବା ବ୍ୟତୀତ ଖେଳାଳିମାନଙ୍କ ଫିଟ୍‌ନେସ, ବଲ୍ ହ୍ୟାଣ୍ଡଲିଂ ସ୍କିଲ୍ ଉପରେ ଗୁରୁତ୍ୱ ଦିଆଯିବ। ରାଣୀ ରାମପାଲଙ୍କ ନେତୃତ୍ୱରେ ଭାରତ ନିକଟରେ ସ୍ପେନ ଟୁର୍‌ରେ ଯାଇ ସେଠାରେ ଭଲ ପ୍ରଦର୍ଶନ କରିପାରିଛି। ସେଠାରେ ଭାରତ ଘରୋଇ ଦଳ ବିପକ୍ଷରେ ଗୋଟିଏ ବିଜୟ (୫-୨) ଓ ଗୋଟିଏ ପରାଜୟ (୨-୩) ବରଣ କରିଥିବାବେଳେ ଦୁଇଟି ମ୍ୟାଚ (୧-୧ ଓ ୨-୨) ଡ୍ର ରଖିବାରେ ସମର୍ଥ ହୋଇଥିଲା। ସୂଚନାଯୋଗ୍ୟ, ସ୍ପେନ ହେଉଛି ୨୦୧୮ ବିଶ୍ୱକପ୍ ବ୍ରୋଞ୍ଜ ପଦକ ବିଜୟୀ ଦଳ। ଭାରତ ଆହୁରି ମଧ୍ୟ ୨୦୧୮ ବିଶ୍ୱକପ୍ ରନର୍ସଅପ୍ ଆୟର୍ଲାଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିଛି। ଏହି ଦଳ ବିପକ୍ଷରେ ଗୋଟିଏ ମ୍ୟାଚ ୧-୧ରେ ଡ୍ର ରଖିଥିବାବେଳେ ଅନ୍ୟଟିରେ ୩-୦ରେ ବିଜୟ ଲାଭ କରିଥିଲା। ଭାରତୀୟ ମହିଳା ହକି ଦଳ ଆଗକୁ ମାଲେସିଆ ଟୁର୍‌ରେ ଯିବ।

# ଲକ୍ଷ୍ୟ ଓ ଏକାଗ୍ରତା





**କୌଣସି କାମରେ ସଫଳତା ହାସଲ କରିବା ସହଜ କଥା ନୁହେଁ। ଏଥିପାଇଁ ସୁଚିନ୍ତିତ ଯୋଜନା ଆବଶ୍ୟକ। ତେବେ ପାଠପଢ଼ାରେ ସଫଳତା ପାଇଁ ଯୁବପିଢ଼ିଙ୍କୁ କେଉଁ ଦିଗ ପ୍ରତି ନଜର ଦେବାକୁ ପଡ଼ିବ, ସେ ସମ୍ପର୍କରେ କିଛି ଟିପ୍ସ...**



**ଉତ୍ତମ ପରିବେଶ**
ପାଠ ପଢ଼ିବା ପାଇଁ ଏକାଗ୍ର ମନ ସହ ଉଚିତ ପରିବେଶର ଆବଶ୍ୟକତା ରହିଛି। ଆପଣଙ୍କ ରୁମ୍‌ଠାରୁ ଆରମ୍ଭ କରି ଯେକୌଣସି ସ୍ଥାନ ହେଉନା କାହିଁକି ସେଠାକାର ବାତାବରଣ ଶାନ୍ତ ଏବଂ ସ୍ଥାନ ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ। ଏହାଦ୍ୱାରା ଆପଣଙ୍କ ମନ ସ୍ଥିର ରହିବା ସହ ମନ ଧ୍ୟାନ ଦେଇ ପାଠ ପଢ଼ିପାରିବେ।

**ପାଖରେ ରଖନ୍ତୁ ଷ୍ଟଡି ମ୍ୟାଟେରିଆଲ୍**
ଅଧିକାଂଶ ଛାତ୍ରୀଛାତ୍ର ପାଠପଢିବା ସମୟରେ ପେନ୍ କିମ୍ବା କପି ଆଣିବା ପାଇଁ ବାରମ୍ବାର ପାଠପଢ଼ା ପାଖରୁ ଉଠିଯାଆନ୍ତି। ମାତ୍ର ଏପରି କରନ୍ତୁ ନାହିଁ। ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ପାଖରେ ବହି, ନୋଟ୍‌ବୁକ୍, ପେନ୍, ପେନ୍‌ସିଲ୍ ଏବଂ ଆବଶ୍ୟକ ଜିନିଷ ରଖନ୍ତୁ। ଏପରି କଲେ ଆପଣଙ୍କୁ ବାରମ୍ବାର ଉଠିବାକୁ ପଡିବ ନାହିଁ।

**ପାଖରେ ରଖନ୍ତୁ ସ୍ନାକ୍ସ**
ପାଠ ପଢ଼ିବା ସମୟରେ ଅନେକ ଛାତ୍ରୀଛାତ୍ରଙ୍କୁ ବେଳେବେଳେ ଭୋକ ଏବଂ ଶୋଷ ଲାଗିଥାଏ। ସେଥିପାଇଁ ପ୍ରତି ଦଶ ମିନିଟ୍‌ରେ ଥରେ ସେମାନେ ପାଠପଢ଼ା ପାଖରୁ ଉଠିଥାଆନ୍ତି। ଏହାଦ୍ୱାରା ପାଠପଢ଼ାରେ ଏକାଗ୍ରତା ଆସି ନ ଥାଏ। ଏଥିପାଇଁ ଷ୍ଟେସନାରୀ ଏବଂ କପି ସହିତ କିଛି ସ୍ନାକ୍ସ ପାଖରେ ରଖନ୍ତୁ। ଚା' କିମ୍ବା କଫି ଅଭ୍ୟାସ ଛାଡି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଖାଦ୍ୟ ଆପଣାନ୍ତୁ।

**ଲକ୍ଷ୍ୟ ପ୍ରତି ଧ୍ୟାନ ରଖନ୍ତୁ**
ଜୀବନରେ କିଛି କରିବାକୁ ହେଲେ ଲକ୍ଷ୍ୟ ଧାର୍ଯ୍ୟ କରିବା ନିହାତି ଜରୁରୀ। ଏଥିପାଇଁ ସଜାଗ ଓ ସଚେତନ ରହିବା ବି ଜରୁରୀ। ଆପଣ ଚାହିଁଲେ ଏହାକୁ ଲେଖି କରି କିମ୍ବା ମନରେ ମଧ୍ୟ ରଖିପାରିବେ। ସମସ୍ତ ଜିନିଷକୁ ଏକାଠି ଫୋକସ୍ ନ କରି କୌଣସି ଗୋଟିଏ ଜିନିଷ ପ୍ରତି ଧ୍ୟାନ ରଖନ୍ତୁ। ଏପରି କଲେ ଆପଣ ଦ୍ୱନ୍ଦ୍ୱରେ ପଡିବେ ନାହିଁ। ଏବେ ମୋବାଇଲ୍ ଏକ ଜରୁରୀ ସାମଗ୍ରୀ ହୋଇଥିବାବେଳେ ଏକାଗ୍ରତା ଭଙ୍ଗ କରିବାରେ ଏହା ମୁଖ୍ୟ କାରଣ ପାଲଟିଛି। ଫୋନ୍‌ରେ ଥିବା ଆପ୍ସ ଯୁବପିଢ଼ିଙ୍କୁ ଡିଷ୍ଟର୍ବ କରିଥାଏ। ପଢ଼ିବା ସମୟରେ ଫୋନ୍‌କୁ କିଛି ଦୂରରେ ରଖନ୍ତୁ ଏବଂ ଚେଷ୍ଟା କରନ୍ତୁ ଯେପରି ଆପଣଙ୍କ ଧ୍ୟାନ ସେଠାରେ ନ ରୁହେ। ଏପରି କରିବା କଷ୍ଟସାଧ୍ୟ ହୋଇପାରେ। କିନ୍ତୁ ପାଠପଢ଼ାରେ ଧ୍ୟାନ ରଖିବା ପାଇଁ ଏପରି କରିବା ନିହାତି ଜରୁରୀ।

**ଟାଇମ୍‌ଟେବୁଲ୍ ସେଟ୍ କରନ୍ତୁ**
କୌଣସି ଲକ୍ଷ୍ୟ ପୂରଣ କରିବାକୁ ହେଲେ ଯୋଜନା କରିବା ନିହାତି ଜରୁରୀ। ଏଥିପାଇଁ ଏକ ଟାଇମ୍‌ଟେବୁଲ୍ ପ୍ରସ୍ତୁତ କରନ୍ତୁ। ଆରମ୍ଭରୁ ଟାଇମ୍‌ଟେବୁଲ୍ ଫଲୋ କରିବା କଷ୍ଟକର ହୋଇଥାଏ। କିନ୍ତୁ କିଛିଦିନ ପରେ ଦେଖିବେ ଏହା ଆପଣଙ୍କ ଦିନଚର୍ଯ୍ୟାରେ ପରିଣତ ହୋଇଯିବ।

**ରିଫ୍ରେସ୍ ରୁହନ୍ତୁ**
ମନରୁ ଟେନ୍‌ସନ୍ ଦୂର କରିବା ପାଇଁ ଏହା ନିହାତି ଜରୁରୀ। ଏହି ସମୟରେ ଆପଣଙ୍କ ହବିଜ୍ ପାଇଁ ସମୟ ଦେଇପାରିବେ। କିଛି କ୍ରିଏଟିଭ୍ କରିବା ଦ୍ୱାରା ଆପଣ ବି ରିଫ୍ରେସ୍ ରହିପାରିବେ।

**ବ୍ରେକ୍ ଜରୁରୀ**
ପାଠପଢ଼ିବା ସମୟରେ ବ୍ରେକ୍ ଜରୁରୀ। ୪୫ ମିନିଟ୍ ପାଠପଢ଼ା ପରେ ୧୦ ମିନିଟ୍ ବ୍ରେକ୍ ନେବା ଆବଶ୍ୟକ। ଏପରି କଲେ ପାଠପଢ଼ାରେ ରୁଚି ରହିବା ସହ ଆପଣ ବୋର୍ ବି ହେବେ ନାହିଁ। ବ୍ରେକ୍‌ରେ ଆପଣ ୱାକ୍ କିମ୍ବା ଚାଟ୍ ବି କରିପାରିବେ।

**ଶୋଇବା ଜରୁରୀ**
ଅଧିକାଂଶ ଯୁବପିଢ଼ି ଦିନରେ କଲେଜ ପରେ ରାତିରେ ହିଁ ନିଜର ପାଠପଢ଼ା ପାଇଁ ସମୟ ପାଇଥାଆନ୍ତି। ତେବେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ୬-୭ ଘଣ୍ଟା ଶୋଇବା ନିହାତି ଜରୁରୀ।

## କ'ଣ କରନ୍ତି ଏମାନେ...



ମଧୁସ୍ମିତା



ମିଳନ

**ଟାଇମ୍‌ଟେବୁଲ୍ ସେଟ୍ କରି କାମ କରେ :** *ମିଳନ କୁମାର ଭୂୟାଁ, ଏମ୍‌ବିଏ ୨ୟ ବର୍ଷ, ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ହଂସପାଳ, ଭୁବନେଶ୍ୱର*
ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ଟାଇମ୍‌ଟେବୁଲ୍ ସେଟ୍ କରିଥାଏ। ସେହି ହିସାବରେ ପ୍ଲାନିଂ କରି ପାଠ ପଢ଼େ। ପାଠପଢ଼ା ଲଗାତର ନ କରି କିଛି ସମୟ ବ୍ରେକ୍ ନେଇଥାଏ। ଏହାବ୍ୟତୀତ ବେଶି ରାତି ଯାଏ ମୁଁ ପାଠ ପଢ଼ିପାରେ ନାହିଁ। ସେଥିପାଇଁ ଶୀଘ୍ର ଶୋଇ ଶୀଘ୍ର ଉଠିଥାଏ।

**ପାଠପଢ଼ା ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିଥାଏ :** *ମଧୁସ୍ମିତା ନାୟକ, ବିବିଏ ଦ୍ୱିତୀୟ ବର୍ଷ, ୟୁ.ଏନ୍. ଅଟୋନୋମସ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଅଡଶପୁର, କଟକ*
ଷ୍ଟଡି ରୁମ୍‌କୁ ସବୁବେଳେ ପରିଷ୍କାର ରଖିଥାଏ। ସେଥିପାଇଁ ପାଠ ପଢ଼ିବା ପାଇଁ ଶାନ୍ତି ଲାଗିଥାଏ। ରୁମ୍‌ରେ ସ୍ନାକ୍ସ ଷ୍ଟକ୍ ରଖିଥାଏ। ପାଠପଢ଼ାର ମଝିରେ ମଝିରେ ବ୍ରେକ୍ ନେଇ ଚାଟିଂ କରିଥାଏ। ଫ୍ରି ଟାଇମ୍‌ରେ କିଛି କ୍ରିଏଟିଭ୍ ଜିନିଷ କରିବାକୁ ମୋତେ ଭଲ ଲାଗେ।

## ଏ ସପ୍ତାହର ପ୍ରଶ୍ନ

୧. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନିକଟରେ----------ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମ୍ୟୁଜିୟମ ପ୍ରତିଷ୍ଠା କରାଗଲା ?
୨. 'ଜିନ୍ଦେଗୀନାମା' ଉପନ୍ୟାସର ଲେଖିକା---------- ?
୩. ବନ୍ଦେ ଉତ୍କଳ ଏକ୍ସପ୍ରେସ --------ଓ-------- ମଧ୍ୟରେ ଗତି କରୁଛି ?
୪. ନିକଟରେ ---------ରାଜ୍ୟ 'ଷ୍ଟେଟ୍ ଟାଇଗର ପ୍ରୋଟେକ୍ସନ ଫୋର୍ସ' ସ୍ଥାପନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ?
୫. ପୃଥିବୀର ଦୀର୍ଘତମ ଥ୍ରୀଡି ପ୍ରିଣ୍ଟିଂ କଂକ୍ରିଟ ବ୍ରିଜ--------ଦେଶରେ ନିର୍ମାଣ କରାଯାଇଛି ?

## ଗତ ସପ୍ତାହର ଉତ୍ତର

୧ ସାନା ମୀର୍
୨ ମାରିଆନା ଟ୍ରେଞ୍ଚ
୩ ଗ୍ରୀସ୍‌ର ଏଥେନ୍ସ
୪ ଶ୍ୟାମ୍ ସରନ୍
୫ ସୁରଟ

## ଉତ୍ତରଦାତା



ନରେଶ କୁମାର କର, ବାଲିଆପାଳ, ବାଲେଶ୍ୱର



ମୁକେଶ ଚନ୍ଦ୍ର ରଣା, ସେରଗଡ, ଗଞ୍ଜାମ



ଅର୍ପିତା ରଣା, ପଦ୍ମପୁର, ବରଗଡ

## ଟପ୍ 10

### ପୃଥିବୀର ଦୀର୍ଘତମ ବ୍ରିଜ୍

୧. ଦାନ୍‌ୟାଙ୍ଗ କୁନ୍‌ଶାନ ଗ୍ରାଣ୍ଡ ବ୍ରିଜ(ଚାଇନା)------୫୪୦,୦୦୦ଫୁଟ
୨. ଚାଙ୍ଗହୁଆ କାଓସିଅଙ୍ଗ ଭାୟାଡକ୍ଟ(ତାଇୱାନ)---୫୧୭,୦୦୦ଫୁଟ
୩. କାଙ୍ଗଦେ ଗ୍ରାଣ୍ଡ ବ୍ରିଜ୍(ବେଜିଂ)----------- ୩୮୦,୦୦୦ଫୁଟ
୪. ତିଆଞ୍ଜିନ୍ ଗ୍ରାଣ୍ଡ ବ୍ରିଜ(ଚାଇନା)----------- ୩୭୩,୦୦୦ଫୁଟ
୫. ୱିନାନ୍ ୱିହେ ଗ୍ରାଣ୍ଡ ବ୍ରିଜ୍ (ଚାଇନା)-----------୨୬୧,୦୦୦ଫୁଟ
୬. ବାଙ୍ଗନା ଏକ୍ସପ୍ରେସ୍ ୱେ(ଥାଇଲାଣ୍ଡ)---------୧୭୭,୦୦୦ଫୁଟ
୭. ବେଜିଂ ଗ୍ରାଣ୍ଡ ବ୍ରିଜ (ଚାଇନା)-------------୧୫୮,୦୦୦ଫୁଟ
୮. ଲେକ୍ ପୋଞ୍ଚାଟ୍ରେନ୍ କଜ୍‌ୱେ(ୟୁଏସ୍‌ଏ)--------୧୨୬,୦୦୦ଫୁଟ
୯. ଉହାନ ମେଟ୍ରୋ ବ୍ରିଜ୍(ଚାଇନା)-------------୧୨୪,୦୦୦ଫୁଟ
୧୦. ମଞ୍ଚାକ ସ୍ୱାମ୍ପ ବ୍ରିଜ୍ (ୟୁଏସ୍‌ଏ)-----------୧୨୦,୦୦୦ଫୁଟ



ଦାନ୍‌ୟାଙ୍ଗ କୁନ୍‌ଶାନ ଗ୍ରାଣ୍ଡ ବ୍ରିଜ୍

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitri-agamiasha @gmail.com

ୟୁଥ୍ ଆଲର୍ଟ

# ଥଣ୍ଡା ପାଣି ପିଉଥିଲେ

**ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ହେଲେ ଯଦି ଏହି ପାଣି ଥଣ୍ଡା ହୋଇଥାଏ ତେବେ କିଛି କ୍ଷଣ ପାଟି ସହ ମନକୁ ଶାନ୍ତି ତ ଦେଇଥାଏ, ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଜାଣି ରଖନ୍ତୁ ଥଣ୍ଡା ପାଣି ପିଇବାର ବିଭିନ୍ନ ଅପକାରିତା ସମ୍ପର୍କରେ...**



**ପେଟ ସମସ୍ୟା:** ଅଧିକାଂଶ ଯୁବତୀଯୁବକଙ୍କର ଥଣ୍ଡା ପାଣି ପିଇବାର ଅଭ୍ୟାସ ରହିଛି। ହେଲେ ଆପଣ ଜାଣନ୍ତି କି ପାଟିକୁ ଭଲ ଲାଗୁଥିବା ଏହି ଥଣ୍ଡା ପାଣି ପେଟ ପାଇଁ ଆଦୌ ହିତକର ନୁହେଁ। ଏହା ଖାଦ୍ୟ ହଜମ କରିବାରେ ଡେରି କରିଥାଏ। ଫଳରେ ପେଟରେ ଯନ୍ତ୍ରଣା ହେବା, ବାନ୍ତି ଲାଗିବା ସହ ଅନ୍ୟ ସମସ୍ୟା ବି ଦେଖାଦେଇଥାଏ। ତେଣୁ ପାଣି ସବୁ ବେଳେ ରୁମ୍ ଟେମ୍ପରେଚର୍‌ରେ ରଖି ପିଅନ୍ତୁ।

**ମୁଣ୍ଡ ବିନ୍ଧା:** ବରଫ ପାଣି ବା ଅଧିକ ଥଣ୍ଡା ପାଣି ପିଇବା ଦ୍ୱାରା ସ୍ନାୟୁ ଥଣ୍ଡା ହୋଇଯିବା ଦ୍ୱାରା କେବେ କେବେ ମସ୍ତିଷ୍କ ଥଣ୍ଡା ବା ବ୍ରେନ୍ ଫ୍ରିଜ୍ ହୋଇଯାଏ। ଯାହାଦ୍ୱାରା ଖୁବ୍ ଜୋର୍ ମୁଣ୍ଡ ବିନ୍ଧା ହୋଇଥାଏ।

**କୋଷ୍ଠକାଠିନ୍ୟ:** ଥଣ୍ଡା ପାଣି ପିଇବା ଦ୍ୱାରା ଖାଦ୍ୟ ହଜମ ହେବାରେ କଷ୍ଟ ହୋଇଥାଏ। ବିଶେଷ କରି କଠିନ ଖାଦ୍ୟପଦାର୍ଥ ସହଜରେ ହଜମ ହୋଇ ନ ପାରିବା କାରଣରୁ ପରେ କୋଷ୍ଠକାଠିନ୍ୟ ସମସ୍ୟା ଉପୁଜିଥାଏ। ଯାହାକି ଧୀରେ ଧୀରେ ଅର୍ଶ, ମଳକଣ୍ଟକ ଭଳି ସମସ୍ୟାର ଆଶଙ୍କା ବୃଦ୍ଧି କରିଥାଏ।

**ମେଦବହୁଳତା:** ଥଣ୍ଡା ପାଣି ପିଇବା ଦ୍ୱାରା ଶରୀରରେ ଥିବା ଚର୍ବି ଶକ୍ତ ହୋଇଯାଏ। ତେଣୁ ତାହା ହଜମ ହେବାରେ କଷ୍ଟ ହୁଏ। ଧୀରେ ଧୀରେ ଏହା ଶରୀରରେ ଜମା ହେବା ଫଳରେ ମେଦବହୁଳତା ସୃଷ୍ଟି ହୁଏ।

**ଥଣ୍ଡା:** ସର୍ବଦା ଥଣ୍ଡା ପାଣି ପିଇବା ଦ୍ୱାରା ଅନେକଙ୍କ ଠାରେ ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଭଳି ସମସ୍ୟା ବି ଦେଖାଦେଇଥାଏ।

**ହୃଦ୍ ସ୍ପନ୍ଦନ ଧୀର ହେବା:** ଥଣ୍ଡା ପାଣି ପିଇଲେ ଗଳାର ପଛ ଭାଗରେ ଥିବା ଭାଗସ୍ ନର୍ଭ ହଠାତ୍ ପ୍ରଭାବିତ ହୋଇଥାଏ। ଫଳସ୍ୱରୂପ ଶରୀରର ତାପମାତ୍ରା ସାଧାରଣ ସ୍ତରକୁ ନ ଆସିବା ପର୍ଯ୍ୟନ୍ତ ହୃଦ୍‌ସ୍ପନ୍ଦନ ଧୀର ହୋଇଯାଏ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଓ ପରାମର୍ଶ, ଶିବିର ଭବାନୀପାଟଣା, କଳାହାଣ୍ଡି**
DDU-GKY
୨୭।୦୨।୨୦୧୯, ସମୟ:- ଦିବା୧୦:୩୦ମିନିଟ୍,
.ଟି.ସ୍କୁଲ ଖେଳପଡ଼ିଆ, ନକ୍ସିଗୁଡା, ଭବାନୀପାଟଣା
ଜିଲ୍ଲା ପ୍ରଶାସନ, କଳାହାଣ୍ଡି ତରଫରୁ ଉପରୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। ଏତଦ୍ୱାରା କଳାହାଣ୍ଡି ଜିଲ୍ଲାର ସମସ୍ତ ବେକାର ଯୁବକ-ଯୁବତୀମାନଙ୍କୁ ଏହି ମେଳାରେ ଭାଗନେଇ ତାର ସୁଯୋଗ ହାସଲ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି। ସବିଶେଷ ବିବରଣୀ ପାଇଁ ନିକଟସ୍ଥ ବ୍ଲକ୍ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, କଳାହାଣ୍ଡି (ଫୋନ ନମ୍ବର-୦୬୬୭୦-୨୩୦୬୨୮) ସହିତ ଯୋଗାଯୋଗ କରିପାରିବେ।
ସ୍ୱା./- ଜିଲ୍ଲା ନିୟୋଜନ ଅଧିକାରୀ, କଳାହାଣ୍ଡି, ଭବାନୀପାଟଣା
ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି

**TENDER CALL NOTICE**
**CSO-CUM-DISTRICT MANAGER, ODISHA STATE CIVIL SUPPLIES CORPORATION LIMITED, SAMBALPUR**
**At-/Po:-Kacheri Road, Dist:- Sambalpur, PIN-768001, e-mail Id- www.sambalpur.nic.in**
**No.352 /** **Dt: 22.02.2019**
CSO-cum-District Manager, OSCSC Ltd. Sambalpur invites sealed tenders from reputed firms / companies / persons for appointment as Level - II Transport Contractor for transportation of food grains from Rice Receiving Centre-cum-Departmental Storage Centre (RRC-cum-DSCs) to Retail Centers of Unit tagged.
The Level-II Transport Contractor shall perform all operations for transportation of food grains from RRC-cum-DSC to Retail Centres and delivering the food grains at retail Centres of Unit tagged.
Interested firms / companies / persons may obtain Tender Documents from the Office of the CSO-cum-District Manager, Sambalpur from 25.02.2019 to 15.03.2019 (in the Office Hour). The Interested firms / companies / persons may also download the Tender Documents from the District website **www.sambalpur.nic.in**
Interested firms / companies / persons will have to submit the tender documents through registered post / speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The Corporation shall not be responsible for any postal / courier delay. Tender paper received after the schedule date & time shall not be considered.
**Address for submission of Tender document.**
District Manager OSCSC Ltd, Sambalpur
At/PO :- Kacheri Road, Sambalpur
Dist :- Sambalpur, PIN :- 768001 (ODISHA)

| | |
|---|---|
| Period of sale of Tender Document | From 23.02.2019 to 15.03.2019 |
| Last date for receipt of Tender Document | Dt.15.03.2019 up to 5.00 PM. |
| Date of opening of Technical Bid | On 16.03.2019 at 11 AM. |
| Date of opening of Price Bid | On Dt. 19.03.2019 at 11 AM. |

**Sd./- CSO-cum-District Manager, OSCSC Ltd, Sambalpur**

**TENDER CALL NOTICE**
**CSO-CUM-DISTRICT MANAGER ODISHA STATE CIVIL SUPPLIES CORPORATION LIMITED, SAMBALPUR**
**At/Po: Kacheri Road, Dist : Sambalpur, Pin- 768 001**
**www.sambalpur.nic.in**
No. 353 Date : 22.02.2019
CSO-cum-District Manager, OSCSC Ltd. Sambalpur invites sealed tenders from reputed firms/ companies/ persons for appointment as Level-I Transport Contractor for transportation of food grains from FSD, FCI to Rice Receiving Centre-cum-Departmental Storage Centre (RRC-cum-DSCs).
Interested firms/ companies/ persons may obtain tender documents from the office of the CSO-cum-District Manager, Sambalpur from 25.02.2019 to 15.03.2019 (in Office Hour). The interested firms/ companies/ persons may also download the tender documents from the district website www.sambalpur.nic.in.
Interested firms/ companies/ persons will have to submit the tender documents through registered post/ speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal / courier delay. Tender paper received after the schedule date & time shall not be considered.**
**Address for submission of Tender document:**
**District Manager, OSCSC Ltd., Sambalpur**
**At/Po- Kacheri Road, Sambalpur**
**District-Sambalpur, PIN - 768001,Odisha**

| | |
|---|---|
| Period of sale of tender document | From 25.02.2019 to 15.03.2019 |
| Last date for receipt of tender document | Dt. 15.03.2019 up to 5.00 PM |
| Date of opening of Technical Bid | On dt. 25.03. 2019 at 11.00 AM |
| Date of opening of Price Bid | on Dt. 26. 03.2019 at 11.00 AM |

**Sd./- CSO-cum-District Manager, O.S.C.S.C. Ltd., Sambalpur**

**MARKFED- ODISHA**
**AREA OFFICE CUTTACK**
**SEALED TENDER CALL NOTICE**
Area Office, MARKFED, Cuttack invites Sealed Tender CALL Notice in Two Bid system from adhoc Rake Clearing & Transport Contractor in Odisha Cuttack Rake point for clearing of 50 Kg / 45 Kg. weight fertilizer in HDPE bags received from Rail Rakes at Cuttack Railhead. Reputed and Financially Sound Contractor with minimum 5 (five) years experience in Fertilizer Rake Clearing are required to submit Tender. The details Terms & Conditions along with Tender Paper may be obtained from MARKFED, Cuttack to submit the tender on or before dtd. 10.03.2019 upto 11 A.M. in the Area Office, MARKFED, Cuttack.
The sealed tender will be opened on 10.03.2019 at 3 PM in the office of the Area Manager, MARKFED, Area Office, Cuttack.
N.B. The Selection Committee for Selection of Transport Contractor reserves the right to cancel / reject the Tender at any time without assigning any reason thereof.
**By order of the Committee**
**Sd./- Area Manager, MARKFED, Cuttack**

**OFFICE OF THE EXECUTIVE ENGINEER, RWS&S DIVISION, BALASORE**
**Tel: 06782-262249, Fax:262931, email:eerwss_bls@nic.in, eerwssbls@gmail.com.**
**NATIONAL COMPETITIVE BIDDING THROUGH e-Tendering**
**Identification No.42** **Dt.20.02.2019**

| | | | |
|---|---|---|---|
| 1. | Nos. of Work | : | 1 No RPWS in Balasore District. |
| 2. | Estimated cost | : | Rs.435.68 lakh |
| 3. | Period of completion | : | 300 days |
| 4. | Availability of bid document in portal | : | Dt.26.02.2019 at 10.00 hours to 07.03.2019 up to 17.00 hours through online. |
| 5. | Seeking of Clarification | : | Dt.26.02.2019 at 10.00 hours to Dt.07.03.2019 up to 15.00 hours |
| 6. | Date of opening of Bid | : | Dt.08.03.2019 at 11.00 hours in the O/O EE, RWSS Division, Balasore. |
| 7. | Name and address of the Officer Inviting tender | : | Executive Engineer, RWS&S Division, Balasore |

Bid Cost & Bid Security will be receipt through electronic payment by NEFT / RTGS.
Further details can be seen from the e-Procurement Portal: **http://tendersodisha.gov.in**
*Sd./-Executive Engineer, RWS&S Division, Balasore*
25013/11/0039/1819




## BRIDE WANTED

Brahmin groom Axis Bank, Bhubaneswar service, age- 29yrs, Height- 5'4", Rasi- 14/7 requires suitable matching bride. Contact: 9861119266. D-58050

Hindu, Divorcee Teli/ 39 yrs/ 5'6"/ B.Tech/ 20 LPA/ seeks Beautiful, Educated bride. Caste No Bar. Mob: 9900176521. D-11317

Wanted qualified bride for Odia Brahmin boy/32yrs/5'9"/B.Tech/ Software Engineer. Salary 15 LPA. For early marriage contact: 9861725066. D-11323

Looking working/non-working bride for Khandayat boy/33yrs/5'10"/B. Tech from IIT/ Engineer with 14 LAP. Caste No Bar. Contact: 9692225066. D-11324

Wanted working/non-working bride for Karan boy/32yrs/6ft./ MBA/ own business. Earning 10 Crores. Bhubaneswar family. Contact: 9861825665. D-11325

## GROOM WANTED

Patara girl 1997, 5.3", B.Tech serving, Bhubaneswar, service only. 8895765910. D-11225

Beautiful whitish Teli girl 23, 5'.2", 8/4, Bsc. required Govt. Bank, Company Service holder near Bhubaneswar, Cuttack, Puri. 6370461466. D-60943

Invited educated employed Brahmin groom, establishment in Bhubaneswar/ Cuttack for fairly beautiful 34+, 5'4" highly educated bride. Early marriage preferred. 8599044357. D-11321

Now Matrimonial ads. only on Wednesday & Sunday Book 1 Get 1 FREE

Wanted Kayastha Bengali groom for working girl M.A. (Eco), PGDCA, 1990 5'-4" any B.Tech/ MCA/ MBA/ Banks. Contact: 7978397080, 9124774729. D-11342

Extremely beautiful Khandayat Girl, 1992, 5'3", Software Engineer, Wipro, Pune requires suitable groom for early marriage. 9438184703. D-64589

Wanted employed Bangalore based groom for SC (DOM) Oriya girl 1988, B.Tech Manager in Automobile company Bangalore 18.5 lakh package, father retired class-I officer, Bhubaneswar. 9437100637, 9668623062. D-11288

Divorcee SC bride Lecturer 35, JE 40 (caste-no-bar). Contact: 7873374269. D-65486




## SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293

ERTIGA diesel 2016 Pvt. used for sale. 7008028353. D-64798




## SALE

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

2BHK simplex @ 20,00,000/- 4km from Hanspal NH-5. 7064994691, 8763499150. D-11328

3BHK luxury flat (converted from 2 x 2BHK) fully loaded superb furnished, 90 lakhs, 4kms. from Ravi Talkies, towards Tankapani Road, Bhubaneswar. 9337124748. D-58051

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି: 9090963952. D-65361

Plot at BDA Town planning scheme Phase-1, road demarcation complete, 1km. from Sum Hospital and another gharabari plot 30' internal road, 4km. from CV Raman. 9937446498. D-65583

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65833

ଭୁବନେଶ୍ୱର ପଟିଆ Bigbazarରୁ 3.5km ଘର କରିବାପାଇଁ ବାସୋପଯୋଗୀ plot 1200 ବର୍ଗଫୁଟକୁ 4,80,000/-ରେ ମିଳୁଅଛି। 9937032327, 9583328312. D-65359

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65834

Residential plots for sale at Rangabazar, Koradakanta, Pahala, Nakhara, DPS, Trinathbazar, Balianta and Dadhichi. 9040537669, 8249317990. D-65371

Book 4BHK flat with 3 toilet, near AIIMS Square 150 meter Aiginia over bridge, NH-5, 1622 sqft. @ 65 lac. including parking. 7978584549. D-65592

ପୁରୀ ବାଟମଙ୍ଗଳା ନିକଟ ବାଟଗାଁ ଛକ ପାଖରେ ସ୍ଥିତିବାନ୍ ଘରବାରି ପ୍ଲଟ ପାଚେରିସହ 1000 ବର୍ଗଫୁଟକୁ 5 ଲକ୍ଷ 50 ହଜାର ଟଙ୍କା। 8144658008, 8144634252. D-11255

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65594

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11299

Bhubaneswar Khandagiri AMRI Hospital ନିକଟରେ ଘରକରିବା ପାଇଁ plot sqft. 1400/-. 9776452737. D-65367

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11298

Yellowzone gharabari plots 30ft. road Jharapada Tankapani Road, Sai Temple 2BHK simplex 20,50,000/-. 7735738102. D-11286

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-11244

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

2000 sqft. plots (10 nos.) at Sankarpur, Vipulgarden backside Ghatikia, Bhubaneswar (electricity, supply water, 30ft. road). 7381564227. D-65482

Gharabari with boundary plot sale at Pokhariput, Sundarpada Nuagaon (Samantarapur) affordable price. 6372078728. D-64797

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11154

୨୪୦୦ ବର୍ଗଫୁଟ ଘରବାଡି ଜାଗା ଗଙ୍ଗପାଟଣା ସମ୍ ହସ୍ପିଟାଲ୍ ପାଖରେ ବିକ୍ରିହେବ: 8984466226. D-64799

2300 sqft. fully furnished office space for rent at Bomikhal CTC Road, Bhubaneswar. Contact: 09880193309, 9861282388. D-11300

2BHK, 3BHK Duplex at Bharatpur near Kalinga Studio Chhak. Cost 60 to 85 Lakh: 7978214375. D-64590

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65574

**3100 sqft. open land with boundarywall at Ranga Bazaar near B.J.E.M School, Phase II, BBSR. Rate 1000/- per sq. feet. Mob: 9437013477, 9861080270.** D-11322

Schedule Caste plot, behind Saheed Nagar, Police Station 1500 sqft. 60,000,00/-. 8328988821. D-11315

Pay 1 lakh get registration premium duplex at Gudiapokhari. Bank loan available. 7327043914. D-65595

3 bedroom Vastu based new premium duplex (Group Housing) for immediate sale at Garage Chhak, Bhubaneswar. Contact Deepak: 9937329999. D-64591

Gharabari Yellowzone plot available at Sundarpada near Ganga Jamuna apartment sqft.1250/-: 9438243444. D-65487

## PURCHASE

Wanted low cost residential plots in and around Bhubaneswar. 06371090682. D-11320




Construct home @ 1100/- with branded material plan approval estimate. 7537874306. D-65596

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11297

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

Fly Ash brick machine (top press) 5,60,000/- for immidiate sale, Excellent condition: 7656942712. D-58049

**Genuine labrador puppy sale Bhubaneswar. Contact: 7978380283.** D-61044

Running Bakery Unit for sale Rotary Ovan, Planetary Mixture and other equipments for sale at Bhubaneswar. Contact: 9438153250. D-64800




3BHK marble flat at Unit-8, Souvagya Nagar, Main Road. Contact: 9000004523. D-64945

2BHK banglow with garage for residential purpose at Satya Nagar. 1600 sqft. Contact: 9437023430, 7205362692. D-11267

3BHK flat, 3 balconies, modular kitchen with garage, Golap Tower near Kendriya Vidyalaya, Jagamara, Khandagiri, Bhubaneswar. Contact: 9556781464. D-58047

3 Bed room, God room, dining, 2 bath room, kitchen. Rent- 9000/-, Rasulgarh, GGP Colony near Sai Temple. Contact: 9937021015. D-11254

1800 sqft. office space for rent at Goutam Nagar, Bhubaneswar. Contact: 9337117523. D-62160

3BHK 1800 sqft. house for rent at Bapuji Nagar. Contact: 9437937556. D-36457

Marbled house with garage, rent 14000 and independent single room for ladies, rent 5500 near Unit-8. DAV. Contact: 9438250900. D-65585

2BR hall utility room kitchen opposite Stewart School. Contact: 0674-2562487. D-64946

North-East facing 2BHK with Garage at Lingarajvihar Pokhariput, For office/ Guest house, Rent 11000/-. Contact 09437165036. D-65484

1750 sqft. space available in the second floor of the building "Ramkrishna Sadan" at plot no.- 7 Ashok Nagar (near Raj Mahal Square) Bhubaneswar suitable for Office Restaurant / Corporate, Guest House. Contact: 9437557600, 9437411582. D-64796

Two room house at IRC Village, Bhubaneswar. Small family preferred. Contact: 9437011658. D-65597

1500 sqft. space available in the first floor of the building "Sakuntala Bhawan" at plot no. 7, Ashok Nagar (near Rajmahal Square), Bhubaneswar suitable Bank/ Office/ Corporate guest house/ Restaurant. Contact: 9437557600, 9437411582. D-64795

2000 sqft. ground floor commercial space only for Diagnostic/ medical purposes. Capital Hospital, Main Road, Bhubaneswar. Contact: 9556665152. D-65591

1BHK AC house near Lingaraj Temple, rent= 7000/- Bhubaneswar. 9437388990. D-58048

2BHK flat near Gudiapokhari Chhak, 7kms from Ravi Talkies Square. 9437562371. D-58052

Land for rent 25000 sft. near Dhauli for any commercial purpose. Contact: 8917576258. D-11319

Single room with toilet (20'X15') at Mahadev Nagar main road Jharpada for office/ bachelors. Rent Rs.- 5000/-. Contact: 9668644665. D-11316

1200 sqft. official purpose for rent at Sahid Nagar (near post office). Mobile: 7684024847. D-11290

## PACKERS & MOVERS

Shivam logistic packers movers. Household/ car relocation countrywide. 9777044177, 9338461133. D-11243

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Ayurvedic full body massage ladies/ gents experts therapist. 8338097451 . D-65835

Experience full body massage with us by experts. Enquiry. 0674259782 2, 7377048581. D-65586

Herbal full body massage with refreshment by well trained therapist. 738123938 5, 06742540855. D-65587

Improving your health, skin care through expert therapist, excellent offer. 9668374480. D-65588

Newly opening ayurvedic body massage smart therapist, Shree herbal. 7750020754. D-65589

Herbal full body massage by smart/ expert therapist. Contact: 8338067247. D-65590

Physiotherapy, full body massage by trained ladies/ gents therapist: 7008773793. D-65485

Ayurvedic full body massage ladies/ gents smart experts therapist. 9114697517. D-65836

Newly ayurvedic fullbody massage ladies, gents: 7609923705, 7438851534. D-38549

New new full body massage with home service available. 8117833107. D-38548

Newly opening ayurvedic full body massage. 7077444583. D-11285

Ayurvedic full body massage smart boy therapist, home service available. 9937929638. D-11318

## Happy Birthday



Dear **Guddu/ Sajal**

"Our best wishes and heartfelt blessings for your bright future and prosperous life. We pray to the Almighty for your all round progress and a healthy life."

**Love from: Aja, Aai, Dada, Dadi, Papa, Mummy, Mamu, Maain, Sonu, Lorraine, All the Uncles, Aunties, Cousins and nears and dears.**

D-11343

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ସାତ୍ୱିକ କୁମାର ସାହୁ**

ପିତା– ଶ୍ରୀକାନ୍ତ ସାହୁ,
ମା– ବୀଣାପାଣି ସାହୁ,
ଗ୍ରା–ବଘିଆପଡ଼ା (ବୌଦ୍ଧ)
ଜେଜେମା, ବାବା, ମାମା,ମାମୁ, ମାଈଁ, ଭାଇ, ଭଉଣୀ, ପରିବାରବର୍ଗ।

ଧ–୧୧୩୪୫

### ପାଠକଙ୍କ ପାଇଁ ସୁଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭାଗୀରଥି ମଲ୍ଲିକ**

ବାଲିବିଲ୍ (କେଦାରପୁର) ଇଚ୍ଛାପୁର, ଭଦ୍ରକ
ଆବିର୍ଭାବ: ୧୦।୦୧।୧୯୨୭
ତିରୋଧାନ: ୧୪।୦୨।୨୦୧୯

ଆରପାରିରେ ଥାଇ ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଉପଦେଶ ଅଜାଡ଼ି ଦବାରେ କୁଣ୍ଠା କରିବେ ନାହିଁ। ଶୋକାଭିଭୂତ ପୁତ୍ର– ଅମୂଲ୍ୟ, ପ୍ରଫୁଲ୍ଲ, ଅଦ୍ୱୈତ, ପୁତ୍ରବଧୂ– ରେବତୀ, ହେମଲତା, ଗୀତା, କୁମୁଦିନୀ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ। ଆପଣଙ୍କର ଅନୁପସ୍ଥିତିକୁ ମର୍ମେ ମର୍ମେ ଝୁରି ହେଉଛନ୍ତି। ଆଜି ଆପଣଙ୍କୁ ବିନମ୍ର ପ୍ରଣାମ। ଧ–୧୧୩୪୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମୁକ୍ତା ପରମଗୁରୁ**

ତିରୋଧାନ: ୧୪।୦୨।୨୦୧୯

ବୋଉ, ତୁ ଆମକୁ ଛାଡ଼ି ଚାଲିଯିବାର ଆଜିକି ଏଗାର ଦିନ ହୋଇଗଲା। ଏ ପର୍ଯ୍ୟନ୍ତ ଆମ ଅନ୍ତରର କୋହ ଆଉ ଆଖିର ଲୁହ ଶୁଖିନି। ତୁ ସିନା ମୁକ୍ତି ପାଇଗଲୁ, ଆମକୁ ଛାଡ଼ି ଦେଇ ଚାଲିଗଲୁ ଏ ସଂସାର ଜଞ୍ଜାଳ ଆଉ ଯନ୍ତ୍ରଣା ଭିତରେ ଘାଣ୍ଟି ହେବାକୁ। ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପ୍ରେମ ଆଉ ଦିଗ୍‌ଦର୍ଶନ ଆମ ଜୀବନରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ, ଏତିକି ଆଶୀର୍ବାଦ ଆମ ଉପରେ ଥାଉ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକାତୁର ଝିଅ– ଟୁକେଇ, ଶୁଷା, ଚନ୍ଦୁ। ଧ–୧୧୩୪୦

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭଗବାନ ଦାଶ**

ଆବିର୍ଭାବ: ୦୩।୦୪।୧୯୪୨
ତିରୋଧାନ: ୧୩।୦୨।୨୦୧୯

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣ ତଳେ ତୁମ ହତଭାଗ୍ୟ ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଏବଂ ପରିବାରବର୍ଗ ତରଫରୁ ପ୍ରାର୍ଥନା। ଧ–୬୩୭୫୭

### ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**✓ଟି. ଏସ୍. ସୁନ୍ଦରମ୍**

୪୫ (ପ୍ରା) ସତ୍ୟନଗର
ଆବିର୍ଭାବ : ୧୧.୦୯.୧୯୧୪ (ଜନ୍ମାଷ୍ଟମୀ)
ତିରୋଧାନ : ୧୩.୦୨.୨୦୦୧ (ଫାଲଗୁନ କୃଷ୍ଣପକ୍ଷ ଷଷ୍ଠୀ)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତୀ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

–: ଶୋକ ସନ୍ତପ୍ତ :–
ବନ୍ଧୁ ଓ ପରିବାର ବର୍ଗ

ଧ–୧୧୩୨୭

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**

ଏକାଦଶ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ– ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର– ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର– ରୋଶନ ପାଣିଗ୍ରାହୀ, କନ୍ୟା– ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ– ଶୁଭଯାନୀ, ରଶ୍ମିପ୍ରଭା, ଜ୍ୱାଇଁ– ସୀମାଞ୍ଚଳ ପଣ୍ଡା, ପୌତ୍ରାଦି– ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ– କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ– ଦୁର୍ଗାପ୍ରସନ୍ନ ସାହୁ, ଭାଉଜ– ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ–୬୩୭୫୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ୯ମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତା ସଂଯୁକ୍ତା କୁମାରୀ ପ୍ରଧାନ**

ଶିକ୍ଷୟିତ୍ରୀ
ଭୁବନପୁର ସ୍ୱାଧୀନ କଲୋନୀ
ନିମାପଡ଼ା, ପୁରୀ
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦.୦୮.୧୯୬୦)
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ (୦୩.୦୨.୨୦୧୦)

ପୁରୁଣା ସ୍ମୃତିକୁ ସୁମରି ସୁମରି
ଦିନ ତ ଯାଉଛି ବିତି,
ତୋ ଅନୁପସ୍ଥିତିର ଶୂନ୍ୟତା ସବୁ
ଏ ମନ ଭାବଇ ନିତି।

ତୁମର ନିର୍ମଳ ଆତ୍ମାକୁ ପ୍ରଭୁ ଶ୍ରୀଜଗନ୍ନାଥ ଶାନ୍ତି ଦିଅନ୍ତୁ। ଶୋକସନ୍ତପ୍ତ: ସ୍ୱା–ଗୁଣନିଧି, ଝିଅ–ଜି.ଏସ. ବର୍ଷା, ପୁତୁରା–ନଣ୍ଡା, ଅନ୍ୟ ଝିଆରୀ, ପୁତୁରା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ। ଧ–୧୧୨୬୯

### ଦଶାହ ଉପଲକ୍ଷେ



**ସ୍ୱର୍ଗତା ବିଦ୍ୟୁଲତା ଦାଶ**

ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୬
ତିରୋଧାନ: ୧୫।୦୨।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଶୋକସନ୍ତପ୍ତ: ପୁଅ– ପ୍ରଦୀପ, ପ୍ରତାପ, ପୁତ୍ରବଧୂ– ସୁଚିତ୍ରା, ବିଜୟଲକ୍ଷ୍ମୀ, ଝିଅ– ପ୍ରତୀମା, ମୀନା, ଜ୍ୱାଇଁ– ପୂର୍ଣ୍ଣ, ପ୍ରମୋଦ ଓ ସମସ୍ତ ନାତିନାତୁଣୀ, ଭାଇ, ପରିବାରବର୍ଗ, ବନ୍ଧୁ ଓ ପରିଜନ। ଧ–୧୧୨୮୭

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ଦେଶର ପରିବହନ କ୍ଷେତ୍ରରେ ଏକ ଦ୍ରୁତ ପରିବର୍ତ୍ତନ ଆସିବାର ଆବଶ୍ୟକତା ରହିଛି।
– ନନ୍ଦନ ନିଲେକାନୀ, ପୂର୍ବତନ ମୁଖ୍ୟ ୟୁଆଇଡିଏଆଇ



ଆମେ ସର୍ବଦା ଗ୍ରାହକଙ୍କୁ ପ୍ରଥମ, କର୍ମଚାରୀଙ୍କୁ ଦ୍ୱିତୀୟ ଏବଂ ଅଂଶୀଦାରଙ୍କୁ ତୃତୀୟ ପ୍ରମୁଖ ସ୍ଥାନରେ ବିଚାର କରିଥାଉ।
– ଜ୍ୟାକ ମା, ସହ ପ୍ରତିଷ୍ଠାତା, ଆଲିବାବା ଗ୍ରୁପ

## ସଂକ୍ଷେପରେ

### ଇ-କମର୍ସ ନୀତି ଚିଠା ଜାରି

**ନୂଆଦିଲ୍ଲୀ,୨୩-୨:** କେନ୍ଦ୍ର ସରକାର ଶନିବାର ଜାତୀୟ ଇ-କମର୍ସ ନୀତି ଚିଠା ଜାରି କରିଛନ୍ତି। ଡାଟା ସୁରକ୍ଷା ନେଇ ଏଥିରେ ବିଶେଷ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଦେଶରେ ସୃଷ୍ଟ ଅତି ସମ୍ବେଦନଶୀଳ ଡାଟାକୁ ବିଦେଶରେ ସଂରକ୍ଷିତ କରି ରଖିବା ନେଇ ଆଇନଗତ ଏବଂ ପ୍ରଯୁକ୍ତିଗତ ଢାଞ୍ଚା ପ୍ରତିଷ୍ଠା ଲାଗି ଚିଠାରେ ପ୍ରସ୍ତାବ ଦିଆଯାଇଛି। ୪୨ ପୃଷ୍ଠାର ଇ-କମର୍ସ ନୀତି ଚିଠା ପ୍ରସ୍ତାବରେ ମୁଖ୍ୟତଃ ୬ଟି ବିନ୍ଦୁ ଉପରେ ଜୋର ଦିଆଯାଇଛି। ସେଗୁଡ଼ିକ ହେଲା ଡାଟା, ଭିତ୍ତିଭୂମି ଉନ୍ନୟନ, ଇ-କମର୍ସ ବଜାର, ନିୟାମକ ସମସ୍ୟା, ଘରୋଇ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହନ ଏବଂ ଇ-କମର୍ସ ଜରିଆରେ ରପ୍ତାନିକୁ ପ୍ରୋତ୍ସାହନ ଆଦି। ଆଜିର ଯୁଗରେ ଡାଟା ଅଶୋଧିତ ତେଲ ଭଳି ମୂଲ୍ୟବାନ ହେଲାଣି। ଏହାର ପ୍ରବାହ ସୀମା ସରହଦ ବାଧକ ହୋଇ ରହିନାହିଁ। ଏହାକୁ ବିଦେଶରେ ଗଚ୍ଛିତ କରି ରଖିବା ସହ ସଞ୍ଚୟକାରୀ ଏହାକୁ ଯେକୌଣସି ଭାବେ ବ୍ୟବହାର କରିପାରୁଛନ୍ତି।

### ୨୦୨୦ ସୁଦ୍ଧା ଦେଶରେ ୫ଜି ଲାଗୁ ହେବ



**ନୂଆଦିଲ୍ଲୀ,୨୩-୨:** ଭାରତରେ ୨୦୨୦ ସୁଦ୍ଧା ୫ଜି ନେଟ୍‌ୱାର୍କ ଲାଗୁ ହୋଇଯିବ ବୋଲି ଟେଲିକମ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ପକ୍ଷରୁ କୁହାଯାଇଛି। 'ଏନବ୍ଲିଂ ୫ଜି ଇନ୍ ଇଣ୍ଡିଆ' ଶୀର୍ଷକରେ ଏକ ଶ୍ୱେତପତ୍ର ଜାରି କରି ଟେଲିକମ୍ ନିୟାମକ କହିଛନ୍ତି ଯେ, ଅତ୍ୟାଧୁନିକ ପ୍ରଯୁକ୍ତି ଯୋଗୁ ସ୍ୱାସ୍ଥ୍ୟସେବା(ଟେଲିସର୍ଜରି), ଅଟୋନୋମସ୍ ଭେହିକିଲ୍ସ, ଅଟୋମେଟେଡ ମାନୁଫାକଚରିଂ ଇତ୍ୟାଦିରେ ୫ଜି ବ୍ୟବହାର ସମ୍ଭବ ହୋଇପାରୁଛି ଏବଂ ଏହା ଅର୍ଥନୀତି ଅଭିବୃଦ୍ଧିର ବାହକ ହେବାକୁ ଯାଉଛି। ତେବେ ୫ଜି ନେଟ୍‌ୱାର୍କ ଲାଗୁ କରିବା ଲାଗି ଦେଶରେ ପ୍ରାୟ ୬୦ରୁ ୭୦ ବିଲିୟନ ଡଲାର ଅତିରିକ୍ତ ପୁଞ୍ଜିନିବେଶର ଆବଶ୍ୟକତା ରହିଛି ବୋଲି ଶ୍ୱେତପତ୍ରରେ ଦର୍ଶାଯାଇଛି।

### ବ୍ୟାଙ୍କ ପରିଚାଳନାରେ ସଂସ୍କାର
### ନାୟକ କମିଟି ସୁପାରିସକୁ ସୁବ୍ରମଣ୍ୟନଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୩-୨:** ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପରିଚାଳନାରେ ବ୍ୟାପକ ସଂସ୍କାର ଜରୁରୀ ଥିବା ଦର୍ଶାଇ ପି.ଜେ.ନାୟକଙ୍କ ଅଧକ୍ଷତାରେ ଗଠିତ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ଏହାକୁ ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସମର୍ଥନ କରିଛନ୍ତି। ବ୍ୟାଙ୍କିଙ୍ଗ ସେକ୍ଟରରେ କାର୍ଯ୍ୟପ୍ରଣାଳୀକୁ ସଂସ୍ଥାଗତ କରା ନ ଯିବା ପର୍ଯ୍ୟନ୍ତ ବିପଦ ବଜାୟ ରହିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର ସରକାରଙ୍କ ଋଣ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ରାୟତ୍ତ ଋଣ ପରିଚାଳନା କାର୍ଯ୍ୟାଳୟ ଖୋଲିବାକୁ ପ୍ରସ୍ତାବ ଦେଇ ସାରିଛନ୍ତି। ଏହାକୁ ଲାଗୁ କରିବାର ସମୟ ଆସିଯାଇଛି ବୋଲି ସେ କହିଥିଲେ। ସୁବ୍ରମଣ୍ୟନ କହିଛନ୍ତି ଯେ, ସରକାରୀ ହସ୍ତକ୍ଷେପ ବିନା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସେମାନଙ୍କର ବାଣିଜ୍ୟିକ ନିଷ୍ପତ୍ତି ପରିଚାଳନା କରୁଥିବା ଦେଖାଯାଇଛି। ରାଜନୈତିକ ଇଚ୍ଛାଶକ୍ତିରେ ଦୃଢ଼ତା ରହିଥିବା ଏଥିରୁ ପ୍ରତୀୟମାନ ହେଉଛି। ତେବେ ଆମକୁ ଆଉ ଏକ ପଛକୁ ଯାଇ ବାସ୍ତବିକତା ଦେଖିବାକୁ ହେବ।

### ଏସ୍‌ଡିଆଇ ଭୁବନେଶ୍ୱର ମୁଖ୍ୟ କ୍ୟାମ୍ପସର ଉଦ୍‌ଘାଟନ ଆଜି

**ଭୁବନେଶ୍ୱର,୨୩-୨:** ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ (ଏସ୍‌ଡିଆଇ)ର ଭୁବନେଶ୍ୱର ମୁଖ୍ୟ କ୍ୟାମ୍ପସର ରବିବାର ଉଦ୍‌ଘାଟନ ହେବ। ନୂଆ କ୍ୟାମ୍ପସ ଖୋର୍ଦ୍ଧା, ତରାବୋଇ ଜଟଣୀଠାରେ ସ୍ଥାପନ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଲୋକାର୍ପଣ କରିବେ। ସେହିଭଳି ପ୍ରଧାନ ଏସ୍‌ଡିଆଇ ମୁଖ୍ୟ କ୍ୟାମ୍ପସରୁ ତୈଳ ବିପଣନ କମ୍ପାନୀଗୁଡ଼ିକର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ସ୍ଥାପନ ହୋଇଥିବା ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର ଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରକଳ୍ପଗୁଡ଼ିକ ଲାଗି ୧୦୮ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। ମୋଟ ୧୪୨ ପ୍ରକଳ୍ପ ମଧ୍ୟରୁ ୮୮ଟିର ଶୁଭ ଉଦ୍‌ଘାଟନ ଏବଂ ୫୪ଟିର ଭିତ୍ତି ପ୍ରସ୍ତର ଦେବା କାର୍ଯ୍ୟକ୍ରମ ରହିଛି।

# କମିବାକୁ ଯାଉଛି ଜୀବନ ବୀମା ପଲିସି ପ୍ରିମିୟମ

**ନୂଆଦିଲ୍ଲୀ,୨୩-୨**

### ଏପ୍ରିଲ ପହିଲାରୁ ହେବ ଲାଗୁ

- ଏବେ ଚାଲିଛି ୨୦୦୬-୦୮ ମୃତ୍ୟୁ ହାର ସାରଣୀ
- ଏପ୍ରିଲ ପହିଲାରୁ ୨୦୧୨-୧୪ ସାରଣୀ ଲାଗୁ କରାଯିବ
- ବିଦେଶରେ ପ୍ରତିବର୍ଷ ସାରଣୀ ବଦଳେ
- ୮୨ରୁ ୧୦୫ ବର୍ଷ ବୟସ୍କଙ୍କ ମୃତ୍ୟୁ ହାର ବଢ଼ିଛି
- ୧୪ରୁ ୪୪ ବର୍ଷ ମହିଳାଙ୍କ ମୃତ୍ୟୁ ହାର କମିଛି



ଆସନ୍ତା ଆର୍ଥିକ ବର୍ଷ ଅର୍ଥାତ୍ ଏପ୍ରିଲ ପହିଲାରୁ ଜୀବନବୀମା ପଲିସିଧାରୀଙ୍କୁ କମ୍ ପ୍ରିମିୟମ ଦେବାକୁ ପଡିବ। ଏନେଇ ସମସ୍ତ ଜୀବନବୀମା କମ୍ପାନୀ ଏବଂ ବୀମା ନିୟାମକ ଆଇଆର୍‌ଡିଏ ପ୍ରସ୍ତୁତି ଆରମ୍ଭ କରିଛି। ଏହି ପରିବର୍ତ୍ତନର ଫାଇଦା କାମ କରିବାର ବୟସରେ ଥିବା ୨୨ରୁ ୫୦ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କୁ ମିଳିବ।

ବାସ୍ତବରେ ଜୀବନ ବୀମା କମ୍ପାନୀଗୁଡ଼ିକ ଏପ୍ରିଲ ପହିଲାରୁ ନୂଆ ମୃତ୍ୟୁ ହାର ସାରଣୀକୁ ନେଇ ପ୍ରସ୍ତୁତ ପରିସଂଖ୍ୟାନକୁ ଗ୍ରହଣ କରିବାକୁ ଯାଉଛି। ସୂଚନାଥାଉ କି, ଏହି ମୃତ୍ୟୁ ହାର ପରିସଂଖ୍ୟାନରୁ ପ୍ରତ୍ୟେକ ହଜାର ଜୀବନ ବୀମାଧାରୀ ଓ ମୃତ୍ୟୁର ତଥ୍ୟ ଉପଲବ୍ଧ ହୋଇଥାଏ। ଏସ୍‌ବିଆଇ ଲାଇଫ ଇନ୍‌ସ୍ୟୁରାନ୍ସର ଚିଫ୍ ଆକ୍‌ଚୁୟାରୀ ସଞ୍ଜୀବ ପୂଜାରୀଙ୍କ ମତରେ କମ୍ପାନୀ ଭିତ୍ତିକ ଅଭିଜ୍ଞତା ଆଧାରରେ ପ୍ରିମିୟମ ଧାର୍ଯ୍ୟ କରିବା ନିର୍ଭର କରିଥାଏ। ମୃତ୍ୟୁହାର ସାରଣୀ ବୀମା ଉଦ୍ୟୋଗର ଅଭିଜ୍ଞତାକୁ ଦର୍ଶାଇଥାଏ। କେତେକ ଦେଶରେ ଏହା ପ୍ରତିବର୍ଷ ବଦଳିଥାଏ। କିନ୍ତୁ ଭାରତରେ ଏହା ପ୍ରତି ୫ରୁ ୬ବର୍ଷରେ ଥରେ କରାଯାଏ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆକ୍‌ଚୁୟାରିଜ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରସ୍ତୁତ ସଂଶୋଧିତ ଇଣ୍ଡିଆନ ଆସିଓର୍ଡ ଲାଇଭ୍‌ସ ମୋର୍ଟାଲିଟି ଟେବୁଲ ୨୦୧୨-୧୪ରୁ ଜଣାପଡୁଛି ଯେ, ୨୨ରୁ ୫୦ ବର୍ଷ ଭିତରେ ବୀମାଧାରୀଙ୍କ ମୃତ୍ୟୁ ହାର ୪ରୁ ୧୬% ହ୍ରାସ ପାଇଛି। ପୂର୍ବରୁ ଜୀବନ ବୀମା ଉଦ୍ୟୋଗରେ ୨୦୦୬-୦୮ ମୃତ୍ୟୁ ହାର ସାରଣୀ ବ୍ୟବହାର କରାଯାଉଥିଲା। ତେବେ ନୂଆ ଧାର୍ଯ୍ୟ ସାରଣୀ ହିସାବରେ ବୟସ୍କଙ୍କ ଲାଗି ବୀମା ପ୍ରିମିୟମ ବଢ଼ିପାରେ। ଟେବୁଲରୁ ଜଣାପଡୁଛି ଯେ, ୮୨ରୁ ୧୦୫ ବର୍ଷ ବୟସ୍କ ବ୍ୟକ୍ତିବିଶେଷଙ୍କ ମୃତ୍ୟୁ ହାର ୩ରୁ ୨୧ ପ୍ରତିଶତ ବୃଦ୍ଧି ପାଇଛି। ଟେବୁଲରୁ ଏହା ମଧ୍ୟ ଜଣାପଡିଛି ଯେ, ୧୪ରୁ ୪୪ ବର୍ଷ ବୟସ୍କ ମହିଳା ବୀମାଧାରୀଙ୍କ ମୃତ୍ୟୁ ହାର ୪.୫ରୁ ୧୭ ପ୍ରତିଶତ ସୁଧାର ହୋଇଛି। ଫଳରେ ଏମାନଙ୍କ ଲାଗି ଟର୍ମ ବୀମା କିଣିବା ସହଜ ହୋଇଯାଇଛି।





## 'ରନ୍ ଫର ନାଇନ୍'ରେ ସାମିଲ ହେବାକୁ ଅକ୍ଷୟଙ୍କ ନିବେଦନ

**ନୂଆଦିଲ୍ଲୀ,୨୩-୨**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସାରା ଦେଶରେ ଅନୁଷ୍ଠିତ ହେଉଥିବା 'ରନ୍ ଫର ନାଇନ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ବଲିଉଡ ସିନେଷ୍ଟାର ଅକ୍ଷୟ କୁମାର ଆହ୍ୱାନ ଦେଇଛନ୍ତି। ପ୍ୟାଡ ମ୍ୟାନ ଭାବେ ସେ ରୁପେଲି ପରଦାରେ ନଜର ଆସିଥିବା ବେଳେ ସାରା ଦେଶରେ ପ୍ୟାଡ ହିରୋମାନଙ୍କୁ ନାଇନ ମୁଭମେଣ୍ଟରେ ସାମିଲ ହେବାକୁ ନିବେଦନ କରିଛନ୍ତି। ଋତୁ ଜନିତ ସଚେତନତାକୁ ପ୍ରୋତ୍ସାହିତ କରିବାକୁ ଏଭଳି କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି। ଏଥି ଲାଗି ଅନଲାଇନ ପଞ୍ଜିକରଣ ଆରମ୍ଭ ହୋଇଛି। ଗୋଟିଏ ଦିନରେ ଏତେ ସଂଖ୍ୟକ ଲୋକ ରନ୍‌ରେ ଯୋଗଦେବାର ଏହା ଏକ ଗିନିଜ ୱାର୍ଲଡ ରେକର୍ଡ ହେବ ବୋଲି ଆଶା କରାଯାଉଛି। ମାର୍ଚ୍ଚ ୮ରେ ଦେଶର ୨୦ ରାଜ୍ୟର ୧୦୦ ସହରରେ ଏହା ଅନୁଷ୍ଠିତ ହେବ। ଏହା ମଧ୍ୟରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ସାମିଲ ରହିଥିବା କମ୍ପାନୀ ସୂଚନା ଦେଇଛି। ମହିଳାଙ୍କ ଋତୁ ଜନିତ ସଚେତନତାକୁ ବଢାଇବା ଦିଗରେ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଅକ୍ଷୟ କୁମାର କହିଛନ୍ତି।

### ହ୍ୱାଟ୍ସଆପ୍‌ରେ ଘୃଣା ସୃଷ୍ଟିକାରୀ ମେସେଜ ପ୍ରସାରଣ
## ଡିଓଟିରେ କରିହେବ ଅଭିଯୋଗ

**ନୂଆଦିଲ୍ଲୀ,୨୩-୨**

ସୋସିଆଲ ମିଡିଆରେ ମିଥ୍ୟା, କପୋଳକଳ୍ପିତ ତଥା ଘୃଣା ସୃଷ୍ଟିକାରୀ ମେସେଜ ପଠାଇବା ରୋକିବା ନେଇ କେନ୍ଦ୍ର ସରକାର ପ୍ରୟାସ ଚଳାଇଛନ୍ତି। ତେବେ ଫେସ୍‌ବୁକ୍‌ର ମେସେଜ ଆପ୍ କୁହାଯାଉଥିବା ହ୍ୱାଟ୍ସଆପ୍‌ରେ ଏଭଳି ମେସେଜ ପ୍ରସାରଣକୁ ରୋକିବା ଲାଗି ସରକାର ଏକ ନୂଆ କୌଶଳ ଆପଣାଇବାକୁ ଯାଉଛନ୍ତି। ଘୃଣା ସୃଷ୍ଟିକାରୀ ମେସେଜ ପଠାଉଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ ବା ଡିଓଟିରେ ଅଭିଯୋଗ କରିହେବ। ପୀଡିତ ବ୍ୟକ୍ତି ସେ ସମ୍ବନ୍ଧିତ ମେସେଜର ସ୍କ୍ରିନସଟ୍ ନେଇ ପଠାଯାଇଥିବା ମୋବାଇଲ ନମ୍ବର ସହ ଏହାକୁ ଇମେଲ ଆଇଡି ସିସିଏଡିଡିଏନ୍-ଡଟ୍ @ ଏନ୍‌ଆଇସି.ଇନ୍‌ରେ ପଠାଇବାକୁ ହେବ। ଏହାକୁ ତୁରନ୍ତ ସମ୍ପୃକ୍ତ ଟେଲିକମ୍ ଅପରେଟରଙ୍କ ନିକଟକୁ ପଠାଇ ଦିଆଯିବ। ଟେଲିକମ୍ ଅପରେଟର ସେହି ଫୋନ ନମ୍ବରକୁ ବ୍ଲକ୍ କରିଦେବେ। ଏ ସମ୍ପର୍କରେ ସ୍ଥାନୀୟ ପୋଲିସକୁ ଜଣାଇ ଦିଆଯିବ ଏବଂ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡିଓଟିର କଣ୍ଟ୍ରୋଲର କମ୍ୟୁନିକେଶନ ଆଶିଷ ଜୋଶୀ ପ୍ରକାଶ କରିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ହ୍ୱାଟ୍ସଆପ୍ ମାଧ୍ୟମରେ ବ୍ୟକ୍ତିବିଶେଷଙ୍କୁ ଗାଳିଗୁଲଜ କରାଯିବା ସହ ଧମକ ଦିଆଯାଉଥିବାର ବହୁ ଅଭିଯୋଗ ହେଉଛି।

## ମାଲ୍ୟାଙ୍କ ଲଣ୍ଡନ ସମ୍ପତ୍ତି ଜାଣିବାକୁ ବ୍ୟାଙ୍କଗୁଡ଼ିକର ଉଦ୍ୟମ

**ଲଣ୍ଡନ/ନୂଆଦିଲ୍ଲୀ,୨୩-୨**

ପ୍ରତ୍ୟର୍ପଣ ଅପେକ୍ଷାରେ ଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ନାମରେ ବାସ୍ତବରେ କେତେ ସମ୍ପତ୍ତି ରହିଛି, ତାହା ଜାଣିବାକୁ ଭାରତର ୧୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉଦ୍ୟମ କରୁଛନ୍ତି। ପ୍ରାୟ ୯ ହଜାର କୋଟି ଋଣ ଟଙ୍କା ଫେରିପାଇବା ଲାଗି ଉଦ୍ୟମ କରୁଥିବା ଭାରତୀୟ ବ୍ୟାଙ୍କଗୁଡ଼ିକ ମାଲ୍ୟାଙ୍କ ଲଣ୍ଡନସ୍ଥିତ ସମ୍ପତ୍ତିକୁ ଜବତ କରିବାକୁ ଯାଇ ନିରାଶ ହେଉଛନ୍ତି। କାରଣ ତାଙ୍କ ନାମରେ ଅଧିକାଂଶ ସମ୍ପତ୍ତି ନାହିଁ। ଏହି କାରଣରୁ ମଦ ବ୍ୟବସାୟୀଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ତାଲିକା ଏବଂ ଦସ୍ତାବିଜ ପାଇବା ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଲଣ୍ଡନ ହାଇକୋର୍ଟରେ ଆବେଦନ କରିଛନ୍ତି। ମାଲ୍ୟାଙ୍କ ନିକଟରେ ଦୁଇଟି ବିଶାଳ ଭ୍ରମଣକାରୀ ଜାହାଜ ଏବଂ ଏକାଧିକ ରେସିଂ କାର୍ ରହିଛି। ସୂଚନାଥାଉ କି ବେଙ୍ଗାଲୁରୁ ଡିଆର୍‌ଟିଙ୍କ ରାୟକୁ ବ୍ରିଟେନ କୋର୍ଟରେ ପଞ୍ଜୀକୃତ କରିବା ଲାଗି ହାଇକୋର୍ଟ ୨୦୧୮ ମେ ୮ରେ ନିର୍ଦ୍ଦେଶ ଦେଇଥିଲେ ଏବଂ ଲଣ୍ଡନରେ ଥିବା ମାଲ୍ୟାଙ୍କ ସମ୍ପତ୍ତି ମଧ୍ୟରୁ ୧.୧୪ ବିଲିୟନ ପାଉଣ୍ଡ (୧୦,୪୯୯ କୋଟି ଟଙ୍କା) ଜବତ କରିବାକୁ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ କହିଥିଲେ। ତେବେ ମାଲ୍ୟାଙ୍କ ନାମରେ ଆହୁରି ଅନେକ ସମ୍ପତ୍ତି ରହିଛି, ଯାହାକୁ ଅଦ୍ୟାବଧି ଜବତ କରାଯାଇପାରିନାହିଁ ବୋଲି ବ୍ୟାଙ୍କଗୁଡ଼ିକ ମନେ କରୁଛନ୍ତି। ସୂଚନାଥାଉ କି, ତାଙ୍କ ନାମରେ ଲଣ୍ଡନରେ ବିଶେଷ ସମ୍ପତ୍ତି ନାହିଁ ବୋଲି ମାଲ୍ୟା କହିଥିଲେ।

## ୨୫ରେ ସ୍କିଲ୍ ସାଥୀ ୟୁଥ୍ କନ୍‌କ୍ଲେଭ

**ଭୁବନେଶ୍ୱର,୨୩-୨**

ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ ଏଣ୍ଟରପ୍ରିନିୟରଶିପ ମନ୍ତ୍ରଣାଳୟ (ଏମ୍‌ଏସ୍‌ଡ଼ିଇ) ପକ୍ଷରୁ ଚଳିତ ମାସ ୨୫ (ସୋମବାର) ସ୍କିଲ ସାଥୀ କନ୍‌କ୍ଲେଭ ଏଠାକାର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ସ୍କିଲ ଇଣ୍ଡିଆ ମିଶନ ଅନ୍ତର୍ଗତ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ପେଟ୍ରୋଲିୟମ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓକନଫରେନ୍ସି ଯୋଗେ ରାଜ୍ୟର ୪୨୭ ସ୍ଥାନରେ ଯୁବବର୍ଗଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ନୂଆ ଓଡ଼ିଶା ଧର୍ମପଦ ସମ୍ବାଦ ପଦକ୍ଷେପ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ ଦକ୍ଷତା ବିକାଶ ଦିଗରେ ପ୍ରୋତ୍ସାହିତ କରାଯିବାକୁ ଯୋଜନା ରହିଛି। ଏହା ଦ୍ୱାରା ୩୦ ଜିଲାର ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ଉତ୍ସାହିତ କରାଯିବ।





## ଏଏସ୍‌ବିଏମ୍‌ରେ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ

**ଭୁବନେଶ୍ୱର,୨୩-୨**

ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ରେ ୫ମ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ (ନାମକନ୍-୨୦୧୯) ଅନୁଷ୍ଠିତ ହୋଇଯାଇଛି। ଅଲୱେଦର ବିଜ୍‌ନେସ ମଡେଲ ଦ୍ୱାରା ନାଲ୍‌କୋର ସଫଳତା ଉପରେ କାର୍ଯ୍ୟକ୍ରମରେ ଏହାର ଅଧକ୍ଷ ତପନ କୁମାର ଚାନ୍ଦ ଗୁରୁତ୍ୱାରୋପ କରିଥିଲେ। ଫରଚ୍ୟୁନ ୫୦୦ ଏବଂ ତତ୍କାଳୀନ ପ୍ରମୁଖ ଭାରତୀୟ କମ୍ପାନୀ ଉପରେ ଅନୁଷ୍ଠାନର ପ୍ରତିଷ୍ଠାତା ବିଶ୍ୱଜିତ୍ ପଟ୍ଟନାୟକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଆମେରିକା ସାଉଦର୍ନ ବିଶ୍ୱ ବିଦ୍ୟାଳୟର ଡ.ବିଜୟ କୁମାର ସାହୁ, ଓପିଏସ୍‌ସିର ପ୍ରାକ୍ତନ ଅଧକ୍ଷ ବିବେକ୍ ପଟ୍ଟନାୟକ, ଜାତୀୟ ଆଲୁମିନିୟମ ନିଗମର ପ୍ରାକ୍ତନ ଅଧକ୍ଷ ଗଦାଧର ଉପାଧ୍ୟାୟ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଭାତ କୁମାର ମହାନ୍ତି, ଓପିସିଏଲ୍ ଅଧକ୍ଷ ରାଜେନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଆଇସିଏଆର୍-ସିଆଇଡବ୍ଲ୍ୟୁଏର କିଷାନ ମେଳା ଆଜି

**ଭୁବନେଶ୍ୱର,୨୩-୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋରଖପୁରଠାରେ ରବିବାର ପିଏମ୍ କିଷାନ ସମ୍ମାନନୀଧି ଯୋଜନାର ଶୁଭାରମ୍ଭ କରିବେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଆଇସିଏଆର୍-ସିଆଇଡବ୍ଲ୍ୟୁଏ ପକ୍ଷରୁ ଏକ କିଷାନ ମେଳା ଆୟୋଜନ କରାଯାଉଛି। କେନ୍ଦ୍ର ପେଟ୍ରୋଲିୟମ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ରହିବେ। କୃଷି ତଥା ଆନୁଷଙ୍ଗିକ କ୍ଷେତ୍ର ସହ ଜଡିତ ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ଏଥିରେ ସାମିଲ ହେବେ। ସେହିଭଳି କୃଷି ସହ ଜଡିତ ୨୦୦୦ ମହିଳା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ରହିଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2540051, (EPABX), Website: www.optcl.co.in, CIN:U4102OR2004SGC007553
OPTCL Lifeline of Odisha

**NOTICE INVITING TENDER (NIT)**
(DOMESTIC COMPETITIVE e-BIDDING)

**e-TENDER NOTICE NO.:CPC-59/2018-19** **Date: 24.02.2019**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelope system from reputed EPC/Turnkey Contractors for **Engineering, Supply, Erection and Commissioning of 2x500 MVA, 400/220/33KV Gas (SF6) Insulated Sub-station (GIS) with SAS at Nildunguri with 125 MVAR bus reactor and associated 400KV DC LILO line (Approx. line length - 9.12 Kms. Multi circuit line) from Lapanga - Meramundali 400KV line to proposed GIS at Nildunguri and 220 KV DC line from Beldungri Solar Park to Nildunguri (Approx. line length - 12.3 Kms.) and 220KV DC line from Kutrajori Solar Park to Nildunguri Pooling station (Approx. line length - 1.00 Km.) in Sambalpur district at an Estimated Cost of the Package for ₹190.76 Crore on "Turnkey CONTRACT BASIS"**. Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on "www.tenderwizard.com/OPTCL" portal from Dt. **(25/02/2019)/(11.00) AM** up to Dt. **(25/03/2019) (12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL** for further detail.

**Note:** Bidders are requested to regularly visit Official website of OPTCL/Tender Portal only for amendment/errata/corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

**Chief General Manager (C.P.C.)**
Email id: sgm.cpc@optcl.co.in
CR-Advt.No.- 83/18-19
Please connect us: optcl.odisha optcl_odisha energyodisha

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553
OPTCL Lifeline of Odisha

**NOTICE INVITING TENDER (NIT)**
(DOMESTIC COMPETITIVE e-BIDDING)

**e-TENDER NOTICE NO.: CPC-61/2018-19** **Date: 24.02.2019**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning of (i) 2x500 MVA, 400/220/33KV Gas (SF6) Insulated sub-station (GIS) with SAS at Ersama, Paradeep and 125 MVAR bus Reactor; (ii) 400KV DC line (Approx. line length-136.15 Kms.) from 400 KV New DUBURI Grid Sub-station to proposed GIS at Ersama, Paradeep; (iii) 400KV feeder bay extension with 2 nos. 125MVAR line reactors (One dia) at 400KV New Duburi Grid Sub-station; (iv) 220KV DC line from proposed GIS at Ersama, Paradeep to existing 220/132/33KV Grid Sub-station at Paradeep (Approx. line length-31.00 Kms.). (v) Two nos. 220KV feeder bay extension at existing 220/132/33KV Grid Sub-station, Paradeep for connectivity with proposed GIS at Ersama, Paradeep; (vi) 220KV DC line from proposed GIS at Ersama, Paradeep to 220/132/33KV Grid Sub-station at Pratapsasan (U/C) (Approx. line length-73.5 Kms.); and (vii) Two nos. 220KV bay extension at 220/132/33KV Grid Sub-station at Pratapsasan (U/C) for connectivity with proposed GIS at Ersama, Paradeep at an Estimated Cost of the Package for Rs.561.16 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/ OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(25.02.2019) / (11:00)AM** up to Dt.**(27.03.2019) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

**Note:** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

Sd/-
**Chief General Manager (CPC)**
e-Mail: sgm.cpc@optcl.co.in
CR Advt. No. 82/2018-19
Please connect us: optcl.odisha optcl_odisha energyodisha

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel. No. 0674-2557925, 2552002, Email : rprcbbsr@gmail.com, website : www.rprcbbsr.in

No. 552 **CORRIGENDUM NOTICE** 23.02.2019

The last date of submission of tender call notice for Providing & fixing five & two step stainless steel benches & fixing stainless steel barricade around fountain inside Orchidarium at Regional Plant Resource Center is here by extended till **28.02.19.** The other terms and conditions of the tender call notice **(Notice No. 483 dated 16.02.19)** shall remain unaltered. The tender will be opened at **4.00 PM** on **01.03.19.** Those who have already participated against tender call notice No. 483, dated 16.02.19 need not apply again.

Sd/-
(Administrative Officer)

**OFFICE OF THE DEPUTY DIRECTOR OF FISHERIES, (GANJAM ZONE) BERHAMPUR**
Phone No:- 0680-2401666, Email ID: ddfgzbam2016@gmail.com

**INVITATION FOR BID**
**Tender Call Notice No.138/ 2019-20 Dt. 22.02.2019**

1. The Dy. Director of Fisheries, (GZ), Brahmapur on behalf of the Government of Odisha invites Bid on in double cover system for supply of quality floating pellet fish feed for cage culture of fish programme in Harabhangi reservoir- Gajapati District, and Salia reservoir in Ganjam District of Odisha. The registered manufacturer/ Supplier having experience in carrying out such assignment on production of definite proof in support of supply executed. He must have technical personnel to facilitate the assignment having adequate experience in his/ her profession.
2. The Bidder may submit bids for the followings.

| Sl no. | Name of the item with description | Approximate Quantity required | Approximate Value | Name of The Concerned Office | EMD/Bid Security (in Rs) | Cost of Document (in Rs) | Supply to be executed |
|---|---|---|---|---|---|---|---|
| 1. | Floating Pellet Fish Feed Size- 2mm, 4mm | 50MT | Rs.20.00 lakhs | Dy. Director of Fisheries, (GZ), Berhampur | Rs.20,000.00 in shape of Demand Draft/ TDR duly pledged | Cost of document Rs.5000/- in shape of DD/ Cash. | 12 (Twelve) calendar months in phase manner |

3. The Bid document containing schedule of supply to be effected, set of terms and condition of supply and other necessary document can be seen in the office of the undersigned during office hours on working days except Sunday and Public holidays till last date and hour of issue and receipt of Tender Paper /Website of the Director of Fisheries, Odisha, Cuttack www.orissafisheries.com / District Portal www.ganjam.nic.in. Interested bidders may obtain further information at the above address.
4. The issue and receipt of Bid document shall start from 27.02.2019 at 11 AM and close on 08.03.2019 at 2.00 PM hour. Bid shall be received in the office of the undersigned.
5. Bid must be delivered in the tender box having Tender Call Notice No. __ / DDF (GZ) BAM dated 22.02.2019.
6. Bid document will be made available in the office of the Dy. Director of Fisheries (GZ), Brahmapur 27.02.2019.
7. The Cover-1 (Technical Bid) will be opened on 08.03.2019 at 3.30 PM in the office of the undersigned in presence of the bidders or their authorized representatives, who wish to attend. If the office happens to be closed on the date of receipt/opening of the Bid as specified, then the bid will be received/opened on the next working day, same time and venue unless otherwise notified.
8. Price Bid of those bidders shall only be opened whose technical bid qualifies in the technical evaluation report.
9. Other details can be seen in the BID DOCUMENT.

*Sd./- S.P. Bhoi, Dy. Director of Fisheries, (GZ), Berhampur*

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicltd@rediffmail.com website: osicltd.in

**TENDER CALL NOTICE**

**Ref no.785/OSIC/MKT** **Date:23.02.2019**

**The Odisha Small Industries Corporation Ltd. (OSIC)** (A Govt. of Odisha Undertaking), Industrial Estate, Madhupatna, Cuttack - 753 010 invites sealed limited tenders from the manufacture / authorised Agency holders or dealers of Godrej & Boyce Mfg. Co. Ltd. for supply and installation of furniture in the Schools of Keonjhar district.

| Date of Commencement of Tender | Last Date & Time of submission of Tender | Date & Time for opening of Tender | Cost of Tender Paper + GST(Rs.) |
|---|---|---|---|
| 23.02.2019 | 02.03.2019 at 4:00 P.M. | 02.03.2019 at 4:30 P.M. | (Rs. 10000/-) |

A complete set of the Bid documents containing the details of the terms & conditions may be downloaded from **website:** www.osicltd.in and the same can be submitted along with cost of Tender Paper in shape of Bank Draft. Any corrigendum / addendum / information relating to this NIT will only be uploaded in OSIC website which will not be published in Newspapers. The authority reserves the right to accept / reject any part or all the bids without assigning any reason thereof.

**MANAGING DIRECTOR**

# ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି):** ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ର ୪୧ତମ ସଂସ୍କରଣ ଶନିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍‌ର ମିଳିତ ଉଦ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଓଡ଼ିଶା ୩-୧ ସେଟ୍‌ରେ ପଶ୍ଚିମବଙ୍ଗକୁ ହରାଇ ଅଭିଯାନ ଆରମ୍ଭ କରିଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଜମ୍ମୁ କଶ୍ମୀର ୩-୦ରେ ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ୩-୧ରେ ଚଣ୍ଡିଗଡ଼, ମଧ୍ୟ ପ୍ରଦେଶ ୩-୦ରେ ପଣ୍ଡିଚେରୀ, ରାଜସ୍ଥାନ ୩-୦ରେ ବିହାର, କେରଳ ୩-୦ରେ ମହାରାଷ୍ଟ୍ର, ଆସାମ ୩-୨ରେ ଆନ୍ଧ୍ର ପ୍ରଦେଶ, ହରିୟାଣା ୩-୧ରେ ଉତ୍ତର ପ୍ରଦେଶ, ଗୁଜରାଟ ୩-୦ରେ ତେଲେଙ୍ଗାନାକୁ ହରାଇଥିବାବେଳେ ପଞ୍ଜାବ-ହିମାଚଳ ପ୍ରଦେଶ ମ୍ୟାଚ ୨-୨ରେ ଡ୍ର ରହିଛି। ବାଳିକା ବିଭାଗରେ ଓଡ଼ିଶା ୧-୩ ସେଟ୍‌ରେ କେରଳଠାରୁ ହାରି ଯାଇଛି। ଅନ୍ୟପକ୍ଷରେ ହରିୟାଣା ୩-୦ରେ ମଧ୍ୟପ୍ରଦେଶ, ଦିଲ୍ଲୀ ୩-୦ରେ ପଣ୍ଡିଚେରୀ, ଗୁଜରାଟ ୩-୦ରେ ଉତ୍ତରାଖଣ୍ଡ, ରାଜସ୍ଥାନ ୩-୦ରେ ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ୩-୦ରେ ବିହାର, ତେଲେଙ୍ଗାନା ୩-୦ରେ ପଞ୍ଜାବ, କର୍ଣ୍ଣାଟକ ୩-୦ରେ ଆସାମ, ଛତିଶଗଡ଼ ୩-୦ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି।

କ୍ରୀଡ଼ା ସଚିବ ବିଶାଲ ଦେବ ମୁଖ୍ୟଅତିଥି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ(ଭିଏଫଆଇ) ଉପସଭାପତି ଆନନ୍ଦ ରାଜହଂସ, କୋଷାଧ୍ୟକ୍ଷ ଶେଖର ବୋଷ, ଓଭିଏର କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ, ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଜାତୀୟ/ଅନ୍ତର୍ଜାତୀୟ ଭଲିବଲ ଖେଳାଳି, ଭିଏଫଆଇ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୮ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୨ ବାଳିକା ଓ ୨୫ ବାଳକ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ୭୦୦ ପ୍ରତିଯୋଗୀ ଏବଂ ଅଫିସିଆଲମାନଙ୍କୁ ଅଚ୍ୟୁତ ସାମନ୍ତ ସ୍ୱାଗତ କରିଥିଲେ।

## କ୍ଷମତାପନ୍ନ ପ୍ରାଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭୂ-ଅର୍ଜନ ଉପ ବିଭାଗ, ନୟାଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜାତୀୟ ରାଜପଥ ଆଇନ ୧୯୫୬ (ଧାରା ୪୮, ୧୯୫୬)ର ଧାରା-୩(କ) ଉପଧାରା-୩(୧) ମୁତାବକ ଯେହେତୁ ଭାରତ ସରକାର ସଡ଼କ, ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ୨୨୪/୯୦୦ କି.ମି. ଠାରୁ ୨୩୧/୯୦୦ କି.ମି. (ମାଇଛେଳି ଠାରୁ ଶିମିଳିସାହି) ପର୍ଯ୍ୟନ୍ତ ଜାତୀୟ ରାଜପଥ ନଂ ୫୭ର ଉନ୍ନତି ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନଂ ଆଇନ)ର ଧାରା ୩ (କ)ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ ୬୩୮୧(ଇ) ତା୨୭।୧୨।୨୦୧୮ରିଖ ଦ୍ୱାରା ଉକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି।

ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତା'ହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ, କ୍ଷମତାପନ୍ନ ପ୍ରାଧିକାରୀ, ଭୂ ଅର୍ଜନ ଉପ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୟାଗଡ଼, ଜାତୀୟ ରାଜପଥ ପ୍ରକଳ୍ପ ନଂ-୫୭ଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩(ଗ)ର ଉପଧାରା(୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଏ ସମ୍ପର୍କରେ ଧାରା-୦୩(ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ କ୍ଷମତାପନ୍ନ ପ୍ରାଧିକାରୀ, ଭୂ ଅର୍ଜନ ଉପ ବିଭାଗ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ ଜାତୀୟ ରାଜପଥ ପ୍ରକଳ୍ପ ନଂ-୫୭ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି।

**ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼**

**ଭୂମି ଅନୁସୂଚୀ**

ଓଡ଼ିଶା ରାଜ୍ୟ ଅନ୍ତର୍ଗତ ନୟାଗଡ଼ ଜିଲ୍ଲାର ଭୂ ଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ, ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମ ଜାତୀୟ ରାଜପଥ-୫୭ର ଦୁଇପାର୍ଶ୍ୱର ବିବରଣୀ। ୨୨୪/୯୦୦ କି.ମି. ଠାରୁ ୨୩୧/୯୦୦ କି.ମି. (ମାଇଛେଳି ଠାରୁ ଶିମିଳିସାହି) ପର୍ଯ୍ୟନ୍ତ ଅନ୍ତର୍ଗତ

| ରାଜ୍ୟ-ଓଡ଼ିଶା | | | ଜିଲ୍ଲା-ନୟାଗଡ଼ | | |
|---|---|---|---|---|---|
| କ୍ର.ନଂ. | ସର୍ଭେ/ ପ୍ଲଟ ନଂ | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା | |
| | | | | ଏକର | ହେକ୍ଟର |
| ତହସିଲ-ନୂଆଗାଁ | | | | | |
| ଗ୍ରାମ-କାଞ୍ଚିଆମ୍ବା | | | | | |
| ୧ | ୮୩ | ସରକାରୀ | ଜଙ୍ଗଲ-୨ | ୨.୪୮୦୦୦୦୦ | ୧.୦୦୩୬୪୨୩ |
| ଗ୍ରାମ-ଭିରୁଡା | | | | | |
| ୧ | ୩୪୨ | ବେସରକାରୀ | ସାରଦ-୩ | ୦.୦୫୦୦୦୦୦ | ୦.୦୨୦୨୩୪୭ |
| ୨ | ୩୪୨/୧୫୫୬ | ବେସରକାରୀ | ଘରବାରି | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୩ | ୩୪୨/୧୬୯୦ | ବେସରକାରୀ | ସାରଦ-୩ | ୦.୦୭୦୦୦୦୦ | ୦.୦୨୮୩୨୮୬ |
| ୪ | ୩୪୨/୧୭୨୧ | ବେସରକାରୀ | ସାରଦ-୩ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୫ | ୩୪୩ | ବେସରକାରୀ | ସାରଦ-ଦୋ-ଫସଲି-୩ | ୦.୦୧୫୦୦୦୦ | ୦.୦୦୬୦୭୦୪ |
| ୬ | ୩୪୩/୧୭୦୪ | ବେସରକାରୀ | ଘରବାରି | ୦.୦୭୫୦୦୦୦ | ୦.୦୩୦୩୫୨୧ |
| ୭ | ୩୪୪ | ସରକାରୀ | ଦଣ୍ଡା | ୦.୦୪୦୦୦୦୦ | ୦.୦୧୬୧୮୭୮ |
| ୮ | ୩୪୫ | ବେସରକାରୀ | ସାରଦ-ଦୋ-ଫସଲି-୩ | ୦.୨୦୦୦୦୦୦ | ୦.୦୮୦୯୩୮୯ |
| ୯ | ୩୪୬ | ସରକାରୀ | ରାସ୍ତା | ୦.୦୩୦୦୦୦୦ | ୦.୦୧୨୧୪୦୮ |
| ୧୦ | ୩୪୭/୧୧୨୧ | ବେସରକାରୀ | ସାରଦ-ଦୋ-ଫସଲି-୨ | ୦.୦୮୦୦୦୦୦ | ୦.୦୩୨୩୭୫୬ |
| ୧୧ | ୩୪୮ | ବେସରକାରୀ | ସାରଦ-ଦୋ-ଫସଲି-୩ | ୦.୦୭୦୦୦୦୦ | ୦.୦୨୮୩୨୮୬ |
| ୧୨ | ୩୭୯ | ସରକାରୀ | ନାଳ | ୦.୦୩୦୦୦୦୦ | ୦.୦୧୨୧୪୦୮ |
| ୧୩ | ୩୮୦ | ବେସରକାରୀ | ପତିତ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୧୪ | ୩୮୧ | ବେସରକାରୀ | ସାରଦ-୩ | ୦.୦୩୦୦୦୦୦ | ୦.୦୧୨୧୪୦୮ |
| ୧୫ | ୩୮୨ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୧୬ | ୫୫୮ | ସରକାରୀ | ଗୋଚର | ୭.୩୦୦୦୦୦୦ | ୨.୯୫୪୨୬୯୫ |
| ୧୭ | ୫୫୯/୧୦୯୩ | ସରକାରୀ | ଗୋଚର | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୧୮ | ୫୬୦ | ସରକାରୀ | ନାଳ | ୦.୦୨୦୦୦୦୦ | ୦.୦୦୮୦୯୩୯ |
| ୧୯ | ୫୬୧ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୦ | ୫୬୪ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୧ | ୫୬୫ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୨ | ୫୬୮ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |
| ୨୩ | ୫୬୯ | ବେସରକାରୀ | ସାରଦ-୨ | ୦.୦୧୦୦୦୦୦ | ୦.୦୦୪୦୪୬୯ |

## COLLECTORATE, GANJAM, CHATRAPUR
(DSWO, SECTION)

Ph.#: 06811-263968, 262460, E-Mail:dswoganjam@nic.in

No.597 / Dt.19.02.2019

**Office Order**

Due to unavoidable circumstance the bids of SNP tender 2019-20 will be opened on 27.02.2019 at 4 PM. in the same Venue instead of 26.02.2019 vide tender notice published in this office L.No.327 dt.01.02.2019.

**Sd./- Addl. Dist. Magistrate (Gen.) Ganjam, Chatrapur**

## GOVERNMENT OF ODISHA
## OFFICE OF THE EXECUTIVE ENGINEER R.W.S.&S., DIVISION, SUNDARGARH, NEAR WOMENS COLLEGE

Phone: 06622-272369, e-mail: id-rwss.sng@gmail.com

**2nd CORRIGENDUM NOTICE**

**Bid Identification No. EE, RWS&S, SNG 07/2018-19**

No.: 1808-O: The following tender for the works for Sl. No. 22 & 23 is hereby cancelled due to Technical & Clerical Error.
All other term & condition are remain as is it.

**Sd./- Executive Engineer RWS&S Division, Sundargarh**

25009/11/0014/1819

## GOVERNMENT OF ODISHA
## OFFICE OF THE EXECUTIVE ENGINEER, ROURKELA (R&B) DIVISION, ROURKELA

No.: 1364 Dt.22.02.19

**1st Corrigendum to Bid Identification No. 102 & 103/EE(R&B) Rkl of 2018-19**

No.: 1313-B: The tender for the work "Construction of Smart Conference Hall at Employment Exchange, Rourkela for the year 2018-19 under DMF" vide Bid Identification No. 102 (Sl. 1) & "Construction of Computer Laboratory and Competitive Counselling-cum-Coaching Hall at Employment Exchange, Rourkela for the year 2018-19 under DMF" vide Bid Identification No. 103 (Sl. 1) are hereby cancelled.
All other terms & conditions are unchanged.

**Sd./- Executive Engineer Rourkela (R&B), Division**

34068/11/0030/1819

## BERHAMPUR MUNICIPAL CORPORATION

No.: 2718 Date: 23.02.19

**NOTICE INVITING BID**

No.: 511-C: Sealed tenders are invited to reach by Speed Post/Registered Post/Courier/by Hand from interested agencies/firms/advertising agencies/companies for "Advertisement in home page and newly opened domains of City WiFi of Berhampur Municipal Corporation". The detailed terms & conditions are available at our office website **www.berhampur.gov.in**. The period of available of Documents in the web portal is from 23.02.19 to 23.03.19, last date of receipt of tenders in this office by 23.03.19 by 3.00 P.M. and will be opened on same day at 04.00 P.M. in the office of undersigned. The authority reserves the right to accept or reject any tender without assigning any reason thereof.

**Sd./- Commissioner Berhampur Municipal Corporation**

13035/11/0233/1819

## ZILLA SWASTHYA SAMITI, BALANGIR
**(Department of Health & FW, Govt. of Odisha)**

**Advt. No.: 949 Date: 22.02.19**

No.:921-E: Sealed tenders in prescribed format are invited from the intending registered firms/agencies/dealers for supply of IEC/BCC and Trainings materials to meet the day to day requirement of IEC activities at different health institutions of Balangir district. The sealed tender documents should reach to the undersigned on or before 07.03.19, 1 P.M. by Registered Post/Speed Post/Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website **(www.balangir.nic.in)**. The undersigned reserves the right to cancel any or all tender document(s) without assigning any reason thereof.

**Sd./- CDM & PHO, Balangir**

10019/11/0010/1819

## THE ODISHA STATE COOPERATIVE BANK LTD.
**Pandit Jawaharal Nehru Marg, Bhubaneswar - 751001**

**Ref. No.: OSCB/8210/2018-19 Date: 20.02.2019**

**QUOTATION CALL NOTICE**

No.: 38-LL: Name of the Work: Printing and supply of 70 GSM Computer Papers with Logo (EZR Printing) to Head Office of OSCB, Bhubaneswar.
Last date and time of Submission: 05.03.2019 upto 2.00 P.M.
The quotation details can be downloaded from the official website **www.odishascb.com** from 18.02.2019 to 05.03.2019.

**Sd./- Managing Director Odisha State Cooperative Bank Ltd., Bhubaneswar**

39012/11/0021/1819

## OFFICE OF THE NOTIFIED AREA COUNCIL, CHATRAPUR

**Lette No. 431 Date: 22.02.2019**

**"e" Procurement Notice**
**Tender Reference No.-CTP-NAC-10/2018-19**
**Bid Id No-2019_ORULB_54045**

Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of term and conditions of contract and other necessary documents can be seen in Govt. website, i.e. www.tendersorissa.gov.in.

| | | |
|---|---|---|
| 1. | Name of the work | Civil with Miscellaneous works mentioned in DTCN. |
| 2. | No. of work | 3 |
| 3. | Estimated cost | Rs. 2.80- 17.72 Lakhs |
| 4. | Date & time of availability of bid document in the portal | From 11.00 AM of 23.02.2019 to 02.03.2019 upto 4.00 PM |
| 5. | Last date/Time for receipt of Bids in the portal | 02.03.2019 upto 4.00 PM |
| 6. | Bids received online shall be opened on | 02.03.2019 at 4.30 PM |

Further details can be seen from the e-procurement portal https://tendersorissa.gov.in.

**Sd./- Executive officer, NAC Chatrapur**

## OFFICE OF THE PANCHAYAT SAMITI, CHITRAKONDA

**NO.626 / III-32/2019 Dated: 22.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms / Suppliers of Odisha state P.W.D (R&B) / C.P.W.D./ Water Resource/ Rural Works/M.I having authorized dealership in agreement in F-2 contract forms of Govt. of Odisha. The details of commodities given below. The tenders has to submit the sealed tender paper in complete shape with details i.e. (1) EPM Regd. Certificate (2) EM-II, (3) DIC PMT (4) GSTIN certificate, (5) VAT Clearance, (6) PAN Card, (7) GSTIN certificate, (8) Drawing & Specification through Registered Post / Speed Post addressing to this official Postal address i.e Block Development Officer, Chitrakonda, At/Po- Chitrakonda Dist- Malkangiri, PIN No.764052, The last date of receipt of tender paper is 28.02.2019 up to 3.00 PM. The undersigned will not be responsible for postal delay if any or non-receipt of the papers in time.The date of opening of the tender paper is 01.03.2019 at 3.00 PM.

| Sl No. | Name of the Block | Name of the Commodities | Tender value in Rs | Cost of article | Size of article |
|---|---|---|---|---|---|
| 1 | Chitrakonda | Supply of 200 No's double decker bed | Rs. 2000000/- | 200 No's Rs. 10000 /- each | Size-80" (Length) x34", (width)x60" (Height), Bed frame--75" (Length)x33" (width), Bed-19mm thick plywood ISI Marked, Size-72" (Length)x30" (width) |

**Sd./- Block Development Officer, Chitrakonda**

## PANCHAYAT SAMITI, ANGUL

**INVITATION FOR BIDS (IFB)**
**IDENTIFICATION No :- ANGL:-02/2018-19**
**E-mail address:- ori-bangul@nic.in**

The Block Development Officer, Angul on behalf of the Governor of Odisha invites Percentage rate bid in single cover system for the works as detailed in the table below, from the class of eligible contractors as mentioned in Col.4 (four) , registered with the State Government and contractors of equivalent grade / Class registered with Central Government / MES / Railway to be eventually drawn up in PWD P-I form, for execution of Building. The proof of the registration from the appropriate authority shall be enclosed along with the bid. If successful, the bidder who has not registered under State Government has to registered under the State PWD in appropriate class of eligibility before signing the agreement. Bidders may submit bids for any or all the followings works.

| Sl. No. | Name of works | Approx. Value of the work (in lakh) | Class of con-tractor | Bid Security (In Rs.) | Cost of Tender Paper (Non-refundable) | Period of Com-pletion. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | INSTALLATION OF EXTERNAL ELECTRIFICATION WORK AT PURUNAKOTE UP SCHOOL, PURUNAKOTE. | 4.74 | H.T | 4700.00 | RS.4000.00 | 3 Calendar Months |
| 2 | INSTALLATION OF EXTERNAL ELECTRIFICATION WORK AT MAJHIPADA SEVA SHRAM SCHOOL, TIKARPADA. | 4.31 | H.T | 4300.00 | RS.4000.00 | 3 Calendar Months |
| 3 | INSTALLATION OF EXTERNAL ELECTRIFICATION WORK AT TIKARPADA HIGH SCHOOL, TIKARPADA | 5.66 | H.T | 5600.00 | RS.4000.00 | 3 Calendar Months |
| 4 | INSTALLATION OF EXTERNAL ELECTRIFICATION WORK AT BAGHAMUNDA ASHRAM SCHOOL, KOTHABHUIN. | 5.35 | H.T | 5300.00 | RS.4000.00 | 3 Calendar Months |

Other details can be viewed & downloaded from the district website i,e www.angul.nic.in & in the office of the Panchayat Samiti, Angul during office hour.

**Sd./- Block Development Officer, Angul**

## BHUBANESWAR MUNICIPAL CORPORATION

**No.6987 COMPETITIVE BIDDING THROUGH e-Procurement Dt.23/02/19**

**NOTICE INVITING TENDER**

**Bid Reference No. BMC-EE DIV-1-24/2018-19, Dt.23.02.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. (BMC-EE DIV-I-24/2018-19) should be submitted on-line in the website www.tendersorissa.gov.in by eligible class of contractors as mentioned in TCN.The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **24** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work : **Rs. 89251/- to Rs. 1938696/-**
4. Eligible Class of Contractors –: Registered Contractors of **Class-'D' to Class-'C'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the schedules and Annexure of DTCN that have to be Uploaded by the bidder in the e-tender website. The cost of tender paper and EMD should be made on net banking. After Opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 26.02.2019 to 5 P.M of 06.03.2019** for online bidding.
8. Bids received will be opened from e-procurement system at **4.30 P.M onwards on 07.03.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 24 Nos**. of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer, BMC Division No.-I**

Progress Through Partnership for a Better Bhubaneswar

## TENDER CALL NOTICE
## CSO-CUM-DISTRICT MANAGER ODISHA STATE CIVIL SUPPLIES CORPORATION LIMITED, JAJPUR

**Taramadan, Jajpur Town, Jajpur**
**www.jajpur.nic.in (website of District)**

No. 850 Date : 22.02.2019

CSO-cum-District Manager, OSCSC Ltd. Jajpur invites sealed tenders from reputed firms/ companies/ persons for appointment as Handling Contractor, Level-I & Level-II Transport Contractors for the year 2019-20 & 2020-21.

| Type of Contract | Nature of Operation |
|---|---|
| Handling Contractor | For Handling of Foodgrains at Rice Receiving Centre-cum-Departmental Storage Centre (RRC-cum-DSC). The Handling contractor shall perform all operations for Handling of Foodgrains (Unloading / Loading/ Stacking/ Bagging/ Re-bagging/ Weighment/ Standardization/ Cleaning etc) at RRC-cum-DSC. |
| Level-I Transport Contractor | For Transportaion of Foodgrains from FSD FCI to RRC-cum-DSC. |
| Level-II Transport Contractor | For Transportaion fo Foodgrains from Rice Receiving Centre-cum-Departmental Storage Centre (RRC-cum-DSCs) to Retail Centres of Unit tagged and shall perform all operation for transportation of foodgrains from RRC-cum-DSCs to Retail Centres and delivery the foodgrains at Retail Centres of Unit tagged. |

Interested firms/ companies/ persons may obtain tender document from the office of the CSO-cum-District Manager, Jajpur from 23.02.2019 to 15.03.2019 upto 3.00 P.M. The interested firms/ companies/ persons may also download the tender document from the district website www.jajpur.nic.in.
Interested firms/ companies/ persons will have to submit the tender documents through registered post/ speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal / courier delay. Tender paper received after the schedule date & time shall not be considered.**

**Address for submission of Tender document:**
**District Manager, OSCSC Ltd., Jajpur**
**At/Po- Taramadan, Jajpur Town,**
**District-Jajpur, PIN - 755001**

**Programme of the Tender Schedule**

| | |
|---|---|
| Period of sale of tender document | From 23.02.2019 to 15.03.2019 upto 3.00 P.M. |
| Last date for receipt of tender document | By 15.03.2019 up to 5.00 PM |
| Date of opening of Technical Bid Level-II Transport Contractor | Dt. 16.03. 2019 at 11.00 AM |
| Date of Opening of Price Bid Level-II Transport Contractor | On 19.03.2019 at 11.00 AM |
| Date of Opening of Technical Bid Handling Contractor | On 20.03.2019 at 11.00 AM |
| Date of Opening of Price Bid Handling Contractor | On 23.03.2019 at 11.00 AM |
| Date of Opening of Technical Bid Level-I Transport Contractor | On 25.03.2019 at 11.00 A.M. |
| Date of opening of Price Bid Level-I Transport Contractor | On 26.03.2019 at 11.00 AM |

**Sd./- CSO-cum-District Manager, O.S.C.S.C. Ltd., Jajpur**

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ
ଭାରତ ସରକାର

Skill India
कौशल भारत - कुशल भारत




## ଶୁଭ ଉଦ୍‌ଘାଟନ

# ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଡିଆଇ) ଭୁବନେଶ୍ୱରର ମୁଖ୍ୟ କ୍ୟାମ୍ପସ

ଏବଂ

**ଏହା ସହିତ ଏସ୍‌ଡିଆଇ ମୁଖ୍ୟ କ୍ୟାମ୍ପସ୍‌ରୁ ବିଭିନ୍ନ ତୈଳ ଓ ପ୍ରାକୃତିକ ଗ୍ୟାସ୍ ସାର୍ବଜନିକ କ୍ଷେତ୍ରୀୟ ଉପକ୍ରମଗୁଡ଼ିକର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧିନରେ ୧୦୮ କୋଟି ଟଙ୍କା ମୂଲ୍ୟର ୧୪୨ଟି ପ୍ରକଳ୍ପ ମଧ୍ୟରୁ ୮୮ଟିର ଶୁଭ ଉଦ୍‌ଘାଟନ ଏବଂ ୫୪ଟିର ଭିତ୍ତିପ୍ରସ୍ତର ସ୍ଥାପନ**

## ଧର୍ମେନ୍ଦ୍ର ପ୍ରଧାନ

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍
ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାରଙ୍କ
**କରକମଳରେ**

**ଲକ୍ଷ୍ୟ: ଏକ ଅନ୍ତର୍ଜାତୀୟ ସ୍ତରର ବୃହତ୍ ବହୁବିଧ ଆଦର୍ଶ ଦକ୍ଷତା ଏକାଡେମି ହେବା**

| ପ୍ରମୁଖ ବିଶେଷତ୍ୱ: | ଯୋଜନା କୃତ ପାଠ୍ୟକ୍ରମ: |
|---|---|
| ସର୍ବାଧୁନିକ ଭବନ ପରିଚାଳନା ବ୍ୟବସ୍ଥା ସହିତ ସ୍ମାର୍ଟ କ୍ୟାମ୍ପସ୍ | ଅନୁପ୍ରବାହ, ପେଟ୍ରୋକେମିକାଲ୍ସ ଏବଂ ପ୍ଲାଷ୍ଟିକ୍‌ରେ ହାଇଡ୍ରୋକାର୍ବନ କ୍ଷେତ୍ର ସମ୍ବନ୍ଧିତ ଦକ୍ଷତା ପାଠ୍ୟକ୍ରମ |
| ସବୁଜ ଏବଂ ସ୍ଥାୟୀ କ୍ୟାମ୍ପସ୍ ଯୋଜନା | ଭବିଷ୍ୟତ ଦକ୍ଷତା ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା |
| ୧୭%ରୁ ଊର୍ଦ୍ଧ୍ୱ ଶକ୍ତି ବ୍ୟବହାର ଆବଶ୍ୟକତା ପୂରଣ ପାଇଁ ସୌରଶକ୍ତି | ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା |
| ଉଷ୍ମାୟନ ଓ ଔଦ୍ୟୋଗିକ କେନ୍ଦ୍ର | ବିଦ୍ୟାଳୟ ଦକ୍ଷତାକୁ ଶେଷସ୍ପର୍ଶ |
| ଭାରତୀୟ ଏବଂ ବିଶ୍ୱସ୍ତରୀୟ ଉଦ୍ୟୋଗ ଓ ସଂସ୍ଥାନ ସହ ସଂଯୁକ୍ତ ଉତ୍କର୍ଷ କେନ୍ଦ୍ର | ସାଧାରଣ ଇଞ୍ଜିନିୟରିଂ ଓ ସବୁଜ ଶକ୍ତି ଏବଂ ସ୍ଥାୟୀ ଉପକ୍ରମ |
| ଆଗାମୀ ୧୦ ବର୍ଷରେ ୫୦,୦୦୦ ଯୁବକ ଯୁବତୀଙ୍କୁ ଦକ୍ଷ କରୁଛି | ଭାଷା ପ୍ରୟୋଗଶାଳା |

**୨୪ ଫେବୃୟାରୀ, ୨୦୧୯ । ତରାବୋଇ, ଜଟଣୀ, ଖୋର୍ଦ୍ଧା**

**ଏବେ ଅସମ୍ଭବ ହୋଇଛି ସମ୍ଭବ**

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663) 2405616 ସମ୍ବଲପୁର, ରବିବାର, ଫେବୃୟାରୀ ୨୪/୨୦୧୯ Sambalpur, Sunday, February 24/2019





L&K | SAATCHI & SAATCHI


## ସଂକ୍ଷେପରେ

### ରାସ୍ତା କଡ଼ରେ ଆଖି ବୁଜିଲା ହାତୀ ଶାବକ ଚିକିତ୍ସା ପାଇଁ ଛାଡ଼ିଲେ ନାହିଁ ହାତୀପଲ

**ବାରିପଦା ଅଫିସ,୨୩।୨-** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଦିନକୁ ଦିନ ହାତୀ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ବନ ବିଭାଗ ପକ୍ଷରୁ ହାତୀ ମୃତ୍ୟୁ ରୋକିବା ଲାଗି କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ପୁଣି ଏଭଳି ଏକ ଘଟଣା ଶନିବାର ସାମ୍ନାକୁ ଆସିଛି । ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ କେନ୍ଦୁମୁଣ୍ଡି ଚତୁରୀ ଘାଟ ରାସ୍ତାରେଏକ ୫ ବର୍ଷର ଅଣ୍ଡିରା ହାତୀ ଛୁଆର ମୃତ୍ୟୁ ହୋଇଛି। ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପୋତି ଦେଇଛନ୍ତି। ଶୁକ୍ରବାର ହାତୀଟିର ମୃତ୍ୟୁ ହୋଇଥିବା ବନ କର୍ମଚାରୀମାନେ କହିଛନ୍ତି । ମିଳିଥିବା ସୂଚନା ଅନୁସାରେ, ଉକ୍ତ ରେଞ୍ଜ ଅନ୍ତର୍ଗତ ଚତୁରୀ ଘାଟ ରାସ୍ତା କଡରେ ଏହି ହାତୀ ଶାବକ ଅସୁସ୍ଥ ଅବସ୍ଥାରେ ପଡ଼ିରହିଥିଲା। ଶାବକକୁ ୪ ହାତୀ ଜଗି ରହିଥିଲେ। ସେମାନେ କାହାକୁ ପାଖ ପଶାଇ ଦେଉ ନ ଥିବାରୁ ବନ ବିଭାଗ କର୍ମଚାରୀ ସେହି ଶାବକର ଚିକିତ୍ସା କରିପାରି ନ ଥିଲେ। ଲୋକମାନେ ସେଠାରେ ଭିଡ଼ ଜମାଇବାରୁ ସେହି ୪ ହାତୀ ଚାଲି ଯାଇଥିଲେ। ଶେଷରେ ବନ ବିଭାଗ ପକ୍ଷରୁ ଚିକିତ୍ସା ଆରମ୍ଭ କରାଯାଇଥିଲା । ହେଲେ ହାତୀ ଶାବକକୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। କରଞ୍ଜିଆ ବନଖଣ୍ଡର ସହକାରୀ ବନ ସଂରକ୍ଷକ ବଟକୃଷ୍ଣ ପାଢ଼ୀ କହିଛନ୍ତି, ଗତ ଶୁକ୍ରବାର ବନ ବିଭାଗର କେତେଜଣ ଅଧିକାରୀ ଡ୍ୟୁଟି କରିବା ପାଇଁ ଆସିଥିଲେ। ସେହି ସମୟରେ କେନ୍ଦୁମୁଣ୍ଡି ଓ କାନ୍ଧନଗର ରାସ୍ତା କଡ଼ରେ ଏକ ହାତୀ ଶାବକ ପଡ଼ିଥିବା ଓ ୪ ହାତୀ ସେହି ପାଖରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହା ପଛର କାରଣ ଜାଣିବା ପାଇଁ ସେମାନେ ଉକ୍ତ ହାତୀ ଶାବକ ନିକଟକୁ ଯିବା ପାଇଁ ଚେଷ୍ଟା କରିଥିଲେ। ହେଲେ ଉକ୍ତ ହାତୀମାନେ ସେଠାକୁ ଯିବାକୁ ଦେଇ ନ ଥିଲେ। ହାତୀମାନେ ଚାଲିଯିବା ପରେ କେନ୍ଦୁମୁଣ୍ଡି ଭିଏସ୍ ଡାକ୍ତର ଲିଙ୍ଗରାଜ ମହାନ୍ତ ଶାବକର ଚିକିତ୍ସା କରିବା ପାଇଁ ଆସିଥିଲେ। ହାତୀଟି ଡାଇରିଆରେ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଛନ୍ତି । ଏଥିଯୋଗୁ ଶାବକର ମୃତ୍ୟୁ ହୋଇଥିବା ବନବିଭାଗ କହିଛି।

# ୮୨ ଦିନ ପରେ ଖୋଲିଲା ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ

**ବଲାଙ୍ଗୀର ଅଫିସ, ୨୩।୨**

ବଲାଙ୍ଗୀରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଦୀର୍ଘ ୮୨ ଦିନ ଧରି ଚାଲିଥିବା ମାରାଥନ୍ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି । ଶନିବାର ସ୍ୱାଭାବିକ ହୋଇଛି ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ । ଜିଲାପାଳ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ କାର୍ଯ୍ୟାଳୟକୁ ଆସି ସ୍ୱାଭାବିକ ଭାବେ କାମ ଆରମ୍ଭ କରିଛନ୍ତି । ଦୀର୍ଘଦିନ ପରେ ଜିଲାପାଳ କାର୍ଯ୍ୟାଳୟ ସ୍ୱାଭାବିକ ହୋଇଥିବାରୁ ବହୁ ଅଧିକାରୀ ଓ କର୍ମଚାରୀ ବାକି ପଡିଥିବା କାମ ଆରମ୍ଭ କରିଛନ୍ତି । ଆଗକୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବାକୁ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଫାଇଲ କାମ କରାଯିବାକୁ ଅଫିସରେ ତତ୍ପରତା ପ୍ରକାଶ ପାଇଛି । ଆନ୍ଦୋଳନ ପ୍ରତ୍ୟାହାର ନିଷ୍ପତ୍ତି ପରେ ଶନିବାର ସକାଳେ ଜିଲାପାଳ କାର୍ଯ୍ୟାଳୟ ମୁଖ୍ୟଗେଟ୍ ଖୋଲିଥିଲା ।

ଓକିଲଙ୍କ ଆନ୍ଦୋଳନ ଯୋଗୁ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା । ପ୍ରଶାସନିକ କାର୍ଯ୍ୟ ପରିଚାଳନାରେ ଅସୁବିଧା ହୋଇଥିଲା । ଗତ ଡିସେମ୍ବର ୩ ତାରିଖ ଦିନ ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟକୁ ଅଚଳ କରିଦେବାକୁ ନିଷ୍ପତ୍ତି ନେଇଥିଲେ । ଏଭଳି ଦାବିକୁ ବିଭିନ୍ନ ସାମାଜିକ ଓ ରାଜନୈତିକ ସଙ୍ଗଠନମାନ ସମର୍ଥନ ଘୋଷଣା କରିଥିଲେ । ଫଳରେ ଦୀର୍ଘଦିନ ଜିଲାପାଳ ଅଫିସ ଓ ସିଭିଲ କୋର୍ଟ ବନ୍ଦ ରହିଥିଲା । ଗତ ୨୦ ତାରିଖ ଦିନ ଜିଲା ଓକିଲ ସଂଘର କାର୍ଯ୍ୟକାରୀ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବନ୍ଦ ହୋଇଥିବା ଜିଲାପାଳ କାର୍ଯ୍ୟାଳୟକୁ ୨୩ ତାରିଖରୁ ଖୋଲାଯିବାକୁ ଘୋଷଣା କରାଯାଇଥିଲା ।

**କାର୍ଯ୍ୟରେ ଯୋଗଦେଲେ ଜିଲାପାଳ, କର୍ମଚାରୀ**





ନିଜ ଅଫିସରେ ଜିଲାପାଳ ଅରିନ୍ଦମ ଡାକୁଆ ଓ କର୍ମଚାରୀମାନେ କାମ ଆରମ୍ଭ କରିଛନ୍ତି ।

## ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ନିଲମ୍ବିତ

**ଧାମନଗର, ୨୩।୨ (ଡି.ଏନ.ଏ.)**

ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଧାମନଗର ବ୍ଲକ କାଙ୍କରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ନାୟକଙ୍କୁ ବିଇଓ ପବିତ୍ର ମୋହନ ବାରିକ ନିଲମ୍ବନ କରିଛନ୍ତି। ପ୍ରକାଶ ଯେ, ଗତ ୧୫ ତାରିଖରେ ବିଦ୍ୟାଳୟ ଛୁଟି ପରେ ଜନୈକା ଛାତ୍ରୀଙ୍କୁ ଶିକ୍ଷକ ନାୟକ ଅସଦାଚରଣ କରିଥିବା ନେଇ ଛାତ୍ରୀଙ୍କ ମା' ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଶନିବାର ବିଇଓ ବାରିକ ଉକ୍ତ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରି ଶିକ୍ଷକ ନାୟକଙ୍କୁ ଚିଠି ନମ୍ବର ୫୧୧/୨୩।୨।୧୯ ଦ୍ୱାରା ନିଲମ୍ବନ କରିଛନ୍ତି।


NECC NATIONAL EGG CO-ORDINATION COMMITTEE 23.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 80 | 132 | 142 |

*Conditions Apply

**Eggs Retail Price- 55/-Dozen**
Issued in the Interest of Consumers


# ମଦ୍ୟପ ଯୁବକଙ୍କ ହାତ ଧରିବାକୁ ମନାକଲା ଯୁବତୀ

## ■ ଶିଶୁପାଳ ହୋଇ ଫେରିଲେ ବର

**କୁନାଗଡ଼,୨୩।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହ ବେଦୀରେ ମଦ୍ୟପ ବରଙ୍କ ହାତ ଧରିବାକୁ କନ୍ୟା ମନା କରିଦେଇଥିଲେ। ଫଳରେ ନିରାଶ ହୋଇ ବର ଶିଶୁପାଳ ହୋଇ ଫେରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଧର୍ମଗଡ଼ ସହରର ଜଣେ ଯୁବକଙ୍କ ସହିତ ଜୁନାଗଡ ବ୍ଲକ ଦୁନ୍ଦେଲମାଲ ଗ୍ରାମର ଯୁବତୀଙ୍କ ବିବାହ ଠିକ୍ ହୋଇଥିଲା। ଶୁକ୍ରବାର ରାତିରେ ଧର୍ମଗଡରୁ ବରଯାତ୍ରୀ ଦଳ ବାଜା ବଜାଇ ଶୋଭାଯାତ୍ରାରେ କନ୍ୟା ଘରେ ପହଞ୍ଚିଥିଲେ। ତା'ପରେ ଆରମ୍ଭ ହୋଇଥିଲା ବାହାଘର । ବରଙ୍କୁ ବେଦୀକୁ ଅଣାଯାଇଥିଲା । ହେଲେ ବର ମାତ୍ରାଧିକ ମଦ ପିଇଥିବାରୁ ବେଦୀରେ ଚେତାଶୂନ୍ୟ ହୋଇପଡିଥିଲେ। ଏପରି କି ନିଶାଶକ୍ତ ଅବସ୍ଥାରେ ସେ ପରିଶ୍ରା କରିଦେଇଥିବା କନ୍ୟା ଘର ଲୋକେ ଅଭିଯୋଗ କରିଛନ୍ତି। ବରଙ୍କ ଏଭଳି କାରନାମା ଦେଖି ହାତଗଣ୍ଠି ପଡିବା ପୂର୍ବରୁ କନ୍ୟା ଏପରି ମଦ୍ୟପ ଯୁବକଙ୍କୁ ବିବାହ କରିବାକୁ ରୋକଠୋକ ମନା କରିଦେଇଥିଲେ। ବରପକ୍ଷ ଲୋକ ବୁଝାଶୁଝା କରିବା ପରେ ମଧ ଝିଅ ଓ ତାଙ୍କ ପରିବାର ଲୋକେ କୌଣସି କଥା ଶୁଣି ନ ଥିଲେ । ଶେଷରେ ମଦ୍ୟପ ବର ଶିଶୁପାଳ ହୋଇ ଘରକୁ ଫେରିଯାଇଥିଲେ। ଶନିବାର ପୁଣି ବରପକ୍ଷ ଓ କନ୍ୟା ପକ୍ଷରୁ ଏକ ବୈଠକ ବସିଥିଲା । ତଥାପି ଯୁବତୀ ସେହି ଯୁବକ ସହିତ ବିବାହ କରିବାକୁ ରାଜି ହୋଇ ନ ଥିଲେ। ପରପକ୍ଷ ନିରାଶ ହୋଇ ଘରକୁ ଫେରିଥିଲେ। ଏ ନେଇ ପଣ୍ଡରାମାଲି ସମାଜର ଜିଲା ସଭାପତି ଲୋକେଶ୍ୱର ନାଏକଙ୍କୁ ପଚାରିବାରୁ ସମାଜରେ ରହିଥିବା ନିୟମ ଅନୁଯାୟୀ ମାଙ୍ଗଳିକ କାର୍ଯ୍ୟରେ ମାଛ, ମାଂସ, ନିଶା ଦ୍ରବ୍ୟକୁ ବାରଣ କରାଯାଇଛି। ହେଲେ ସେହି ନୀୟମକୁ ଅବମାନନା କରାଯାଇଥିବାରୁ ଉଭୟ ପକ୍ଷଙ୍କୁ ଦୋଷୀ ସାବ୍ୟସ୍ତ କରାଯିବ। ଏପରି କି ଆଗାମୀ ଦିନରେ ସମାଜର କୌଣସି ମାଙ୍ଗଳିକ କାର୍ଯ୍ୟରେ ଆଇନ ଉଲ୍ଲଂଘନ କଲେ ସମାଜ ପକ୍ଷରୁ କଡା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସମ୍ବଲପୁରରେ ଜାତୀୟ ମ୍ୟୁଜିୟମ ରାଜନୀତି

# ଜମି ପାଇଁ ଚିଠି ଲେଖିଲେ ରାସେଶ୍ୱରୀ

**ସମ୍ବଲପୁର,୨୩।୨(ବ୍ୟୁରୋ)**

**ଜମି ମଞ୍ଜୁର ପରେ ଅନୁଦାନକୁ ଅପେକ୍ଷା**

ସମ୍ବଲପୁରରେ ଜାତୀୟ ମ୍ୟୁଜିୟମକୁ ନେଇ ରାଜନୀତି ସରଗରମ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ଚ୍ୟାଲେଞ୍ଜକୁ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଗ୍ରହଣ କରିଛନ୍ତି । ସମ୍ବଲପୁର ଉତ୍ତରାଞ୍ଚଳ ଆରଡିସି କାର୍ଯ୍ୟାଳୟକୁ ସମ୍ବଲପୁର ସହର ନିକଟରେ ମ୍ୟୁଜିୟମ ନିର୍ମାଣ ପାଇଁ ୫ ଏକର ଜମି ଯୋଗାଇ ଦେବାକୁ ସେ ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଚ୍ୟାଲେଞ୍ଜ। ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଏହି ମ୍ୟୁଜିୟମ ନିର୍ମାଣ ଜରୁରୀ। ତେଣୁ ଶୀଘ୍ର ଜମି ଯୋଗାଇ ଦେବାକୁ ଚିଠି ନଂ. ୩୯୦/୧୮-୧୯ରେ ବିଧାୟିକା ଅନୁରୋଧ କରିଛନ୍ତି । ଏହି ଚିଠିକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ କଥା କଟା ଚାଲିଛି । ହେଲେ ଆରଡିସି ଯେତେ ଶୀଘ୍ର ଜମି ଅନୁମୋଦନ କରିବେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁଦାନ ଘୋଷଣା କରିବେ। ସମ୍ବଲପୁରବାସୀ ତାକୁ ଅପେକ୍ଷା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଫେବୃୟାରୀ ୧୪ ତାରିଖ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରେଳ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହି ସଭାରେ ସମ୍ବଲପୁର ବିଧାୟିକା ପାଣିଗ୍ରାହୀ ମଧ ଉପସ୍ଥିତ ଥିଲେ। ବିଧାୟିକା ପାଣିଗ୍ରାହୀ ସମ୍ବଲପୁର ଷ୍ଟେଶନକୁ କେତେକ ଟ୍ରେନ ବର୍ଦ୍ଧିତ କରିବା ସହ ନୂତନ ଟ୍ରେନ ଚଳାଇବାକୁ ଦାବି କରିଥିଲେ। ଏହା ସହ ସମ୍ବଲପୁରରେ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତି, ଐତିହ୍ୟକୁ ନେଇ ଏକ ମ୍ୟୁଜିୟମ ନିର୍ମାଣ କରିବାକୁ ଦାବି ଜଣାଇଥିଲେ। ଦାବି ଉପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସ୍ୱାଗତ କରି କହିଥିଲେ ଯେ, ମ୍ୟୁଜିୟମ ପାଇଁ ରାଜ୍ୟ ସରକାର ଜମି ଦେବା ଆବଶ୍ୟକ ରହିଛି। ପାଖରେ ନିର୍ବାଚନ ଆସୁଛି। କୋର୍ଡ ଅଫ୍ କଣ୍ଡକ୍ଟ ଲାଗିବା ପୂର୍ବରୁ ୫ଏକର ଜମି ଯୋଗାଇ ଦେଲେ କେନ୍ଦ୍ର ସରକାର ୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବେ। ବିଧାୟିକା ମଧ ଉକ୍ତ ଚ୍ୟାଲେଞ୍ଜକୁ ଗ୍ରହଣ କରିଛନ୍ତି।









Printed and Published by Tathagata Satpathy on behalf of Navajat Printe rs & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।

- ହୋମର



## ସଂକ୍ଷେପରେ

### ଅଜଣା ରୋଗରେ ମରୁଛନ୍ତି ଗୋରୁ

**ବିଜେପୁର, ୨୩।୨ (ଡି.ଏନ.ଏ):** ବିଜେପୁର ଏନଏସି ସଦର ମହକୁମାରେ ଅଜଣା ରୋଗରେ ଗୋରୁଗାଈଙ୍କ ମୃତ୍ୟୁ ହେଉଛି। ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ଏଭଳି ଘଟୁଥିବା ଗୋପାଳକମାନେ ଅଭିଯୋଗ କରିଛନ୍ତି। ଗତ ଗୁରୁବାରଠାରୁ ଏହି ରୋଗ ଦେଖା ଦେଇଛି । ଉକ୍ତ ଦିନ ରାଜାରାମ ଠାକୁର, ମନ ପଧାନଙ୍କ ସମେତ ଚାରିଜଣଙ୍କ ୭ଟି ଗୋରୁଗାଈଙ୍କ ମୃତ୍ୟୁ ହୋଇଛି । ଶନିବାର ପ୍ରେମରାଜ ଭୁଏଙ୍କ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଏ ନେଇ ବିଭିଓ ଡା. ଗିରିଧାରୀ ଭୋଇଙ୍କୁ ପଚାରିବାରୁ କହିଲେ, ଏହା ଅଜଣା ରୋଗ ନୁହେଁ। ଧଇଁଷା ରୋଗରେ ଆକ୍ରାନ୍ତ ହୋଇ ଗୋରୁଗାଈଙ୍କ ମୃତ୍ୟୁ ହୋଇଛି। ଆବଶ୍ୟକ ସଚେତନତା ଅଭାବରୁ ଏପରି ଅବସ୍ଥା ହୋଇଛି । ବାହ୍ୟ ଅଞ୍ଚଳରୁ କିଣା ହୋଇ ଆସୁଥିବା ଗୋରୁଙ୍କ ନିକଟରୁ ଏହି ରୋଗ ବ୍ୟାପିଥାଏ । ଶନିବାରଠାରୁ ପ୍ରତିଷେଧକ ଟିକା ଦିଆଯାଉଛି । ଟିକା ଦେଲେ ମଧ ସାତ ଦିନ ପର୍ଯ୍ୟନ୍ତ ଗୋରୁଙ୍କ ସ୍ୱାସ୍ଥ୍ୟ ପ୍ରତି ନଜର ରଖିବା ଦରକାର ବୋଲି ବିଭିଓ ଡା. ଭୋଇ କହିଥିଲେ ।

### ଜବରଦଖଲ ଉଚ୍ଛେଦ ନୋହିଲା

**ବରପାଲି, ୨୩।୨ (ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ବସ୍‌ଷ୍ଟାଣ୍ଡରେ ଗୋଟିଏ ଟାଉନ ହଲ ନିର୍ମାଣ ପାଇଁ ଯୋଜନା ରହିଛି । ଏଥିପାଇଁ ବଲାଙ୍ଗୀର ରାସ୍ତା କଡ ଗଙ୍ଗାଧର ମେହେର କ୍ଲବ ପରିସରରେ ଏହା ନିର୍ମାଣ କରାଯିବ। ତେବେ ଉକ୍ତ ସ୍ଥାନରେ ଥିବା ଦୋକାନୀଙ୍କୁ ସେଠାରୁ ଉଚ୍ଛେଦ ପାଇଁ ଏନଏସି ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଥିଲା । ଶନିବାର ପ୍ରଶାସନ ପକ୍ଷରୁ ଜବଦଖଲ ଉଚ୍ଛେଦ କରାଯିବାର ଥିଲା । ମାତ୍ର ଆଇନଗତ ସମସ୍ୟା ଯୋଗୁ ଉଚ୍ଛେଦ ଅଭିଯାନ ସ୍ଥଗିତ ରହିଛି । ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ଭାଗୀରଥି ପ୍ରଧାନଙ୍କୁ ପଚାରିବାରୁ ଜବରଦଖଲ ଉଚ୍ଛେଦ ଉପରେ ଷ୍ଟେ ହୋଇଥିବା କହିଥିଲେ ।

### ହରିଶ୍ଚନ୍ଦ୍ର ଯୋଜନା ଫେଲ

**ଜାମଟିକ୍ରା, ୨୩।୨ (ଡି.ଏନ.ଏ):** ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଅଧୀନ ଜାମଟିକ୍ରା ଗ୍ରାମର ପଦ୍ମନାଭ ପଧାନ, ପଞ୍ଚାନନ ପଧାନ, ବିରଞ୍ଚି କଠାରଙ୍କ ସମେତ ବୁଗବୁଗା ପଞ୍ଚାୟତର ଅନେକ ଲୋକ ଇତି ମଧ୍ୟରେ ମୃତ୍ୟୁବରଣ କରିଛନ୍ତି । ସେମାନଙ୍କ ସମ୍ପର୍କୀୟମାନେ ଏହି ଯୋଜନାରୁ ଟଙ୍କା ପାଇବା ପାଇଁ ପଞ୍ଚାୟତରେ ଆବେଦନ କରିଥିଲେ ମଧ ଏପର୍ଯ୍ୟନ୍ତ ଉକ୍ତ ରାଶି ପାଇପାରିନାହାନ୍ତି । ଏ ସମ୍ପର୍କରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଠଙ୍କୁ ପଚାରିବାରୁ ବର୍ତ୍ତମାନ ଏହି ଯୋଜନାରେ ପାଣ୍ଠି ନାହିଁ । ପାଣ୍ଠି ଆସିଲେ ଟଙ୍କା ଦିଆଯିବ ବୋଲି କହିଥିଲେ ।

### ଦଧିବାମନ କଲେଜର ବାର୍ଷିକୋତ୍ସବ

**ଭଟଲି,୨୩।୨(ଡି.ଏନ.ଏ):** ଭଟଲି ଦଧିବାମନ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ବରଗଡ ଏମ୍‌ପି ଡ. ପ୍ରଭାସ ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କଲେଜ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ ଆରସିଏମଏସ ସଭାପତି ହେମନ୍ତ ପଣ୍ଡା ସମ୍ମାନିତ ଅତିଥି, ପ୍ରାଧ୍ୟାପକ ଡ. ଶ୍ୟାମ ସୁନ୍ଦର ଧର ଏବଂ ବ୍ୟଙ୍ଗ ସାହିତ୍ୟିକ ମନୋରଞ୍ଜନ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଶହୀଦ ହୋଇଥିବା ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

### ଶହୀଦଙ୍କ ସ୍ମୃତିରେ ଖାତାକଲମ ବଣ୍ଟନ

**ଭେଡ଼େନ, ୨୩।୨(ଡ଼ି.ଏନ.ଏ):** ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଅବସରରେ ଛାତ୍ରୀଛାତ୍ରଙ୍କୁ ଖାତାକଲମ ବିତରଣ କରାଯାଇଛି। ଭେଡ଼େନ ବ୍ଲକ ଅନ୍ତର୍ଗତ ଝରାପାଲି କ୍ରାନ୍ତିପଡ଼ାରେ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୩୦ଜଣ ଛାତ୍ରୀଛାତ୍ରଙ୍କୁ ଖାତାକଲମ ପ୍ରଦାନ କରାଯାଇଥିଲା ।

# କୃଷି ବିଭାଗ ଦେଲାନି ମୁଗ ବିହନ

**ବରଗଡ଼ ଅଫିସ୍,୨୩।୨**

**ଭେଡ଼େନ ବ୍ଲକ**

- ବଜାରରୁ ମୁଗ ବିହନ କିଣି ଚାଷ କଲେ ଚାଷୀ
- ଫସଲ ହେବା ପରେ ତାଲିକା ପ୍ରସ୍ତୁତି କଲେ ଅଧିକାରୀ
- ବିହନ ଯୋଗାଣରେ ଚଞ୍ଚକତା କରାଯାଇଥିବା ସନ୍ଦେହ
- ପଦକ୍ଷେପ ନେବେ ବୋଲି କହିଲେ ଡିଡିଏ

ବରଗଡ଼ ଜିଲାରେ କ୍ରମାଗତ ମରୁଡ଼ି ପରିସ୍ଥିତି ଉପୁଜିବା ଯୋଗୁ ଧାନ ପରିବର୍ତ୍ତେ କମ୍ ପାଣି ଆବଶ୍ୟକ କରୁଥିବା ଡାଲି ଜାତୀୟ ଫସଲ କରିବା ପାଇଁ କୃଷିବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି । ଏପରିକି ସରକାର ମଧ୍ୟ ଏଭଳି ପରିସ୍ଥିତିକୁ ଗୁରୁତ୍ୱର ସହିତ ନେଇ ଚାଷୀଙ୍କୁ ମାଗଣାରେ ସେହି କିସମର ବିହନ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ଚାଷୀଙ୍କୁ ମାଗଣାରେ ମୁଗ ବିହନ ଦେବା ପାଇଁ ଜିଲାକୁ ମୁଗ ଆସିଥିଲା। ମାତ୍ର ଭେଡ଼େନ ବ୍ଲକ ଅନ୍ତର୍ଗତ ଉଦେପୁର ଭଳି ଜିଲାର ଅନେକ ସ୍ଥାନରେ ଚାଷୀଙ୍କୁ ମୁଗ ବିହନ ଦିଆଯାଇନାହିଁ । ଫଳରେ ଚାଷୀ କିଗ୍ରା ପ୍ରତି ଶହେ ଟଙ୍କା ଦରରେ ବଜାରରୁ ବିହନ କିଣିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଚାଷୀଙ୍କ କ୍ଷେତରେ ମୁଗ ଫସଲର ସବୁଜିମା ହୋଇଥିବାବେଳେ ଏବେ କେତେକ କୃଷି କର୍ମଚାରୀ ବିଭିନ୍ନ ଗ୍ରାମକୁ ଯାଇ ମୁଗଚାଷୀଙ୍କ ତାଲିକା ପ୍ରସ୍ତୁତ କରିବା ଘଟଣା ସନ୍ଦେହଜନକ ହୋଇଛି। ନିଜ ଦୋଷ ଦୁର୍ବଳତା ଲୁଚାଇବା ତଥା ଚାଷୀଙ୍କ ପାଇଁ ଆସିଥିବା ମୁଗ ବିହନ ହଡ଼ପ ଉଦ୍ଦେଶ୍ୟରେ ସେଭଳି ତାଲିକା ପ୍ରସ୍ତୁତି ଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

ସୂଚନା ଅନୁଯାୟୀ, ଚଳିତ ରବିଋତୁରେ ଜିଲାରେ ୧୨ହଜାର ୬୪୦ ହେକ୍ଟର ଜମିରେ ମୁଗଚାଷ କରାଯିବାର ଲକ୍ଷ୍ୟ ରହିଥିଲା । ସେଥିମଧ୍ୟରୁ ବରଗଡ଼ ବ୍ଲକରେ ୨୨୦୦, ବରପାଲି ୧୩୭୦, ଭେଡ଼େନ ୩୧୦, ଭଟଲି ୫୫୦, ଅତାବିରା ୮୦୦, ଅମ୍ବାଭୋନାରେ ୨୪୦ ହେକ୍ଟର ରହିଛି। ସେହିପରି ପଦ୍ମପୁର ବ୍ଲକରେ ୧୫୦୦, ପାଇକମାଳ ୬୦୦, ଝାରବନ୍ଧ ୯୦୦, ସୋହେଲା ୨୫୦, ବିଜେପୁର ୪୦୦ ଏବଂ ଗାଇସିଲେଟ ବ୍ଲକରେ ୧୦୯୦ ହେକ୍ଟର ରହିଛି । ମାଗଣାରେ ମୁଗ ବିହନ ମିଳିବ ବୋଲି କୃଷି କର୍ମଚାରୀମାନେ କହିବାରୁ ଚାଷୀମାନେ ଅପେକ୍ଷା କରିଥିଲେ। ମାତ୍ର ଦୀର୍ଘଦିନ ଅପେକ୍ଷା କରିବା ସତ୍ତ୍ୱେ ଚାଷୀଙ୍କୁ ବିହନ ଦିଆ ନ ଯିବାରୁ ସେମାନେ ଖୋଲା ବଜାରରୁ ବିହନ କିଣି ଚାଷ କରିଥିଲେ । ଭେଡ଼େନ ବ୍ଲକ ଉଦେପୁର ଗ୍ରାମର ଚାଷୀ ଗଦାଧର ଦନ୍ତା କୁହନ୍ତି, ସେ ୨ଏକର ଜମିରେ ମୁଗଚାଷ କରିଛନ୍ତି । ସେଥିପାଇଁ ଆବଶ୍ୟକ ବିହନ କୃଷି ବିଭାଗରୁ ମିଳିନାହିଁ। ଖୋଲା ବଜାରରୁ କିଗ୍ରା ପ୍ରତି ଶହେ ଟଙ୍କା ଦରରେ ୧୦କିଗ୍ରା ବିହନ କିଣି ସେ ଚାଷ କରିଥିବା କହିଛନ୍ତି। ଏହି ଗ୍ରାମର ଦେବାର୍ଚ୍ଚନ ଦନ୍ତା ମଧ୍ୟ ସେହିଭଳି ବାହାରୁ ବିହନ କିଣି ମୁଗଚାଷ କରିଥିବା ପ୍ରକାଶ କରିଛନ୍ତି । କେବଳ ଗଦାଧର କିମ୍ବା ଦେବାର୍ଚ୍ଚନ ନୁହଁନ୍ତି, ଉଦେପୁର ଗ୍ରାମର ଅନେକ ଚାଷୀ ମୁଗଚାଷ କରିଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ କାହାରିକୁ ମାଗଣାରେ କୃଷିବିଭାଗ ବିହନ ଦେଇନାହିଁ । ସମସ୍ତେ ବାହାରୁ ବିହନ କିଣି ଚାଷ କରିଥିବା କହିଛନ୍ତି । ଜିଲାର ଅନ୍ୟ କେତେକ ଅଞ୍ଚଳରେ ଚାଷୀମାନେ କୃଷି ବିଭାଗ ପକ୍ଷରୁ ମାଗଣାରେ ବିହନ ପାଇବାରୁ ବଞ୍ଚିତ ହୋଇ ଖୋଲା ବଜାରରୁ ବିହନ କିଣି ମୁଗଚାଷ କରିଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଲେ, ଚାଷୀଙ୍କୁ ମାଗଣାରେ ଯୋଗାଇଦେବା ପାଇଁ ମୁଗ ବିହନ ଆସିଥିଲା ଏବଂ ତାହା ବିଭିନ୍ନ ବ୍ଲକକୁ ପଠାଯାଇଥିଲା । ତେବେ ଉଦେପୁର ଭଳି କେତେକ ଅଞ୍ଚଳରେ ଚାଷୀମାନେ କୃଷି ବିଭାଗରୁ ବିହନ ନ ପାଇ ଖୋଲା ବଜାରରୁ କିଣି ଚାଷ କରିଛନ୍ତି ବୋଲି ପ୍ରଶ୍ନ କରିବାରୁ ଭେଡ଼େନ ବ୍ଲକକୁ ମଧ୍ୟ ମୁଗ ବିହନ ପଠାଯାଇଥିଲା । କେଉଁ ପରିସ୍ଥିତିରେ ତାହା ଉଦେପୁର ଗ୍ରାମର ଚାଷୀଙ୍କୁ ଦିଆଯାଇ ନ ଥିଲା, ସେ ନେଇ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ଗାନ୍ଧୀ କହିଥିଲେ ।

# ଗ୍ରାମାଞ୍ଚଳ ମହିଳାଙ୍କୁ ସଚେତନ କଲା ମିଶନ ଶକ୍ତି ରଥ



ଉଦେପୁରଠାରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ମହିଳା ଓ ଅଙ୍ଗନୱାଡି କର୍ମୀ ।

**ଅତାବିରା, ୨୩।୨ (ଡି.ଏନ.ଏ)**

ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନ କରିବା ପାଇଁ ମିଶନ ଶକ୍ତି ରଥ ଗାଁ ଗାଁ ବୁଲୁଛି । ଏହି କ୍ରମରେ ଭୁବନେଶ୍ୱରରୁ ଏକ ମିଶନ ଶକ୍ତି ରଥ ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳକୁ ଆସି ସଚେତନତା କାର୍ଯ୍ୟକ୍ରମ କରୁଛି । ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର, ଦେଶଭଟିଲି, ସାଲନାଠାରେ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ, ପୁଚି ଖେଳ, ଲୁଡୁ ଖେଳ ଆଦି ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ। ଭେଡେନ ଆଇସିଡିଏସ ଅଧୀନ ଡାଲବ ସେକ୍ଟର ପରିଦର୍ଶିକା ସୁରିୟା ରାଜହଂସ, ମିଶନ ଶକ୍ତି କ୍ଷେତ୍ର ପରିଦର୍ଶକ ବିଦ୍ୟାଧର ବେହେରା, ଅଙ୍ଗନୱାଡି କର୍ମୀ ରୀନା ଦନ୍ତା, ଯାଜ୍ଞସେନୀ ନାୟକ, ଜ୍ୟୋତ୍ସ୍ନା ଛୁରିଆ, ଯଶୋବନ୍ତୀ ସାହୁ, ନୀଳିମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗତାରେ ଚନ୍ଦନ ନାୟକ, ଚନ୍ଦନା ସେଠ, ମାନସୀ ବେହେରା, ବାସନ୍ତୀ ବଢ଼େଇ, ଶୁଭାଶିନୀ ଦାଶ, ଦେବକୀ ଭୋଇ, ମଞ୍ଜୁ ସେଣ ପ୍ରମୁଖ ମହିଳା ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ। ଉଦେପୁର ପ୍ରତିଯୋଗିତାରେ ଅଙ୍ଗନୱାଡି କେନ୍ଦ୍ର-୧ର ମହିଳାମାନେ ସବୁ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ ।

# ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ



ଭେଡେନ ବ୍ଲକ ପପଙ୍ଗା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଭେଡ଼େନ, ୨୩।୨(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ପପଙ୍ଗାଠାରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏକ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଛୁରିଆ ମୁଖ୍ୟଅତିଥି, ସରପଞ୍ଚ ପୁରୁଷୋତ୍ତମ ସାହୁ, ସମିତିସଭ୍ୟ ମନୋଜ କୁମାର ପଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସଂକ୍ରୀଡ଼ା ପ୍ୟାକ୍ସ ସଭାପତି ସତ୍ୟଜିତ ପୁରୋହିତ, ଅତାବିରା ଆତ୍ମା କମିଟି ସଭାପତି ବିଷ୍ଣୁ ପ୍ରସାଦ ନାୟକ, ଚିପିଲିମା ୟୁନିଟ ଇନଚାର୍ଜ ସଞ୍ଜୀବ କୁମାର ଶତପଥି, ବରଗଡ଼ ୟୁନିଟ ଇନଚାର୍ଜ ଆଲୋକ ରଞ୍ଜନ ବିଶ୍ୱାଳ, କ୍ଷେତ୍ର ପରିଦର୍ଶକ କେ. ଜେ. ଆର ଦୋରା, ପପଙ୍ଗା ଦୁଗ୍ଧ ସମବାୟ ସମିତି ସଭାପତି ସନ୍ତୋଷ କର୍ଣ୍ଣ, ସମ୍ପାଦକ ହୀରାଧର କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଛୁରିଆ ପପଙ୍ଗା ଅଙ୍ଗନୱାଡ଼ି କେନ୍ଦ୍ର-୩କୁ ମଧ ଉଦ୍‌ଘାଟନ କରିଥିଲେ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଛାତ୍ରୀଛାତ୍ର

**ପଦ୍ମପୁର, ୨୩।୨ (ଡି.ଏନ.ଏ)**

ପୁଲୱାମାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଶୁକ୍ରବାର ପଦ୍ମପୁର ପବ୍ଲିକ ସ୍କୁଲ ଓ ଜୟଦେବ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ତରଫରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଭେଇଁରିଆ ଛକରେ ପହଞ୍ଚିଥିଲା । ସେଠାରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଦିଲୀପ ଲେଙ୍କା ଓ ଆନନ୍ଦ ଜାଲ ଏହାର ନେତୃତ୍ୱ ନେଇଥିଲେ । ସେହିପରି ବରିହାପାଲି ଗ୍ରାମରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଶେଷଦେବ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୁଦାମ କୁମାର ପ୍ରଧାନ, ଚୂଡ଼ାମଣି ପ୍ରଧାନ, ନୃପରାଜ ସାହୁ, ଭେଙ୍କୁ ଲାଲ ପ୍ରଧାନ, ଦେବେନ୍ଦ୍ର ସାହୁ, ସତ୍ୟବାନ ପ୍ରଧାନ, ଜୀବର୍ଦ୍ଧନ ପ୍ରଧାନ, ନବକୁମାର ପ୍ରଧାନ, ଡମ୍ବରୁଧର ଭୋଇ, ଜୀବର୍ଦ୍ଧନ ସାହୁ ପ୍ରମୁଖଙ୍କ ସମେତ ବରିହାପାଲି ଗ୍ରାମବାସୀ ଯୋଗ ଦେଇଥିଲେ ।

■ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ଫଟୋ ଭାଇରାଲ

# ଏବିଇଓ, ସିଆରସିସିଙ୍କୁ କୈଫିୟତ ତଲବ

**ଭେଡ଼େନ, ୨୩।୨(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ରେମଣ୍ଡାରେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରର ଫଟୋ ଭାଇରାଲ ହେବା ଘଟଣାରେ ଏବିଇଓ ହେମବତୀ ମେହେର, ରେମଣ୍ଡା ସିଆରସିସି ସୁରେଶ୍ୱର ମାଝୀଙ୍କୁ ପରୀକ୍ଷା କାର୍ଯ୍ୟରୁ ଅପସାରଣ କରି ବରଗଡ଼ ଡିଇଓ ଅଫିସ୍‌ରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶନିବାର ଉଭୟ ଅଧିକାରୀ ବରଗଡ଼ ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍‌ରେ ଯୋଗଦେଇ ଏ ନେଇ କୈଫିୟତ ଦେଇଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ଭେଡ଼େନ ଏବିଇଓ ହେମବତୀ ମେହେର, ରେମଣ୍ଡା ସିଆରସିସି ସୁରେଶ୍ୱର ମାଝୀ ଶୁକ୍ରବାର ରେମଣ୍ଡା କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ସେଠାରେ ପହଞ୍ଚି ପରୀକ୍ଷା ହଲ ପରିଦର୍ଶନ କରିଥିଲେ । ସେମାନେ ହଲରେ ଥିବା ସମୟର ଫଟୋ କେହି ଉଠାଇ ଶିକ୍ଷକମାନଙ୍କ ହ୍ୱାଟ୍‌ସ ଆପ୍ ଗ୍ରୁପରେ ଭାଇରାଲ କରିଦେଇଥିଲେ । ଏ ନେଇ ଏବିଇଓ ମେହେରଙ୍କୁ ପଚାରିବାରୁ ସେ କହିଲେ, ଅଫିସ କାମରେ ରେମଣ୍ଡା ଯାଇଥିବାରୁ ପରୀକ୍ଷା କିପରି ହେଉଛି ଜାଣିବା ପାଇଁ କେନ୍ଦ୍ରକୁ ଯାଇଥିଲି । ମୋର ଅଜାଣତରେ ସିଆରସିସି ଫଟୋ ଉଠାଇଥିଲେ ଓ ଗ୍ରୁପ୍‌ରେ ଛାଡିଥିଲେ । ମୋର କୌଣସି ଅନ୍ୟ ଉଦ୍ଦେଶ୍ୟ ନ ଥିଲା ବୋଲି ସେ ସଫେଇ ଦେଇଛନ୍ତି । ଏ ସମ୍ପର୍କରେ ବରଗଡ଼ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ କଳ୍ପନା ନାୟକଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ବିଭାଗୀୟ ତଦନ୍ତ ଚାଲିଛି। ଉଭୟ ଅଧିକାରୀଙ୍କୁ ବରଗଡ଼ ଡ଼କାଇ ତଦନ୍ତ କରାଯାଇଛି। ସୋମବାର ଏ ନେଇ କୌଣସି ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ ।

# ଲୁହାରପାଲି ଏକାଦଶ ବିଜୟୀ

**ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍**

**ପଦ୍ମପୁର, ୨୩।୨ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଲୁହାରପାଲି ଖେଳ ପଡିଆରେ ଗ୍ରାମର ଗୋପବନ୍ଧୁ ସ୍ପୋର୍ଟିଂ ପକ୍ଷରୁ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଶନିବାର ଆୟୋଜିତ ହୋଇଯାଇଛି । ଏହି ମ୍ୟାଚ୍ ଶିକ୍ଷକ ଏକାଦଶ ଓ ଲୁହାରପାଲି ଏକାଦଶ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୦୦ ରନ କରିଥିଲା। ଜବାବରେ ଲୁହାରପାଲି ଏକାଦଶ ବିଜୟ ଲକ୍ଷ୍ୟ ନେଇ ୭ ଓଭରରେ ମାତ୍ର ୪ ଉଇକେଟ ହରାଇ ୧୦୧ ରନ କରି ବିଜୟୀ ହୋଇଥିଲା । ଶିକ୍ଷକ ଏକାଦଶ ପକ୍ଷରୁ ରୂପକ ସାହୁ ସର୍ବାଧିକ ୨୯ ରନ୍ ସଂଗ୍ରହ କରିଥିଲେ । ଲୁହାରପାଲି ଏକାଦଶର ହଳଧର ମର୍ହି ବୋଲିଂ କରି ସର୍ବାଧିକ ୨ ଉଇକେଟ ନେଇଥିଲେ। ଲୁହାରପାଲି ଏକାଦଶର ମଦନ ମର୍ହି ସର୍ବାଧିକ ୩୫ ରନ କରିଥିଲେ। ମୋହନ ଭୋଇ ଓ ଜିତେନ ବଢ଼େଇ ସ୍କୋରିଂ କରିଥିବା ବେଳେ ସୁରେନ୍ଦ୍ର ମର୍ହି ଓ ହରିହର ଲଥରା ଖେଳ ପରିଚାଳନା କରିଥିଲେ । ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ମଦନ ମର୍ହିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଡୋଲାମଣି ମର୍ହି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଜ୍ଜ୍ୱଳ ତାଲିମ ଶିବିର

**ପଦ୍ମପୁର, ୨୩।୨ (ଡି.ଏନ.ଏ)**

ପଦ୍ମପୁର ଟାଉନ ହାଇସ୍କୁଲରେ ଶୁକ୍ରବାର ଉଜ୍ଜ୍ୱଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହାକୁ ବ୍ଲକ ଶିକ୍ଷା ଅଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଚାରି ଦିନ ଧରି ହେବାକୁ ଥିବା ଏହି ଶିବିରରେ ନାରାୟଣ ପାଣ୍ଡେ, ରାଜେନ୍ଦ୍ର ମହାନ୍ତି, ପଣ୍ଡୁ ପ୍ରଧାନ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିବେ । ଏବିଇଓ ଜୟ କୁମାର ସାହୁ, ବିପିନ ମିଶ୍ର, ବିଆରସିସି ଧ୍ରୁବଲେ ବରିହା, ଜଗନ୍ନାଥ ବେହେରା ସହଯୋଗ କରିଥିଲେ। ସ୍ଥାନୀୟ ବାଳିକା ପ୍ରାଥମିକ ବିଦ୍ୟାଳୟରେ ମଧ ଏହି ଉଜ୍ଜ୍ୱଳ ତାଲିମ ଶିବିରକୁ ବ୍ଲକ ଶିକ୍ଷା ଅଧିକାରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । ଏଠାରେ ଟିକେନ୍ଦ୍ର ଭୋଇ, ପରମେଶ୍ୱର ପ୍ରଧାନ, ଚଣ୍ଡି ପ୍ରସାଦ ଭୋଇ ତାଲିମ ପ୍ରଦାନ କରିବେ । ସିଆରସିସି ସୋନୁ ଷଡଙ୍ଗୀ, ତରଣୀସେନ ବରିହା, ଉଦୟ ନାୟକ ଉପସ୍ଥିତ ଥିଲେ ।

# ୧୨୦୪ ରୋଗୀଙ୍କୁ ଆୟୁଷ ଚିକିତ୍ସା

**ପଦ୍ମପୁର, ୨୩।୨ (ଡି.ଏନ.ଏ)**



ଶିବିରରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି ।

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଛୁରିଆପାଲି ଗ୍ରାମରେ ଶନିବାର ଆୟୁଷ ଚିକିତ୍ସା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭ୍ୟା ଲୀନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. କିଶୋର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲା ହୋମିଓପ୍ୟାଥିକ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆୟୁଷ ଚିକିତ୍ସାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡା. ସ୍ୱାଧୀନ କୁମାର ଶର୍ମା ସ୍ୱାଗତ ଭାଷଣ ଓ ଡା. ଆରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ୧୨୦୪ ଜଣ ରୋଗୀଙ୍କୁ ଚିକିତ୍ସା କରିଥିଲେ। ଡା. ସୁଜାତା ପଟେଲ, ଡା. ପୁଷ୍ପଲତା ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଶ୍ରେଣୀ କୋଠରି ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ

**ବରଗଡ଼ ଅଫିସ୍,୨୩।୨**



ଚକରକେନ୍ଦ ପ୍ରାଥମିକ ସ୍କୁଲ ଶ୍ରେଣୀ କୋଠରି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି ।

ଆଇଓସିଏଲର ସିଏସଆର ଫଣ୍ଡ ତରଫରୁ ୧୩ଲକ୍ଷ ୩୬ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସାଲେପାଲି ପ୍ରାଥମିକ ସ୍କୁଲର ନୂତନ ଶ୍ରେଣୀ କୋଠରିର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଗୌନ୍ତିଆ ଦେବଦାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ୍ୱର ଶତପଥୀ, ଜିଲା ପରିଷଦ ସଭ୍ୟ ଉମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଅନୁରୂପ ଭାବେ ଆଇଓସିଏଲର ସିଏସଆର ଫଣ୍ଡ ତରଫରୁ ୧୮ଲକ୍ଷ ୨୨ହଜାର ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଚକରକେନ୍ଦ ପ୍ରାଥମିକ ସ୍କୁଲ ଶ୍ରେଣୀ କୋଠି ଓ ପାଚେରି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଏଠାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ଭୋଇ ଅଧ୍ୟକ୍ଷତା କରିଥିବାବେଳେ ଭାଜପା ରାଜ୍ୟ ଉପସଭାପତି ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାଜପା ଜିଲା ସଭାପତି ଡା. ସାହୁ ଏବଂ ଅନ୍ୟ ଦଳୀୟ ନେତାମାନେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।

# ଗଣିତ ବିଭାଗରେ ସେମିନାର

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ପଞ୍ଚାୟତ କଲେଜ ଗଣିତ ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ସେମିନାର ଅନୁଷ୍ଠିତ ହୋଇଯାଇଛି । ଆଲଜେବ୍ରିକ ଟୋପୋଲୋଜି ବିଷୟ ଉପରେ ଅନୁଷ୍ଠିତ ଏହି ସେମିନାରରେ କଲେଜ ଅଧ୍ୟକ୍ଷା ପ୍ରଫେସର କମଳପ୍ରଭା କାପାନି ଅଧ୍ୟକ୍ଷତା କରିଥିଲେ । ଗଣିତ ବିଭାଗର ମୁଖ୍ୟ ପ୍ରଫେସର ରାଧାଗୋପାଳ ଖମାରୀ, ପ୍ରଫେସର ଅକ୍ରୁର ବେହେରା ପ୍ରମୁଖ ଯୋଗଦେଇ ସେମିନାର ଉପରେ ନିଜ ମତ ରଖିଥିଲେ । ସେମିନାରରେ ବିଭାଗୀୟ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ଅଧ୍ୟାପିକା ରୋଜାଲିନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହମବତି ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୨୩।୨**

ପୁଲୱାମା ଆତଙ୍କବାଦୀ ଆକ୍ରମଣର ଶହୀଦ ଯବାନଙ୍କୁ ବରଗଡ଼ ଜିଲା ଡାଙ୍ଗ ଗ୍ରାମରେ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ସନ୍ଧ୍ୟାରେ ଡାଙ୍ଗ ଛକରେ ସମବେତ ହୋଇଥିଲେ । ସେଠାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରି ମହମବତି ଶୋଭାଯାତ୍ରାରେ ବାହାରି ଡାଙ୍ଗ ଗ୍ରାମ ପରିକ୍ରମା କରିଥିଲେ । ଗ୍ରାମର ଶିଶୁଠାରୁ ଆରମ୍ଭ କରି ବର୍ଷିୟାନ ନାଗରିକମାନେ ଏଥିରେ ସାମିଲ ହୋଇଥିଲେ ।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।

- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଗଛ ଚୋରି ଅଭିଯୋଗ, ଜଣେ ଗିରଫ

ଉଲୁଣ୍ଡା, ୨୩।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଜାଲୋଏ ସେକ୍ସନ ଅନ୍ତର୍ଗତ ଘିକୁଣ୍ଡି ଜଙ୍ଗଲରେ ଗଛ କାଟୁଥିବା ବେଳେ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଘଟଣାସ୍ଥଳରୁ ଗୋଟିଏ ସାଇକେଲ ଏବଂ ୩ଫୁଟର ଶାଗୁଆନ କାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ଦଶ ହଜାର ହେବ ବୋଲି ଉଲୁଣ୍ଡା ଫରେଷ୍ଟର ଦିନେଶ ମାଝି କହିଛନ୍ତି। ସୂଚନା ଅନୁସାରେ ଶନିବାର ସକାଳ ୫ଟାରେ କାଦୋଦର ଗ୍ରାମର ସନତ ତାଣ୍ଡିଆ ଅନ୍ୟ ଦୁଇଜଣଙ୍କ ସହିତ ଉପରୋକ୍ତ ଜଙ୍ଗଲରୁ ଶାଗୁଆନ ଗଛ କାଟୁଥିବା ବେଳେ ଜଙ୍ଗଲ ବିଭାଗ ଚଢ଼ାଉ କରିଥିଲା। ତେବେ ଘଟଣାସ୍ଥଳରେ ଥିବା ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଫରେଷ୍ଟର କିରନ ବିଶୋଇ, ଉଦ୍ଧବ ରଥ, ଗୋବିନ୍ଦ କଅଁର ପ୍ରମୁଖ ସାମିଲ ଥିଲେ।

### ପ୍ଲାଷ୍ଟିକ ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨୩।୨(ସ୍ୱ.ପ୍ର): ବୌଦ୍ଧ ସହରରେ ଆସନ୍ତା ମାର୍ଚ୍ଚ ୧ରୁ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ଲାଷ୍ଟିକ ଦ୍ୱାରା ଉପୁଜିଥିବା ସମସ୍ୟା ନେଇ ବୌଦ୍ଧ ବନ ବିଭାଗ ପକ୍ଷରୁ ସହରରେ ସଚେତନତା କାର୍ଯ୍ୟକ୍ରମ ସହ ପଦଯାତ୍ରା ଅନୁଷ୍ଠିତ ହେଉଛି। ଶୁକ୍ରବାର ଏହି ପଦଯାତ୍ରା ସହରର ରାମେଶ୍ୱର ମନ୍ଦିରରୁ ବାହାରି ଚନ୍ଦ୍ରଚୂଡ଼ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ସଫେଇ କରିବା ସହ ପଥଚାରୀମାନଙ୍କୁ ସଚେତନ କରାଯାଇଥିଲା । ପଦଯାତ୍ରାର ଦ୍ୱିତୀୟ ଦିନ ଶନିବାର ଚନ୍ଦ୍ରଚୂଡ଼ ଉଚ୍ଚ ବିଦ୍ୟାଳୟ, ବାପୁଜୀ ନଗର ଉଚ୍ଚ ବିଦ୍ୟାଳୟ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରୀ ସଚେତନତା ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ପଦଯାତ୍ରା ସମୟରେ ଛାତ୍ରୀଛାତ୍ରମାନେ ଜଗନ୍ନାଥ ମନ୍ଦିର, ଓ ମାତଙ୍ଗେଶ୍ୱର ମନ୍ଦିର ପରିସର ସଫା କରିଥିଲେ । ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ଏହି ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଏସିଏଫ ଭୈରବ ଚନ୍ଦ୍ର ବେହେରା, ଦିଲୀପ କୁମାର ସିଂ, ବୌଦ୍ଧ ରେଞ୍ଜର ବିପିନ ବିହାରୀ ରାଉତରାୟ, ପରିବେଶବିତ୍ ଅଧ୍ୟାପକ ପ୍ରବୀର ଦାସ, ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା ସାମିଲ ହୋଇଥିଲେ ।

### ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୌଦ୍ଧ,୨୩।୨(ସ୍ୱ.ପ୍ର): ହରଭଙ୍ଗା ବ୍ଲକ ଛତରଙ୍ଗ ଗ୍ରାମରେ ନବନିର୍ମିତ ଗ୍ରାମ ଦେବତୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶନିବାର ମହିଳାମାନେ କଳାସୀ ନାଳରୁ ପୂର୍ଣ୍ଣ କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଅନିଲ କୁମାର ପ୍ରଧାନ ଓ ସ୍ତ୍ରୀ ଲତା ପ୍ରଧାନ ମୁଖ୍ୟ ଯଜ୍ଞ କର୍ତ୍ତା ଥିବାବେଳେ ଯୁଗଳ ପ୍ରଧାନ ଓ ସ୍ତ୍ରୀ ନିର୍ମଳା ପ୍ରଧାନ, ସୁରଥ ପ୍ରଧାନ ଓ ସ୍ତ୍ରୀ ସୁକାନ୍ତି ପ୍ରଧାନ ଉପସ୍ଥିତ ଥିଲେ । ରବିବାର ହୋମଯଜ୍ଞ ହେବାକୁ ଥିବା ବେଳେ ସୋମବାର ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହେବ । କାର୍ଯ୍ୟକ୍ରମ ଗ୍ରାମ କମିଟି ଉପସଭାପତି ସୁଶୀଲ କୁମାର ପ୍ରଧାନ, ସମ୍ପାଦକ ତ୍ରିଲୋଚନ ପ୍ରଧାନ, କୋଷାଧକ୍ଷ୍ୟ ସୁବାସ ଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ରାଉତ, ସରୋଜ ରାଉତ, ମନ୍ଦିର ପରିଚାଳନା କମିଟି ସଭାପତି ଦଣ୍ଡପାଣି ପ୍ରଦାନ, ସମ୍ପାଦକ ଭାଗିରଥି ରାଉତ, ଶତ୍ରୁଘ୍ନ ପ୍ରଧାନ, ଦୁତିଆ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି ।

### ସୁବର୍ଣ୍ଣପୁରରେ ବ୍ଲୁ ବଟନ ଏକ୍ସପ୍ରେସ୍

# ମତଦାତା ସଚେତନ ହେଲେ ଭଲ ପ୍ରାର୍ଥୀ ଜିତିବେ

ସୋନପୁର,୨୩।୨(ନି.ପ୍ର.)

୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷିରେ ଓଡ଼ିଶା ଇଲେକ୍ସନ୍ ୱାଚ୍ ପକ୍ଷରୁ ମତଦାତା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ବ୍ଲୁ ବଟନ ଏକ୍ସପ୍ରେସ ଭ୍ୟାନ୍ ଶନିବାର ସୁବର୍ଣ୍ଣପୁର ଜିଲାରେ ପହଞ୍ଚିଛି। ବଲାଙ୍ଗୀର ଜିଲା ଅତିକ୍ରମ କରି ଏହି ଭ୍ୟାନ ପୂର୍ବାହ୍ନରେ ତରଭା ବ୍ଲକର ଚାରଭଟାରେ ପହଞ୍ଚି ଥିଲା। ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା ଚାରଭଟାଠାରେ ସବୁଜ ପତାକା ଦେଖାଇ ଏହି ଏକ୍ସପ୍ରେସ ଭ୍ୟାନର ଶୁଭାରମ୍ଭ କରିଥିଲେ। ଚାରଭଟା ସରପଞ୍ଚ ପ୍ରଭାତ ପାତ୍ର ଓ ପଞ୍ଚାୟତବାସୀ ଅଭିଯାନକୁ ସ୍ୱାଗତ କରିଥିଲେ। ପରେ ତରଭାସ୍ଥିତ ଏଇଏସ କଲେଜରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଶମ୍ଭୁଭୂଷଣ ପଣ୍ଡା ଓ ଦେବେନ୍ଦ୍ର ନାୟକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଭଲ ପ୍ରାର୍ଥୀଙ୍କୁ ଭୋଟ ଦେଇ ଦେଶ ଓ ରାଜ୍ୟର ବିକାଶରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅପରାହ୍ନରେ ଖଲିଆପାଲିଠାରେ ଏକ ସଚେତନତା ସଭା ହୋଇଥିଲା। ଭୀମଭୋଇ ଟ୍ରଷ୍ଟର ସଭ୍ୟ ମହାଦେବ ବଗର୍ତ୍ତି ଓ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଜିଲାସ୍ତରୀୟ ସଚେତନତା ସଭା ହୋଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମତଦାତାମାନେ କୌଣସି ପ୍ରଲୋଭନର ଶିକାର ନ ହୋଇ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ମୋ ଭୋଟ ମୋ ଦେଶ, ମୋ ଭୋଟ ସଉଦା ନୁହେଁ କହି ଜନସାଧାରଣଙ୍କୁ ସଚେତନ କରିଥିଲେ। ରେଆରର ସଭାପତି ଗୌରିଶ୍ୟାମ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରିବା ଏବଂ ରାଜନୀତିରେ ଅପରାଧିକରଣକୁ ରୋକିବା ଓଡ଼ିଶା ଇଲେକ୍ସନ ୱାଚ୍ ଓ ଡିଷ୍ଟ୍ରିକ୍ଟ ଇଲେକ୍ସନ ୱାଚ୍‌ର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ତରଭା ବିଡିଓ ନିହାର ରଞ୍ଜନ କହଁର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ, ସମଗ୍ର ଶିକ୍ଷା ଅଭିଯାନର ଡିପିସି ବେଣୁଧର ବେହେରା, ଓଡ଼ିଶା ଇଲେକ୍ସନ ୱାଚ୍‌ର ପ୍ରତିନିଧି କାବ୍ୟରଞ୍ଜନ ଓ ରେଆରର ସମ୍ପାଦକ ଆଶୁତୋଷ ହୋତା ପ୍ରମୁଖ ବକ୍ତବ୍ୟରେ ଉପସ୍ଥିତ ମତଦାତାଙ୍କୁ ସଚେତନ କରିଥିଲେ ।



ଜିଲାସ୍ତରୀୟ ମତଦାତା ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

### ଦେଢେଣମାଳରେ ଆଦିବାସୀ ସଭା: ଶିକ୍ଷାକୁ ଗୁରୁତ୍ୱ

ଘଣ୍ଟାପଡା,୨୩।୨(ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ଦେଢେଣମାଳଠାରେ ଆଦିବାସୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସ୍ ସ୍କୁଲର ନିର୍ଦ୍ଦେଶକ ଈଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଯୁଗ୍ମ ନିର୍ଦ୍ଦେଶକ ତୁଷାରକାନ୍ତ ସେନାପତି, ବୌଦ୍ଧ ଜିଲା ସଂଯୋଜକ ଲକ୍ଷ୍ମୀଧର ବେହେରା, ଗୋଁଡ ସମାଜ ସଭାପତି ଘାସିରାମ ପୁଟା, ଆଦିବାସୀ ସମନ୍ୱୟ ସମିତି ସଭାପତି ସାମନ୍ତ ମାଝୀ, ଖଇରା ସମାଜ ସଭାପତି ପାଣ୍ଡବ ଦେହେରୀ, ବ୍ଲକ ଆଦିବାସୀ ଉପ ସଭାପତି ପିତାମ୍ବର ଭୋଇ, କନ୍ଧ ସମାଜ ସମ୍ପାଦକ ଧର୍ମୁ କହଁର, ଉପଦେଷ୍ଟା ବିପିନ ଭୋଇ, ସୁଶୀଲ ଝାଙ୍କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀ ଶିକ୍ଷା ଉପରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ଶହୀଦ ଯବାନମାନଙ୍କ ଆତ୍ମାର ସଦଗତି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବଂଶୀଧର ମାଝୀ ଅତିଥି ପରିଚୟ, ଲକ୍ଷ୍ମୀଧର ବେହେରା ସଭା ପରିଚାଳନା ଓ ସାମନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଟାକାନି କ୍ରିକେଟ ଟୁର୍ନାମେଣ୍ଟ: ଘିଚାପାଲି ଫାଇନାଲରେ

ଅମରପାଲି, ୨୩।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମ ପଞ୍ଚାୟତର ଘିଚାପାଲି ଗ୍ରାମରେ ମା' ମେଟାକାନୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି ରାଧାମାଧବ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖଇରମାଲ ଓ ବିଶାଳପାଲି ମଧ୍ୟରେ ହୋଇଥିଲା । ବିଶାଳପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୯ ରନ କରିଥିଲା। ଦଳ ପକ୍ଷରୁ ରାକେଶ କର୍ମୀ ୩୨ ରନ କରିଥିଲେ। ଯବାବରେ ଖଇରମାଲ ଦଳ ୬୧ ରନରେ ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଘିଚାପାଲି ଓ କଦଳିପାଲି ମଧ୍ୟରେ ହୋଇଥିଲା। ଘିଚାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୮ ଉଇକେଟ ହରାଇ ୧୨୫ ରନ କରିଥିଲା। ଦଳର ପ୍ରଣବ ନନ୍ଦ ୪୩ ରନ କରିଥିଲେ। କଦଳିପାଲି ଦଳ ମାତ୍ର ୬୭ ରନ କରି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା । ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ବିଶାଳପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ଘିଚାପାଲି ମଧ୍ୟରେ ହୋଇଥିଲା। ଏଥିରେ ଘିଚାପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ବୁବୁନଙ୍କ ୪୨ ରନ ସହାୟତାରେ ୧୧୩ ରନ କରିଥିଲା। ମାତ୍ର ବିଶାଳପାଲି ଦଳ ପ୍ରକାଶଙ୍କ ୩୦ ରନ ସତ୍ତ୍ୱେ ୧୦ଓଭରରେ ୬ ଉଇକେଟ ହରାଇ ୯୮ ରନ କରି ପରାସ୍ତ ହୋଇଥିଲା । ଫଳରେ ଘିଚାପାଲି ଫାଇନାଲରେ ପ୍ରବେଶ କରିଛି । ଖେଳଗୁଡ଼ିକୁ ମାଧବ ନାଏକ ଓ କୃତିବାସ ସାହୁ ପରିଚାଳନା କରିଥିଲେ। ନିଳାମ୍ବର ଜଗଦଲା ସ୍କୋରିଂ ଏବଂ ସନାତନ ସାହୁ ଓ ବବୁଲ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ୨୬ରୁ ଅଞ୍ଚଳ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

ପଦ୍ମପୁର, ୨୩।୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଅଞ୍ଚଳ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ଫେବୃୟାରୀ ୨୬ରୁ ୨୮ ତିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି । ଏହି ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ, ।ଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ସୁଶାନ୍ତ ସିଂ, ଡ. ପଞ୍ଚାନନ ମିଶ୍ର, ପ୍ରଦୀପ ପୁରୋହିତ, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଭାସ ସିଂହ, ସତ୍ୟବ୍ରତ ତ୍ରିପାଠୀ, ଜ୍ଞାନରଞ୍ଜନ ହୋତା, ସତ୍ୟଭୂଷଣ ସାହୁ, ଦୀପକ ବେହେରା, ଡ. ହୁସେନ ରବି ଗାନ୍ଧୀ, କିଶୋର କୁମାର ମହାନ୍ତି, ବଦ୍ରିନାରାୟଣ ପାତ୍ର, ସ୍ନେହାଙ୍ଗିନୀ ଛୁରିଆ, ଆକାଶ ଦାସ, ବୈଷ୍ଣବ ଚରଣ ସାମଲ ପ୍ରମୁଖ ବିଭିନ୍ନ ଦିବସରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବ ଉପଲକ୍ଷେ ରାତ୍ୟ ତଥା ରାଜ୍ୟ ବାହାରୁ ଅନେକ ସାଂସ୍କୃତିକ ଅନୁଷ୍ଠାନ ଯୋଗଦାନ କରିବେ ବୋଲି ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଂଯୋଜକ କୃଷ୍ଣମୋହନ ପଣ୍ଡା ସୂଚନା ଦେଇଛନ୍ତି ।



ଜିଲାପାଳ ମଧୁସୂଦନ ମିଶ୍ର ଜଣେ ମହିଳା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ।

# ପିଏମଏୱାଇରେ ୨୬୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ସୋନପୁର,୨୩।୨(ନି.ପ୍ର.)

ସମସ୍ତ ଗରିବଙ୍କୁ ପକ୍କା ଘର ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହିକ୍ରମରେ ତୃତୀୟ ପର୍ଯ୍ୟାୟରେ ସୁବର୍ଣ୍ଣପୁର ସହରର ୨୬୧ ହିତାଧିକାରୀଙ୍କୁ ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ)ସହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ଘର ନିର୍ମାଣ ସକାଶେ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥିସକାଶେ ମ୍ୟୁନିସିପାଲିଟି ପକ୍ଷରୁ ଟାଉନ ହଲରେ ଏକ ମେଳାର ଆୟୋଜନ କରାଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ସମ୍ମାନିତ ଅତିଥି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଓ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଇନ୍ଦ୍ରଜିତ ସାହୁ ଯୋଗଦାନ କରିଥିଲେ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ସହରର ୭୮ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬୬ ହିତାଧିକାରୀଙ୍କୁ ଏହି ଯୋଜନାରେ କାର୍ଯ୍ୟାଦେଶ ଦିଆ ଯାଇଥିବା ସୂଚନା ଦିଆଯାଇଥିଲା। ଶିବରାମ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

### ଡିପିଇପି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୨୦ଦିନ ପୂରିଲା

ନୂଆପଡା ଅଫିସ,୨୩।୨

ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରାଧିକରଣ କର୍ମଚାରୀମାନେ ଆଜିକୁ ୨୦ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନରେ ରହିଥିଲେ ହେଁ କୌଣସି ପ୍ରକାର ସୁଫଳ ମିଳିପାରୁ ନ ଥିବାରୁ ବିଭିନ୍ନ ପ୍ରକାର କାର୍ଯ୍ୟ ଠପ ହୋଇପଡିଛି। ପ୍ରକାଶ ଯେ, ଚାକିରୀ ନିୟମିତିକରଣ ସହ ବିଭିନ୍ନ ଦାବି ନେଇ କର୍ମଚାରୀମାନେ ଗତ ୧ତାରିଖଠାରୁ ଦୁଇ ଦିନ ଧରି କଳାବ୍ୟାଜ ପରିଧାନ କରି ଆନ୍ଦୋଳନ କରିଥିଲେ । ପରେ ରାଜ୍ୟ ସଂଘର ଡାକରାକ୍ରମେ ୪ ରୁ କାର୍ଯ୍ୟବନ୍ଦ କରି ରାଜ୍ୟ ରାଜଧାନୀରେ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିରେ ଜିଲା ସଂଘ ଆବାହକ ହେମନ୍ତ କୁମାର ଭୋଇଙ୍କ ନେତୃତ୍ୱରେ ୮୫ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ଫଳରେ ଏଠାରେ ଜିଲାର ପ୍ରାଥମିକ ଶିକ୍ଷା ବିଭାଗରେ ବିଭିନ୍ନ କାମ ଠପ ହୋଇପଡିଛି। ଏହା ଉପରେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।





ବ୍ରାହ୍ମଣୀପାଲିରେ ଅନୁଷ୍ଠିତ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ଗ୍ରାମବାସୀ ।

# କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମ

ଅମରପାଲି, ୨୩।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନଟୈଲା ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀପାଲି ଗ୍ରାରେ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାଁ କଲ୍ୟାଣ ସମିତିର ସଭାପତି ଶାନ୍ତି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଗ୍ରାମର ଅଙ୍ଗନୱାଡ଼ି, ଆଶାକର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏଥିରେ ବହଲପଦର ସେକ୍ଟରର ସ୍ୱାସ୍ଥ୍ୟ ପରିଦର୍ଶକ ଗିରିଧାରୀ ସାହୁ ଯୋଗଦେଇ କୁଷ୍ଠ ରୋଗର ଲକ୍ଷଣ ଓ ଏହାର ନିରାକରଣ ଉପରେ ଲୋକଙ୍କୁ ବୁଝାଇଥିଲେ। ଏହି ରୋଗର ଲକ୍ଷଣ ହେବାମାତ୍ରେ ସଙ୍ଗେ ସଙ୍ଗେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ମାଗଣାରେ ଔଷଧ ନେଇ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାଁ କଲ୍ୟାଣ ସମିତିର ସମ୍ପାଦିକା ଗୌରୀ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଆବାହିକା ସୁବାଶିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାସ୍ଥ୍ୟ ସମିକ୍ଷା ସଂଯୋଜକ ଚନ୍ଦ୍ରଶେଖର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ସଂସ୍କାର ସ୍କୁଲରେ ଆଶୀର୍ବାଦ ସମାରୋହ ପାଳନ କରାଯାଉଛି।

# ସଂସ୍କାର ସ୍କୁଲରେ ଆଶୀର୍ବାଦ ସମାରୋହ

ବରଗଡ଼ ଅଫିସ୍,୨୩।୨

ବରଗଡ଼ ସଂସ୍କାର ସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଆଶିର୍ବାଦ ସମାରୋହ କାର୍ଯ୍ୟକ୍ରମ ଆଶିଷ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଦଶମ ବୋର୍ଡ଼ ପରୀକ୍ଷା ଦେବାକୁ ଯାଉଥିବା ୫୦ଜଣ ଛାତ୍ରୀଛାତ୍ରଙ୍କୁ ସମାରୋହରେ ଶୁଭ କାମନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାୱାଡ଼ିୟା, ବବିତା ସାୱାଡ଼ିୟା, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରଧାନଶିକ୍ଷକ କରନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଦଶମ ଶ୍ରେଣୀର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ମମତା ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ ।

# ପଟେଲ ସମାଜର ସାକମ୍ଭରୀ ଉତ୍ସବ

ନୂଆପଡା ଅଫିସ, ୨୩।୨

ସ୍ଥାନୀୟ ପଟେଲ ସମାଜର ସଭାଗୃହରେ ସାକମ୍ଭରୀ ସତ୍ସବ ପାଳିତ ହୋଇଯାଇଛି। ପଟେଲ ସମାଜ ସଭାପତି ମୋହନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝୀ, ସୁରେଶ କୁମାର ଆଚାରୀ, କୁଲିହାବନ୍ଧା ସମିତି ସଭ୍ୟ ହୀରାଲାଲ ପଟେଲ, ସଚିଦା ନନ୍ଦ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଟେଲ ସମାଜର ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅପରାହ୍ନରେ ପଟେଲ ସମାଜ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପଟେଲ ସମାଜର କୁଳଦେବତାଙ୍କ ପୂଜା କରିଥିଲେ ଅତିଥିମାନେ। ସମାଜର ବିବରଣୀ ପଠନ କରିଥିଲେ ସଭାପତି । ଏହି ଅବସରରେ ଅତିଥିମାନେ ସାମାଜିକ ସଙ୍ଗଠନକୁ ମଜବୁତ କରି ବିଭିନ୍ନ ସମାଜ ହିତକାରୀ କାର୍ଯ୍ୟକ୍ରମ ହାତକୁ ନେବାକୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସଂଘ ତରଫରୁ ତୁଳସ ପଟେଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧମସିଂ ପଟେଲ, ସୀରରାମ ପଟେଲ, ଅନୁନ ପଟେଲ, ଝୁବିଲାଲ ପଟେଲ, ରାଧେଶ୍ୟାମ ପଟେଲ, ଉମେନ ପଟେଲ, ପୁନିତରାମ ପଟେଲ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।



ପଟେଲ ସମାଜର ସାକମ୍ଭରୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ମାଟ୍ରିକ୍ ପ୍ରଶ୍ନପତ୍ର ପ୍ରଘଟ ବିରୋଧରେ ଏଆଇଡିଏସ୍‌ଓର ବିକ୍ଷୋଭ

ବଲାଙ୍ଗୀର ଅଫିସ,୨୩।୨

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଆରମ୍ଭ ଦିନରୁ ହିଁ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏହି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ରାଜ୍ୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି କରାଯାଇଥିବା କଡ଼ା କଟକଣା ସତ୍ତ୍ୱେ ଏଭଳି ଗୁରୁତର ତ୍ରୁଟି ହେବା ପରିଷଦର ଅପାରଗତାକୁ ସୂଚାଉଛି ବୋଲି ଅଲ୍‌ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ଅଭିଯୋଗ କରାଯାଇଛି। , ନେଇ ଶନିବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରତିବର୍ଷ ଅନେକ ନିୟମ, କଟକଣା ସତ୍ତ୍ୱେ ସରକାରଙ୍କ ଦୂରଦୃଷ୍ଟି ଓ ସଦିଚ୍ଛା ଅଭାବରୁ ବାରମ୍ବାର ମାଟ୍ରିକ ପରୀକ୍ଷାରେ ଅନିୟମିତତା ହେଉଛି ବୋଲି ଅଭିଯୋଗ କରାଯାଇଥିଲା । ଫଳରେ ରାଜ୍ୟର ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଉଛି ବୋଲି କହିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍-ଫେଲ ବ୍ୟବସ୍ଥା ଉଚ୍ଛେଦ ଯୋଗୁଁ ଛାତ୍ରୀଛାତ୍ର ପରୀକ୍ଷା ଦେବାରେ ଅଭ୍ୟସ୍ତ ହେଉନାହାନ୍ତି ଓ ଏଥିଯୋଗୁଁ ସେମାନଙ୍କ ଶିକ୍ଷାର ମାନ ହ୍ରାସ ହେଉଛି । ଫଳରେ ଅନେକ ପରୀକ୍ଷାର୍ଥୀ କପି ଭଳି ଅସାଧୁ ଉପାୟର ଆଶ୍ରୟ ନେଉଛନ୍ତି । ଏହାର ଫଳସ୍ୱରୂପ ପ୍ରଶ୍ନପତ୍ର ପ୍ରଘଟ ଭଳି ଘଟଣା ଘଟୁଛି ବୋଲି ସେମାନେ କହିଥିଲେ । ଏଣୁ ଅବିଳମ୍ବେ ପାସ୍-ଫେଲ ବ୍ୟବସ୍ଥା ଲାଗୁ କରିବା ସହିତ ମାଟ୍ରିକ ପରୀକ୍ଷାକୁ ସଠିକ ଭାବେ ପରିଚାଳନା କରିବା ପାଇଁ ସରକାର ସଦିଚ୍ଛା ଓ ନିଷ୍ଠା ପ୍ରକାଶ କରନ୍ତୁ ବୋଲି ଦାବି କରାଯାଇଥିଲା । ପ୍ରଶ୍ନପତ୍ର ପ୍ରଘଟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଥିଲେ। ସଙ୍ଗଠନର ଜିଲା ସଭାପତି ସୁନୀଲ ଭୋଇ, ଅଫିସ ସମ୍ପାଦକ ଲକ୍ଷ୍ମୀଧର ସାମଲ, ଯୋଗେଶ୍ୱର ରଣା, ବିକାଶ ଜେନା, ତ୍ରିଲୋଚନ ସାହୁ, ମମତା ନାଏକ, ରାଜୀବ ମହାକୁର, ନମିତା ସୁନାଙ୍କ ସହ ବହୁ କର୍ମୀ ସାମିଲ ହୋଇଥିଲେ ।





ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ସଙ୍ଗଠନ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ

# ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ବିସ୍ଥାପିତ

**ନୂଆପଡା ଅଫିସ/ଖଡିଆଳ, ୨୩।୨**

ନୂଆପଡ଼ା ଜିଲାରେ ନିର୍ମାଣାଧିନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତଙ୍କ ଦ୍ୱାରା ଦିଆଯାଇଥିବା ଧାରଣା ନିର୍ଭର ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ଏହିକ୍ରମରେ ବୁଡି ଅଞ୍ଚବାସୀଙ୍କ ସମସ୍ତ ଦାବି ଉପରେ ବିଚାର କରାଯାଉଛି। ଯଥାଶୀଘ୍ର ପୂରଣ କରାଯିବ ବୋଲି ଥଇଥାନ ଏବଂ ପୁନର୍ବାସ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆଜିକୁ ଅଠର ବର୍ଷ ତଳେ ବିଶ୍ୱବ୍ୟାଙ୍କ ସହାୟତାରେ ମାତ୍ର ୨୧୧କୋଟି ଟଙ୍କା ବ୍ୟୟଅଟକଳରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଥିଲା । ଏଥିରେ ୧୦ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଏବଂ ୨୦ଖଣ୍ଡ ଗାଁ ଆଂଶିକ ଭାବେ ବୁଡିହେଉଥିବା ଘୋଷଣା କରାଯାଇଥିଲା। ସେତେବେଳେ ଲୋକେ ଡ୍ୟାମ ନିର୍ମାଣ କରିବାକୁ ବିରୋଧ କରିଥିଲେ। ହେଲେ ଲୋକମାନଙ୍କ ଥଇଥାନ ସକାଶେ ସବୁପ୍ରକାର ବ୍ୟବସ୍ଥା କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରେ ପରେ ବିଭାଗ ଲୋକଙ୍କ ଥଇଥାନ ଅପେକ୍ଷା



ଆନ୍ଦୋଳନକାରୀ ବିସ୍ଥାପିତଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଡ୍ୟାମ ନିର୍ମାଣ କାମକୁ ବିଶେଷ ଗୁରୁତ୍ୱ ଦେଇଚାଲିଥିଲା। ଲୋକଙ୍କୁ ଖଣ୍ଡିଆ କରି ଧିରେ ଧିରେ ପେମେଣ୍ଟ ଦେବାର ବ୍ୟବସ୍ଥା କରାଗଲା । ଫଳରେ ଲୋକେ ଠିକ ଭାବରେ ଥଇଥାନ ହୋଇପାରିଲେ ନାହିଁ । ଜମିବାଡି ହରାଇ ଲୋକେ ଦାଣ୍ଡର ଭିକାରୀ ହୋଇଗଲେ। ସରକାରୀ ବିଧି ବ୍ୟବସ୍ଥାରେ ଲୋକଙ୍କୁ ସବୁପ୍ରକାର ଥଇଥାନ କରିବାକୁ ରହିଥିଲେ ହେଲେ ତତ୍କାଳୀନ ଅଧିକାରୀମାନେ ସେସବୁକୁ ପାଳନ କରି ନ ଥିଲେ। ଏହା ଉପରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ନାମକ ଏକ ସଙ୍ଗଠନ ବାରମ୍ବାର ଲଢେଇ କରିଚାଲିଥିଲା। ଲୋକଙ୍କ ଜମିକୁ ଶାଗମାଛ ଦରରେ ସରକାର କିଣି ନେଲେ । ବିଭିନ୍ନ

**ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ**
- ସବୁ ଦାବିପୂରଣ କରାଯିବ କହିଲେ ଅଧିକାରୀ
- ନ ହେଲେ ପୁନର୍ବାର ହେବ ଆନ୍ଦୋଳନ

ସମୟରେ ସରକାର ଅନୁଗ୍ରହ ରାଶି ଦେବାକୁ ଘୋଷଣା କରିଥିଲେ। ହେଲେ ତାକୁ ପ୍ରଦାନ କରାଗଲା ନାହିଁ । ବର୍ତ୍ତମାନ ଡ୍ୟାମ କାମ ଶେଷ ହୋଇଯାଇଛି । ଲୋକଙ୍କୁ ଉଚ୍ଛେଦ କରିବାର ବେଳ ଆସିଛି। ଏହାକୁ ଦେଖି ଲୋକେ କିଂକର୍ତ୍ତବ୍ୟ ବିମୂଢ ହୋଇ ଆନ୍ଦୋଳନ ମୁହାଁ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୩ତାରିଖଠାରୁ ଲିବ୍ସ ଜରିଆରେ ବୁଡି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ହେଲେ କୌଣସି ସରକାରୀ ଅଧିକାରୀ ଆସୁ ନ ଥିବା ନେଇ ଅସନ୍ତୋଷ ବଢି ଚାଲିଥିଲା। ପରେ ଲୋକେ ଭୋଟ ବର୍ଜନ କରିବା ସହ ଅସହଯୋଗ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ତେବେ ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ଆଲୋଚନା ପାଇଁ ଧାରଣାସ୍ଥଳକୁ ଆସିଥିଲା। ଏଥିରେ ଥଇଥାନ ଓ ପୁନର୍ବାସ ଅଧିକାରୀ ଡ. ହିମାଞ୍ଚଳ ମାଝୀ ଅନୁଗ୍ରହ ରାଶୀ ପ୍ରଦାନ କରାଯିବା ସକାଶେ ରାଜ୍ୟସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଜିଲାସ୍ତରରେ ମଧ୍ୟ ବହୁବାର ଆଲୋଚନା କରାଯାଇଛି। ପୁଣି ଜମିର ବର୍ଦ୍ଧିତ ରାଶି ଦିଆଯିବା ସକାଶେ ମଧ୍ୟ ରିପୋର୍ଟ ତିଆରି ହୋଇଛି। ଆଗାମୀ ତିନି ମାସ ମଧ୍ୟରେ ସବୁ ଦାବି ପୂରଣ ହୋଇଯିବ ବୋଲି ଡ. ମାଝୀ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ଆନ୍ଦୋଳନକାରୀମାନେ ସ୍ୱାଗତ କରିଛନ୍ତି। ଏହା ନ କଲେ ଆଗାମୀ ଦିନରେ କ'ଣ ପରିସ୍ଥିତି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାଇ ଦିଆଯାଇଛି। ପ୍ରଶାସନ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ବିଭୂତିଭୂଷଣ ଦାସ, ଥାନା ଅଧିକାରୀ ସଦାନନ୍ଦ ପୂଜାରୀ, ନିର୍ବାହୀ ଯନ୍ତ୍ରୀ ବାବୁଲାଲ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଲିବ୍ସ ସଭାପତି ଅଲେଖ ମାଝୀ, ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ଟିକ ମାଝୀ, ବୃନ୍ଦାବନ ମହାନନ୍ଦ, ରଘୁବୀର ସାହୁ, କାଳିଦାସ ସୁନାନୀ, କିଶୋର ବେହେରା, ରାଧେଶ୍ୟାମ ବେହେରା, ତୁଳାରାମ ଦୁରିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଏକଲବ୍ୟ କର୍ମଚାରୀ ଆନ୍ଦୋଳନରେ ଗଲେ ଶିକ୍ଷାବ୍ୟବସ୍ଥା ବେହାଲ ହେବ

**ନୂଆପଡା ଅଫିସ, ୨୩।୨**

ରାଜ୍ୟ ସଂଘର ଡାକରାକ୍ରମେ ନୂଆପଡା ଜିଲା ସଦର ମହକୁମାରେ ଅବସ୍ଥାପିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ସମସ୍ତ ଠିକା କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। ଶନିବାରଠାରୁ ଏହି ବିଦ୍ୟାଳୟର ଟିଚିଂ ଏବଂ ନନଟିଚିଂ ମୋଟ ୨୮ଜଣ କର୍ମଚାରୀ କାର୍ଯ୍ୟବନ୍ଦ କରି ରାଜଧାନୀର ଆନ୍ଦୋଳନକୁ ଯାଇଛନ୍ତି। ଆଜିକୁ ଦୀର୍ଘ ଦିନ ଧରି କାର୍ଯ୍ୟ କରିଆସୁଥିବା କର୍ମଚାରୀମାନଙ୍କର ଦରମା ବୃଦ୍ଧି, ସପ୍ତମ ବେତନ କମିଶନ ଲାଗୁ କରିବା ଆଦି ଦାବି ସାମିଲ ରହିଛି। ଏହାକୁ ତୁରନ୍ତ ପୂରଣ କରିବାକୁ ନେଇ କର୍ମଚାରୀମାନେ ବାରମ୍ବାର ଦାବି କରିଆସୁଥିଲେ। ହେଲେ ପୂରଣ ନ ହେବାରୁ ଶେଷରେ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ। ଏଠାରେ ସୂଚନାଯୋଗ୍ୟ ଯେ ବର୍ତ୍ତମାନ ୨୦୧୯-୨୦ ଶିକ୍ଷାବର୍ଷ ସକାଶେ ୬ଷ୍ଠ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ନିମିତ ଫର୍ମଦାଖଲ କାର୍ଯ୍ୟ ଚାଲିଛି। ପ୍ରଥମ ଦଫାରେ ଏହି କାର୍ଯ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ବୃଦ୍ଧିପାଇଛି।

## ସଂକ୍ଷେପରେ

### ଗଛ ଚୋରି ଅଭିଯୋଗ, ଜଣେ ଗିରଫ

**ଉଲୁଣ୍ଡା, ୨୩।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଜାଲୋଏ ସେକ୍ସନ ଅନ୍ତର୍ଗତ ଘିକୁଣ୍ଡି ଜଙ୍ଗଲରେ ଗଛ କାଟୁଥିବା ବେଳେ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଘଟଣାସ୍ଥଳରୁ ଗୋଟିଏ ସାଇକେଲ ଏବଂ ୩ଫୁଟର ଶାଗୁଆନ କାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ଦଶ ହଜାର ହେବ ବୋଲି ଉଲୁଣ୍ଡା ଫରେଷ୍ଟର ଦିନେଶ ମାଝି କହିଛନ୍ତି। ସୂଚନା ଅନୁସାରେ ଶନିବାର ସକାଳ ୫ଟାରେ କାଦୋଦର ଗ୍ରାମର ସନତ ତାଣ୍ଡିଆ ଅନ୍ୟ ଦୁଇଜଣଙ୍କ ସହିତ ଉପରୋକ୍ତ ଜଙ୍ଗଲରୁ ଶାଗୁଆନ ଗଛ କାଟୁଥିବା ବେଳେ ଜଙ୍ଗଲ ବିଭାଗ ଚଢାଉ କରିଥିଲା। ତେବେ ଘଟଣାସ୍ଥଳରେ ଥିବା ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିକୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଫରେଷ୍ଟର କିରନ ବିଶୋଇ, ଉଦ୍ଧବ ରଥ, ଗୋବିନ୍ଦ କୁଅଁର ପ୍ରମୁଖ ସାମିଲ ଥିଲେ।

### ପିଏମଏୱାଇରେ ୨୬୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

**ସୋନପୁର,୨୩।୨(ନି.ପ୍ର.):** ସମସ୍ତ ଗରିବଙ୍କୁ ପକ୍କା ଘର ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହିକ୍ରମରେ ତୃତୀୟ ପର୍ଯ୍ୟାୟରେ ସୁବର୍ଣ୍ଣପୁର ସହରର ୨୬୧ ହିତାଧିକାରୀଙ୍କୁ ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ)ସହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ଘର ନିର୍ମାଣ ସକାଶେ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥିସକାଶେ ମ୍ୟୁନିସିପାଲିଟି ପକ୍ଷରୁ ଟାଉନ ହଲରେ ଏକ ମେଳାର ଆୟୋଜନ କରାଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ଜ୍ୟୋତିରଞ୍ଜନ ବହିଦାର, ସମ୍ମାନିତ ଅତିଥି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଓ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଇନ୍ଦ୍ରଜିତ ସାହୁ ଯୋଗଦାନ କରିଥିଲେ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ସହରର ୭୮ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬୬ ହିତାଧିକାରୀଙ୍କୁ ଏହି ଯୋଜନାରେ କାର୍ଯ୍ୟାଦେଶ ଦିଆ ଯାଇଥିବା ସୂଚନା ଦିଆଯାଇଥିଲା। ଶିବରାମ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ନବନିଯୁକ୍ତ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକଙ୍କୁ ସମ୍ବର୍ଦ୍ଧନା

**ସିନାପାଲି, ୨୩।୨ (ଡି.ଏନ.ଏ)**

ନୂଆପଡା ଜିଲା ସିନାପାଲି ଦଳିତ ମଞ୍ଚ ତରଫରୁ ନବନିଯୁକ୍ତ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ଛତିଶଗଡ ରାଜ୍ୟର ପ୍ରଭାରୀ କମଳଚରଣ ତାଣ୍ଡିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶନିବାର ସିନାପାଲି ଗସ୍ତରେ ଆସିଥିବା ଅବସରରେ ଦଳିତମଞ୍ଚର ଶତାଧିକ ଯୁବକ ଏଥିରେ ସାମିଲ ହୋଇ ତାଣ୍ଡିଙ୍କୁ ପୁଷ୍ପଗୁଚ୍ଛ ଦେଇ ପାଛୋଟି ଆଣିଥିଲେ। ଏହା ସହ ସିନାପାଲି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ କାପସି ଆମ୍ବତୋଟାଠାରେ ଆଲୋଚନା କରାଯାଇଥିଲା। ସିନାପାଲି ବ୍ଲକର ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା, ନୀରିହଙ୍କୁ ବିଭିନ୍ନ ଯୋଜନାରେ ଅଣଦେଖା, ସିନାପାଲି ବ୍ଲକରେ ଲାଗିରହିଥିବା ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନେକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବହୁତ ଶୀଘ୍ର ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଥିବା ସମସ୍ୟା ସମାଧାନ କରିବା ପାଇଁ ଆନ୍ଦୋଳନ କରିବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ନୂଆପଡା ଜିଲାର ଜଣେ ଯୁବ ପ୍ରତିଭାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ଦିଆଯାଇଥିବାରୁ ଅଞ୍ଚଳବାସୀ ବେଶ ଉତ୍ସାହ ଥିବା ବେଳେ ଆଗକୁ ଆହୁରି ଅନେକ କାମ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା ବୋଲି ତାଣ୍ଡି ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଗୌରାଙ୍ଗ ଜଗତ, ଧିରେନ୍ଦ୍ର ଜଗତ, ଭୁଜବଳ ସୁନାନୀ, ମନୋଜ ଜଗତ, ଯୁଧିଷ୍ଠିର ମହାନନ୍ଦ, କ୍ଷମା ଜଗତ, ଅଲେଖ ସୁନାନୀ, ଭୋଳା ବାଗ, ସୁଶାନ୍ତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବଙ୍ଗୋମୁଣ୍ଡା ଫୁଟବଲ: ହଳଦୀ ଚାମ୍ପିୟନ

**ବଙ୍ଗୋମୁଣ୍ଡା, ୨୩।୨(ଡି.ଏନ୍.ଏ.)**



ଅତିଥି, ରେଫେରୀଙ୍କ ସହ ଚାମ୍ପିୟନ ହଳଦୀ ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଖେଳପଡିଆରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ପାଠାଗାର ଓ ଆଥେଲେଟିକ କ୍ଲବ ତରଫରୁ ସପ୍ତାହ ବ୍ୟାପୀ ହୋଇଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ହଳଦୀ ଓ ଖଲିଆଖମାରର ଫୁଟବଲ ଟିମ ମୁହାଁମୁହିଁ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଟାଇବ୍ରେକର ଅମୀମାଂଶିତ ରହିବାରୁ ଅତିରିକ୍ତ ଆଉ ଗୋଟିଏ ଲେଖାଏଁ ବଲ୍‌ରେ ହଳଦୀ ଖଲିଆପାଲିକୁ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରା, ସମ୍ମାନିତ ଅତିଥି ଡ. ତ୍ରିୟମ୍ବକ ସିଂରାଏ, ସାମାଜିକ କର୍ମୀ ଅନୀଲ କୁମାର ଖମାରୀ, କାହ୍ନା ଅଗ୍ରୱାଲ ଓ କ୍ରୀଡାବିତ୍ ମାଧବ ହଂସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚରେ ବେଷ୍ଟ ଗୋଲକିପର ଖଲିଆପାଲିର କିରଣ, ମ୍ୟାନ ଅଫ୍ ଦି ମ୍ୟାଚ୍ ହେମରାଜ, ମ୍ୟାନ୍ ଅଫ୍ ଦି ସିରିଜ ଶରତ, ବେଷ୍ଟ ଡିଫେନ୍ସ ମନୋଜ ପ୍ରମୁଖଙ୍କୁ କପ୍ ଦେଇ ପୁରସ୍କୃତ କରା ଯାଇଥିଲା । ବିଜେତା ହଳଦୀ ଦଳକୁ ସିଲ୍ଡ ସହିତ୧୦ ହଜାର ଟଙ୍କା ଓ ଉପବିଜେତା ଖଲିଆପାଲି ଦଳକୁ ସିଲ୍ଡ ସହିତ ୭ ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା ବିବସ୍ତ ମାଝୀ କରିଥିବା ବେଳେ ଲାଇନରେ ନବୀନ ସରାଫ ଓ ବୈଷ୍ଣବ ତାଣ୍ଡି ସହଯୋଗ କରିଥିଲେ । ଆୟୋଜକ ସ୍ୱାମୀ ବିବେକାନନ୍ଦ ପାଠାଗାର ଓ ଆଥେଲେଟିକ କ୍ଲବ ବଙ୍ଗୋମୁଣ୍ଡାର ସୁନିସ ପ୍ରଧାନୀ, ଶଶାଙ୍କ ରଞ୍ଜନ ଦାସ ଯାଦବ, ଦିବ୍ୟରଞ୍ଜନ ନାଏକ, ରଶ୍ମିକାନ୍ତ ସିନ୍ଧୁର, ଜତିନ ସିନ୍ଧୁର ପ୍ରମୁଖ ସହଯୋଗ କରିଥିଲେ ।

# ଟୁରକେଲାରେ ଆଦିବାସୀ ମେଳି

**କଣ୍ଟାବାଞ୍ଜି, ୨୩।୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଟୁରେକେଲା ଥାନା ଅନ୍ତର୍ଗତ ଲର୍କି ଗ୍ରାମରେ ଶନିବାର ବ୍ଲକସ୍ତରୀୟ ଆଦିବାସୀ ମେଳି ଅନୁଷ୍ଠିତ ହୋଇଯାଇଛି । ଏହି ମେଳିରେ ଆଦିବାସୀଙ୍କ ବିଭିନ୍ନ ହକ୍ ଉପରେ ସଂଘ କଡା ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି । ଅଣଆଦିବାସୀମାନେ ଆଦିବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିନା ଖରିଦ ବିକ୍ରିରେ ଜମି ଜବରଦଖଲ କରିଛନ୍ତି। କଣ୍ଟାବାଞ୍ଜି ଥାନା ଧାମନଡଙ୍ଗା ଗାଁରେ ଆଦିବାସୀ ସମ୍ପ୍ରଦାୟର ଜମି କଣ୍ଟାବାଞ୍ଜିର ଜଣେ ଜମି ମାଫିଆ ପ୍ଲଟିଂ କରି ଅଧିକ ଟଙ୍କା ରୋଜଗାର କରୁଛନ୍ତି। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଚିବ ନିରଞ୍ଜନ ବିଶି, ନୂଆପଡା ଜିଲା ସାଧାରଣ ସମ୍ପାଦକ ବାଳକୃଷ୍ଣ




ଶୋଭାଯାତ୍ରାରେ ବାହାରିଥିବା ଆଦିବାସୀମାନେ।

ଶବର, ବ୍ରଜକିଶୋର ସିଂଭୋଇ ମେଳିରେ ଅତିଥିଭାବେ ଯୋଗଦେଇ ଆଦିବାସୀଙ୍କ ହକ୍ ପାଇଁ ଲଢେଇ କରାଯିବ ବୋଲି କହିଛନ୍ତି। ବ୍ଲକ ସଭାପତି ଚୌବନ କିଶୋର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ନରୋତ୍ତମ ମାଝି, ଯୁଗ୍ମ ସମ୍ପାଦକ ଜଗବନ୍ଧୁ ମାଝି ସହଯୋଗ କରିଥିଲେ। ଏଥି ପୂର୍ବରୁ ଆଦିବାସୀମାନେ ଗାଁ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ।

## ଡିପିଇପି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୨୦ଦିନ ପୂରିଲା

**ନୂଆପଡା ଅଫିସ,୨୩।୨**

ଓଡିଶା ପ୍ରାଥମିକ ଶିକ୍ଷା ପ୍ରାଧିକରଣ କର୍ମଚାରୀମାନେ ଆଜିକୁ ୨୦ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନରେ ରହିଥିଲେ ହେଁ କୌଣସି ପ୍ରକାର ସୁଫଳ ମିଳିପାରୁ ନ ଥିବାରୁ ବିଭିନ୍ନ ପ୍ରକାର କାର୍ଯ୍ୟ ଠପ ହୋଇପଡିଛି। ପ୍ରକାଶ ଯେ, ଚାକିରୀ ନିୟମିତିକରଣ ସହ ବିଭିନ୍ନ ଦାବି ନେଇ କର୍ମଚାରୀମାନେ ଗତ ୧ତାରିଖଠାରୁ ଦୁଇ ଦିନ ଧରି କଳାବ୍ୟାଜ ପରିଧାନ କରି ଆନ୍ଦୋଳନ କରିଥିଲେ । ପରେ ରାଜ୍ୟ ସଂଘର ଡାକରାକ୍ରମେ ୪ ରୁ କାର୍ଯ୍ୟବନ୍ଦ କରି ରାଜ୍ୟ ରାଜଧାନୀରେ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିରେ ଜିଲା ସଂଘ ଆବାହକ ହେମନ୍ତ କୁମାର ଭୋଇଙ୍କ ନେତୃତ୍ୱରେ ୮୫ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ଫଳରେ ଏଠାରେ ଜିଲାର ପ୍ରାଥମିକ ଶିକ୍ଷା ବିଭାଗରେ ବିଭିନ୍ନ କାମ ଠପ ହୋଇପଡିଛି। ଏହା ଉପରେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗୀର ଅଫିସ, ୨୩।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ହର୍ଡାଟାଲ ହାଇସ୍କୁଲ ଖେଳପଡିଆରେ ମିନିଷ୍ଟାଡିୟମ ତିଆରି କରାଯିବ । ଶନିବାର ଏହି ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର । ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ମିଶ୍ର କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ କ୍ରୀଡାର ଭିତ୍ତିଭୂମି ବିକାଶ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । କିଛିଦିନ ପୂର୍ବରୁ ମନହୀରା ଗାଁରେ ଏକ ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁଁ। ଏବେ ହର୍ଡାଟାଲରେ ମିନିଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି ମିନି ଷ୍ଟାଡିୟମ ନିର୍ମାଣ ପରେ ଏହି ଅଞ୍ଚଳରେ ଛାତ୍ର ଓ ଯୁବକମାନଙ୍କ କ୍ରୀଡାର ବିକାଶ ହୋଇପାରିବ । ହର୍ଡାଟାଲ ଧୋବା ହାଇସ୍କୁଲ ଖେଳପଡିଆକୁ ଏକ ମିନି ଷ୍ଟାଡିୟମ କରାଯିବାକୁ ଅଞ୍ଚଳବାସୀ ଦାବି କରିଆସୁଥିଲା । ଏହି ଦାବିପୂରଣ ହେବାର କାମ ଏବେ ଆରମ୍ଭ ହୋଇଯାଇଛି ବୋଲି ମିଶ୍ର କହିଥିଲେ । କ୍ରୀଡା ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନର ବିଭାଗ ପାଇଁ ଅନେକ କାମ ଚାଲିଛି ଓ ଆଗକୁ ଏହି କାମ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ। ଯୁବ ଓ କ୍ରୀଡା ବିଭାଗର ଶିକ୍ଷା, କ୍ରୀଡା, କଳା ଓ ସଂସ୍କୃତି ରାଜ୍ୟସ୍ତରୀୟ ଯୋଜନାରୁ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହିମିନିଷ୍ଟାଡିୟମ ନିର୍ମାଣ ହେବ ବୋଲି ସେ ସୂଚନା ଦେଇଥିଲେ। ଏହି ନିର୍ମାଣ ଦାୟିତ୍ୱ ରୁରାଲ ୱାର୍କସ୍ ବିଭାଗ ଦ୍ୱାରା ଅତିଶୀଘ୍ର ଆରମ୍ଭ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ସୀମାଦ୍ରୀ ଦାସ କହିଥିଲେ । ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସଦର ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର, ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର, ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ମିଶ୍ର, ବିଧାୟକଙ୍କ ପ୍ରତିନିଧି ବାମଦେବ ମିଶ୍ର, ରାଧାକାନ୍ତ ଭୋଇ, ରାମ ମିଶ୍ର, ଅଜୟ ବାଲି, ସରୋଜ ରଥ, ଘାସିରାମ ମିଶ୍ର, ବିଧାୟକଙ୍କ ରାଜନୈତିକ ସଚିବ ଟଙ୍କଧର ଗଡତ୍ୟା, ପ୍ରମୋଦ ରଥ, ସ୍କୁଲ ପରିଚାଳନା କମିଟି ସଭାପତି ଭରତ ଚନ୍ଦ୍ର ଭୋଇଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।



ବିଧାୟକ ନରସିଂହ ମିଶ୍ର ହର୍ଡାଟାଲ ମିନି ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

# ପଟେଲ ସମାଜର ସାକମ୍ବରୀ ଉତ୍ସବ

**ନୂଆପଡା ଅଫିସ, ୨୩।୨**

ସ୍ଥାନୀୟ ପଟେଲ ସମାଜର ସଭାଗୃହରେ ସାକମ୍ବରୀ ସତ୍ସବ ପାଳିତ ହୋଇଯାଇଛି। ପଟେଲ ସମାଜ ସଭାପତି ମୋହନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝୀ, ସୁରେଶ କୁମାର ଆଚାରୀ, କୁଲିହାବନ୍ଧା ସମିତି ସଭ୍ୟ ହୀରାଲାଲ ପଟେଲ, ସଚିଦା ନନ୍ଦ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଟେଲ ସମାଜର ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅପରାହ୍ନରେ ପଟେଲ ସମାଜ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପଟେଲ ସମାଜର



ପଟେଲ ସମାଜର ସାକମ୍ବରୀ ଉତ୍ସବରେ ମଞ୍ଚାସୀନ ଅତିଥି।

କୁଳଦେବତାଙ୍କ ପୂଜା କରିଥିଲେ ଅତିଥିମାନେ। ସମାଜର ବିବରଣୀ ପଠନ କରିଥିଲେ ସଭାପତି । ଏହି ଅବସରରେ ଅତିଥିମାନେ ସାମାଜିକ ସଙ୍ଗଠନକୁ ମଜବୁତ କରି ବିଭିନ୍ନ ସମାଜ ହିତାକାରୀ କାର୍ଯ୍ୟକ୍ରମ ହାତକୁ ନେବାକୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସଂଘ ତରଫରୁ ତୁଳସ ପଟେଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧନସିଂ ପଟେଲ, ସୀରରାମ ପଟେଲ, ଅଜୁନ ପଟେଲ, ଖୁବିଲାଲ ପଟେଲ, ରାଧେଶ୍ୟାମ ପଟେଲ, ଉମେନ ପଟେଲ, ପୁନିତରାମ ପଟେଲ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ମାଟ୍ରିକ୍ ପ୍ରଶ୍ନପତ୍ର ପ୍ରଘଟ ବିରୋଧରେ ଏଆଇଡିଏସ୍‌ଓର ବିକ୍ଷୋଭ

**ବଲାଙ୍ଗୀର ଅଫିସ,୨୩।୨**




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ସଙ୍ଗଠନ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଆରମ୍ଭ ଦିନରୁ ହିଁ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏହି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ରାଜ୍ୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି କରାଯାଇଥିବା କଡା କଟକଣା ସତ୍ତ୍ୱେ ଏଭଳି ଗୁରୁତର ତ୍ରୁଟି ହେବା ପରିଷଦର ଅପାରଗତାକୁ ସୂଚାଉଛି ବୋଲି ଅଲ୍‌ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ଅଭିଯୋଗ କରାଯାଇଛି। , ନେଇ ଶନିବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରତିବର୍ଷ ଅନେକ ନିୟମ, କଟକଣା ସତ୍ତ୍ୱେ ସରକାରଙ୍କ ଦୂରଦୃଷ୍ଟି ଓ ସଦିଚ୍ଛା ଅଭାବରୁ ବାରମ୍ବାର ମାଟ୍ରିକ ପରୀକ୍ଷାରେ ଅନିୟମିତତା ହେଉଛି ବୋଲି ଅଭିଯୋଗ କରାଯାଇଥିଲା । ଫଳରେ ରାଜ୍ୟର ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଉଛି ବୋଲି କହିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍-ଫେଲ ବ୍ୟବସ୍ଥା ଉଚ୍ଛେଦ ଯୋଗୁଁ ଛାତ୍ରୀଛାତ୍ର ପରୀକ୍ଷା ଦେବାରେ ଅଭ୍ୟସ୍ତ ହେଉନାହାନ୍ତି ଓ ଏଥିଯୋଗୁଁ ସେମାନଙ୍କ ଶିକ୍ଷାର ମାନ ହ୍ରାସ ହେଉଛି । ଫଳରେ ଅନେକ ପରୀକ୍ଷାର୍ଥୀ କପି ଭଳି ଅସାଧୁ ଉପାୟର ଆଶ୍ରୟ ନେଉଛନ୍ତି । ଏହାର ଫଳସ୍ୱରୂପ ପ୍ରଶ୍ନପତ୍ର ପ୍ରଘଟ ଭଳି ଘଟଣା ଘଟୁଛି ବୋଲି ସେମାନେ କହିଥିଲେ । ଏଣୁ ଅବିଳମ୍ବେ ପାସ୍-ଫେଲ ବ୍ୟବସ୍ଥା ଲାଗୁ କରିବା ସହିତ ମାଟ୍ରିକ ପରୀକ୍ଷାକୁ ସଠିକ ଭାବେ ପରିଚାଳନା କରିବା ପାଇଁ ସରକାର ସଦିଚ୍ଛା ଓ ନିଷ୍ଠା ପ୍ରକାଶ କରନ୍ତୁ ବୋଲି ଦାବି କରାଯାଇଥିଲା । ପ୍ରଶ୍ନପତ୍ର ପ୍ରଘଟକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଥିଲେ। ସଙ୍ଗଠନର ଜିଲା ସଭାପତି ସୁନୀଲ ଭୋଇ, ଅଫିସ ସମ୍ପାଦକ ଲକ୍ଷ୍ମୀଧର ସାମଲ, ଯୋଗେଶ୍ୱର ରଣା, ବିକାଶ ଜେନା, ତ୍ରିଲୋଚନ ସାହୁ, ମମତା ନାଏକ, ରାଜୀବ ମହାକୁର, ନମିତା ସୁନାଙ୍କ ସହ ବହୁ କର୍ମୀ ସାମିଲ ହୋଇଥିଲେ ।



ଇଭିଏମ୍ ଭାରତୀୟ ଗଣତନ୍ତ୍ରର 'ବିସ୍ମୟ ଯନ୍ତ୍ର' । ଏହା ଉପରେ ପ୍ରଶ୍ନ ଉଠାଉଥିବା ଲୋକେ ସନ୍ଦେହର ବୀଜ ବୁଣି ଗଣତନ୍ତ୍ରକୁ ନ୍ୟୁନ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି ।

- ଏସ୍.ୱାଇ. କୁରେଶୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର

## ସଂକ୍ଷେପରେ

### ବିଶ୍ୱ ମାତୃଭାଷା ଦିବସ ପାଳିତ

ରିଷଡ଼ା,୨୩।୨(ଡି.ଏନ.ଏ) କଳାହାଣ୍ଡି ଜିଲା ରିଷିଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାତୃଭାଷାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର, ଆଚାର୍ଯ୍ୟ ବାସୁଦେବ ସେଲମା ମାତୃଭାଷା ପ୍ରତି ସର୍ବଦା ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହି ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ରିଷିଡ଼ା,୨୩।୨ (ଡି.ଏନ.ଏ.) ରିଷିଡା ନିକଟସ୍ଥ ତେରେସିଂହା ପୀରବତୀ ଯୁକ୍ତ ୨ ମହିଳା ମହାବିଦ୍ୟାଳୟରେ ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କୁ ବିଦାୟ ଦେବା ଅବସରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବୈକୁଣ୍ଠ ରଣା, ଅଧ୍ୟାପକ ଲେଖମଣି ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଧକ୍ଷ ବିଷ୍ଣୁଲାଲ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଅଞ୍ଜଳି ପ୍ରିୟଦର୍ଶନୀ ଜେନା ଧନ୍ୟବାଦ ଦେଇଥିଲେ ।

# ବର୍ଷେ ହେଲା ଜଳଯୋଗାଣ ପ୍ରକଳ୍ପ ଅଚଳ

## ■ ପିଇବାପାଣି ପାଇଁ ଡହଳବିକଳ ଗୋଟୋମୁଣ୍ଡା ଗ୍ରାମବାସୀ

ଭବାନୀପାଟଣା,୨୩।୨(ଡି.ଏନ୍.ଏ.)

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାନେଇ ଓଭରହେଡ ଟ୍ୟାଙ୍କ ସହ ଗଭୀର ନଳକୂପ ଖନନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ତେବେ ଉପାନ୍ତ ଅଞ୍ଚଳରେ ଏହିସବୁ ଯୋଜନା ବିଭାଗୀୟ ଅଧିକାରୀମାନଙ୍କ ଅପାରଗତା ଯୋଗୁ ଠପ୍ ହୋଇଯାଉଛି। ହେଲେ ଗ୍ରାମବାସୀ ପାନୀୟଜଳ ନ ପାଇ ନାଳ, ପୋଖରୀରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। କଳାହାଣ୍ଡି ଜିଲା କୋକସରା ବ୍ଲକ ଏକ ଆଦିବାସୀ ଉପାନ୍ତ ଅଞ୍ଚଳ ଭାବେ ପରିଚିତ। ଉକ୍ତ ବ୍ଲକ ଅଧୀନ ଗୋଟୋମୁଣ୍ଡା ପଞ୍ଚାୟତଠାରେ ଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘ ବର୍ଷେ ହେଲା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବନ୍ଦ ହୋଇପଡିଛି। ଫଳରେ ଲୋକେ ପାଣି ପାଇଁ ହଇରାଣ ହରକତ ହେଉଛନ୍ତି। ଗୋଟୋମୁଣ୍ଡାର ଜନସଂଖ୍ୟା ୧୩୦୦ରୁ ଊର୍ଦ୍ଧ୍ୱ ଥିବା ବେଳେ ଗାଁରେ



ଅଚଳ ହୋଇପଡିଥିବା ପାନୀୟଜଳ ପ୍ରକଳ୍ପ।

୧୩ଟି ନଳକୂପ ରହିଛି। ସେଥି ମଧ୍ୟରୁ ଅଧିକାଂଶ ଅଚଳ ହୋଇପଡିଥିବା ବେଳେ ଯେଉଁ ନଳକୂପରୁ ପାଣି ବାହାରୁଛି ତାହା ପିଇବା ଯୋଗ୍ୟ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ପାନୀୟଜଳ ପ୍ରକଳ୍ପ ମରାମତି ପାଇଁ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି। ଏନେଇ ଗୋଟୋମୁଣ୍ଡା ସରପଞ୍ଚ ଜବାହର ଗୋପାଳଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ ବ୍ଲକ ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଫିସକୁ ବାରମ୍ବାର ଜଣାଇବା ସତ୍ତ୍ୱେ ଏଥିପ୍ରତି କୌଣସି ଧ୍ୟାନ ଦିଆଯାଉ ନ ଥିବା କହିଛନ୍ତି। ପୁଣି ଲୋ-ଭୋଲଟେଜ ଯୋଗୁ ପାଣି ପମ୍ପ ଚାଲିପାରୁ ନାହିଁ। ଏନେଇ ପଞ୍ଚାୟତ ପକ୍ଷରୁ ଚାହାରବାହଲ ବିଦ୍ୟୁତ୍ ବିଭାଗକୁ ଲିଖିତ ଭାବେ ଜଣେଇ ଦିଆଯାଇଛି। ଅନ୍ୟପକ୍ଷେ କୋକସରା ବ୍ଲକ ଗ୍ରାମ୍ୟ ପରିମଳ ବିଭାଗ କିନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠୀଙ୍କୁ ପଚାରିବାରୁ ବର୍ତ୍ତମାନ ପାନୀୟଜଳ ଯୋଗାଣ ଓ ମରାମତି ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି । ତେବେ ଘଟଣାର ତଦନ୍ତ କରି ତୁରନ୍ତ ପାନୀୟଜଳ ଯୋଗାଣ ନେଇ ଚେଷ୍ଟା କରାଯିବ ବୋଲି କହିଥିଲେ । ତେବେ ଅଞ୍ଚଳରେ ପିଇବାପାଣିର କୌଣସି ଉତ୍ସ ନ ଥିବା ବେଳେ ଗ୍ରାମବାସୀ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏନେଇ ତୁରନ୍ତ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମର ହେମନ୍ତ ମାଝି, ଯଦୁମଣି ଦୁର୍ଗା, ବଳିୟାର ସିଂ ମୋରେର, ରତନ ମାଝି, ବିଦ୍ୟାଧର ଖର୍ସେଲ, ବଳରାମ ମାଝି, ଭାରତୁ ନାଏକ ପ୍ରମୁଖ ଦାବି କରିଛନ୍ତି।

# ନିଜସ୍ୱ କଲେଜରେ ପରୀକ୍ଷା କେନ୍ଦ୍ର ଦାବି

## ■ ଦାବି ପୂରଣ ନ ହେଲେ ପରୀକ୍ଷା ବର୍ଜନ ନିଷ୍ପତ୍ତି

ମୋହନଗିରି,୨୩।୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୋହନଗିରିଠାରେ ଥିବା ଧବଳେଶ୍ୱର ମହାବିଦ୍ୟାଳୟର ପରୀକ୍ଷା କେନ୍ଦ୍ରକୁ ନେଇ ଆଶଙ୍କା ଦେଖାଦେଇଛି । କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ ଜିଲା ସୀମାନ୍ତରେ ୨୦୧୩ରେ ସ୍ଥାପିତ ହୋଇଥିଲା ଏହି ମହାବିଦ୍ୟାଳୟ। ଛାତ୍ରୀଛାତ୍ର ୪ ବର୍ଷ ହେଲା ୪୦ରୁ ୫୦ କି.ମି ଦୂରରେ ହେଉଥିବା ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେଉଛନ୍ତି। ହେଲେ ଚଳିତ ବର୍ଷ ସରକାରଙ୍କ ଗାଇଡ୍ ଲାଇନ୍ ଅନୁସାରେ କଲେଜ କର୍ତ୍ତୃପକ୍ଷ ପରୀକ୍ଷା କେନ୍ଦ୍ର ପାଇଁ ଅବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବା ସହିତ ସିସି ଟିଭି କ୍ୟାମେରା ଲଗାଇଛନ୍ତି। ହେଲେ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ ଏହି କଲେଜରେ ପରୀକ୍ଷା କେନ୍ଦ୍ର କରିବା ନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଫଳରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହା ଏକ ମାଓବାଦୀ ଉପଦ୍ରୁତ ଆଦିବାସୀ ଅଞ୍ଚଳର ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ ୫୦ କି.ମି ଦୂର ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେବା କଷ୍ଟକର ହୋଇପଡିଛି। ପଡୋଶୀ ବ୍ଲକଗୁଡିକରେ ୪ରୁ ୫ କି.ମି. ଦୂର ମଧ୍ୟରେ ପରୀକ୍ଷା କେନ୍ଦ୍ର କରାଯାଉଥିବା ବେଳେ ଏହି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ଥିବା ମହାବିଦ୍ୟାଳୟ ପ୍ରତି ବିଭାଗ ପକ୍ଷରୁ ପକ୍ଷପାତ ନୀତି ଅବଲମ୍ବନ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମସ୍ତ ଆନୁଷଙ୍ଗିକ ସୁବିଧା ଥାଇ ମଧ୍ୟ ପରୀକ୍ଷା କେନ୍ଦ୍ର କରା ନ ଗଲେ ଚଳିତ ବର୍ଷ ପରୀକ୍ଷାର୍ଥୀମାନେ ପରୀକ୍ଷା ବର୍ଜନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିବା କଲେଜର ଛାତ୍ରୀଛାତ୍ର, ସମ୍ପାଦକ, କଲେଜ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

# ଲଡୁଗାଁରେ ରକ୍ତଦାନ ଶିବିର



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

କୋକସରା,୨୩।୨(ଡି.ଏନ୍.ଏ.)

କୋକସରା ବ୍ଲକ ଲଡୁଗାଁ ମାମୋଦେବୀ ଧର୍ମାର୍ଥ କଲ୍ୟାଣ ପ୍ରାଥମିକ ଚିକିତ୍ସାଳୟରେ ଲଡୁଗାଁ ମାରୱାଡି ଯୁବାମଞ୍ଚ ପକ୍ଷରୁ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମାରୱାଡି ସମାଜର ସଭାପତି ତଥା ମାମୋଦେବୀ ଟ୍ରଷ୍ଟର ଅଧ୍ୟକ୍ଷ ତ୍ରିଲୋଚନ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ସମ୍ପାଦକ ଗୌତମ ଅଗ୍ରୱାଲ, ମାରୱାଡି ଯୁବାମଞ୍ଚ ଅଧ୍ୟକ୍ଷ ବିକାଶ ଅଗ୍ରୱାଲ, ସମ୍ପାଦକ ଶ୍ରୀକାନ୍ତ ଶର୍ମା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଲଡୁଗାଁ ଡାକ୍ତର ସୁଶାନ୍ତ କୁମାର ଭୋସାଗର ମୁଖ୍ୟବକ୍ତା ଭାବେ ଯୋଗଦେଇ ରକ୍ତଦାନ ସମ୍ପର୍କରେ ସଚେତନ କରାଇଥିଲେ। ଶିବିରରେ ୨ ମହିଳାଙ୍କ ସହ ୩୪ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଭବାନୀପାଟଣା ରକ୍ତଭଣ୍ଡାରୁ ଆସିଥିବା ଜୁନିଅର ଏଲ୍‌ଟି ସଞ୍ଜୀବ କୁମାର ମହାଖୁଡ, କୃଷ୍ଣ ଚନ୍ଦ୍ର ସାହୁ, ସଙ୍ଘମିତ୍ରା ସୁନା, ଏଟେଣ୍ଡେଣ୍ଟ ବୃକୋଦର ଚନ୍ଦନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ମାରୱାଡି ଯୁବାମଞ୍ଚ ଅଧ୍ୟକ୍ଷ ଅଗ୍ରୱାଲ, ସୁରଜ ସିଙ୍ଗଲ, ବିନିତ ଗୋୟଲ, ସଞ୍ଜୟ ଅଗ୍ରୱାଲ, ନାନକ ଚନ୍ଦ୍ର ଅଗ୍ରୱାଲ ପରିଚାଳନାରେ ସହଯୋଗ କରିଥିଲେ। ଲଡୁଗାଁ ନିଉପିଏଚ୍‌ସିର କମ୍ପାଉଣ୍ଡର ବିଶ୍ୱ ମୋହନ ବେହେରା, ମାମୋଦେବୀ ଧର୍ମାର୍ଥ ଚିକିତ୍ସାଳୟର କର୍ମଚାରୀ ଫର୍ମାସିଷ୍ଟ ସମିର ପାଢୀ,ମାନଷ ରଂଜନଚୌଧୁରୀ,ଏଲଟି କିଶନ ପଟ୍ଟନାୟକ, ଅର୍ଜୁନ ଶବର, ପ୍ରତାପ ନାଏକ ରହି ଶିବିର ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ବିଭିନ୍ନ ସ୍ଥାନରେ ମହମବତି ଶୋଭାଯାତ୍ରା

ରିଷିଡା,୨୩।୨(ଡି.ଏନ.ଏ) ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲା ରିଷିଡାଠାରେ ଗଭୀର ସୁନାଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଡେଲି ମାର୍କେଟ ଦେଇ ରାମମନ୍ଦିର, ଜଗନ୍ନାଥ ମନ୍ଦିର ପରିକ୍ରମା କରାଯାଇଥିଲା। ସେହିପରି ପୌରକେଲାଠାରେ ପୂର୍ବତନ ବିଇଓ ଦଇତରାମ ସୁନାଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜୁ ବାରିକ, ବରୁଣ ଭୋଇ, ସୂର୍ଯ୍ୟମଣି ଭୋଇ, ସହଦେବ ଧରୁଆ, ପୃଥ୍ୱିରାଜ ସୁନା ପ୍ରମୁଖ ଯୋଗଦେଇଥିଲେ ।

# ତାଲୁକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଧର୍ମଗଡ,୨୩।୨(ଡି.ଏନ୍.ଏ.)

ଧର୍ମଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ସାଇବର ଅପରାଧ ଓ ସାଇବର ଆଇନ ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଜଜ୍ ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଉପ-ପୋଲିସ ଅଧିକ୍ଷକ ଗୁଣନିଧି ମଲ୍ଲିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାଇବର ଅପରାଧ ଓ ସାଇବର ଆଇନ ସମ୍ବନ୍ଧିୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନର ଏଡଭାନ୍ସ ଟେକ୍ନୋଲୋଜି ଯୁଗରେ ସାଇବର ଅପରାଧ ବଢିବା ଦ୍ୱାରା ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ନାଗରିକମାନେ ହଇରାଣ ହରକତ ହେଉଥିବାବେଳେ ସେଥିରୁ ବଞ୍ଚିତ ହେବାପାଇଁ ସଚେତନତା ହିଁ ଶ୍ରେଷ୍ଠ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସଞ୍ଜୁକ୍ତା ପଣ୍ଡା, ଜେଏମ୍ଏଫସି ଅଞ୍ଜୁ ସାହୁ, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପାତ୍ର, ସନ୍ତୋଷ କୁମାର ଠାକୁର, ଜୟଦ୍ରଥ ମହାନନ୍ଦ, ସମିର କୁମାର ମୁଣ୍ଡ, ବିନୋଦ ବିହାରୀ ମେହେର, ହରିଶ ଚନ୍ଦ୍ର ବାଗ, ଅଶୋକ ପୁରୋହିତ, ଧର୍ମଗଡ଼ ଥାନା ଅଧିକାରୀ ଡମ୍ବୁ ପରଜା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳରେ ଘଟୁଥିବା ସାଇବର ଅପରାଧ ଉପରେ ମତବ୍ୟକ୍ତ କରିଥିଲେ। ଏନେଇ ସେଚତନ ରହିବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ନାଗରିକ ଅଂଶଗ୍ରହଣ କରିଥିଲେ।



ତାଲୁକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା: ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଲମ,୨୩।୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ଼ ପଞ୍ଚାୟତସ୍ଥିତ ରୁପ୍ରାରୋଡ଼ ଜଗନ୍ନାଥ ମନ୍ଦିରରେ ୧୯ତାରିଖରୁ ଚାଲିଥିବା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସହ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ କର୍ତ୍ତା ଭାବେ ଶ୍ୟାମସୁନ୍ଦର ଜିନ୍ଦଲ ତାଙ୍କ ସ୍ତ୍ରୀ ଶଶିକଳା ଜିନ୍ଦଲ, ସହକର୍ତ୍ତା ଭାବେ ରାଜେଶ ଅଗ୍ରୱାଲ ତାଙ୍କ ସ୍ତ୍ରୀ ପୁନମ୍ ଅଗ୍ରୱାଲ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ଖେତାନ, ରତନ ଅଗ୍ରୱାଲ, ଶ୍ୟାମସୁନ୍ଦର ଶର୍ମା, ଅରୁଣ ଦତ୍ତା, ଚନ୍ଦ୍ରମୋହନ ରୋହିଲା, ପ୍ରଫୁଲ୍ଲ ମହାନ୍ତି, ବିଜୟ ଅଗ୍ରୱାଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କମିଟି ଉପଦେଷ୍ଟା ସାଧୁରାମ ଅଗ୍ରୱାଲ, ସଭାପତି ପ୍ରଦିପ ଅଗ୍ରୱାଲ, ସମ୍ପାଦକ ମାନଗୋବିନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ପରିମଳ ସ୍ୱେଚ୍ଛାସେବୀ ତାଲିମ ଶିବିର



ଜୁନାଗଡ଼ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ତାଲିମ ଶିବିର।

ଜୁନାଗଡ,୨୩।୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ପରିମଳ ସ୍ୱେଚ୍ଛାସେବୀଙ୍କ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନ୍ତୋଦୟ ଅନୁଷ୍ଠାନପକ୍ଷରୁ ଆୟୋଜିତ ଶିବିରରେ ଜୁନାଗଡ଼ ବ୍ଲକ ବଣିଜରା, ଦେଦର, ବୁଢୀଦର, ବାଙ୍କପଲାସ, ଦୁନ୍ଦେଲମାଲ, ବକ୍ସିତୁଲସିପାଲି, ତଳଜାରିଙ୍ଗ ଏବଂ କେନ୍ଦୁପାଟି ପଞ୍ଚାୟତରୁ ୪୦ ଜଣ ପରିମଳ ସ୍ୱେଚ୍ଛାସେବୀ, ଆତ୍ମନିଯୁକ୍ତ ମେକାନିକ ଓ ନିଗରାନୀ କମିଟି ସଭ୍ୟା ଯୋଗଦେଇ ତାଲିମ ନେଇଥିଲେ। ଏହି ଅବସରରେ ଅନ୍ତୋଦୟ ଅଧ୍ୟକ୍ଷ ଦିଲୀପ କୁମାର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରବିନାରାୟଣ ସିଂହ, ସଞ୍ଜୀବ ଶତପଥୀ, ରାଜକିଶୋର ଦଣ୍ଡସେନା ତାଲିମଦାତା ଭାବେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ୟୁନିସେଫ୍ ସହାୟତାରେ ଅନ୍ତୋଦୟ ଦ୍ୱାରା ଆୟୋଜିତ ଶିବିରରେ ଜଳ ଓ ପରିମଳ ମିଶନର ଜୁନାଗଡ଼ ବ୍ଲକ କନିଷ୍ଠ ଯନ୍ତ୍ରୀ ଗୁପ୍ତେଶ୍ୱର ନାଏକ, କ୍ଲଷ୍ଟର କୋଅର୍ଡିନେଟର ପ୍ରମୁଖ ଯୋଗ ଦେଇଥିଲେ। ପରେ ଜଳ ଓ ପରିମଳ ମିଶନ ପକ୍ଷରୁ ସଚେତନତା ମୂଳକ ପଠନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା।



ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଏବଂ ଅଷ୍ଟ ପ୍ରହର ନାମଯଜ୍ଞ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

# କଳାହାଣ୍ଡିରେ ବିଏସ୍ଏନ୍ଏଲ୍‌ର ୪ଜି ସେବା ଶୁଭାରମ୍ଭ

ଭବାନୀପାଟଣା,୨୩।୨(ଡି.ଏନ୍.ଏ.)

ଭାରତୀୟ ସଞ୍ଚାର ନିଗମ କଳାହାଣ୍ଡି ପକ୍ଷରୁ ଶନିବାର ୪ ଜି ମୋବାଇଲ ସେବା ଆରମ୍ଭ ହୋଇଯାଇଛି। ବିଏସ୍ଏନ୍ଏଲ୍ ଓଡ଼ିଶା ସରକଲର ମୁଖ୍ୟ ମହାପ୍ରବନ୍ଧକ ସତ୍ୟାନନ୍ଦ ନାୟକ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ମୁଖ୍ୟ ମହାପ୍ରବନ୍ଧକ ସତ୍ୟାନନ୍ଦ ନାୟକ, ଅପରେଶନ ମହାପ୍ରବନ୍ଧକ ଡି.କେ. ବେହେରା, ମୋବାଇଲ ପ୍ଲାନିଂ ମହାପ୍ରବନ୍ଧକ ଆଇ.ଜି. ସୋରେନ, ଟିଡିଏମ୍ ଭବାନୀପାଟଣା ଆର୍.ସି. ସାହୁ, ଏଜିଏମ୍ (ପ୍ଲାନିଂ/ସିଏମ) ଏ.କେ. ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଏସ୍ଏନ୍ଏଲ୍ ୪ ଜି ସେବା ବଲାଙ୍ଗୀରରେ ଶୁଭାରମ୍ଭ ପରେ ଭବାନୀପାଟଣା ହେଉଛି ଦ୍ୱିତୀୟ ଟେଲିକମ ଜିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସେବା ନୂଆପଡ଼ା ଜିଲା ସହ ଧର୍ମଗଡ଼, ଜୁନାଗଡ, କେସିଙ୍ଗା, ନର୍ଲାରୋଡ ଓ ରାଜଖଡିଆଳ ଅଞ୍ଚଳକୁ ପ୍ରସାରିତ ହେବ ବୋଲି ଅତିଥିମାନେ କହିଥିଲେ। ଗ୍ରାହକମାନେ ଅନ୍ୟାନ୍ୟ ନେଟୱାର୍କ ତୁଳନାରେ ବିଏସ୍ଏନ୍ଏଲ୍ ପ୍ରତି ଭରସା ରଖିଥିବାରୁ ସିଜିଏମ୍ ଆର.ସି. ସାହୁ ଧନ୍ୟବାଦ ଜଣାଇଥିଲେ।




ଭାରତୀୟ ସଞ୍ଚାର ନିଗମ କଳାହାଣ୍ଡି ପକ୍ଷରୁ ଶନିବାର ୪ ଜି ସେବାର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ଗୋଲାମୁଣ୍ଡା ବ୍ଲକରେ ସୁଆସ୍ତିଅ ସେବା ପରଭାବିତ

■ ବିଶେଷଜ୍ଞ ଡାକ୍ତର ଅଭାବ

■ ଭଗବାନ ଭରସାରେ ଅଂଚଲବାସୀ

ଭବାନୀପାଟଣା, ୨୩।୨ (ଡିଏନ୍ଏ):

କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ବ୍ଲକରେ ସୁଆସ୍ତିଅ ସେବା ଦୁହୁଲି ପଡ଼ିଛେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆର ନୂତନ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁତ୍ ଦିନ ହେଲା ବିଶେଷଜ୍ଞ ପଦ୍ ଖାଲି ପଡ଼ିଛେ। ଯେନ୍‌ଥିରଲାଗି ଲୋକ୍ ଚିକିତ୍ସା ସେବା ପାଏବାରୁ ବଁଚିତ୍ ହେଉଛନ୍। ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ୍ ଫରଙ୍ଗ, ବୋର୍ଡ଼ି, ଉଛୁଲା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିଲାବେଲେ ୨୦ଟା ସ୍ୱାସ୍ଥ୍ୟ ଉପ କେନ୍ଦ୍ର ରହିଛେ। ଗୋଲାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାଏନ୍‌ତା ପାଇଥିଲେ ବି ସେଟା ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରହିଛେ। ବ୍ଲକର ୨୮ଟା ଯେତେ ପଁଚେତ୍‌ର ରୁଗୀ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିରଭର କରୁଛନ୍। ହେଲେ ଡାକ୍‌ତରଖାନାରେ ବିଶେଷଜ୍ଞ ଡାକ୍‌ତର ଅଭାବୁ ଲୋକ୍ ଧର୍ମଗଡ଼, ଜିଲା ମୁଖିଆ ଡାକ୍‌ତରଖାନାକେ ଚିକିତ୍ସା ଲାଗି ଯାଉଛନ୍। ଗଲା ବଛରେ ହେଲା ଇଠାନେ ଶିଶୁ ରୋଗ ବିଶେଷଜ୍ଞ ନାଁଇଁନ। ଲୋକ୍ ଚିକିତ୍ସା ଲାଗି ୫୦ କି.ମି. ଦୂର ଧର୍ମଗଡ଼କେ ଯାଉଛନ୍। ସେନ୍‌ତା ଇଠାନେ ପ୍ରସୂତୀ ବିଶେଷଜ୍ଞକଁର ବି ଅଭାବ ରହିଛେ। ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ ଝନ୍ ଡାକ୍‌ତର ଜାଗାରେ ୨ ଝନ୍ ଡାକ୍‌ତର, ୨ ଝନ୍ ଫର୍ମାସିଷ୍ଟ, ୨ ଷ୍ଟାଫ୍ ନର୍ସ ଆର ଝନେ ଲେବ୍ରୋଟୋରି ଟେକ୍ନିସିଆନ ଥିଲାବେଲେ ଟିବି ରୋଗ୍ ଟେକ୍ନିସିଆନ୍ ପଦ୍ ଖାଲି ପଡ଼ିଛେ। ସେନ୍‌ତା ଫରଙ୍ଗ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝନେ ଡାକ୍‌ତର, ଝନେ ଫାର୍ମାସିଷ୍ଟ, ୨ ନର୍ସ ଆର ୨ ଝନ୍ କରମଚାରୀ ରହିଛନ୍। ବୋର୍ଡି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝନେ ଆୟୁଷ ଡାକ୍‌ତର, ଜନେ ଫାର୍ମାସିଷ୍ଟ, ଝନେ ନର୍ସ ଆର ଦୁଇଝନ୍ କରମଚାରୀରେ କାମ ଚାଲିଛେ। ଗୋଲାମୁଣ୍ଡା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝନେ ଆୟୁଷ ଡାକ୍‌ତର, ଜନେ ଫାର୍ମାସିଷ୍ଟ, ୨ ନର୍ସ ଆର ୨ କରମଚାରୀ ଥିବାର ଜନାଯାଇଛେ। ଇଠାନେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ପଦ୍ ଖାଲିପଡ଼ିଛେ। ଯେନ୍‌ଥିରଲାଗି ଲୋକ୍ ଗରଭବତୀ ମହିଲାକର ଚିକିତ୍ସା ଲାଗି ଧର୍ମଗଡ଼, ଭବାନୀପାଟଣା ଆର ବିଷମକଟକ ଲେଖେଁ ଦୂରିଆ ଜାଗାକେ ଯାଉଛନ୍। ଫରଙ୍ଗ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଅଂଚଲର ୫୫ରୁ ଅଧିକା ଗାଁର ଲୋକ୍ ନିରଭର କରୁଛନ୍। ସେନ୍‌ତା ବୋର୍ଡ଼ି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୩୫ରୁ ଅଧିକା ଗାଁବାସୀ, ଉଛୁଲା ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୫୦ ଖଁଡ଼ ଗାଁର ଲୋକ୍ ନିରଭର କରୁଥିବାର ଜନାଯାଇଛେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍‌ତର ଅଭାବ ନେଇ ପରଶାସନରକେ ଗୁହାରି କଲେ ବି କିଛି ଲାଭ ନାଇଁ ହେଉଥିବାର ଅଂଚଲବାସୀ ଅଭିଯୋଗ କରିଛନ୍। ଇଆଡ଼େ ସରକାର ମାତୃ ଆର ଶିଶୁ ମୁର୍‌ତୁ ହାର କମାବାର ଲାଗି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଅନେକ ଜାଗାରେ ଡାକ୍‌ତର ଅଭାବୁ ସୁଆସ୍‌ତିଅ ସେବା ପରଭାବିତ ହେଉଛେ। ଇ ବାବ୍‌ଦେ ସିଡିଏମ୍ଓ ସରୋଜ କୁମାର ତିଆଡ଼ିକୁଁ ପଚରାଲାରୁ ଇ ବାବ୍‌ଦେ ମୁଇଁ ଜାନିଛେଁ। ବିଭାଗୀୟ ଉଚ ଅଧିକାରୀମାନକୁ ସମସିଆର ସମାଧାନ ଲାଗି କହିଛେଁ। ବହୁତ୍ ଜଲଦି ସମସିଆର ସମାଧାନ ହେବା ବଲି ଆଶା କରୁଛେଁ ବଲି ସେ କହିଥିଲେ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ସାଇବର ସଚେତନତା କାର୍ଯ୍ୟକ୍ରମ

**ପାଟଣାଗଡ, ୨୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ସିଭିଲ କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି ପାଟଣାଗଡ ତରଫରୁ ସାଇବର ନିୟମ କାନୁନକୁ ନେଇ ଏକ ସଚେତନତା ଶିବିର ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ ବିଧାନ କୁମାର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସିଭିଲ ଜଜ ସିନିୟର ଡିଭିଜନ ବିଦ୍ୟାଧର ପୃଷ୍ଟି, ଏସଡିଜେଏମ ସୁକୁମାର ମହାପାତ୍ର, ପାଟଣାଗଡ ଏସଡିଏମଓ ଡ. ଦିଲୀପ ବିଶ୍ୱାଳ, ବାର ଆସୋସିଏଶନ ସଭାପତି ଶ୍ରୀମତ ପାଣିଗ୍ରାହୀ, କ୍ରିମିନାଲ କୋର୍ଟ ବାର ଆସୋସିଏଶନ ସଭାପତି ବାସୁ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦିନକୁ ଦିନ ସାଇବର କ୍ରାଇମ ବହୁ ମାତ୍ରାରେ ବଢ଼ୁଥିବା ବେଳେ ଏହାକୁ କିଭଳି ସାମନା କରାଯାଇ ପାରିବ ଏବଂ ଆଇଟି ଆକ୍ଟ ଓ ଆଇପିସିର ବିଭିନ୍ନ ଧାରା ପ୍ରୟୋଗ କରିହେବ ସେନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ନୂତନ ଭାବରେ ଯୋଗଦାନ କରିଥିବା ପାଟଣାଗଡ ଏସଡିପିଓ ସୁରେଶ ନାୟକ, ପାଟଣାଗଡ ଥାନା ଅଧିକାରୀ କେ. ପ୍ରିୟଙ୍କା ରାଉତରାୟ, ବେଲପଡା ଥାନା ଅଧିକାରୀ ସଚ୍ଚିଦାନନ୍ଦ ବରିହା, ଲରମ୍ଭା ଥାନା ଅଧିକାରୀ ରଞ୍ଜିତ ନାଏକ, ଏସଆଇ ଲିପିକା ନାଏକ, ସହରର ଅନେକ ଅଧିବକ୍ତା ଯୋଗଦେଇଥିଲେ। ଶେଷରେ ବାସୁଦେବ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଘରଡିହ ପଟ୍ଟା ଦାବି: ଜିଲାପାଳଙ୍କୁ ଭେଟିଲେ ଗରିବ ଅଧିବାସୀ

**ସୁନ୍ଦରଗଡ଼, ୨୩।୨ (ଡି.ଏନ୍.ଏ) :** ସୁନ୍ଦରଗଡ ସହରରେ ପୁରୁଷାନୁକ୍ରମେ ବସବାସ କରିଆସୁଥିବା ଗରିବ ଜନସାଧାରଣଙ୍କୁ ଘରଡିହ ପଟ୍ଟା ପ୍ରଦାନରେ ଉପେକ୍ଷା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଜିଲାପାଳଙ୍କୁ ସାକ୍ଷାତ କରି ପ୍ରଶାସନ ପକ୍ଷରୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ଦିଗରେ ଦାବି କରାଯାଇଛି। ଯୁବ ନେତା ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ମହିଳା ପୁରୁଷ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କୁ ସରକାରୀ ଘରଡିହ ପଟ୍ଟା ଯୋଗାଇ ଦେବା ନିମନ୍ତେ ଯୋଜନା କରିଛନ୍ତି। ହେଲେ ସୁନ୍ଦରଗଡରେ କିଛି ବଡବଡିଆ ଓ ବାହାରୁ ଆସି ଜବରଦଖଲ କରି ବସବାସ କରୁଥିବା ଜନସାଧାରଣଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ଯୋଜନାରେ ସାମିଲ କରାଯାଉଛି। ଏପରିକି ସହରରେ ପତ୍ରାପଡା, ମହାଦେବ ପଡା, ବାଉଁଶପଡା, ନୂଆପଡା ଓ ସରକାରୀ ମହାବିଦ୍ୟାଳୟ ପଛପାଖରେ ଦୀର୍ଘବର୍ଷରୁ ସରକାରୀ ଜମିରେ ରହି ଆସିଥିବା ଅଧିବାସୀମାନଙ୍କୁ ତହସିଲ ପକ୍ଷରୁ ଉଚ୍ଛେଦ ପାଇଁ ଧମକ ଦିଆଯାଉଛି। ଏଣୁ ଏ ଦିଗରେ ପ୍ରଶାସନ ଧ୍ୟାନ ଦେଇ ଗରିବ ଅଧିବାସୀମାନଙ୍କୁ ଥଇଥାନ କରାଯିବା ନିମନ୍ତେ ଦାବି କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଏମ୍‌ପିଙ୍କ ସହ ନାଗରିକ କମିଟିର ବୈଠକ

# ଆଲୋଚନା ବିଫଳ, ଜାରି ରହିବ ଧାରଣା

**ଗୁଡ଼ଭେଲା, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟକୁ ଅପଗ୍ରେଡ କରିବା ଦାବିରେ ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ବସ୍‌ଷ୍ଟାଣ୍ଡଠାରେ ଚାଲିଥିବା ଧାରଣା ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ତୁଷୁରା ସାମ୍ବାଦିକ ସଂଘ, ବଜରଙ୍ଗବଳି ୟୁଥ କ୍ଲବ ଓ ୟୁଥ ଆକ୍ସନ କମିଟିର ସଦସ୍ୟମାନେ ଧାରଣାରେ ସାମିଲ ହୋଇ ନିଜ ସମର୍ଥନ ଜଣାଇଥିଲେ । ପ୍ରାୟ ଅପରାହ୍ନ ୨ଟା ସମୟରେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ ଅତିରିକ୍ତ ଜିଲାସ୍ୱାସ୍ଥ୍ୟ ଅଧିକାରୀ ଜ୍ଞାନବ୍ରତ ମହାନ୍ତି ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଏହି ଚିକିତ୍ସାଳୟକୁ ଅପଗ୍ରେଡ କରିବା ସମ୍ଭବ ନୁହେଁ। କିନ୍ତୁ କିଛି ଦିନ ମଧ୍ୟରେ ତୁଷୁରାରେ ଡ଼ାକ୍ତର ସହିତ ଦେଓଗାଁ ବ୍ଲକରୁ ଆସିଷ୍ଟାଣ୍ଟ ସର୍ଜନ ଡ଼ା.ଦୀପକ ଭରଜ ପ୍ରତିଦିନ, ଶିଶୁରୋଗ ବିଶେଷଜ୍ଞ ଡ଼ା.ପୁଷ୍ପରଞ୍ଜନ ମିଶ୍ର ପ୍ରତ୍ୟେକ ଗରୁବାର ଓ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ ଡ଼ା.ସମରେନ୍ଦ୍ର ମହାପାତ୍ର ପ୍ରତ୍ୟେକ ଶନିବାର ସହ ମୋଟ ଚାରିଟି ଡାକ୍ତର ତୁଷୁରାରେ ଯୋଗାଇ ଦେବା ପାଇଁ ମୌଖିକ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ୧୬ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣ ସହ ୨୦୧୫ ମେ ତାରିଖରେ ଉଦ୍‌ଘାଟନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାହିଁକି ଶଯ୍ୟା ପକାଯାଇ ନାହିଁ। ଆହାରକେନ୍ଦ୍ର ପାର୍ଶ୍ୱରେ ଥିବା ମିଟିଙ୍ଗ ହଲର କୌଣସି ଆବଶ୍ୟକତା ନଥିବାରୁ ଏଠାରେ ଶୀଘ୍ର ବେଡ଼ ପକାଇବାକୁ ଏମପି ନିର୍ଦ୍ଦେଶ ଦେଇଥିଲେ । ଏପରିକି ଏହି ଡ଼ାକ୍ତରଖାନାରେ ଦୀର୍ଘ ବର୍ଷ ଧରି କର୍ମଚାରୀ ରହିଥିବାରୁ ସେମାନଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବାକୁ ଆଲୋଚନା କାଳରେ ଦାବି ଉଠିଥିଲା। ଯେଉଁମାନେ ଏଠାରେ ଦୀର୍ଘ ବର୍ଷ ହେଲା ରହି ଆସୁଛନ୍ତି ସେ ନେଇ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଏଡ଼ିଏମଓ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଉଦ୍‌ଘାଟିତ ଗୃହରେ ଆହାର କେନ୍ଦ୍ର କାହିଁକି ଖୋଲାଗଲା ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଏମ୍‌ପି ଏ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଆଲୋଚନା ସମୟରେ ତୁଷୁରା ଡାକ୍ତରଖାନା ଦାୟିତ୍ୱରେ ଥିବା ଡ଼ା.ରଣଜିତ ରାଉତ ଉପସ୍ଥିତ ଥିଲେ। ହେଲେ ତୁରନ୍ତ ଏହି ଚିକିତ୍ସାଳୟକୁ ଅପଗ୍ରେଡ଼ କରିବା ସହ ୧୦ ଜଣ ଡ଼ାକ୍ତର ଯୋଗାଇ ଦେବାର ନିର୍ଭର ଲିଖିତ ପ୍ରତିଶ୍ରୁତି ଦେଲେ ଯାଇ ଆନ୍ଦୋଳନରୁ ବିରତ ହେବୁ ବୋଲି ଆନ୍ଦୋଳନକାରୀ ଜିଦରେ ଅଟଳ ରହିଥିଲେ । ଫଳରେ ଏମପିଙ୍କ ସହ ଆଲୋଚନା ବିଫଳ ହୋଇଥିଲା। ରବିବାର ପୂର୍ବପରି ଧାରଣା ଜାରୀ ରହିବ ବୋଲି ଜଣା ପଡିଛି। ନାଗରିକ କମିଟି ସଭାପତି ରୁନୁଗୋପାଳ ସାହୁଙ୍କ ନେତୃତ୍ୱରେ ମନୋଜ ଜୈନ, ସଙ୍ଗୀତ ଜୈନ, ବିନୋଦ ସୁନା, ମନିଷ ଅଗ୍ରୱାଲ, ଦୈତାରୀ ଆଚାର୍ଯ୍ୟ, ବଜରଙ୍ଗବଲୀ ୟୁଥ କ୍ଲବ ସଭାପତି ସୁମନ ମାଝୀ, ଦୀପକ ପ୍ରଧାନ, ମିଥୁନ ସାହୁ, ୟୁଥ ଆକ୍ସନ କମିଟି ସଦସ୍ୟ ଶ୍ରୀକାନ୍ତ ବାଗ, କାହ୍ନା ପ୍ରଧାନ, ଆୟୁଶ ପ୍ରଧାନ, ଅମନ ଜୈନ, ଅଙ୍କୁଶ ପ୍ରଧାନ, ଲିସନ ପ୍ରଧାନ, ଅକ୍ଷୟ ଶର୍ମା, ବିଜୟ ବାଗ, ବ୍ରଜ କିଶୋର ବେହେରା ପ୍ରମୁଖ ବିଭିନ୍ନ ସଂଗଠନର ସଦସ୍ୟମାନେ ଆଜିର ଏହି ଧାରଣା ଓ ଏମ୍‌ପିଙ୍କ ସହ ଆଲୋଚନା କାଳରେ ଉପସ୍ଥିତ ଥିଲେ ।



ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଅତିରିକ୍ତ ଜିଲାସ୍ୱାସ୍ଥ୍ୟ ଅଧିକାରୀ ଜ୍ଞାନବ୍ରତ ମହାନ୍ତି ନାଗରିକ କମିଟି ସହିତ ଆଲୋଚନା କରୁଛନ୍ତି।

**ତୁଷୁରା ଚିକିତ୍ସାଳୟକୁ ଅପଗ୍ରେଡ ଦାବି**



କଣ୍ଟାବାଞ୍ଜି ଜିଲା ଦାବି ସଚେତନତା ରଥର ଶୁଭ ଉଦ୍‌ଘାଟନ କରାଯାଉଛି।

### ଜିଲା ଦାବି ସଚେତନତା ରଥର ଶୁଭାରମ୍ଭ

**କଣ୍ଟାବାଞ୍ଜି, ୨୩।୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ଆନୁକୂଲ୍ୟରେ ଚାଲିଥିବା ଜିଲା ଦାବି ଧାରଣା ରବିବାର ୧୦୦ଦିନରେ ପହଞ୍ଚିବ। ଏହି ପରିପ୍ରେକ୍ଷୀରେ ସମିତିର ନିଷ୍ପତ୍ତିକ୍ରମେ ଧାରଣାସ୍ଥଳରୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକର ସମସ୍ତ ଗ୍ରାମାଞ୍ଚଳ ସହିତ ବେଲପଡା ଓ ଖପ୍ରାଖୋଲ ବ୍ଲକ ଅଞ୍ଚଳକୁ ସଚେତନତା ରଥ ବୁଲିବ ବୋଲି ସ୍ଥିର କରାଯାଇଛି । ଏହି ଅବସରରେ ଶନିବାର ଜିଲା ଦାବି ସଚେତନତା ରଥର ଶୁଭାରମ୍ଭ ହୋଇଛି। ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ ପ୍ରମୁଖ ସବୁଜ ପତାକା ଦେଖାଇ ରଥର ଉଦ୍‌ଘାଟନ କରିଥିଲେ।

## ୬୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଗୁଡ଼ଭେଲା, ୨୩।୨(ଡ଼ି.ଏନ.ଏ.)**

ବଲାଙ୍ଗୀର-ତୁଷୁରା ମୁଖ୍ୟ ରାସ୍ତାସ୍ଥିତ ଅବକାରୀ ବିଭାଗ କାର୍ଯ୍ୟାଳୟ ପାଖରେ ତୁଷୁରା ପୋଲିସ ଏକ ନମ୍ବର ବିହୀନ ପିକଅପ ଭ୍ୟାନରେ ଚାଲାଣ କରାଯାଉଥିବା ୬୪କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ତୁଷୁରା ପାଟ୍ରୋଲିଂ ପୋଲିସ ଟିକିରିପଡ଼ାଠାରେ ତୁଷୁରା ପଟରୁ ବଲାଙ୍ଗୀର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ନମ୍ବର ବିହୀନ ଧଳା ପିକଅପକୁ ସନ୍ଦେହରେ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ପିକଅପ ଡ୍ରାଇଭର ଗାଡିକୁ ନେଇ ଦ୍ରୁତ ଗତିରେ ପଳାଉଥିବାବେଳେ ଅବକାରୀ କାର୍ଯ୍ୟାଳୟ ପାଖରେ ତାକୁ ପୋଲିସ କାବୁ କରିଥିଲା । ଉକ୍ତ ଗାଡ଼ିରେ ଥିବା କନ୍ଧମାଳ ଥାନା ଅର୍ନ୍ତଗତ ନୂଆପାଲି ଗାଁର ନୀଳମାଧବ ରଣା(୩୫)କୁ ପୋଲିସ ଧରି ଥିବାବେଳେ ତାଙ୍କ ସହ ଥିବା ଉକ୍ତ ଥାନା ଅର୍ନ୍ତଗତ ରୁଣିମହୁଲ ଗାଁର ଅଶିଷ ସାହୁ ଫେରାର ହୋଇଯାଇଥିଲେ। ଶନିବାର ତୁଷୁରା ଅତିରିକ୍ତ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଚନ୍ଦ୍ରମଣୀ ନାଗଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇ ମାପ କରାଯାଇ ଥିଲା। ଏ ନେଇ ତୁଷୁରା ଥାନାରେ ଏକ ମାମଲା( ନଂ ୩୦/୧୯)ରୁଜୁ ହୋଇଛଇ। ଛଡାଉ ଥାନା ଏସଆଇ ଜଗଜୀବନ ସାଙ୍କ ନେତୃତ୍ୱରେ କରାଯାଇଥିଲା ।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ଓ ପିକଅପ ଭ୍ୟାନ।

ସରୁନି ଦାଦନ ଦୁଃଖ

## ତାମିଲନାଡୁ, ତେଲେଙ୍ଗାନାରେ ଦୁଇ ଦାଦନ ଶ୍ରମିକଙ୍କ ମୃତ୍ୟୁ

- ଘରକୁ ଫେରିଲେ ପରିବାର
- ସହାୟତା ଯୋଗାଇ ଦେବାକୁ ଦାବି
- ମୃତ୍ୟୁ ପ୍ରମାଣପତ୍ର ସହ ଆବେଦନ କଲେ ସହାୟତା: ବିଡିଓ

**ଖପ୍ରାଖୋଲ, ୨୩।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ଦାଦନ ସମସ୍ୟା କମିବାର ନାଁ ନେଉନାହିଁ । ଆଉ ଏଥିରେ ଯୋଡି ହୋଇଛି ଗତ ୧୩ ତାରିଖ ତେଲେଙ୍ଗାନା ଏବଂ ତାମିଲନାଡୁରେ ବ୍ଲକର ୨ଜଣ ଶ୍ରମିକଙ୍କ ମୃତ୍ୟୁ । ସୂଚନା ଅନୁସାରେ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗାଁର ବୃନ୍ଦାବନ ବରିହା(୫୦) ନିଜ ପରିବାରର ୪ଜଣଙ୍କୁ ନେଇ ଗତ ଡିସେମ୍ବର ମାସରେ ଇଟାକାମ କରିବା ପାଇଁ ତାମିଲନାଡୁର ହାତୀପେଟ ଯାଇଥିଲେ। ସେଠାରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ବି ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସେଠାରେ ଅନ୍ତିମ ସଂସ୍କାର ପରେ ଭାଟି ମାଲିକ ପରିବାର ଲୋକଙ୍କୁ ନିଜ ଗାଁକୁ ପଠାଇ ଦେଇଥିବା ଜଣାଯାଇଛି। ଘରର ଏକାମତ୍ର ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ପରେ ସରକାରୀ ସହାୟତା ଯୋଗାଇ ଦେବାକୁ ମୃତ ଦାଦନ ଶ୍ରମିକଙ୍କ ସ୍ତ୍ରୀ ତିଳୋତ୍ତମା ବରିହା ନିବେଦନ କରିଛନ୍ତି।

ସେହିପରି ମଟିଆଭଟା ପଞ୍ଚାୟତ ଅନ୍ତର୍ଗତ ଅନକାମରା ଗାଁର ଟିକେରାମ ବରିହା (୨୮)ଙ୍କ ତେଲେଙ୍ଗାନାରେ ଗତ ୧୩ତାରିଖ ସକାଳେ ମୃତ୍ୟୁ ହୋଇଛି । ମୃତ ଶ୍ରମିକ ଏବଂ ତାଙ୍କ ମା' ଗାଁର ଅନ୍ୟ ଶ୍ରମିକଙ୍କ ସହ ମାସେ ତଳେ ସିକନ୍ଦରାବାଦ ବିରେନପାଟନା ନିକଟ ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। କୌଣସି କାରଣରୁ ସକାଳେ ଅସୁସ୍ଥ ହେଲା ପରେ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ମୃତକଙ୍କ ମା' ଦେବକୀ ବରିହା ଏଠାକୁ ଫେରିଲା ପରେ କହିଛନ୍ତି। ଦାଦନ ଖଟିବାକୁ ଯାଇ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲେ ବି ଏ ନେଇ ଶ୍ରମ ବିଭାଗ ପାଖରେ କୌଣସି ଖବର ନାହିଁ । ଜିଲା ଶ୍ରମ ଅଧିକାରୀ ସୁରେଶ କୁମାର ବେହେରାଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ଖବର ନ ଥିବା କହିଛନ୍ତି। ତେବେ ଅନୁସନ୍ଧାନ ପରେ ସେମାନେ ପଞ୍ଜୀକୃତ କି ନାହିଁ ତାହା ଦେଖି ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଜାଣିଛି। ସମ୍ପୃକ୍ତ ପରିବାର ମୃତ୍ୟୁ ପ୍ରମାଣ ପତ୍ର ସହିତ ଆବେଦନ କଲେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ସହ ବିଧବା ଭତ୍ତା ଏବଂ ନିୟମ ଅନୁସାରେ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।



ବୃନ୍ଦାବନ ବରିହା । (ଫାଇଲ ଫଟୋ)



ଟିକେରାମ ବରିହା। (ଫାଇଲ ଫଟୋ)

### ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

**ଲୋଇସିଂହା, ୨୩।୨(ଡି.ଏନ.ଏ.):** ସାଲେଭଟା-ଖଲିଆପାଲି ଷ୍ଟେଶନ ମଝିରେ ମାଲଗାଡିଆଗକୁଡେଇଁଶନିବାର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତକଙ୍କ ପ୍ୟାକେଟରୁ ମିଳିଥିବା ଭୋଟର ପରିଚୟ ପତ୍ରରୁ ଆତ୍ମହତ୍ୟା କରିଥିବା ବ୍ୟକ୍ତି ଜଣକ ବରଗଡ ଜିଲା ବରପାଲି ଥାନା କନବାରର ପଞ୍ଚୁଷାଣ୍ଡ। ସେ ଅବିବାହିତ ଥିବା ଜିଆରପି ଏଏସଆଇ ବି.କେ. ସାହୁ ସୂଚନା ଦେଇଛନ୍ତି।

### ଅଲଣ୍ଡାରେ ମଦମୁକ୍ତି ଅଭିଯାନ, ମଦବିକ୍ରି ବନ୍ଦ ଦାବି କଲେ ମହିଳା

**ବଙ୍ଗୋମୁଣ୍ଡା, ୨୩।୨(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅଲଣ୍ଡା ଗ୍ରାମ ପଞ୍ଚାୟତରେ ମଦ ବିକ୍ରି ବନ୍ଦ କରିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦାବି କରିଛନ୍ତି । ଏ ନେଇ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁରେ ଏକ ମଦମୁକ୍ତି ଅଭିଯାନ ଶୋଭାଯାତ୍ରା କରାଯାଇଛି। ସିନ୍ଧେକେଲାସ୍ଥିତ ବିଦେଶୀ ମଦଭାଟି ପ୍ରବନ୍ଧକଙ୍କୁ ଅଲଣ୍ଡା ପଞ୍ଚାୟତର ଅଲଣ୍ଡା, ବହଲଗୁଭା, ପିଟାମହୁଲ, ତେନ୍ତୁଳିପଡା, ବାଞ୍ଜିପଦର, ବର୍ଗଡ଼ିପଡା, ବକାଗୁରା, ପଣ୍ଡରିପାନି, ପୁଟୁଲାତଲାଇ ପ୍ରଭୃତି ଆଠ ଗ୍ରାମରେ ମଦ ବନ୍ଦ କରିବା ଏବଂ ଖୁଚୁରା ମଦ ବିକ୍ରୟ ଯୋଗାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ଏକ ଦାବିପତ୍ର ଦେଇଛନ୍ତି । ଖୁଚୁରା ବିକ୍ରୟ ପାଇଁ ମଦ ଯୋଗାଣ କଲେ ଆଗାମୀ ଦିନରେ ଭାଟି ସମ୍ମୁଖରେ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅଲଣ୍ଡା ସରପଞ୍ଚ ଅର୍ଜୁର ଯାଦବ, ୱାର୍ଡ ସଭ୍ୟାସଭ୍ୟ, ସମିତି ସଭ୍ୟ ଏବଂ ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା କୁଞ୍ଜ ଭୋଇ ଓ ସଭାନେତ୍ରୀ ବିଳାସ ବାରିକ, ମା ଦୁର୍ଗା ଏସ୍‌ଏଚ୍‌ଜିର କୁଶା ନାଏକ ଓ ଅଞ୍ଚଳର ମହଳା ସ୍ୱୟଂ ସହାୟକ ଦଳର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

## ବାଲାମଣୀ ନନ୍ଦ ମେମୋରିଆଲ ଫୁଟବଲ: ଲୋଇସିଂହା ଚାମ୍ପିୟନ

**ଲୋଇସିଂହା, ୨୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ଗ୍ରାମରେ ଚାଲିଥିବା ତ୍ରିଦିବସୀୟ ବାଲାମଣୀ ନନ୍ଦ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ୪-୦ ଗୋଲରେ କୁଶମେଲକୁ ହରାଇ ଲୋଇସିଂହା ଚାମ୍ପିୟନ ହୋଇଛି । କେଉଁଟିପାଲି ଗ୍ରାମରସ୍ୱର୍ଗତ ବଲାମଣୀ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ କୁଶମେଲ ଗ୍ରାମବାସୀଙ୍କ ସହଯୋଗରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା । ୮ଟି ଦଳକୁ ନେଇ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା । ଫାଇନାଲକୁ ଏ ଗ୍ରୁପରୁ ଲୋଇସିଂହା ଓ ବି ଗ୍ରୁପରୁ କୁଶମେଲ ଦଳ ଉନ୍ନୀତ ହୋଇଥିଲେ । ସଞ୍ଜୀବ ମହାରଣା, ସୁରେଶ ନାଏକ, ସୁଧାଂଶୁ ସେଠ, ସଞ୍ଜୀବ ମହାରଣା ଖେଳ ପରିଚାଳନା କରିଥିଲେ । ସତ୍ୟ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ହେମସାଗର ନନ୍ଦ ମୁଖ୍ୟ ଅତିଥି, ଦିଲିପ କୁମାର ସିଂ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ୭ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୫ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଅମରି ଆର ଜଗଲ୍‌ରେ ପୂରିଛେ ବଁଧ୍

- ୧୭ ଏକରର ଦେହେଲିଆ ବଁଧ୍
- ନୀଳିଆ ଦିଶୁଛେ ବଁଧର ପାଏନ୍
- ଗଧାବୁଡ଼ା କଲେ ଦିହି ଖୁଜେଇ ହେଉଛେ
- ବହୁତ୍ ଜଲଦି କାମ୍ ହେବା: ସରପଁଚ୍

**ଲାଠୋର, ୨୩।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର କରୁଆଁଝର ଗାଁ। ୪ଟା ୱାର୍ଡକେ ନେଇ ଥିବାର ଇ ଗାଁରେ ପାଖାପାଖି ୨୫ଶହରୁ ଅଧିକା ଲୋକ ରହୁଛନ୍। ଇ ଗାଁରେ ଲୁକ୍‌କର ସୁବିଧାର ଲାଗି ୧୭ ଏକରର ଗୁଟେ ପୁରନା ଦେହେଲିଆ ବଁଧ୍ ଅଛେ। ଖାଲି କରୁଆଁଝର ନୁହେ, ଇ ବଁଧର ଉପରେ ଆସର ପାସର ଗାଁର ଲୋକ ବି ନିରଭର କରୁଥିଲେ। ଏନ୍‌ତା କି ଲୋକ୍ ଇ ବଁଧର ପାଏନ୍ ଖାଏବା ପିଇବାରେ ଭେବାର କରୁଥିଲେ। ହେଲେ ଆଏଜ୍ ସବୁ ବଦଲି ଯାଇଛେ। ଲଗାତାର ପରଶାସନିକ ଅବହେଲାର ଶିକାର ହେଲାରୁ ଇ ବଁଧ୍ ଏହେଦେ ନିଜର ସତା ହଜାବାକେ ଯାଉଛେ। ଏହେଦେ ବଁଧ୍‌ର ପାଏନ୍ ପିଇବାର ତ ଦୂରେ ଥାଉ ଲୋକ୍ ଝାଡ଼ାଝପଟ, ଗଧାବୁଡ଼ା କରବାର ଲାଗି ବି ଡରୁଛନ୍। ବଁଧେ ଗଧାବୁଡ଼ା କଲେ ଦିହି ଖୁଜେଇ ହେଇ ପୁଟକା ପୁଟକା ହେଇଯାଉଥିବାର ଗାଁବାସୀ କହିଛନ୍।

ଇ ବିରାଟ ବଁଧର ଉନ୍‌ନତୀକରନ ଲାଗି ୧୫ ବଛର ତଲେ କେବିକେ ସ୍ୱତନ୍ତ୍ର ପାଣ୍ଠିରୁ ୩ ଲକ୍ଷ ୨୫ ହଜାର ଟଁକା ମଂଜୁର ହେଇଥିଲା। ହେଲେ ୧ ଲାଖ୍ ଟଁକାର କାମ୍ ହେଲା ଉତାରୁ କେହେନ୍‌ସି କାରନ୍‌ରୁ ବଁଦ୍ ହେଇଯାଇଥିଲା। ପଛେ ଏମଜିଏନଆରଇଜିଏସରେ ୧ ଲାଖ୍ ୨୨ ହଜାର ଟଁକାର ମାଟି କାମ୍ କରାଯାଇଥିଲା। ହେଲେ ଇତାର ପରେ ବଁଧର ମରାମତି, ଉନ୍‌ନତିକରନ ଦିଗେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେଲାରୁ ପରିସ୍ଥିତି ବିଗଡ଼ି ଯାଇଛେ। ତିନ୍‌ଟା ଗାଧୁଆ ପାଉଚ ଥିଲେ ବି ଗୁଟେ ହେଲେ ବେଭାର କଲା ଅବସ୍‌ତାରେ ନାଁଇଁନ। ବଁଧର ଚାରହିକୁତି ଆର ପାଏନ୍‌ରେ ଅମରି ଜଂଗଲ, ଜଗଲ୍, ମଇଲା ଜଗଡ଼ା ପୂରିକରି ଅଛେ। ଯେନ୍‌ଥିରଲାଗି ବଁଧର ପାଏନ୍ ନୀଲିଆ ଦିଶୁଛେ। ଦୁଇବଛର ଆଗରୁ ଗାଁବାସୀକର ଅନୁରୋଧରେ ବ୍ଲକ ପରଶାସନ ଗାଁକେ ପରିଦରଶନରେ ଆସି ବଁଧର ଅବସ୍‌ତା ଦେଖି ଫିରିଥିଲେ। ହେଲେ ଦୁଖର କଥା ଆଏଜତକ୍ ପଁଚେତ୍ କି ବ୍ଲକ ପତ୍ତୁରପକ୍ଷ ବଁଧର ଉନ୍‌ନତିକରନ ଦିଗେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେଇ। ଇ ବାବ୍‌ଦେ କରୁଆଁଝର ସରପଁଚ୍ ବିଜୟଲକ୍ଷ୍ମୀ ବାଗକୁଁ ପଚରାଲାରୁ ଚଲତି ବଛର ଆମେ ବଁଧର ଉନ୍‌ନତିକରନ ଲାଗି ପଁଚେତ୍ ତରଫୁ ପଦକ୍ଷେପ ନେଇ ସାରିଛୁଁ। ବହୁତ ଜଲ୍‌ଦି କାମ୍ ଆରମ ହେବା ବଲି ସେ କହିଥିଲେ। ହେଲେ ଯେତେ ଜଲ୍‌ଦି ହେବା ବଁଧର ଉନ୍‌ନତିକରନ ଦିଗେ ପଦକ୍ଷେପ ନେଲେ ଲୋକ୍ ଉପ୍‌କାର ପାଏତେ ବଲି ଗାଁବାସୀ କହିଛନ୍।




ସମସିଆରେ ଛଁଦି ହେଇଥିବାର ଦେହେଲିଆ ବଁଧ୍।

**ସଂକ୍ଷେପରେ**

## ସମ୍ବଲପୁରୀ ସହ ଯୁଗ୍ମ ଶବ୍ଦ ପ୍ରୟୋଗକୁ ବିରୋଧ

**ସମ୍ବଲପୁର, ୨୩।୨ (ବ୍ୟୁରୋ)-** ସମ୍ବଲପୁରୀ ଭାଷାର ପ୍ରାଚୀନ ନାମକୁ ବଳବତ୍ତର ରଖାଯାଇ ଅନ୍ୟ ଶବ୍ଦକୁ ଯୋଡ଼ି ଯୌଥ ଶବ୍ଦର କୁହେଳିକା ସୃଷ୍ଟି ଉଦ୍ୟମ କରାଯାଉଛି। ଏହାକୁ ସମ୍ବଲପୁର ସହରରୁ ପୁନର୍ବାର ବିରୋଧ କରାଯାଇଛି । ଏ ନେଇ ସମ୍ପର୍କରେ ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭମ ସକସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରଗଡ଼ ଜିଲାର ଘେଁସଠାରେ ପଦ୍ମଶ୍ରୀ ହଳଧର ନାଗ ଭାଷା ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇଛି। ଏହାକୁ ସ୍ୱାଗତ କରାଯାଇଛି। କିନ୍ତୁ ବହୁ କାଳରୁ ଏ ଅଞ୍ଚଳର ଭାଷା ସମ୍ବଲପୁରୀ ଭାବେ ପରିଚିତ ଓ ଗୃହୀତ ହୋଇ ଆସୁଛି। ଏଥିରେ କୌଣସି ପରିବର୍ତ୍ତନ ଘଟାଇ ଭାଷାର ନାମକୁ କଦର୍ଥ କରା ନ ଯିବାକୁ ଦାବି କରାଯାଇଛି। ଶୁଭ ଦିଆଯାଇଥିବା ଗବେଷଣା କେନ୍ଦ୍ରକୁ ପଦ୍ମଶ୍ରୀ ହଳଧର ନାଗ ସମ୍ବଲପୁରୀ ଭାଷା ଗବେଷଣା କେନ୍ଦ୍ର ଭାବେ ମାନ୍ୟତା ଦିଆଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସମ୍ବଲପୁରୀ ଶବ୍ଦର ପୂର୍ବରୁ ଅଥବା ପରେ କୌଣସି ଅନ୍ୟ ଶବ୍ଦକୁ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

# କୁନିଙ୍କ ପାଇଁ ଅପହଞ୍ଚ ସରକାରୀ ଯୋଜନା

## ■ ଶାଶୁଙ୍କୁ ମିଳୁଥିବା ଚାଉଳ, ଭତ୍ତା ଟଙ୍କାରେ ଚାଲୁଛି ସଂସାର

**ରାଉରକେଲା ଅଫିସ,୨୩।୨**

ଯାହା ଭରସାରେ ହାତ ଧରି ସଂସାର ଗଢିବାକୁ ଘରୁ ପାଦ କାଢି ଚାଲି ଆସିଥିଲେ ସେ ଅକାଳରେ ଆରପାରିକୁ ଚାଲିଗଲେ। ଏହା ପରେ ଚଡ଼କ ପଡିଛି କୁନି ବାର୍ଲାଙ୍କ ମୁଣ୍ଡରେ। ବୃଦ୍ଧା ଶାଶୁ ଓ ଦୁଇଟି ପିଲାଙ୍କ ପେଟ ପୋଷିବାକୁ ଏବେ ବାରଦୁଆର ଶୁଙ୍ଘି ପିଣ୍ଡା ହେବାକୁ ପଡୁଛି। ଦିନେ ଘରୁ ପାଦ ନ କାଢିଲେ ପରିବାର ଅପୋଷା। ପରଘରେ ପାଇଟି କଲେ ଯାଇ ଚୁଲିକୁ ଜାଳ ପଶୁଛି।

ଫର୍ଟିଲାଇଜର ଟାଉନଶିପ ନିକଟ ଇନ୍ଦିରାପାଲି ବସ୍ତିରେ ରହୁନ୍ତି କୁନି । ବୃଦ୍ଧା ଶାଶୁ ପ୍ରୀତି ବାର୍ଲା(୬୬)ଙ୍କ ସହ ଝିଅ ଫୁଲମଣି(୭) ଓ ଅଢେଇ ବର୍ଷର କୋଳପୁଅ ଫ୍ରାନ୍ସିସଙ୍କୁ ନେଇ ତାଙ୍କ ସଂସାର। ଶାଶୁଙ୍କୁ ମିଳୁଥିବା ସରକାରୀ ଚାଉଳ ଓ ଭତ୍ତାରେ ଚଳୁଛି ସଂସାର। ଝିଅ ଫୁଲମଣିଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢାରେ ସହଯୋଗ କରୁଛନ୍ତି। ପୁଅ ଫ୍ରାନ୍ସିସକୁ କୋଳରେ ଧରି ପ୍ରତିଦିନ ସକାଳୁ ଘରୁ ବାହାରି ଯାଆନ୍ତି କୁନି। ସଞ୍ଜକୁ ଫେରନ୍ତି। ଯାହା ମିଳେ ସେଥିରେ ଦିନ ଖର୍ଚ୍ଚ ଚଳେ। ନୁଆଁଣିଆ ଖପର ଘର ଭାଙ୍ଗି ଯିବାକୁ ବସିଛି। ମରାମତି ପାଇଁ ପାଖରେ ଅର୍ଥ ନାହିଁ।



ଦୁଇ ସନ୍ତାନଙ୍କ ସହ କୁନି ବାର୍ଲା।

ଏମିତି ଅବସ୍ଥାରେ ଖରା ଓ ବର୍ଷା ଯେମିତି ବଇରି ସାଜିଛି। କୁନି ପଡି କାର୍ଡ ଓ ବିଧବା ଭତ୍ତା ପାଇଁ ଅନେକ ନେତା, ଅଧିକାରୀଙ୍କ ନିକଟରେ ନେହୁରା ହୋଇଛନ୍ତି। ତଥାପି ତାଙ୍କ ଦୁଃଖ ଲାଘବ ହୋଇ ପାରିନି। ରୋଗିଣା ଶାଶୁ ଆଉ କାମଧନ୍ଦା କରିପାରୁ ନାହାଁନ୍ତି। ଘରେ ପଡି ରହୁଛନ୍ତି। ତାଙ୍କ ଔଷଧ ଖର୍ଚ୍ଚ ତୁଲାଇ ପାରୁ ନାହାଁନ୍ତି କୁନି। ସାଇ ପଡିଶାଙ୍କ ସହଯୋଗ ଅନେକ ସମୟରେ ଅଭାବ ମେଣ୍ଟାଉଛି। ଏମିତି ଦୁର୍ଦ୍ଦିନରେ ପାଖରେ ଛିଡା ହେବା ଭଳି ସମ୍ପର୍କୀୟ ବି କେହି ନାହାଁନ୍ତି। ସରକାରୀ ଯୋଜନା ଥାଇ ସୁଦ୍ଧା ଏସବୁ ତାଙ୍କ ପାଇଁ ଅପହଞ୍ଚ ପାଲଟିଛି। ବିଜୁଳି ନ ଥିବାରୁ ଡିବି ଆଲୁଅରେ ରାତି ବିତୁଛି। ଭୋରୁ ଜାଳ ସଂଗ୍ରହ ନ କଲେ ଚୁଲି ଜଳୁନି। ଅଭାବ,ଅସୁବିଧା ଭିତରେ ଶାଶୁଙ୍କ ଯତ୍ନ ସହ ପିଲାଙ୍କ ଭବିଷ୍ୟତ ଗଢିବା ସ୍ୱପ୍ନ ଦେଖୁଛନ୍ତି କୁନି। ଭଙ୍ଗା ଘରଟି ଯଦି ଭୁଶୁଡି ପଡେ ତା'ହେଲେ ଖୋଲା ଆକାଶ ତଳେ ଜୀବନ କାଟିବାକୁ ପଡିବ ବୋଲି କହନ୍ତି କୁନି। ସରକାର ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ବିତରଣ କରୁଛନ୍ତି, ମାଗଣା ବିଜୁଳି ସଂଯୋଗ ଦେଉଛନ୍ତି, ବିଧବାଙ୍କ ପାଇଁ ଭତ୍ତା ଦେଉଛନ୍ତି, ଅଣ ସଂଗଠିତ ଶ୍ରମିକଙ୍କୁ କାର୍ଡ ବାଣ୍ଟି ସରକାର ନାନା ସୁବିଧା ସୁଯୋଗ ଅଜାଡି ଦେଉଛନ୍ତି। ହେଲେ ମୁଁ କ'ଣ ଶ୍ରମିକ ନୁହେଁ ନା ବିଧବା ନୁହେଁ ବୋଲି ପ୍ରଶ୍ନ କରନ୍ତି କୁନି। ଏପରି ଖବର ପାଇବା ପରେ ଗତ ଦୁଇଦିନ ତଳେ ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ତାଙ୍କ ଘରକୁ ଆସିଥିଲେ। ସମସ୍ତ କାଗଜପତ୍ର ନେଇଛନ୍ତି। ଭତ୍ତା କରି ଦେବାକୁ ଭରସା ଦେଇଛନ୍ତି। ଦରକାର ପଡିଲେ ଶ୍ରମିକ କାର୍ଡ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମନରେ ଭରସା ଆସିଛି ନିଶ୍ଚିତ ଭାବେ ଏସବୁ ଯୋଜନାରୁ ମୋତେ ସହାୟତା ମିଳିବ। ଏତିକ ହେଲେ ମୋ ପିଲା ଓ ବୃଦ୍ଧା ଶାଶୁ ଟିକେ ଭଲରେ ଚଳିବେ ବୋଲି କୁନି ଆଶାବ୍ୟକ୍ତ କରିଛନ୍ତି।

**-ବସନ୍ତ ଧଳ**

# ସନ୍ଥ ନିରଙ୍କାରୀ ମିଶନ ପକ୍ଷରୁ ଡାକ୍ତରଖାନା ସଫେଇ

**ରାଉରକେଲା ଅଫିସ,୨୩।୨**

ସନ୍ଥ ନିରଙ୍କାରୀ ମିଶନ ପୁରୋଧା ସଦ୍‌ଗୁରୁ ମାତା ସବିନ୍ଦର ହରଦେବଜୀ ମହାରାଜଙ୍କ ପରାମର୍ଶ କ୍ରମେ ସଂଗଠନର ସ୍ୱେଚ୍ଛାସେବୀ ସାରା ବିଶ୍ୱରେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଗତ ୧୯୫୪ ଫେବୃୟାରୀ ୨୩ରେ ଗୁରୁଜୀଙ୍କ ଜନ୍ମ ଦିବସ ରୂପେ ପାଳନ କରାଯାଇ ଆସୁଛି। ସ୍ଥାନୀୟ ଶାଖା ପକ୍ଷରୁ ମିଶନର ସ୍ୱେଚ୍ଛାସେବୀମାନେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ପରିସରରେ ଆୟୋଜିତ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶତାଧିକ କର୍ମୀ ଡାକ୍ତରଖାନା ପରିସରକୁ ପରିଚ୍ଛନ୍ନ କରିଥିଲେ। ଏଥିରେ ସନ୍ଥ ନିରଙ୍କାରୀ ମିଶନ ପଶ୍ଚିମ ଓଡିଶା ସଂଯୋଜକ ରାମେଶ୍ୱର ସାହୁ, ଆତ୍ମାଗାନ ମୁଖୀ ବିଜୟ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ସେବା ଦଳ ୟୁନିଟ-୩୩୩ର ସଞ୍ଚାଳକ କୂଳମଣି ଜେନା, ପ୍ରଶିକ୍ଷକ ସୁବାସ ବାରିକ, ସହାୟକ ହିମାଂଶୁ ନାୟକ, ବ୍ରିଜେଶ ମାହାତୋ, ସରୋଜ ବାରିକ, ମହେଶ ସାହୁ, ଭଦ୍ର କୁମାର ବାରିକ, ଧର୍ମେନ୍ଦ୍ର ପ୍ରସାଦ, ସଞ୍ଜୟ ପ୍ରସାଦ, ଦିଲୀପ ସାହୁ, ମମତା ପାତ୍ର, ବନ୍ଦନୀ ଶ୍ରୀବାସ୍ତବ, ରିଙ୍କି ସାହୁ ଓ ବ୍ରହ୍ମ ମହାତୋ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ଡାକ୍ତରଖାନା ପରିସର ସଫେଇ କରାଯାଉଛି।

# ରୋଟାରି ଦିବସ ପାଳିତ

## ବସ୍ତି ପିଲାଙ୍କୁ ମିଳିଲା ପାଠ୍ୟ ଉପକରଣ

**ରାଉରକେଲା ଅଫିସ,୨୩।୨**

ଷ୍ଟିଲ ସିଟି ରୋଟାରି କ୍ଲବ ପକ୍ଷରୁ ନିରାଡମ୍ବର ଭାବେ ରୋଟାରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବସ୍ତି ପିଲାଙ୍କୁ ଶିକ୍ଷାପ୍ରତି ଆଗ୍ରହୀ ସୃଷ୍ଟି କରିବା ପାଇଁ ସଂଗଠନ ପକ୍ଷରୁ ଦେଓଗାଁ ତେଲି ବସ୍ତିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପିଲାମାନେ କିଭଳି ଭଲ ପାଠ ପଢ଼ି ନିଜକୁ ଭଲ ନାଗରିକ କରି ଗଢି ତୋଳିବେ ସେ ସମ୍ପର୍କରେ ରୋଟାରୀ କ୍ଲବ୍ କର୍ମକର୍ତ୍ତା ଆଲୋଚନା କରିଥିଲେ। ଏହି ଅବସରରେ ପିଲାଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଶିଶୁମାନଙ୍କୁ ବିଭିନ୍ନ କ୍ରୀଡା ସାମଗ୍ରୀ ସହ ଚକୋଲେଟ ଓ ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ଦିଆଯାଇ ଥିଲା। ଏଥିରେ ଗାନ୍ଧୀ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ରହି ବସ୍ତି ବାସିନ୍ଦାଙ୍କୁ ଉତ୍ସାହିତ କରିଥିଲେ। ରୋଟାରୀ କ୍ଲବ ସମ୍ପାଦିକା ସନ୍ଧ୍ୟାରାଣୀ ବରାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରିଆନ କୁଳଜିତ ସିନ୍ଧୁ, ରୀତା ମିଶ୍ର, ପ୍ରତିଭା ଦେବୀଙ୍କ ସମେତ ସ୍ଥାନୀୟ ଗାନ୍ଧୀ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ବସ୍ତି ପିଲାଙ୍କୁ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସଂଗଠନ ପକ୍ଷରୁ ପାଠ୍ୟ ଉପକରଣ ଦିଆଯାଇଛି।

## ସ୍କାଉଟ୍‌ସ, ଗାଇଡ୍‌ସ ପକ୍ଷରୁ ବିଶ୍ୱ ଚିନ୍ତନ ଦିବସ

# ସେବା ମନୋଭାବ ଈଶ୍ୱରୀୟ ଚେତନା ସୃଷ୍ଟି କରେ

**ରାଉରକେଲା ଅଫିସ,୨୩।୨**

ସେକ୍ଟର- ୭ ଚିନ୍ମୟ ବିଦ୍ୟାଳୟ ପରିସରରେ ଜିଲା ସ୍କାଉଟ ଓ ଗାଇଡ ଶାଖା ପକ୍ଷରୁ ଶୁକ୍ରବାର ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ସ୍କାଉଟ ଓ ଗାଇଡ ଜିଲା କମିଶନର ବ୍ରଜେନ୍ଦ୍ର ଦାସ, ଚିନ୍ମୟ ମିଶନ ଆଚାର୍ଯ୍ୟ, ସ୍ୱାମୀ ନିର୍ଲିପ୍ତାନନ୍ଦ, ସମ୍ପାଦକ ସନ୍ତୋଷ ନାୟକ, କୋଷାଧ୍ୟକ୍ଷ ଗୌରାଙ୍ଗ ପାହାଡି, ସହ ସମ୍ପାଦକ ରଶ୍ମିତ ସାହାଣୀ, ପ୍ରଧାନ ଶିକ୍ଷକ ରମାକାନ୍ତ ମଲ୍ଲିକ ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏଥିରେ ମୁଖ୍ୟବକ୍ତା ରୂପେ କବି କୁଞ୍ଜବିହାରୀ ରାଉତ ଯୋଗ ଦେଇଥିଲେ। ଅଭୟ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି କହିଥିଲେ ସେବା ମନୋଭାବ ନେଇ କାର୍ଯ୍ୟ କଲେ ଏହା ଈଶ୍ୱରୀୟ ଚେତନା ସୃଷ୍ଟି କରେ। ମାନବିକ ମୂଲ୍ୟବୋଧ ସହ ବ୍ୟବହାରିକ ଜ୍ଞାନ, ଆତ୍ମୀୟତା, ଶୃଙ୍ଖଳା ଆଦି ସଦଗୁଣର ମିଶ୍ରଣରେ ସେବା ରୂପକ କାର୍ଯ୍ୟ ସ୍ୱର୍ଗୀୟ ଆନନ୍ଦ ପ୍ରଦାନ କରେ। ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ର ଏ ଦିଗରେ ସଚେତନ ହେବାକୁ ଅତିଥିମାନେ ପରାମର୍ଶ ପ୍ରଦାନ କରିଥିଲେ । ବୌଦ୍ଧିକ ବିଚାର ସହ ବିବେକର ସମନ୍ୱୟ, ବିସ୍ତାରିତ ଦୃଷ୍ଟି କୋଣ ବିନା ସେବା କରାଯାଇ ପାରେନା। ନିଜକୁ ଏନେଇ ପରିବର୍ତ୍ତିତ କରିବାକୁ ପଡିଥାଏ। ଏଣୁ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ହେଲେ ନିଜ ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିବାକୁ ହେବ ବୋଲି ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ସ୍କାଉଟ ଗାଇଡ୍‌ର ପ୍ରତିଷ୍ଠାତା ବାଡେନ ପାୱେଲ ଓ ରବର୍ଟ ଷ୍ଟିଫେନସନ ସ୍ମିଥଙ୍କ ଜନ୍ମ ଦିବସ(ଫେବୃୟାରୀ ୨୨)କୁ ବିଶ୍ୱ ଚିନ୍ତନ ଦିବସ ରୂପେ ପାଳନ କରାଯାଉଛି। କାର୍ଯ୍ୟକ୍ରମ ଶେଷରେ ରମାକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ସ୍କାଉଟ ଓ ଗାଇଡ ଶାଖା ପକ୍ଷରୁ ବିଶ୍ୱ ଚିନ୍ତନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ମାର୍ଚ୍ଚ ୩ରେ ରାଉରକେଲା ଦିବସ

**ରାଉରକେଲା ଅଫିସ,୨୩।୨**

କାନଭାସ ପକ୍ଷରୁ ରାଉରକେଲା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୩ରେ ଏହା ପାଳନ କରାଯିବ। ଚଳିତ ବର୍ଷ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ଉତ୍ସର୍ଗ କରିବା ନେଇ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଦିବସ ପାଳନ ଅବସରରେ ଷ୍ଟିଲ ସିଟିର ରିଂ ରୋଡକୁ ରଙ୍ଗିନ ଆଲୋକ ମାଳାରେ ସଜ୍ଜିତ କରାଯିବା ସହ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସହରକୁ ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ କରିଥିବା ପ୍ରତିଭାଙ୍କୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯିବ । କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପୂର୍ବତନ ବିଧାୟକ ଦିଲୀପ ରାୟ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଏହି ପ୍ରସ୍ତୁତି ବୈଠକ ହରି ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରମେଶ ବଳ, ସୁରେଶ ପ୍ରଧାନ, ମନୋଜ ପ୍ରଧାନ, ରାଜେଶ ରାୟ, ଶଙ୍କର ଜେନା, ରାଜେଶ ପଣ୍ଡା, ଅରୁଣ ପୁହାଣ, ପ୍ରମୋଦ ସାମଲ, ସତ୍ୟବ୍ରତ ମହାନ୍ତି, ମିନତୀ ଦେବତା, ରବି ପ୍ରଧାନ, ବନ ପରିଡା, ଅରୁଣ ପୁହାଣ, ମାଣିକ ଚୌଧୁରୀ ଓ ସବିତା ଖାତୁନ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ନେତାଙ୍କ ଅଭିଯୋଗ

# ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ନେତାଙ୍କ ଭିଡ଼

**ରାଉରକଲା ଅଫିସ,୨୩।୨**

ଷ୍ଟିଲ ସିଟିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଦଳୀୟକରଣ କରାଯାଉଛି ବୋଲି ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି ଅଭିଯୋଗ କରିଛନ୍ତି। ଏକ ପ୍ରେସ ବିବୃତିରେ ସେନାପତି କହିଛନ୍ତି, ଗତ କିଛିଦିନ ହେବ ଭାଜପା ପକ୍ଷରୁ ଉଜ୍ଜ୍ୱଳା ଯୋଜନାର ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀଙ୍କୁ ପଛରେ ରଖି ଭାଜପା ନେତା ସିଲିଣ୍ଡର ବିତରଣ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ରୂପେ ବିଭାଗ ଓ ବିଭାଗୀୟ ଅଧିକାରୀଙ୍କ କାମ। ଏହା ସତ୍ତ୍ୱେ ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୃକ୍ତ ଦଳର ନେତା ଖୋଲାଖୋଲି ଏହାକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରୁଥିବା ଦେଖା ଯାଇଛି। ସମାନ ଢଙ୍ଗରେ ବିଜେଡି ବି ଗତି କରୁଛି। ପ୍ରତ୍ୟେକ ସରକାରୀ କାର୍ଯ୍ୟକ୍ରମରେ ସେହି ଦଳର ନେତା ଆସନ ଦଖଲ କରି ଭାଷଣବାଜି କରୁଛନ୍ତି ବୋଲି ସେନାପତି ଅଭିଯୋଗ କରିଛନ୍ତି। କେଉଁ ଆଧାରରେ ବିଜେଡି ନେତା ଏଥିରେ ସାମିଲ ହେଉଛନ୍ତି ଓ ବିଭାଗୀୟ ଅଧିକାରୀ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାକିରୀ କିମ୍ବା ବଦଳି ଭୟରେ ତଥାକଥିତ ସରକାରୀ ଅଫିସର ଏହି ଦୁଇ ଦଳ ନେତାଙ୍କ ଢାଲ ସାଜିବା ନିନ୍ଦନୀୟ ବୋଲି ସେନାପତି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହା ଖରାପ ପରମ୍ପରା ସୃଷ୍ଟି କରିବାକୁ ଯାଉଥିବା ବେଳେ ବାସ୍ତବତା ପ୍ରତି ସମ୍ପୃକ୍ତ ଦଳର ନେତା ଦୃଷ୍ଟି ଦେବା ଆବଶ୍ୟକ। ଅନ୍ୟଥା ଏହାର କୁପରିଣତି ଭୋଗିବାକୁ ପଡିବ ବୋଲି ସେନାପତି ପ୍ରକାଶ କରିଛନ୍ତି।

# ଗୁମର ଖୋଲିବ ଫୋନ କଲ୍, ଡାଏରୀ

## ଯୁବକଙ୍କୁ ହତ୍ୟା ଘଟଣା

**ସମ୍ବଲପୁର, ୨୩।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ଗ୍ରାମ ନିକଟରେ ଗୋବିନ୍ଦତୋଲାର ରୁସ୍ତମ ଖାନ୍ (ଜାନୁ) (୨୧)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ହତ୍ୟା ମାମଲା (ନଂ. ୭୫/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ଏହି ଘଟଣାରେ ମୃତ ରୁସ୍ତମଙ୍କ ୨ ସାଙ୍ଗ ଓ ନାବାଳିକାଙ୍କ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖିଛି। ଶନିବାର ମଧ୍ୟ ଏହି ମାମଲାରେ ପୋଲିସ ଖୋଲାସା କରିପାରିନାହିଁ। ଅଟକଙ୍କୁ ପଚରାଉଚୁରା କରିବା ପରେ ମଧ୍ୟ କୌଣସି ଲାଭ ପାଇନାହିଁ। ତେଣୁ ଏବେ ଫୋନ କଲ ଓ ନାବାଳିକା ଲେଖିଥିବା ଡାଏରି ଗୁମର ଖୋଲିବ ବୋଲି ପୋଲିସ କହିଛି। ଘଟଣାସ୍ଥଳରେ ବ୍ୟବହୃତ ଫୋନର ସ୍ଥିତି ଉପରେ ଗୁରୁତ୍ୱ ଦିଆଯାଉଛି। ରୁସ୍ତମଙ୍କ ଅଟକ ଥିବା ସାଙ୍ଗ ଓ ନାବାଳିକାଙ୍କ ସମ୍ପର୍କୀୟଙ୍କ ଫୋନ ସ୍ଥିତିକୁ ନେଇ କମ୍ପାନୀକୁ ରିପୋର୍ଟ ମଗାଯାଇଛି। ଆସିଲା ପରେ ଜଣାପଡିବ । ଏହା ସହ ନାବାଳିକା ଲେଖିଥିବା ଡାଏରିକୁ ପୋଲିସ ଜବତ କରିଛି। ସେ ମୃତ ରୁସ୍ତମ ସହ ପ୍ରେମ ଥିବା ଲେଖିଛନ୍ତି। ଏହା ସହ ରାତିରେ ଯାହା କିଛି ଘଟିଥିଲା ତାହା ମଧ୍ୟ ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କ ପରୀକ୍ଷା ଚାଲିଥିବା ଯୋଗୁ ପଚରା ଉଚୁରା କରି ଛାଡି ଦିଆଯାଇଛି। ହେଲେ ନାବାଳିକା ଦେଉଥିବା ବୟାନରେ ତାଳମେଳ ଖାଉନାହିଁ। ପରିବର୍ତ୍ତନ ହେଉଛି ହେଲେ ପୋଲିସ ଏବେ ମଧ୍ୟ ୩ ଜଣଙ୍କୁ ଅଟକ ରଖିଛି। କମ୍ପାନୀର ରିପୋର୍ଟ ଆସିଲା ପରେ ସତ୍ୟା ସତ୍ୟ ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ନକ୍ସାପାଲି ଗ୍ରାମ ନିକଟରେ ପୋଲିସ ରୁସ୍ତମଙ୍କ ମୃତଦେହ ଉଦ୍ଧାର କରିଥିଲା। ରୁସ୍ତମ ଟେଣ୍ଟ ହାଉସ କାମରେ ଲାଇଟ ଡେକୋରେଟର ଭାବେ କାମ କରୁଥିଲେ। ଦୀର୍ଘ ଦିନରୁ ରୁସ୍ତମଙ୍କ ସେହି ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଗୁରୁବାର ବିଳମ୍ବିତ ରାତିରେ ସେ ୨ଜଣ ସାଙ୍ଗଙ୍କ ସହିତ ନାବାଳିକାଙ୍କ ଘରକୁ ଯାଇଥିଲେ। ନାବାଳିକାଙ୍କ ଫୋନ ଫେରେଇବାକୁ ଯାଇଥିଲେ।

# ଆଇନଜୀବୀଙ୍କ ସାମାଜିକ ସୁରକ୍ଷା ଚିନ୍ତା

## ■ ବିକ୍ଷୋଭ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ

**ରାଉରକେଲା ଅଫିସ,୨୩।୨**

ସର୍ବଭାରତୀୟ ଲୟର୍ସ ୟୁନିୟନ ପକ୍ଷରୁ ଆଇନଜୀବୀଙ୍କ ସାମାଜିକ ସୁରକ୍ଷା ଦାବି ନେଇ ଶନିବାର ସ୍ଥାନୀୟ ଜିଲା ଶାଖା ସଂଗଠନ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ନରେନ୍ଦ୍ର ମୋଦି ୨୦୧୪ରେ ଶାସନ ଭାର ଗ୍ରହଣ କରିବା ପରେ ସମଗ୍ର ଦେଶର ଆଇନଜୀବୀଙ୍କ କଲ୍ୟାଣ ତଥା ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତାହା ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିନି। ଏନେଇ ସରକାର ସାମାନ୍ୟତମ ପଦକ୍ଷେପ ନେଇ ନ ଥିବା ଆଇନଜୀବୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯାଉ ବୋଲି ଦାବି ହୋଇଛି। ଆଇନଜୀବୀଙ୍କ ନିମନ୍ତେ ବାର୍ଷିକ ବଜେଟରେ ସର୍ବନିମ୍ନ ୫ ହଜାର କୋଟି ବ୍ୟବସ୍ଥା କରିବା ସହ ସାମାଜିକ ସୁରକ୍ଷା ନେଇ ସ୍ୱତନ୍ତ୍ର ବ୍ୟୟ ଅଟକଳ କରିବାକୁ ସଂଗଠନ ଦାବି କରିଛି। ଆଇନଜୀବୀ ଓ ତାଙ୍କ ପରିବାର ନିମନ୍ତେ ସ୍ୱାସ୍ଥ୍ୟ ବୀମା ପ୍ରଚଳନ କରିବା, ପେସାରେ ଯୋଗ ଦେଉଥିବା ନୂତନ ଆଇନଜୀବୀଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ମାସିକ ୧୦ ହଜାର ଭତ୍ତା ପ୍ରଦାନ ଲାଗି ବ୍ୟବସ୍ଥା କରିବାକୁ ସଂଘ ଦାବି କରିଛି। ଅକାଳରେ କିମ୍ବା ଦୁର୍ଘଟଣାରେ ମୃତ୍ୟୁ ବରଣ କରୁଥିବା ଆଇନଜୀବୀଙ୍କୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା , ରିହାତି ଦରରେ ବାସ ଗୃହ, ବିଭିନ୍ନ ବାର ଆସୋସିଏଶନ ପାଇଁ ଗୃହ ନିର୍ମାଣ, ଇ ଲାଇବ୍ରେରୀ ପ୍ରତିଷ୍ଠା ଓ ମହିଳା ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ନେଇ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଅସନ୍ତୋଷ ତୀବ୍ର ହେବା ପୂର୍ବରୁ ସରକାର ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବାକୁ ଆଇନଜୀବୀମାନେ ଦାବି କରିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଗଠନର ଜିଲା ଆବାହକ ରାଜକିଶୋର ପ୍ରଧାନ, ଅରିନ୍ଦମ ଦତ୍ତ, ଚନ୍ଦ୍ରମଣି ଦାସ, ପ୍ରଦୋଷ ମହାନ୍ତି, ଚନ୍ଦ୍ରଭାନୁ ଦାସ, ନିହାର ସିଂ, ଶ୍ରୀକାନ୍ତ ସାହୁ, ପ୍ରଶାନ୍ତ ମହାରଣା, ତୁଷାର ନାୟକ, ଝିନୁ ପ୍ରଧାନ, ଆଶିଷ ରାଉତରାୟ, ବିକାଶ ସାହୁ, ସନ୍ତୋଷ ଦାସ, ରଶ୍ମିରଞ୍ଜନ ପଣ୍ଡା, ଜୟନ୍ତ ଦାସ, ଉପେନ୍ଦ୍ର ତ୍ରିପାଠୀ ଓ ପି.ଏନ. ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନଜୀବୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଦେଶୀ, ବିଦେଶୀ ମଦ କାରବାର ବୃଦ୍ଧି

**କୁଆଁରମୁଣ୍ଡା, ୨୩।୨(ଡି.ଏନ.ଏ.):** କୁଆଁରମୁଣ୍ଡା ଫାଣ୍ଡି ଓ ବୀରମିତ୍ରପୁର ଥାନା ଅଞ୍ଚଳରେ ଥିବା ଢାବା ଓ ହୋଟେଲଗୁଡିକରେ ଖୁଲୁମଖୁଲା ଦେଶୀ, ବିଦେଶୀ ମଦ କାରବାର ବୃଦ୍ଧି ପାଉଛି। ଯମୁନାନାକି ବଜାର ନିକଟରୁ ଆରମ୍ଭ କରି ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ୧୪୩ ନମ୍ବର ଜାତୀୟ ରାଜପଥରେ ଥିବା ହୋଟେଲ, ଢାବା ଓ ଏପରିକି କେତେକ ଠେଲାଗୁଡିକରେ ଦେଶୀ, ବିଦେଶୀ ମଦ କାରବାର ଚାଲୁଛି। ହେଲେ ସ୍ଥାନୀୟ ଅବକାରୀ ବିଭାଗ ସବୁ ଦେଖି ଚୁପ୍ ରହିଲା ପରି ରହୁଥିବାରୁ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସେହିପରି କୁଆଁରମୁଣ୍ଡା ଫାଣ୍ଡି ହେଉ କି ବୀରମିତ୍ରପୁର ଥାନା ପକ୍ଷରୁ ମଧ୍ୟ ଉକ୍ତ ହୋଟେଲ ଓ ଢାବାଗୁଡିକ ଉପରେ ଆଖିଦୃଶିଆ ଚଢାଉ ହେଉ ନ ଥିବା ସାଧାରଣରେ ଦାବି ହେଉଛି। ଫଳରେ ମଦ୍ୟପାନ ଯୋଗୁ ବୀରମିତ୍ରପୁର ଉପଖଣ୍ଡରେ ବହୁ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି। ସଞ୍ଜ ସାଙ୍ଗକୁ ଜଙ୍ଗଲରେ କୁକୁଡା ଲଢେଇ କରାଯାଉଥିଲେ ମଧ୍ୟ ପୋଲିସ ପାଖରେ ଖବର ନାହିଁ। ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଶାଢ଼ିରେ ନିଆଁ ଲାଗି ମହିଳାଙ୍କ ମୃତ୍ୟୁ

**ବଡ଼ଗାଁ, ୨୩।୨ (ଡି.ଏନ.ଏ):** ବଡଗାଁ ଥାନା ଅନ୍ତର୍ଗତ କୁରେଇବଗା ଗ୍ରାମରେ ଗୁରୁବାର ସକାଳେ ଜଣେ ମହିଳା ଚୁଲିରେ ନିଆଁ ଲଗାଇଲା ବେଳେ ଅସାବଧାନତା ଯୋଗୁ ଶାଢ଼ିରେ ନିଆଁ ଲାଗି ଯିବାରୁ ଗୁରୁତର ହୋଇଥିଲେ। ସୁନ୍ଦରଗଡ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ସକାଳେ ମୃତ୍ୟୁ ହୋଇଛି। ସେ ହେଲେ ଦେବେନ୍ଦ୍ର କିଷାନଙ୍କ ସ୍ତ୍ରୀ କୈକେୟୀ (୨୨)। କୈକେୟୀ ଦେଇଥିବା ବୟାନ ଅନୁଯାଇ, ଚୁଲି ଲଗାଇଲା ବେଳେ ବିଜୁଳି ନ ଥିଲା। ତାଙ୍କ ଗୋଡ ବାଜି କିରୋସିନ ବୋତଲ ଢ଼ଳିଯାଇଥିଲା । ଏହା ସେ ଜାଣି ନ ପାରି ଚୁଲି ଲଗାଇବାକୁ ମାଚିସ ମାରିବା କ୍ଷଣି ପିନ୍ଧିଥିବା ସିଲ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା।

### ସରକାରୀ ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡି ବୈଠକ

**ସୁନ୍ଦରଗଡ଼, ୨୩।୨ (ଡି.ଏନ୍.ଏ)-** ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଗଭର୍ଣ୍ଣିଂବଡି ବୈଠକ ଶନିବାର ଅପରାହ୍ନରେ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଗଭର୍ଣ୍ଣିଂବଡିର ସଭାପତି ରଶ୍ମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ପୂର୍ବ ବୈଠକର ଆଲୋଚ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ବୈଠକରେ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ପ୍ରାଧ୍ୟାପକ ଡଃ ରାଧେଶ୍ୟାମ ଓତା, ଡଃ ସୁଧୀର କୁମାର ଦାଶ, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଇନ୍ଦିରା ନାଏକ, ସୁମନ୍ତ କୁମାର ପଣ୍ଡା, ବଟକିଶୋର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

#### କୁଣ୍ଡୁକେଲା ଛକରେ ଫ୍ଲାଏ ଓଭର ନିର୍ମାଣ

# ସ୍ପିଡବ୍ରେକର ଦାବିନେଇ ଜନସାଧାରଣଙ୍କ ରାସ୍ତାରୋକୋ

**ସୁନ୍ଦରଗଡ଼, ୨୩।୨ (ଡି.ଏନ୍.ଏ)**

ରାଉରକେଲା ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର ଅଧିକାଂଶ ସ୍ଥାନରେ ଏବେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ଦୁର୍ଘଟଣାକୁ ରୋକିବା ପାଇଁ ରାସ୍ତା କର୍ତ୍ତୃପକ୍ଷ ତଥା ନିର୍ମାଣକାରୀ ସଂସ୍ଥା ଏଲଆଣ୍ଡଟି ପକ୍ଷରୁ ଅତ୍ୟାଧୁନିକ ନିର୍ମାଣ ଶୈଳୀ ସଙ୍କେତ ଫଳକ ଓ ଆବଶ୍ୟକୀୟ ସତର୍କତା ସୂଚନା ବ୍ୟବସ୍ଥା କରାଯାଇଛି। ହେଲେ ଅନେକ ସ୍ଥାନରେ ଫ୍ଲାଏ ଓଭର ଓ ସ୍ପିଡବ୍ରେକର ନ ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ଲୋକେ ରାସ୍ତା ଅତିକ୍ରମ ଓ ଅସାବଧାନତା ହେତୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର କୁଣ୍ଡୁକେଲା ଛକଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଭାବେ ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଛକଠାରୁ କଇଁସରା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ କୁଣ୍ଡୁକେଲା ଛକରେ ଫ୍ଲାଏ ଓଭର ନିର୍ମାଣ ସାଙ୍ଗକୁ ସ୍ପିଡବ୍ରେକର ଦାବି ନେଇ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଶନିବାର ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେ କୁ ଅବରୋଧ କରାଯାଇଥିଲା। ଫଳରେ ସୁନ୍ଦରଗଡ -ଝାରସୁଗୁଡା ମଧ୍ୟରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ସଦର ଏସଡିପିଓ ବଳଭଦ୍ର ଦୀପ, ଭଷ୍ମା ଥାନା ପୋଲିସ, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହି ସ୍ଥାନରେ ଫ୍ଲାଏ ଓଭର ନିର୍ମାଣ ଓ ସ୍ପିଡ ବ୍ରେକର ଲଗାଇବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। କୁଣ୍ଡୁକେଲା ସରପଞ୍ଚ ଅଞ୍ଜଳି ମାଝିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ଭଷ୍ମା ସରପଞ୍ଚ ବାଲମତୀ କିଷାନ, ଦେଉଳି ସରପଞ୍ଚ ନଳିନୀ ପ୍ରଧାନ, ସମିତି ସଭ୍ୟା ରୀନା ଦେଉରିଆ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଆରତୀ ଚୌଧୁରୀ, ସନ୍ତୋଷ ମଗର, ମୁକେଶ ଦେଉରିଆ, ସୁରେନ୍ଦ୍ର ପଟେଲ, ଭୀମସେନ ନାଏକ, ଦେବେନ୍ଦ୍ର ପଟେଲ ଓ ଗୋପାଳ ଚୌଧୁରୀ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।



କୁଣ୍ଡୁକେଲା ଛକଠାରେ ରାସ୍ତାରୋକୋ କରାଯାଇଛି।

# କ୍ରୀଡ଼ା ଉପକରଣ ବିତରଣ ସମାରୋହ




ସଦର ବ୍ଲକ କାର୍ଯ୍ୟାଳୟରେ କ୍ରୀଡା ଉପକରଣ ବିତରଣ କରାଯାଉଛି।

**ସୁନ୍ଦରଗଡ , ୨୩।୨ (ଡି.ଏନ୍.ଏ)**

ସଦର ବ୍ଲକ କାର୍ଯ୍ୟାଳୟରେ ଶନିବାର କ୍ରୀଡା ଉପକରଣ ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଦର ବିଡିଓ ଅନାମିକା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବ୍ଲକ ଅଧ୍ୟକ୍ଷା ରୁକ୍ମିଣୀ ନାଏକ, ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବକ ମାନଙ୍କ ଆବଶ୍ୟକତା ଓ ବିଜୁ ଯୁବବାହିନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ବିଡିଓ ଚନ୍ଦନ ନିଖଣ୍ଡିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଦର ବ୍ଲକର ସାଲେପାଲି, ଲହଣ୍ଡାବୁଡ, ବିରବିରା, ବାରଗାଡ, କିରେଇ, ଭେଡାବାହାଲ, ଲଙ୍କାହୁଡା, ଦେଉଳି ପଞ୍ଚାୟତର ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନଙ୍କୁ କ୍ରିକେଟ, ଫୁଟବଲ, କ୍ୟାରମ, ଭଲିବଲ ଓ ଅନ୍ୟାନ୍ୟ କ୍ରୀଡାର ସାମଗ୍ରୀ ବଣ୍ଟନ କରିଥିଲେ। ଗୋଷ୍ଠୀ ଯୁବ ସଂଯୋଜକ ଦୈତାରୀ ତାଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

#### ଘରଡିହ ପଟ୍ଟା ଦାବି

# ଜିଲାପାଳଙ୍କୁ ଭେଟିଲେ ଗରିବ ଅଧିବାସୀ

**ସୁନ୍ଦରଗଡ଼, ୨୩।୨ (ଡି.ଏନ୍.ଏ)**

ସୁନ୍ଦରଗଡ ସହରରେ ପୁରୁଷାନୁକ୍ରମେ ବସବାସ କରିଆସୁଥିବା ଗରିବ ଜନସାଧାରଣଙ୍କୁ ଘରଡିହ ପଟ୍ଟା ପ୍ରଦାନରେ ଉପେକ୍ଷା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଜିଲାପାଳଙ୍କୁ ସାକ୍ଷାତ କରି ପ୍ରଶାସନ ପକ୍ଷରୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ଦିଗରେ ଦାବି କରାଯାଇଛି। ଯୁବ ନେତା ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ମହିଳା ପୁରୁଷ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କୁ ସରକାରୀ ଘରଡିହ ପଟ୍ଟା ଯୋଗାଇ ଦେବା ନିମନ୍ତେ ଯୋଜନା କରିଛନ୍ତି। ହେଲେ ସୁନ୍ଦରଗଡରେ କିଛି ବଡବଡିଆ ଓ ବାହାରୁ ଆସି ଜବରଦଖଲ କରି ବସବାସ କରୁଥିବା ଜନସାଧାରଣଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ଯୋଜନାରେ ସାମିଲ କରାଯାଉଛି। ଏପରିକି ସହରରେ ପତ୍ରାପଡା, ମହାଦେବ ପଡା, ବାଉଁଶପଡା, ନୂଆପଡା ଓ ସରକାରୀ ମହାବିଦ୍ୟାଳୟ ପଛପାଖରେ ଦୀର୍ଘବର୍ଷରୁ ସରକାରୀ ଜମିରେ ରହି ଆସିଥିବା ଅଧିବାସୀମାନଙ୍କୁ ତହସିଲ ପକ୍ଷରୁ ଉଚ୍ଛେଦ ପାଇଁ ଧମକ ଦିଆଯାଉଛି। ଏଣୁ ଏ ଦିଗରେ ପ୍ରଶାସନ ଧ୍ୟାନ ଦେଇ ଗରିବ ଅଧିବାସୀମାନଙ୍କୁ ଥଇଥାନ କରାଯିବା ନିମନ୍ତେ ଦାବି କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ସୁନ୍ଦରଗଡ଼ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୈଠକ, କମିଟି ଗଠନ

**ବଡଗାଁ, ୨୩।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ସାମାଜିକ ବୈଠକ ଓ ନୂତନ କମିଟି ଗଠନ କରାଯାଇଛି। କେନ୍ଦ୍ର ମହାସଭା ନିୟମ ଅନୁଯାଇ ୪ବର୍ଷରେ ଥରେ କମିଟି ପୁର୍ନଗଠନ ହୋଇଥାଏ। ସେ ଅନୁଯାଇ, ବଡଗାଁ ଗ୍ରାମ୍ୟ କମିଟିର ସଭାପତି ଭାବେ ଅଚ୍ୟୁତ କୁମାର ସାହୁ, ଉପସଭାପତି ଦିବ୍ୟଶଙ୍କର ସା, ସମ୍ପାଦକ ଧରଣିଧର ସା, ସହସମ୍ପାଦକ କରୁଣାକର ସାଙ୍କୁ ମନୋନୀତ କରାଯାଇଛି। ସେହିପରି କିଞ୍ଜିରକେଲା ଗ୍ରାମ୍ୟ କମିଟିର ସଭାପତି ଭାବେ ଈଶ୍ୱର ଚନ୍ଦ୍ର ସା, ଉପସଭାପତି ସୁରେନ୍ଦ୍ର ପୃଷେଟ, ସମ୍ପାଦକ ଚୈତନ୍ୟ ସା, ସହସମ୍ପାଦକ ସୁବନ ପୃଷେଟ, କୋଷାଧକ୍ଷ ଭାବେ ହଳଧର ସା ରହିଛନ୍ତି। ବଡଗାଁ ଗ୍ରୁପ କମିଟିର ସଭାପତି ଭାବେ ମନୋରଞ୍ଜନ ପୃଷେଟ, ଉପସଭାପତି ସୁବନ ପୃଷେଟ, ସମ୍ପାଦକ ଗୌରାଙ୍ଗ ନାଏକ, ସହ ସମ୍ପାଦକ ଯୁଗଳ କିଶୋର ସା, କୋଷାଧକ୍ଷ ଖଡିଆ ସାଙ୍କୁ ଚୟନ କରି କାର୍ଯ୍ୟଭାର ହସ୍ତାନ୍ତର କରାଯାଇଛି। ବଡଗାଁ ଗ୍ରୁପ କମିଟିରେ ଉପଦେଷ୍ଟା ଭାବେ ଭିକାରୀ ଚରଣ ସା, ଋଷି କେସନ ସା, ଚକ୍ରଧର ପୃଷେଟ, ଭୁବନେଶ୍ୱର ସା, ଧରଣୀଧର ସା, ବସନ୍ତ ପୃଷେଟ ଓ ଶିକ୍ଷା କମିଟିରେ କେଶବ ଚନ୍ଦ୍ର ସାହୁ, ପ୍ରଶାନ୍ତ ପୃଷେଠଙ୍କୁ ମନୋନୀତ କରାଯାଇଛି। ଚଳିତବର୍ଷ ଇତମା ଗ୍ରାମରେ କେନ୍ଦ୍ର ମହାସଭାର ବୈଠକ ହେବ। ନୂତନ ଭାବେ ଗଠିତ କମିଟି ଓ ଗ୍ରୁପ କମିଟି କେନ୍ଦ୍ର କମିଟି ଅଧିନରେ ରହି କାର୍ଯ୍ୟକ୍ରମ ଓ ନୀତି ନିର୍ଦ୍ଧାରଣ କରିବେ।



ବୈଠକରେ ତୈଳିକ ବୈଶ୍ୟ ସମାଜର କର୍ମକର୍ତ୍ତା।

# ଝୁରିମାଲ ପଞ୍ଚାୟତରେ ଭତ୍ତା ବଣ୍ଟନ ନେଇ ବୃଦ୍ଧାବୃଦ୍ଧ ହନ୍ତସନ୍ତ

**ଲେଫ୍ରିପଡା, ୨୩।୨(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଲ ଗ୍ରାମପଞ୍ଚାୟତରେ ଭତ୍ତା ବଣ୍ଟନ ନେଇ ବୃଦ୍ଧାବୃଦ୍ଧ ହିତାଧିକାରୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ସରକାର ବୃଦ୍ଧାବୃଦ୍ଧଙ୍କ ପାଇଁ ଭତ୍ତା ପ୍ରଦାନ ସକାଶେ ବେଶ୍ ଗୁରୁତ୍ୱ ଦେଉଥିବା ବେଳେ ସରକାରୀ ସ୍ତରରେ ପ୍ରଶାସନିକ ଅବହେଳା ଯୋଗୁ ହିତାଧିକାରୀ ହଇରାଣ ହେଉଛନ୍ତି। ଅଭିଯୋଗ ଅନୁଯାୟୀ ଗତ ମଙ୍ଗଳବାର ଝୁରିମାଲ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଥିବାବେଳେ ସନ୍ଧ୍ୟା ହୋଇଯିବାରୁ ବହୁ ସଂଖ୍ୟାରେ ହିତାଧିକାରୀ ଭତ୍ତା ନ ପାଇ ଫେରିଯାଇଥିଲେ। ପରେ ତହିଁ ଆରଦିନ ବୁଧବାର ଏବଂ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ହନ୍ତସନ୍ତ ହୋଇ ଫେରିଛନ୍ତି। ପଞ୍ଚାୟତରେ କର୍ମଚାରୀମାନେ ଟଙ୍କା ନିୟଣ୍ଟର ଆଳଦେଖାଇ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରୁ ବୃଦ୍ଧାବୃଦ୍ଧ ଚାଲିଚାଲି ଦୀର୍ଘ ରାସ୍ତା ଅତିକ୍ରମ କରି ଘରକୁ ଫେରିଥିଲେ। ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଦିନ ଭତ୍ତା ପ୍ରଦାନ କରାଯିବ ବୋଲି କୌଣସି ଅଧିକାରୀ ପ୍ରକାଶ କରୁ ନ ଥିବାରୁ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ହିତାଧିକାରୀମାନେ ସନ୍ଦେହ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଧରଣୀଧର ପ୍ରଧାନଙ୍କୁ ପଚାରିବାରୁ ଘଟଣାକୁ ହାଲୁକା ଭାବେ ନେଇ ଆମ୍ଭେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଛୁଁ। ସୋମବାର ନିଶ୍ଚିତ ଭାବେ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଏଣୁ ଏ ଦିଗରେ ପ୍ରଶାସନ ବିହୀତ ପଦକ୍ଷେପ ନେବା ପାଇଁ ହିତାଧିକାରୀଙ୍କ ପକ୍ଷରୁ ଦାବି ହେଉଛି।

#### ବିଜୁ ଛାତ୍ର ଜନତା ଦଳ, ବିଜୁ ଯୁବ ଜନତା ଦଳ ପକ୍ଷରୁ ସ୍ୱାଭିମାନ ସମାବେଶ

# ବେଦବ୍ୟାସରୁ ନବୀନ ନିବାସକୁ ସାଇକେଲ ଶୋଭାଯାତ୍ରା

**ବେଦବ୍ୟାସ, ୨୩।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବ୍ୟାସକ୍ଷେତ୍ର ବେଦବ୍ୟାସ ଗୁରୁକୁଳ ଆଶ୍ରମ ସମ୍ମୁଖ ଖେଳ ପଡିଆଠାରେ ଶନିବାର ସ୍ୱାଭିମାନ ସମାବେଶ ହୋଇଥିଲା। ଏହି ଅବସରରେ ବେଦବ୍ୟାସରୁ ଭୁବନେଶ୍ୱର ନବୀନ ନିବାସକୁ ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବିଜୁ ଛାତ୍ର ଓ ବିଜୁ ଯୁବ ଜନତା ଦଳ ପକ୍ଷରୁ ପ୍ରାୟ ୭୩ଜଣ ଏହି ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଶୋଭାଯାତ୍ରା ମାଧ୍ୟମରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଙ୍ଗଳ ତଥା ଉଜ୍ଜଳ ଭବିଷ୍ୟତ କାମନା କରିବା ଲକ୍ଷ୍ୟ ରହିଛି। ଏହା ସହ ବିଜୁ ଜନତା ଦଳର ବାର୍ତ୍ତାକୁ ଓଡିଶାର ଯୁବକ, ଛାତ୍ରୀଛାତ୍ର ତଥା ପୁରପଲ୍ଲିରେ ପହଞ୍ଚାଇବା ଶୋଭାଯାତ୍ରାର ମୂଳଲକ୍ଷ୍ୟ ବୋଲି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ରବୀନ୍ଦ୍ର ପ୍ରଧାନ କହିଛନ୍ତି। ଏହି ସାଇକେଲ ଶୋଭାଯାତ୍ରା ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କଟକ ଜିଲା ଦେଇ ଆସନ୍ତା ୨୬ ତାରିଖ ଭୁବନେଶ୍ୱର ନବୀନ ନିବାସରେ ପହଞ୍ଚିବ। ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମରେ ସୁନ୍ଦରଗଡ ବିଜୁ ଛାତ୍ର ଜନତା ଦଳର ସଭାପତି ରାଣା ପ୍ରତାପ ସିଂ, ବିଜୁ ଛାତ୍ର ରାଜ୍ୟ ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ସୁନ୍ଦରଗଡ ବିଜୁ ଯୁବ ସଭାପତି ଦେବେନ୍ଦ୍ର ମାଝୀ, ଜୋନାଲ ସଭାପତି ବୈକୁଣ୍ଠ ନାଏକ, ରାଜ୍ୟ ସମ୍ପାଦକ ଶିବାନୀ ନାଏକ, ଲାଠିକଟା ଜିଲା ପରିଷଦ (ଖ) ସଭ୍ୟ ମହେଶ ନାଗ, ରଞ୍ଜିତ ସିଂ, ସୁଧାଂଶୁ ଶେଖର ବସ୍ତିଆ, ରାଜୁ ମହାନ୍ତି, ବିଶ୍ୱଜିତ ଜେନା, ବିଶ୍ୱ ପ୍ରକାଶ ବେହେରା, ନିରଞ୍ଜନ ସେଠୀ, ଗୋପେ ଷଡଙ୍ଗୀ, କଲୁଙ୍ଗା ସରପଞ୍ଚ ରାମ ମାଝୀ ସମେତ ରାଜଗାଙ୍ଗପୁର ବିଜୁ ଜନତା ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ରହିଥିଲେ। ସାଇକେଲ ଶୋଭାଯାତ୍ରାରେ ବାହାରିଥିବା ବିଜୁ ପ୍ରେମୀଙ୍କୁ ଶୁଭକାମନା ତଥା ଶୁଭଯାତ୍ରାର ଶୁଭେଚ୍ଛା ଜଣାଇଥିଲେ। ଏନେଇ ସ୍ୱାଭିମାନ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲାଠିକଟା ଜିଲା ପରିଷଦ (ଖ) ସଭ୍ୟ ମହେଶ ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ରବିନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ଯୋଜନାର ସମ୍ବାଦକୁ ଏହି ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ଯୁବକ ଛାତ୍ରୀଛାତ୍ର ତଥା ପୁରପଲ୍ଲୀରେ ବାର୍ତ୍ତା ପହଞ୍ଚାଇବୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ରାସ୍ତାରେ ସମସ୍ତ ଦେବା ଦେବୀଙ୍କୁ ପୂଜାପାଠ କରି ଭୁବନେଶ୍ୱରରେ ପହଞ୍ଚିବୁ ବୋଲି କହି ଥିଲେ। ସମାବେଶରେ ଅଞ୍ଚଳର ପ୍ରାୟ ୪ହଜାର ଲୋକ ଯୋଗଦେଇଥିଲେ।



ବେଦବ୍ୟାସଠାରେ ନବୀନ ନିବାସକୁ ସାଇକେଲ ଶୋଭାଯାତ୍ରାର ଆରମ୍ଭ କରାଯାଉଛି।

# ବାଲିଶଙ୍କରାରେ ଗ୍ରାଜୁଏଶନ ଡେ ପାଳିତ




ଗ୍ରାଜୁଏଶନ ଡେ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବାଲିଶଙ୍କରା,୨୩।୨ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବାଲିଶଙ୍କରା ଗ୍ରାମ ପଞ୍ଚାୟତ ରାଜାବଙ୍ଗଳା ଖେଳ ପଡିଆଠାରେ ଓଡିଶା ଜୀବିକା ମିଶନ ତରଫରୁ ମହିଳାମାନଙ୍କୁ ସ୍ୱାବଲମ୍ବି କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଗ୍ରାଜୁଏଶନ ଡେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ପିଡି ଭୂମେଶ ଚନ୍ଦ୍ର ବେହେରା, ବନ ବିଭାଗ ଏସିଏଫ ଟଙ୍କଧର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆମେରିକାର ଏନଜିଓ ତରଫରୁ ଖ୍ରୀଷ୍ଟିନା ପାରଦୀ ଡିଆରଆର ଓ ଓରଲାନ ମ୍ୟାଥ୍ୟୁ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ କୃଷି ବିଭାଗ ତରଫରୁ ଛେଳି, କୁକୁଡା, ଛତୁ ଚାଷ, ଜମି ମରାମତି ଓ ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦରଗଡ ସେବକର ଏନଜିଓ ମୁଖ୍ୟ ଅମିୟ କୁମାର ନାଏକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ପ୍ରତିମା ତନ୍ତି, କୃଷି ଅଧିକାରୀ ମକରଧ୍ୱଜ ପଟେଲ, ଲୋକ ଦୃଷ୍ଟି ଏନଜିଓ ବଲାଙ୍ଗିରର ପରମାନନ୍ଦ ପଣ୍ଡା, ଓରମାର୍ସର ସ୍ୱରଭମୟ ଦାଶ ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଶଙ୍କରା ବ୍ଲକର ୧୯ଟି ଗ୍ରାମ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ଫେବୃୟାରୀ, ୨୦୧୯



ଇଭିଏମ୍ ଭାରତୀୟ ଗଣତନ୍ତ୍ରର 'ବିସ୍ମୟ ଯନ୍ତ୍ର' । ଏହା ଉପରେ ପ୍ରଶ୍ନ ଉଠାଉଥିବା ଲୋକେ ସନ୍ଦେହର ବୀଜ ବୁଣି ଗଣତନ୍ତ୍ରକୁ ନ୍ୟୁନ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି ।
- ଏସ୍.ଓ୍ୱାଇ. କୁରେଶୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର



## ସଂକ୍ଷେପରେ

### ୫୨ କେଜି ଗଞ୍ଜେଇ ଜବତ କଲା ଏନ୍‌ସିବି

ଝାରସୁଗୁଡା ଅଫିସ,୨୩।୨

ଚୋରା ଗଞ୍ଜେଇ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ କାରବାର ରୋକିବାରେ ଝାରସୁଗୁଡା ଜିଲା ପୋଲିସ ଓ ଅବକାରୀ ବିଭାଗ ଫେଲ ମାରିଛି । ଏପରି କି ଚୋରା କାରବାର କରୁଥିବା ର୍ୟାକେଟ୍ ସମ୍ପର୍କରେ ସୁରାକ ମଧ୍ୟ ପାଉନାହିଁ । ହେଲେ ନାର୍କୋଟିକ୍ସ କେଣ୍ଟ୍ରୋଲ ବ୍ୟୁରୋ ଅଫ ଇଣ୍ଡିଆ(ଏନ୍‌ସିବି)ର ଭୁବନେଶ୍ୱର ଶାଖା ପକ୍ଷରୁ ଝାରସୁଗୁଡାରେ ଚଢାଉ କରାଯାଇଥିଲା । ଚଢାଉ ବେଳେ ଏନ୍‌ସିବି ଅଧିକାରୀମାନେ ଏକାତାଲିର ମନୋଜ କୁମାର ସିଂ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୫୨ କେ.ଜି ଗଞ୍ଜେଇ ଜବତ କରିଥିଲେ । ଏନେଇ ମନୋଜଙ୍କୁ ଗିରଫ କରାଯାଇଥିବା ଏନ୍‌ସିବି ତରଫରୁ ସୂଚନା ଦିଆଯାଇଛି ।

ସୂଚନା ମୁତାବକ, ମନୋଜ ସୋନପୁର ଅଞ୍ଚଳରୁ ଗଞ୍ଜେଇ ଆଣି ଚୋରାରେ ବାହାର ରାଜ୍ୟକୁ ଚାଲାଣ କରୁଥିଲେ । ଦୀର୍ଘ ଦିନ ହେଲା ସେ ଏହି କାରବାର କରି ଆସୁଥିଲେ । ହେଲେ ପୋଲିସ ପାଖରେ ଏନେଇ କୌଣସି ଖବର ନ ଥିଲା । ମଙ୍ଗଳବାର ବିଳମ୍ବିତ ରାତିରେ ଏନ୍‌ସିବି ଭୁବନେଶ୍ୱର ଶାଖାର ଅଧିକାରୀମାନେ ମିଳିତ ଭାବେ ମନୋଜଙ୍କ ଘରେ ଚଢାଉ କରିଥିଲେ । ଚଢଉ ବେଳେ ମନୋଜଙ୍କ ଘରୁ ୫୨ କେ.ଜି ଗଞ୍ଜେଇ ଜବତ କରାଯାଇଥିଲା । ଜବତ ଗଞ୍ଜେଇ ଛତିଶଗଡ଼ ଓ ଝାଡଖଣ୍ଡ ଚାଲାଣ ହେବାର ଥିଲା ବୋଲି ଜେରା ବେଳେ ଏନ୍‌ସିବି ଜାଣିବାକୁ ପାଇଛି ।

ଇବ୍ ସେତୁ ରାଜନୀତି: ଦୁଇ କୂଳରେ ଦୁଇନେତା

# ନବଙ୍କ ପରେ ରାଧା କଲେ ଶିଳାନ୍ୟାସ




ଇବ ସେତୁ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟିକା ରାଧାରାଣୀ ପଣ୍ଡା ।




ଅକ୍ଟୋବର ମାସରେ ନବ ଦାସ କରିଥିବା ଶିଳାନ୍ୟାସ ।

ଝାରସୁଗୁଡା ଅଫିସ,୨୩।୨

**ଝାରସୁଗୁଡ଼ା-** ବ୍ରଜରାଜନଗରକୁ ସଂଯୋଗ କରିବାକୁ ଇବ୍‌ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ହେବାକୁ ଯାଉଛି । ଏହାର ଶ୍ରେୟ ନେବାକୁ ପୂର୍ବରୁ ବିଜେଡି ଓ କଂଗ୍ରେସ ଭିତରେ ଭିଡାଓଟରା ଚାଲିଥିଲା । ଏବେ ଶ୍ରେୟ ତାଲିକାରେ ସାମିଲ ହେଲା ଭାଜପା । ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ଶୁକ୍ରବାର ଦ୍ୱିତୀୟ ଇବ୍ ସେତୁର ଶିଳାନ୍ୟାସ କରିଛନ୍ତି । ଏନେଇ ନିଜ ଟ୍ୱିଟର ପୃଷ୍ଠାରେ ଉଲ୍ଲେଖ ମଧ୍ୟ କରିଛନ୍ତି । ରାଧାରାଣୀଙ୍କ ଦ୍ୱାରା ସେତୁ ନିର୍ମାଣର ଶିଳାନ୍ୟାସ ପରେ ବ୍ରଜରାଜନଗର ଏବଂ ଝାରସୁଗୁଡ଼ାରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ପୂର୍ବରୁ ବିଜେଡି ଓ କଂଗ୍ରେସ ଏହାର ଶିଳାନ୍ୟାସ କରିଥିବା ବେଳେ ବିଧାୟିକା ପଣ୍ଡା କେଉଁ ଆଧାରରେ ପୁଣିଥରେ ଶିଳାନ୍ୟାସ କଲେ ବୋଲି ଟୁପୁରୁଟାପୁରୁ ହେଉଛନ୍ତି । ଲୋକଙ୍କ ନିକଟତର ହେବାକୁ, ଆଗାମୀ ନିର୍ବାଚନରେ ଭୋଟ ହାତେଇବାକୁ ନେତାଙ୍କ ଏହା ଚାଲ ବୋଲି ଲୋକ କହୁଛନ୍ତି । ବାସ୍ତବ ରାଜନୀତି ନୁହେଁ ନେତାମାନେ ଶ୍ରେୟ ରାଜନୀତିରେ ବିଶ୍ୱାସ ରଖୁଛନ୍ତି ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକ ଟିପ୍ପଣୀ ଦେଉଛନ୍ତି । କେବଳ ଏହି ସେତୁ ନୁହେଁ, ସେହିଭଳି ଅନେକ କାର୍ଯ୍ୟକ୍ରମ ଏବଂ ଯୋଜନାର ଶ୍ରେୟ ନେବାକୁ ନେତାଙ୍କ ମଧ୍ୟରେ ପ୍ରତିଯୋଗିତା, ମାଡପିଟ୍, ମାମଲା ପର୍ଯ୍ୟନ୍ତ କଥା ଯାଉଥିବାର ପ୍ରମାଣ ରହିଛି ।

ଇବ୍‌ନଦୀ ଉପରେ ଝାରସୁଗୁଡାରୁ ବ୍ରଜରାଜନଗର ପୌରାଞ୍ଚଳକୁ ସଂଯୋଗ କରୁଥିବା ଏକ ସେତୁ ନିର୍ମାଣ ହେବ । ଏନେଇ ମୋଟ ୪୨ କୋଟି ୫୫ ଲକ୍ଷ ଟଙ୍କାର ବ୍ୟୟବରାଦ ହେବ । ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବାଲାଜୀ ଇଞ୍ଜିକନ୍ ନାମକ ଠିକା ସଂସ୍ଥା ଏହାର ନିର୍ମାଣ କାମ ହାତେଇଛି । ମାର୍ଚ୍ଚ ୨୦୨୧ ସୁଦ୍ଧା ନିର୍ମାଣ କାମ ଶେଷ ହେବ । ୫ ଶହ ମିଟର ସେତୁ ସାଙ୍ଗକୁ ଝାରସୁଗୁଡା ପଟୁ ୧ କି.ମି. ଏବଂ ବ୍ରଜରାଜନଗର ପଟୁ ୭୦୦ ମି. ଆପ୍ରୋଚ୍ ରୋଡ ନିର୍ମାଣ ହେବ ବୋଲି ପୂର୍ତ୍ତବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାର ଶିଳାନ୍ୟାସ ପାଇଁ ମୂଳରୁ ପ୍ରତିଯୋଗିତା ଚାଲିଛି । ପ୍ରଥମେ ଜିଲା ବିଜେଡି ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ, ଦ୍ୱିତୀୟରେ ପୂର୍ବତନ କଂଗ୍ରେସ ନେତା ତଥା ବର୍ତ୍ତମାନର ବିଜେଡି ନେତା ନବ କିଶୋର ଦାସ ଏବଂ ତୃତୀୟରେ ଭାଜପା ବିଧାୟିକା ରାଧାରାଣୀ ପଣ୍ଡା ଏହି ସେତୁର ଶିଳାନ୍ୟାସ କରିଛନ୍ତି । ବିଜେଡି ଓ କଂଗ୍ରେସ ଉଭୟ ଅକ୍ଟୋବର ୨୦ ଏବଂ ୨୧ ତାରିଖରେ ଶିଳାନ୍ୟାସ କରିଥିବା ବେଳେ ଭାଜପା ନିର୍ବାଚନ ନିକଟତର ଦେଖି ଫେବୃୟାରୀ ୨୨ ତାରିଖରେ ଏହାର ଶିଳାନ୍ୟାସ କରିଛି । ସେତୁର ଶିଳାନ୍ୟାସ ନେଇ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ନବ କିଶୋର ଦାସଙ୍କୁ ପଚାରିବାରୁ ସେ କହିଲେ, ନିଜସ୍ୱ ଉଦ୍ୟମରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ସହ ଯୋଗାଯୋଗ କରି ସେତୁ ପାଇଁ ସମସ୍ତ କାମ କରାଇଥିଲିକକକକକକକ । ଏହି ସେତୁ ନିର୍ମାଣ ପାଇଁ ୪ ମାସ ପୂର୍ବରୁ ଶିଳାନ୍ୟାସ ସରିଛି । ଏହି ସେତୁ ନିର୍ମାଣ ହେବା ପାଇଁ ବିଧାୟିକା ରାଧାରାଣୀ ପଣ୍ଡାଙ୍କ କୌଣସି ହାତ ନାହିଁ । ତେବେ କେଉଁ ଉଦ୍ଦେଶ୍ୟରେ ସେତୁର ଶିଳାନ୍ୟଶସ କରୁଛନ୍ତି ବିଧାୟିକା ନିଜେ କହିପାରିବେ । ରାଧାରାଣୀ ପଣ୍ଡାଙ୍କ ମତାମତ ପାଇଁ ତାଙ୍କର ୨ଟି ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲା । ହେଲେ କୌଣସିଥିରେ ଯୋଗାଯୋଗ ହୋଇପାରି ନାହିଁ ।

ଗୌତମ ସ୍ମାରକୀ ଫୁଟବଲ

### ଫାଇନାଲରେ ସୁନ୍ଦରଗଡ଼, ସମ୍ବଲପୁର

ଝାରସୁଗୁଡା ଅଫିସ,୨୩।୨

ଝାରସୁଗୁଡା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ଫୁଟବଲ ପଡ଼ିଆରେ ଚାଲିଥିବା ୧୧ତମ ଗୌତମ ସ୍ମାରକୀ ଫୁଟବଲ୍‌ର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶନିବାର ହୋଇଯାଇଛି । ଦ୍ୱିତୀୟ ସେମିରେ ଝାରସୁଗୁଡା ଗୋଲଡେନ୍ କ୍ଲବ୍ ଓ ସୁନ୍ଦରଗଡ଼ ଜଗନ୍ନାଥ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା । ସୁନ୍ଦରଗଡ଼ ଜଗନ୍ନାଥ ଫୁଟବଲ କ୍ଲବ ୪-୦ଗୋଲରେ ବିଜୟୀ ହୋଇଛି । ଏନେଇ ସୁନ୍ଦରଗଡ଼ ଜଗନ୍ନାଥ ଫୁଟବଲ କ୍ଲବ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ରବିବାର ସମ୍ବଲପୁର ଫୁଟବଲ ଏକାଡେମୀ ଓ ସୁନ୍ଦରଗଡ଼ ଜଗନ୍ନାଥ କ୍ଲବ ମଧ୍ୟରେ ଫାଇନାଲ୍ ମୁକାବିଲା ହେବ । ଶନିବାର ପୂର୍ବତନ ପୌରାଧ୍ୟକ୍ଷ ହରିଷ ଗଣତ୍ରା, ଅଭିଷେକ ଲାଠ୍, ଉପଦୁର୍ଗପତି ଲକ୍ଷ୍ମଣ ସିଂ, କ୍ରୀଡ଼ାସଂଘର ତାପସରାୟ ଚୌଧୁରୀ, ବିଜୟ ବେହେରା, ଜୀବନ ମହାନ୍ତି, ଗଣେଶ ନାୟକ, ଶଙ୍କର ପଟେଲ, ମୁନା ମହାନ୍ତି, ମନୋଜ ଦାସ, ଅଶ୍ୱିକକନୀ ପାଣ୍ଡେ, ପ୍ରଶାନ୍ତ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ । ସଞ୍ଜୟ ଦାସ, ଅଶୋକ ପାଣ୍ଡବ, କ୍ଷମାଶୀଳ ସାହୁ ଓ ଅମିରା ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ ।

### ବାଇକ୍ ଦୁର୍ଘଟଣା, ୪ ଆହତ

କୋଲାବିରା,୨୩।୨(ଡି.ଏନ୍.ଏ.)

କୋଲାବିରା ଥାନା ଅଧୀନ ସମାସିଂହା ବେଲମୁଣ୍ଡା ଛକ ଶନିବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାରେ ୩ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରଣ କରାଯାଇଛି । ଅନ୍ୟ ୨ଜଣଙ୍କୁ କୋଲାବିରା ଡାକ୍ତରଖାନାରେ ଚିକିତ୍ସା ପରେ ଛାଡି ଦିଆଯାଇଛି ।

ସୂଚନା ଯୋଗ୍ୟ, ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳେ ବାଉରିଗୁଡା ଗ୍ରାମର ରବୀନ୍ଦ୍ର ଦରକା(୩୦) ଏକ ବାଇକ୍‌ରେ ମା' ବସନ୍ତ ଦରକା(୫୫)ଙ୍କୁ ଧରି ଗ୍ରାମକୁ ଯାଉଥିଲେ । ସେତିକିବେଳେ ବେଲମୁଣ୍ଡା ଛକ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ରବୀନ୍ଦ୍ରଙ୍କ ଗୋଡ ଭାଙ୍ଗିଯାଇଥିବା ବେଳେ ମା' ବସନ୍ତଙ୍କ ଅଣ୍ଟାରେ ଆଘାତ ଲାଗିଛି । ସେହିପରି ଝାରସୁଗୁଡ଼ା ସରବାହାଲର ଅଶୋକ ନାଏକ ଏବଂ ମିଥୁନ ରୋହିଦାସ ଆହତ ହୋଇଛନ୍ତି ।

### ମଦ ଜବତ, ଜଣେ ଗିରଫ

କୋଲାବିରା,୨୩।୨(ଡି.ଏନ୍.ଏ.)

ଦେଶୀ ମଦ ବିକ୍ରି ଅଭିଯୋଗରେ କୋଲାବିରା ଥାନା ପୋଲିସ କେଲଡାମାଲ ଗ୍ରାମର ମିନକେତନ ରଉତ(୫୬)ଙ୍କୁ ଶନିବାର ଗିରଫ କରିଛି । ପୋଲିସ ମିନକେତନଙ୍କ ଘରୁ ୪୦ ପାଉଚ୍ ଦେଶୀ ମଦ ଜବତ କରିଛି । ଏସଂକ୍ରାନ୍ତରେ କୋଲାବିରା ଥାନାରେ ଏକ ମାମଲା ରୁଜୁ ହୋଇଛି । ରବିବାର ମିନକେତନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କୋଲାବିରା ଥାନା ପୋଲିସ ପକ୍ଷରୁ କୁହାଯାଇଛି ।

## ଗ୍ରାମାଞ୍ଚଳ ମହିଳାଙ୍କୁ ସଚେତନ କଲା ମିଶନ ଶକ୍ତି ରଥ



ଉଦେପୁରଠାରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ମହିଳା ଓ ଅଙ୍ଗନୱାଡି କର୍ମୀ ।

ଅତାବିରା, ୨୩।୨ (ଡି.ଏନ.ଏ)

ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନ କରିବା ପାଇଁ ମିଶନ ଶକ୍ତି ରଥ ଗାଁ ଗାଁ ବୁଲୁଛି । ଏହି କ୍ରମରେ ଭୁବନେଶ୍ୱରରୁ ଏକ ମିଶନ ଶକ୍ତି ରଥ ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳକୁ ଆସି ସଚେତନତା କାର୍ଯ୍ୟକ୍ରମ କରୁଛି । ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର, ଦେଶଭଟିଲି, ସାଲନାଠାରେ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ, ଫୁଚି ଖେଳ, ଲୁଡୁ ଖେଳ ଆଦି ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ । ଭେଡେନ ଆଇସିଡିଏସ ଅଧୀନ ଡାଲବ ସେକ୍ଟର ପରିଦର୍ଶିକା ସୁରିୟା ରାଜହଂସ, ମିଶନ ଶକ୍ତି କ୍ଷେତ୍ର ପରିଦର୍ଶକ ବିଦ୍ୟାଧର ବେହେରା, ଅଙ୍ଗନୱାଡି କର୍ମୀ ରୀନା ଦନ୍ତା, ଯାଜ୍ଞସେନୀ ନାୟକ, ଜ୍ୟୋତ୍ସ୍ନା ଛୁରିଆ, ଯଶୋବନ୍ତୀ ସାହୁ, ନୀଳିମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ପ୍ରତିଯୋଗତାରେ ଚନ୍ଦନ ନାୟକ, ଚନ୍ଦନା ସେଠ, ମାନସୀ ବେହେରା, ବାସନ୍ତୀ ବଢ଼େଇ, ଶୁଭାଶିନୀ ଦାଶ, ଦେବକୀ ଭୋଇ, ମଞ୍ଜୁ ସେଣ ପ୍ରମୁଖ ମହିଳା ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ । ଉଦେପୁର ପ୍ରତିଯୋଗିତାରେ ଅଙ୍ଗନୱାଡି କେନ୍ଦ୍ର-୧ର ମହିଳାମାନେ ସବୁ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ ।

ଆଇସିଏଆଇର ଜାତୀୟ ସମ୍ମିଳନୀ

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିକାଶର ପଥ ପ୍ରଦର୍ଶକ

ଝାରସୁଗୁଡା ଅଫିସ,୨୩।୨

ଇନ୍‌ଷ୍ଟିଟ୍ୟୁଟ୍ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ (ଆଇସିଏଆଇ) ଝାରସୁଗୁଡା ଶାଖା ପକ୍ଷରୁ ୨ ଦିନିଆ ଜାତୀୟ ସମ୍ମିଳନୀ 'ଜ୍ଞାନକୁମ୍ଭ' ଶନିବାର ଉଦ୍‌ଘାଟିତ ହୋଇଯାଇଛି । ବେଦାନ୍ତ ଅଡିଟୋରିୟମରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବରଗଡ ଏମ୍‌ପି ଡା. ପ୍ରଭାସ ସିଂ ଯୋଗଦେଇ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ବିକାଶର ପଥ ପ୍ରଦର୍ଶକ ବୋଲି କହିଥିଲେ । ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି)ର ସଫଳ କାର୍ଯ୍ୟକାରିତା, ଟିକସ ଆୟ, ଆର୍ଥିକ ସଂସ୍କାର କ୍ଷେତ୍ରରେ ଏହି ବର୍ଗର ଅବଦାନ ସର୍ବାଧିକ ବୋଲି ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ଭାବେ ଆଇସିଏଆଇର ପୂର୍ବତନ ଅଧ୍ୟକ୍ଷ ଏମ୍. ଦେବରାଜ ରେଡ୍ଡୀ ଯୋଗଦେଇ ବାଣିଜ୍ୟକ ସଫଳତା ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଉପରେ ନିର୍ଭର କରେ ବୋଲି କହିଥିଲେ । ସେ କହିଲେ, ଆୟକର ସଂଗ୍ରହ ବୃଦ୍ଧି ପାଇବାକୁ ନେଇ ଆୟକର ବିଭାଗ ଉତ୍ସାହିତ ହୁଏ । ଏହାକୁ ସରକାର ନିଜ ସଫଳତା ବୋଲି ପ୍ରତିପାଦିତ କରନ୍ତି । କିନ୍ତୁ ବାସ୍ତବରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ନିରବଚ୍ଛିନ୍ନ ପ୍ରୟାସ ଏବଂ କରଦାତାଙ୍କୁ ଠିକ୍ ପରାମର୍ଶ ଦ୍ୱାରା ଆୟକର ସଂଗ୍ରହ ବୃଦ୍ଧି ହୋଇଥାଏ ବୋଲି କହିଥିଲେ । ପ୍ରମୁଖ ଅତିଥି ଭାବେ ବେଦାନ୍ତ ଆଲୁମିନିୟମର ସିଇଓ ଅଭିଜିତ ପତି ଆକାଉଣ୍ଟେନ୍‌ସି ନେଇ ଚିତ୍ରଗୁପ୍ତ, ଚାଣକ୍ୟର ପୌରାଣିକ ଉଦାହରଣ ଦେଇଥିଲେ । ସଫଳ ବ୍ୟବସାୟ ପାଇଁ ଆକାଉଣ୍ଟିଂର ଆବଶ୍ୟକତା କେତେ ଏବଂ ସେଥିରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା କେତେ ଜରୁରୀ ତାହା ବର୍ଣ୍ଣନା କରିଥିଲେ । ଆଇସିଏଆଇର ସଦସ୍ୟ ସିଏ ସୁଶୀଲ ଗୋଏଲ, ସିଏ ରଞ୍ଜିତ ଅଗ୍ରୱାଲ, ସିଏ ରଞ୍ଜିତ ଅଗ୍ରୱାଲ, ସିଏ ପ୍ରଦୀପ ଲାଠ୍, ସିଏ ହିମାଂଶୁ ଶେଖର ବଡପଣ୍ଡା, ସିଏ ମନିଷ ଡିଡୱାନିଆ, ସିଏ ରାଜେଶ ଅଗ୍ରୱାଲ, ସିଏ ସନ୍ଦୀପ ଶାହା, ସିଏ ମହେନ୍ଦ୍ର କେଡିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ ।



ମଞ୍ଚାସୀନ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ଝିଲ୍ଲାପାଲି ପଞ୍ଚାୟତ

## ପିଠା କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ

କୋଲାବିରା,୨୩।୨(ଡି.ଏନ୍.ଏ.)

କୋଲାବିରା ବ୍ଲକ ଅଧୀନ ଝିଲ୍ଲାପାଲି ପଞ୍ଚାୟତରେ ଗତ ୧୬ ତାରିଖରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ କହିବା ମୁତାବକ, ୧୬ ତାରିଖରେ ଝିଲ୍ଲାପାଲି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପଞ୍ଚାୟତ ଅଧିନ ସମସ୍ତ ଏସ୍‌ଏଚ୍‌ଜି ସମେତ ବହୁ ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା କରାଯାଇଥିଲା । ହେଲେ ରନ୍ଧା ହୋଇଥିବା ଭାତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳ ବୋଲି ଗ୍ରାମବାସୀ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ । ଏ ନେଇ ଗ୍ରାମର ଶକ୍ତିଭୂଷଣ ସେଠୀ, ଜଗବନ୍ଧୁ କିଷାନ, ଜଗନ୍ନାଥ କିଷାନ, ଆଦିତ୍ୟ ପଟେଲ, ନରେଶ ରାଓ, ପରମେଶ୍ୱର ନାଏକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଶନିବାର କୋଲାବିରା ବିଡିଓଙ୍କୁ ଲିଖିତ ଭାବେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ପତ୍ରରେ ପିଠା କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ ୨୫ ହଜାର ଟଙ୍କା ଲେଖାଏଁ ମିଳୁଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନଇଚ୍ଛା ଭାଉଚର କରି ଅର୍ଥ ଆତ୍ମସାତ କରିଥିବା ଦର୍ଶାଯାଇଛି । ଏପରି କି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କ ଚାଉଳକୁ ବ୍ୟବହାର କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ସେହିପରି କାର୍ଯ୍ୟକ୍ରମରେ ଟେଣ୍ଟ ଲଗାଯାଇ ନ ଥିବା ବେଳେ ଟେଣ୍ଟ ବାବଦକୁ ମଧ୍ୟ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ବିଡିଓଙ୍କୁ ଅନୁରୋଧ କରିଛନ୍ତି । ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ନାଏକଙ୍କୁ ପଚାରିବାରୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ, ବଡବାହାଲ ଛକସ୍ଥିତ କେଦାରଙ୍କ ଦୋକାନରୁ ଚାଉଳ ସମେତ ଅନ୍ୟାନ୍ୟ ସଉଦା କିଣାଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲୋକଙ୍କ ପାଇଁ ଆସିଥିବା ଚାଉଳ ବ୍ୟବହାର କରାଯାଇନାହିଁ । ସେହିପରି ଟେଣ୍ଟ ବାବଦ ଅର୍ଥ ପୈଠ କରାଯାଇନାହିଁ । କାରଣ ଉକ୍ତ ଦିନ ବର୍ଷା ହେବାରୁ ଟେଣ୍ଟ ଲଗାଯାଇ ନ ଥିଲା । ପିଠା କାର୍ଯ୍ୟକ୍ରମରେ କୌଣସି ପ୍ରକାର ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି । ଏ ନେଇ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ସେଠ୍‌ଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଥିଲେ ।

କନକାଷ୍ଟ କ୍ଷତିଗ୍ରସ୍ତ କର୍ମଚାରୀଙ୍କ ନିଷ୍ପତ୍ତି

## ହାଇକୋର୍ଟରେ କରିବେ ଜନସ୍ୱାର୍ଥ ମାମଲା

ଝାରସୁଗୁଡା ଅଫିସ,୨୩।୨

ରାତି ଅଧିଆ କମ୍ପାନୀରେ ତାଲାଦେଇ ଫେରାର ହୋଇଯାଇଥିବା କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିଃ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ । ଏକ ସପ୍ତାହ ମଧ୍ୟରେ ଏହି ମାମଲା ରୁଜୁ କରିବେ ବୋଲି ଚାକିରି ହରାଇଥିବା ଏବଂ ପ୍ରତାରଣାର ଶୀକାର ହୋଇଥିବା କର୍ମଚାରୀ ମିଳିତ ମଞ୍ଚ ଶନିବାର ନିଷ୍ପତ୍ତି ନେଇଛି । ଏହି ଅବସରରେ ବଡମାଲସ୍ଥିତ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ପ୍ରଭାବିତ କର୍ମଚାରୀଙ୍କ ଏକ ଜରୁରୀ ବୈଠକ ହୋଇଥିଲା । କମ୍ପାନୀ ବନ୍ଦ ହେବା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କର୍ମଚାରୀମାନେ ସମସ୍ତ ଉଦ୍ୟମ କରି ନିଜର ବକେୟା ଅର୍ଥ ପାଇ ନ ଥିବାରୁ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ନିଷ୍ପତ୍ତି ନେଇଥିଲେ ।

ସୂଚନାଯୋଗ୍ୟ, ବଡମାଲ ସ୍ଥିତ କନକାଷ୍ଟ ଷ୍ଟିଲ୍ ଏବଂ ପାୱାର ଲିମିଟେଡ୍ ବେଆଇନ୍ ଭାବେ ୨୦୧୭ ଜାନୁୟାରୀ ୧ତାରିଖରେ କମ୍ପାନୀ ବନ୍ଦ କରି ଚାଲିଯାଇଥିଲା । ଏନେଇ କର୍ମଚାରୀଙ୍କୁ ବିଦ୍ଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଯାଇ କାରଖାନାକୁ ବନ୍ଦ କରାଯାଇଥିଲା । କମ୍ପାନୀ ବନ୍ଦ ହୋଇଯିବା ପରେ କର୍ମଚାରୀମାନେ ବକେୟା ଦରମା, ଭବିଷ୍ୟନିଧି ଅର୍ଥ ପାଇବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ହେଲେ ପ୍ରଶାସନିକସ୍ତରରେ ଏହାର ସମାଧାନ ହୋଇପାରି ନ ଥିଲା । ଏନେଇ କର୍ମଚାରୀମାନେ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କର୍ମଚାରୀ କମଳ ନାରାୟଣ ପାଣ୍ଡେ, କରୁଣାକର ସେଠ୍, ଲଖପତି ସିଂ, ସନ୍ତୋଷ ଦାସ ପ୍ରମୁଖ କହିଛନ୍ତି ।



କମ୍ପାନୀ ସାମ୍ନାରେ କର୍ମଚାରୀ ଉପସ୍ଥିତ ।